# ଧରିତ୍ରୀ
DHARITRI



ପୃଷ୍ଠା-୮+୮

ଭୁବନେଶ୍ୱର, ସୋମବାର, ମେ' ୧/୨୦୨୩ (୮+୮=୧୬ ପୃଷ୍ଠା) | Bhubaneswar, Monday, May 1/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୧୫୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 156 | ମୂଲ୍ୟ ₹୭/-



DADLS-13



## ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

'ମଇ ଦିବସ' ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ନିଜ ନିଜ ପରିସରରେ ପ୍ରତ୍ୟେକ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ନିମନ୍ତେ ମୁଁ ଆହ୍ୱାନ ଜଣାଉଛି ।

ଗଣେଶୀ ଲାଲ
(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR-15001/13/0038/2324



DADLS-13

ଓଡ଼ିଶା ସରକାର



## ମଇ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶ୍ରମିକମାନେ ହେଉଛନ୍ତି ରାଷ୍ଟ୍ରର ଶକ୍ତି । ରାଷ୍ଟ୍ର ନିର୍ମାଣରେ ସେମାନଙ୍କ ଭୂମିକାକୁ ଆମେ ସର୍ବଦା ଶ୍ରଦ୍ଧାର ସହ ସ୍ମରଣ କରିବା ଆବଶ୍ୟକ । ମଇ ଦିବସ ଅବସରରେ ଆମର ଶ୍ରମିକ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ଏବଂ ଶ୍ରମିକ ଓ ସେମାନଙ୍କ ପରିବାରର କଲ୍ୟାଣ ପାଇଁ ରାଜ୍ୟ ସରକାର କାର୍ଯ୍ୟକାରୀ କରୁଥିବା ବିଭିନ୍ନ କାର୍ଯ୍ୟକ୍ରମର ସୁଯୋଗ ନେବା ପାଇଁ ଅନୁରୋଧ କରୁଛି ।

ଶ୍ରମିକ କଲ୍ୟାଣ ହିଁ ରାଷ୍ଟ୍ରର କଲ୍ୟାଣ ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)

OIPR-15001/13/0038/2324



DADLS-13

ଓଡ଼ିଶା ସରକାର

## ବାର୍ତ୍ତା



ମଇ ୧ ତାରିଖ 'ଶ୍ରମିକ ଦିବସ' ଉପଲକ୍ଷେ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ରାଜ୍ୟର ସମୃଦ୍ଧି ଓ ସାମଗ୍ରିକ ବିକାଶରେ ଶ୍ରମିକମାନଙ୍କର ଶ୍ରମ, ନିଷ୍ଠା ଓ ପ୍ରତିବଦ୍ଧତାକୁ ସମ୍ମାନ ଜଣାଉଛି ।

ଏହି ଅବସରରେ ଶ୍ରମିକ ଭାଇଭଉଣୀମାନଙ୍କର ସୁଖ, ସମୃଦ୍ଧି ଓ କଲ୍ୟାଣ ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛି ।

ପ୍ରଦିପ କୁମାର ଅମାତ
(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR-15001/13/0038/2324


# ବିନା ଯୋଗ୍ୟତାରେ ଡାକ୍ତରୀ ଡିଗ୍ରୀ

*ନକଲି ସାର୍ଟିଫିକେଟ ଦେଇ ସରକାରୀ ଚାକିରି ହାତେଇବା ଘଟଣା ଏବେ ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। କଠିନ ପରିଶ୍ରମ କରି ଡିଗ୍ରୀ ହାସଲ କରିଥିବା ବହୁ ମେଧାବୀ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷା କିମ୍ବା ଚାକିରିଟିଏ ପାଇବାରୁ ବଞ୍ଚିତ ହେଉଛନ୍ତି। ହେଲେ ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ବିନା ଏନ୍‌ଇଇଟିରେ କେତେଜଣ ପିଲା ଡାକ୍ତରୀ ପାଠ ପଢ଼ୁଛନ୍ତି। ଏପରି କି ଜଣେ ଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଡିଗ୍ରୀ ହାସଲ କରିଥିବାବେଳେ ଆଉ ୨ଜଣ ଏବେ ବର୍ଷକିଆ ହାଉସ୍ ସର୍ଜନ ଭାବେ କାର୍ଯ୍ୟ କରୁଛନ୍ତି। ଆୟୁର୍ବେଦ ଡାକ୍ତରୀପାଠ ପଢ଼ିବା ପାଇଁ ଏନ୍‌ଇଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ସହ ତାଲିକାଭୁକ୍ତ ହେବା ଜରୁରୀ ଥିବାବେଳେ ଏଠାରେ ବିନା ଏନ୍‌ଇଇଟି ପରୀକ୍ଷାରେ କିପରି ପିଲାମାନେ ପ୍ରମାଣପତ୍ର ପାଇପାରୁଛନ୍ତି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ପଛରେ ଏକ ବଡ଼ ର୍‌ୟାକେଟ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି।*

## ଚର୍ଚ୍ଚାରେ ଗୋପବନ୍ଧୁ ଆୟୁର୍ବେଦ କଲେଜ

- ମୃତକଙ୍କ ମଧ୍ୟରେ ୨ ନାବାଳକ
- ଗ୍ୟାସ୍ ଲିକ୍‌ର କାରଣ ଖୋଜୁଛି ଏନ୍‌ଡିଆର୍‌ଏଫ୍

**ଖୋର୍ଦ୍ଧା ଅଫିସ,୩୦।୪**

ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ୨୦୨୦-୨୧ ବ୍ୟାଚ୍‌ରେ ବିନା ଏନ୍‌ଇଇଟିରେ ୨ଜଣ ଛାତ୍ରୀଛାତ୍ର ଆୟୁର୍ବେଦ ଡାକ୍ତରୀ ପାଠ ପଢୁଥିବା ନେଇ ଏକ ଖବର ଗତ ଜାନୁୟାରୀ ୧୦ତାରିଖ ଧରିତ୍ରୀରେ ପ୍ରକାଶ ପାଇଥିଲା। ଉକ୍ତ ଘଟଣାକୁ ୩ମାସ ବିତିଥିବାବେଳେ ଆୟୁଷ ନିର୍ଦ୍ଦେଶକ ନିକଟରେ ଏହାର ଯାଞ୍ଚ ଆରମ୍ଭ କରିଛନ୍ତି। ତଦନ୍ତରେ ଶିଥିଳତା କାରଣରୁ ଏହାର ଅଗ୍ରଗତି ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅପରପକ୍ଷେ ଆଉ ଏକ ବଡ଼ ତଥ୍ୟ ସାମ୍ନାକୁ ଆସିଛି। ବିନା ଏନ୍‌ଇଇଟିରେ ୨୦୧୬ରେ ଜଣେ ଛାତ୍ରୀ ନାମ ଲେଖାଇ ପାସ୍ କରିଥିବାବେଳେ ୨୦୧୭ରେ ଦୁଇଜଣ ଛାତ୍ରୀଛାତ୍ର ପାଠପଢା ପରେ ଏକବର୍ଷିଆ ହାଉସ ସର୍ଜନ ଭାବେ କାର୍ଯ୍ୟରତ ଅଛନ୍ତି। ଏହି ର୍‌ୟାକେଟ ପଛରେ କଲେଜଠାରୁ ଆରମ୍ଭ କରି ଆୟୁଷ ବିଭାଗର କେତେଜଣ ଅଧିକାରୀଙ୍କ ମଧ୍ୟ ସମ୍ପୃକ୍ତି ରହିଥିବା ଚର୍ଚ୍ଚା ହେଉଛି। ଏହି କଲେଜର ନାମଲେଖା କେଳେଙ୍କାରୀ ନେଇ ଗୋଟିଏ ପରେ ଗୋଟିଏ ଗୁମର ଖୋଲିବାରେ ଲାଗିଛି। ଅନ୍ୟପକ୍ଷରେ ଏହି ଘଟଣାର ନିରପେକ୍ଷ ତଦନ୍ତ ଲାଗି ପୁରୀ ☞ପୃଷ୍ଠା-୪

### ଧରିତ୍ରୀର ଛୁଟି

ଶ୍ରମିକ ଦିବସ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ମେ' ୧ ତାରିଖ ସୋମବାର ବନ୍ଦ ରହିବ। ପରବର୍ତ୍ତୀ ସଂଖ୍ୟା ମେ' ୩ ତାରିଖ ବୁଧବାର ସକାଳେ ପ୍ରକାଶ ପାଇବ।

### ଆଜିର ସମ୍ପାଦକୀୟ

ଅନ୍ୟାୟ ସଙ୍ଗେ କୁସ୍ତି

# ବିଷାକ୍ତ ଗ୍ୟାସ୍ ଲିକ୍: ୧୧ ମୃତ

**ଲୁଧିଆନା,୩୦।୪**

ପଞ୍ଜାବର ଲୁଧିଆନା ଜିଲା ଗେସ୍‌ପୁରା ଅଞ୍ଚଳରେ ଥିବା ଏକ ଫ୍ୟାକ୍ଟ୍ରିରେ ରବିବାର ସକାଳେ ବିଷାକ୍ତ ଗ୍ୟାସ୍ ଲିକ୍ ହେବାରୁ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୫ ମହିଳା ୪ ପୁରୁଷ ଏବଂ ୨ ଜଣ ନାବାଳକ ଅଛନ୍ତି। ଦୁଇ ପିଲାଙ୍କ ବୟସ ୧୦ ଓ ୧୩ ବର୍ଷ ହେବ। ଏହାର ପ୍ରଭାବରେ ଅସୁସ୍ଥ ହୋଇପଡ଼ିଥିବା ଅନ୍ୟ କେତେଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉଦ୍ଧାରକାରୀ ଦଳ, ଡାକ୍ତରୀ ଟିମ୍, ଆମ୍ବୁଲାନ୍ସ ଓ ଅଗ୍ନିଶମ କର୍ମଚାରୀଙ୍କୁ ସେଠାରେ ନିୟୋଜିତ କରାଯାଇଛି। ସେହିପରି ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍)ର ଏକ ୫୦ ଜଣିଆ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଗ୍ୟାସ୍ ଲିକ୍‌ର କାରଣ ଖୋଜୁଛି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ☞ପୃଷ୍ଠା-୪





ENJOY EXTRA 2% OFF (FOR RSP, CORPORATE & GOVT EMPLOYEES)
(RSP,Corporate & Govt employee must produce with employee I-Card)

GOLD JEWELLERY MC 20% FLAT OFF | GET EXTRA ₹500 EXCHANGE OF OLD GOLD TO HUID GOLD JEWELLERY | ASSURED GIFT ON EVERY PURCHASE

HURRY LIMITED PERIOD FROM 1st MAY TO 8th MAY 2023
*T&C Apply

BARGARH : SALE TAX OFFICE CHOWK, CALL ON: +91 70777 28448
ROURKELA : NEAR HOTEL CENTRAL PARK, BISRA ROAD, CALL ON: +91 76829 56222
BHUBANESWAR | BERHAMPUR | ROURKELA | SAMBALPUR | BALANGIR | BARGARH | BHAWANIPATNA (CUTTACK & PURI OPENING NEXT)
TOLL FREE:1800 345 0018 | www.arundhatijewellers.com | FOLLOW US ON:



LOVELY PROFESSIONAL UNIVERSITY
Transforming Education Transforming India

LPU RANKED 74th GLOBALLY 2nd IN INDIA
Times Higher Education Impact Rankings 2022

A Record Breaking Package of ₹3 Crore
LPU graduate working at Global MNC at a package of ₹3 Crore in Germany.

Another LPU graduate also got selected in Google India at a package of ₹64 Lakh




600+ LPU students selected at packages of ₹10-₹62.72 LAKH*




Scan QR code for all details of students placed at different packages

Admission to Programmes After 10th, 12th, Graduation & Post Graduation

Engineering | Computer Applications | Management | Economics | Law | Hotel Management & Tourism | Biotechnology | Microbiology | Forensic Sciences | Agriculture | Food Technology | Nutrition and Dietetics | Botany | Zoology | Chemistry | Physics | Mathematics | Commerce | Architecture | Planning | Fashion Design | Product & Industrial Design | Interaction Design | Multimedia & Animation | Interior & Furniture Design | Journalism & Film Production | Fine Arts | Performing Arts | Political Science | Geography | Psychology | Public Administration | Sociology | Arts (Humanities) | English & Foreign Languages | Library Science | Indian Languages | Education | Physical Education | Pharmaceutical Sciences | Ayurvedic Pharmaceutical Sciences | Medical Laboratory Sciences | Physiotherapy

Apply for LPUNEST 2023
Scholarships upto ₹6 Lakh on the basis of merit
APPLY NOW by scanning the QR Code below

| Meet our Counsellors in | | Contact us: 01824-405517 |
|---|---|---|
| BHUBANESWAR | The Presidency Hotel, 1471/A, NH16, Near ISKCON Temple, Nayapalli Ph: 6239226006 | 01-05 May |
| CUTTACK | Ambica Residency, Pilgrim Road College Square Beside HDFC Bank Ph: 6239226006 | 06-08 May |
| BHUBANESWAR | The Presidency Hotel, 1471/A, NH16, Near ISKCON Temple, Nayapalli Ph: 6239226006 | 09-17 May |

LOVELY PROFESSIONAL UNIVERSITY (LPU)
Jalandhar-Delhi G.T. Road, Phagwara, Punjab
Contact us: 01824-405517 | Visit @ www.lpu.in
ThinkBIG

# 'ଦି କେରଳା ଷ୍ଟୋରି': ରିଲିଜ୍ ପୂର୍ବରୁ ଝଡ଼

## ସଂଘ ପରିବାରର ପ୍ରୋପାଗଣ୍ଡା: ମୁଖ୍ୟମନ୍ତ୍ରୀ ପି. ବିଜୟନ୍






■ନିଷେଧାଦେଶ ଦାବିକଲେ କେରଳର ଶାସକ-ବିରୋଧୀ
■ରାଜ୍ୟ ଓ ମୁସଲମାନ ସମ୍ପ୍ରଦାୟକୁ ବଦ୍‌ନାମ କରିବାକୁ ଉଦ୍ଦିଷ୍ଟ
■ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ

ଥିରୁଭାନନ୍ତପୁରମ୍/ନୂଆଦିଲ୍ଲୀ,୩୦।୪

'ଦି କଶ୍ମୀର ଫାଇଲ୍ସ' ପରେ ଆଉ ଏକ ଭାରତୀୟ ସିନେମା 'ଦି କେରଳା ଷ୍ଟୋରି'କୁ ନେଇ ଜାତୀୟ ରାଜନୀତିରେ ଝଡ଼ ସୃଷ୍ଟି ହୋଇଛି। ମେ' ୫ରେ ମୁକ୍ତିଲାଭ କରିବାକୁ ଥିବା ଏହି ଫିଲ୍ମର ଟିଜର ଏପ୍ରିଲ ୨୬ରେ ସାମାଜିକ ଗଣମାଧ୍ୟମରେ ରିଲିଜ୍ ହୋଇସାରିଛି। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଏହା ଉପରେ ଦେଶବ୍ୟାପୀ ନିଷେଧାଦେଶ ଜାରି ପାଇଁ ଦାବି କରିଛନ୍ତି। ସୁଦୀପ୍ତୋ ସେନଙ୍କ ନିର୍ଦ୍ଦେଶିତ ତଥା ବିପୁଲ ଅମୃତଲାଲ ଶାହଙ୍କ ପ୍ରଯୋଜିତ ଏହି ହିନ୍ଦୀଭାଷୀ ଫିଲ୍ମରେ ମୁସଲମାନ ସମ୍ପ୍ରଦାୟକୁ ନ୍ୟୂନ ଦେଖାଇବାକୁ ଯାଇ ମିଥ୍ୟା କାହାଣୀକୁ ନେଇ ସିନେମା ନିର୍ମାଣ କରାଯାଇଥିବା ବିରୋଧୀ ଅଭିଯୋଗ ଆଣିଛନ୍ତି। କଂଗ୍ରେସ ନେତା ତଥା କେରଳ ବିଧାନସଭାର ବିରୋଧୀ ଦଳ ନେତା ଭି.ଡି ସତିଶାନ୍ କହିଛନ୍ତି, 'ଦି କେରଳା ଷ୍ଟୋରି'ରେ କେବଳ ମିଛ ଭରି ରହିଛି। ୩୨,୦୦୦ ହିନ୍ଦୁ ଓ ଖ୍ରିଷ୍ଟିଆନ୍ ମହିଳାଙ୍କୁ ଧର୍ମାନ୍ତରିତ କରି ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଦଖଲରେ ଥିବା ଅଞ୍ଚଳକୁ ପଠାଯାଇଛି। ଦକ୍ଷିଣ ଭାରତୀୟ ରାଜ୍ୟରୁ ନିଖୋଜ ହୋଇଯାଇଥିବା ଏହି ମହିଳାମାନଙ୍କୁ ଇରାକ୍ ଏବଂ ସିରିଆରେ ଆତଙ୍କବାଦୀ କାର୍ଯ୍ୟରେ ନିୟୋଜିତ କରାଯାଇଥିବା ଏଥିରେ ଦର୍ଶାଯାଇଛି। ଏହାର ଟ୍ରେଲର ଫିଲ୍ମ ସମ୍ପର୍କରେ ଅନେକ ସଙ୍କେତ ଦେଉଛି। କେରଳ ଓ ମୁସଲମାନ ସମ୍ପ୍ରଦାୟକୁ ନିନ୍ଦିତ କରିବା ପାଇଁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଏଥିରେ ଉଦ୍ୟମ କରିଛି ବୋଲି ସେ ଅଭିଯୋଗ ଆଣିଛନ୍ତି। ଟ୍ରେଲର ରିଲିଜ୍ ପରେ ଫିଲ୍ମକୁ ବ୍ୟାନ୍ ଦାବିରେ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିବେକ ଅଗ୍ନିହୋତ୍ରୀଙ୍କ 'ଦି କଶ୍ମୀର ଫାଇଲ୍ସ' ସହ ଏହାକୁ ତୁଳନା କରାଯାଉଛି। କେରଳ ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନ୍ ମଧ୍ୟ ରବିବାର 'ଦି କେରଳା ଷ୍ଟୋରି'କୁ ସଂଘ ପରିବାରର ପ୍ରୋପାଗଣ୍ଡା (ଜନମତକୁ ପ୍ରଭାବିତ କରିବା ପାଇଁ ପ୍ରଚାର) ଭାବେ ଅଭିହିତ କରିଛନ୍ତି। ଫିଲ୍ମରେ କେରଳକୁ ଧର୍ମୀୟ କଠୋରବାଦର କେନ୍ଦ୍ର ଭାବେ ଉପସ୍ଥାପନ କରି 'ଲଭ୍ ଜିହାଦ୍' ପ୍ରସଙ୍ଗ ଉଠାଯାଇଛି। 'ଲଭ୍ ଜିହାଦ୍' ଧାରଣାକୁ କୋର୍ଟ, ତଦନ୍ତକାରୀ ସଂସ୍ଥାଗୁଡ଼ିକ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପ୍ରତ୍ୟାଖ୍ୟାନ କରିଥିବାବେଳେ ଏହି ହିନ୍ଦୀ ଫିଲ୍ମରେ ଉଦ୍ଦେଶ୍ୟମୂଳକ ଭାବେ ରାଜ୍ୟକୁ ବଦନାମ ଉଦ୍ୟମ କରାଯାଇଛି ବୋଲି ବିଜୟନ୍ କହିଛନ୍ତି। ସେ ଏହାକୁ ସାମ୍ପ୍ରଦାୟିକ ଧ୍ରୁବୀକରଣ ଓ ମୁସଲମାନ ବିରୋଧୀ ଆଖ୍ୟା ଦେଇଛନ୍ତି। ଶାସକ ସିପିଆଇଏମ୍ ଏବଂ ବିରୋଧୀ କଂଗ୍ରେସ ଏକସ୍ୱରରେ କହିଛନ୍ତି, ଅଭିବ୍ୟକ୍ତି ସ୍ୱାଧୀନତା ସମାଜରେ ବିଷ ଓକାଳିବା ପାଇଁ ଲୋକଙ୍କୁ ନୀରବ କରାଇବା ଲାଗି ଉଦ୍ଦିଷ୍ଟ ନୁହେଁ। ଏହି ଫିଲ୍ମ କେରଳରେ ସାମ୍ପ୍ରଦାୟିକ ସଦ୍ଭାବ ନଷ୍ଟ କରିବ ବୋଲି ଦୁଇ ଦଳ ଆଶଙ୍କା ବ୍ୟକ୍ତ କରିଛନ୍ତି। ବରିଷ୍ଠ କଂଗ୍ରେସ ନେତା ତଥା ଥିରୁଭାନନ୍ତପୁରମ୍ ଏମ୍‌ପି ଶଶୀ ଥରୁର କହିଛନ୍ତି, 'ଦି କେରଳା ଷ୍ଟୋରି' ତୁମ ଷ୍ଟୋରି ହୋଇଥିବ। ଏହା ଆମ କେରଳର କାହାଣୀ ନୁହେଁ।

ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମଧ୍ୟ ଫିଲ୍ମରେ ମୁସଲମାନ ସମ୍ପ୍ରଦାୟକୁ ଅନୁଚିତ ଢଙ୍ଗରେ ଉପସ୍ଥାପନ କରାଯାଇଥିବା ଅଭିଯୋଗ ଆଣି ଘୃଣା ବିସ୍ତାର କରିବା ଏହାର ଅଭିସନ୍ଧି ବୋଲି କହିଛି। ଅନ୍ୟପକ୍ଷେ ଅଦା ଶର୍ମାଙ୍କ ଅଭିନୀତ ଫିଲ୍ମର ନିର୍ଦ୍ଦେଶକ ଓ ପ୍ରଯୋଜକ ଏହାକୁ ସତ୍ୟ ଘଟଣା ଉପରେ ଆଧାରିତ ବୋଲି ଦର୍ଶାଇଛନ୍ତି।

# ନୂଆ ସଚିବାଳୟ ଲୋକାର୍ପଣ କଲେ କେସିଆର୍



ହାଇଦ୍ରାବାଦ,୩୦।୪

ସମ୍ବିଧାନ ପ୍ରଣେତା ବାବା ଭୀମରାଓ ଆମ୍ବେଡ୍‌କରଙ୍କ ନାମାନୁସାରେ ତେଲଙ୍ଗାନାର ନୂଆ ସଚିବାଳୟର ନାମକରଣ କରାଯାଇଛି। ଜନ ପ୍ରତିନିଧିମାନେ ଓ ସମ୍ପୂର୍ଣ୍ଣ ସରକାରୀ ବ୍ୟବସ୍ଥା ଭାରତୀୟ ସମ୍ବିଧାନର ସ୍ଥପତି ଅମ୍ବେଡକରଙ୍କ ଆଦର୍ଶକୁ ହୃଦୟଙ୍ଗମ କରିବା ଦିଗରେ କାର୍ଯ୍ୟ କରିବା ଉଚିତ ବୋଲି ରବିବାର ନବନିର୍ମିତ ସଚିବାଳୟକୁ ଲୋକାପର୍ଣକରିବା ଅବସରରେ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ କହିଛନ୍ତି।

୨୮ ଏକର ବିସ୍ତୃତ ଭୂମିରେ ନିର୍ମିତ ଏହି ସଚିବାଳୟ କମ୍ପ୍ଲେକ୍ସର ଉଚ୍ଚତା ହେଉଛି ୨୬୫ ମିଟର। ମୋଟ ୧୦,୫୧,୬୭୬ ବର୍ଗ ଫୁଟ୍ ଜାଗାରେ ନିର୍ମାଣ କାର୍ଯ୍ୟ ହୋଇଛି। ଏହାର ଉଦ୍‌ଘାଟନୀ ସଭାରେ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ କେସିଆର୍ କହିଛନ୍ତି, ସେ ଏହି ଭବ୍ୟ ସଚିବାଳୟ କମ୍ପ୍ଲେକ୍ସକୁ ଲୋକାର୍ପିତ କରି ନିଜକୁ ଧନ୍ୟ ମଣୁଛନ୍ତି। ଆମ୍ବେଡ୍‌କରଙ୍କ ଆଦର୍ଶକୁ ଆଗକୁ ବଢ଼ାଇବା ପାଇଁ ସଚିବାଳୟକୁ ନିୟମିତ ଆସୁଥିବା ସମସ୍ତ ମନ୍ତ୍ରୀ ଓ କର୍ମଚାରୀ ତାଙ୍କ ନାମ ଏବଂ ସନ୍ଦେଶକୁ ହୃଦୟଙ୍ଗମ କରି ଜନସେବାରେ ନିଜକୁ ନିୟୋଜିତ କରିବା ଉଚିତ। ତେଲଙ୍ଗାନା ନାମରେ ସ୍ୱତନ୍ତ୍ର ରାଜ୍ୟ ଗଠନ ସକାଶେ ସେ ଗାନ୍ଧିଜୀଙ୍କ ଆଦର୍ଶକୁ ଅନୁସରଣ କରିଥିଲେ। ଆମ୍ବେଡ୍‌କରଙ୍କ ଦୂରଦୃଷ୍ଟି ଯୋଗୁ ସମ୍ବିଧାନର ଅନୁଚ୍ଛେଦ ୩ ଅନୁସାରେ ନୂଆ ରାଜ୍ୟ ଗଠନ ସମ୍ଭବ ହୋଇପାରିଥିଲା। ଏହି ଅବସରରେ କେସିଆର୍ ବିରୋଧୀଙ୍କୁ ଟାର୍ଗେଟ କରି କହିଥିଲେ, ନୂଆ ସଚିବାଳୟ ପ୍ରତିଷ୍ଠା ହେବାର ତାତ୍ପର୍ଯ୍ୟ ନୁହେଁ ଯେ, ପୁରୁଣା କୋଠାକୁ ଭାଙ୍ଗିଦେବା। ରାଜ୍ୟକୁ କମ୍ ସମୟ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ବିକାଶ ପାଇଁ ଅନେକ ଲକ୍ଷ କୋଟି ଟଙ୍କାର ନିବେଶ ଆସିପାରିଛି। ଏହା ଏକ ବଡ଼ ସଫଳତା ବୋଲି କେସିଆର୍ କହିଛନ୍ତି। ଏହି ଅବସରରେ ରାଜ୍ୟର ସମସ୍ତ ମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆମ୍ବେଡ୍‌କରଙ୍କ ଆଦର୍ଶରେ ସରକାର ଚାଲିବା ଉଚିତ



ଗ୍ୟାସ୍ ଲିକ୍ ଯୋଗୁ ପ୍ରାଣ ହରାଇଥିବା ଲୋକଙ୍କ ଆତ୍ମୀୟସ୍ୱଜନ ଦୁଃଖରେ ଭାଙ୍ଗିପଡ଼ିଛନ୍ତି।

## ଅଗଷ୍ଟ ୧ରୁ ୧୫ ଦେଶବ୍ୟାପୀ ବିକ୍ଷୋଭ: ଏସ୍‌କେଏମ୍

**ନୂଆଦିଲ୍ଲୀ,୩୦।୪:** ଚାଷୀଙ୍କୁ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି), ପେନ୍‌ସନ ଏବଂ ବିସ୍ତୃତ ଫସଲ ବୀମା ଯୋଜନା ଦାବିରେ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯିବ। କୃଷକ ସଙ୍ଗଠନ ପକ୍ଷରୁ ରବିବାର ଦିଲ୍ଲୀ ବୈଠକରେ ନିଆଯାଇଥିବା ଏହି ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରାଯାଇଛି। ଉକ୍ତ ବୈଠକରେ ୨୦୦ରୁ ଊର୍ଦ୍ଧ୍ୱ ଚାଷୀ ନେତା ସାମିଲ ହୋଇଥିଲେ।

## ଚାଇନାକୁ ଆମେରିକାର ତାଗିଦ୍
# ଏସ୍‌ସିଏରେ ଔଦ୍ଧତ୍ୟ ଦେଖାଅନି

ୱାଶିଂଟନ୍,୩୦।୪

ଦକ୍ଷିଣ ଚାଇନା ସାଗର (ଏସ୍‌ସିଏ)ର ବିବାଦୀୟ ଜଳରାଶିରେ ଔଦ୍ଧତ୍ୟ ନ ଦେଖାଇବାକୁ ଆମେରିକା ପକ୍ଷରୁ ଚାଇନାକୁ ତାଗିଦ୍ କରାଯାଇଛି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସୋମବାର ହ୍ୱାଇଟ୍ ହାଉସ୍‌ରେ ଫିଲିପାଇନ୍ସ ରାଷ୍ଟ୍ରପତି ଫର୍ଡିନାଣ୍ଡ ମାର୍କୋସ୍ ଜୁନିୟରଙ୍କୁ ଆଲୋଚନା ପାଇଁ ନିମନ୍ତ୍ରଣ କରଛନ୍ତି। ଏହା ପୂର୍ବରୁ ଚାଇନା ନୌସେନାର ଯୁଦ୍ଧଜାହାଜଗୁଡ଼ିକ ଏସ୍‌ସିଏରେ ଫିଲିପାଇନ୍ସ ଜାହାଜ ସହ ମୁହାଁମୁହିଁ ହୋଇଛି। ଗତ ସପ୍ତାହରେ ଆମେରିକା ଓ ଫିଲିପାଇନ୍ସ ସର୍ବବୃହତ୍ ସମରାଭ୍ୟାସ ଶେଷ କରିଥିବାବେଳେ ସୋମବାର ୧୯୯୦ ପରେ ଦୁଇଦେଶର ପ୍ରଥମ ମିଳିତ ଫାଇଟର ଜେଟ୍ ତାଲିମ ଆରମ୍ଭ ହେବ। ଚଳିତ ବର୍ଷ ଫିଲିପାଇନ୍ସ ଆମେରିକାକୁ ନିଜର ୪ଟି ଦ୍ୱୀପରେ ଥିବା ସେନାଘାଟିରେ ସାମରିକ ଉପସ୍ଥିତି ପାଇଁ ଅନୁମତି ଦେଇଥିବାରୁ ଏହା ଚାଇନା ପାଇଁ ଅସହ୍ୟ ହୋଇଛି। ବେଜିଂ ଉକ୍ତ ଦ୍ୱୀପଗୁଡ଼ିକୁ ନିଜର ବୋଲି ଦାବି କରି ଫିଲିପାଇନ୍ସକୁ ହଇରାଣ କରୁଛି। ୱାଶିଂଟନ୍ ଯାତ୍ରା ପୂର୍ବରୁ ମାର୍କୋସ୍ କହିଛନ୍ତି, ଆମେରିକା ସହ ସମ୍ପର୍କ ସୁଦୃଢ଼ କରିବା ପାଇଁ ସେ ନିଶ୍ଚିତ।

# କର୍ଣ୍ଣାଟକରେ କାଦୁଅଫିଙ୍ଗା

## ଯେଉଁଠି କଂଗ୍ରେସ ସରକାର...



ନରେନ୍ଦ୍ର ମୋଦି

ବେଲ୍ଲୁର,୩୦।୪

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କର୍ଣ୍ଣାଟକରେ ନିର୍ବାଚନ ପ୍ରଚାର ବେଳେ କଂଗ୍ରେସରେ ଚାଲିଥିବା ଗୋଷ୍ଠୀକନ୍ଦଳକୁ ନେଇ ଉପହାସ କରିଛନ୍ତି। ବେଲ୍ଲୁରରେ ଏକ ସଭାକୁ ସମ୍ବୋଧିତ କରି ମୋଦି କହିଛନ୍ତି, ରାଜସ୍ଥାନ ହେଉ କି ଛତିଶଗଡ଼, ଯେଉଁଠି କଂଗ୍ରେସ ସରକାର ଗଢ଼ିଛି ସେଇଠି କ୍ଷମତାକୁ ନେଇ ଦଳ ଭିତରେ ଅନ୍ତର୍କଳହ ଦେଖିବାକୁ ମିଳିଛି।

ଏହି ଅବସରରେ ପ୍ରଧାନମନ୍ତ୍ରୀ ରାଜ୍ୟର ପ୍ରମୁଖ ପ୍ଲେୟାର ଏଚ୍.ଡି. ଦେବେଗୌଡ଼ାଙ୍କ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)କୁ ମଧ୍ୟ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, କଂଗ୍ରେସ ଏବଂ ଜେଡିଏସ୍ ଉଭୟ ଅସ୍ଥିରତାର ପ୍ରତୀକ। ଯେଉଁ ରାଜ୍ୟରେ କଂଗ୍ରେସ କ୍ଷମତାକୁ ଅସିଛି ଦଳୀୟ ନେତା ନିଜ ନିଜ ମଧ୍ୟରେ ଲଢ଼େଇ କରୁଛନ୍ତି। ରାଜସ୍ଥାନ ଓ ଛତିଶଗଡ଼ରେ ନିର୍ବାଚନ ବେଳେ ଦେଇଥିବା ମିଛ ପ୍ରତିଶ୍ରୁତିକୁ ନେଇ ଏବେ ସେମାନଙ୍କ ମଧ୍ୟରେ କଳହ ସୃଷ୍ଟି ହୋଇଛି। କଂଗ୍ରେସ ନେତାମାନେ ନିଜ ନିଜ ମଧ୍ୟରେ ଲଢ଼େଇ କରୁଥିବାବେଳେ ଏହାର 'ବି' ଟିମ୍ ଜେଡିଏସ୍ କ୍ଷମତା ପାଇଁ ସ୍ୱପ୍ନ ଦେଖୁଛି। ଏହି ଦଳ ଯେନତେନ ପ୍ରକାରେ ୧୫ରୁ ୨୦ ଆସନ ଦଖଲ କରି ଲୁଟ୍‌ରେ ସାମିଲ ହେବାକୁ ଉଦ୍ୟମ ଚଳାଇଛି।

## ମୋ ଭାଇଙ୍କଠୁ ଶିଖ

**ଜାମଖଣ୍ଡି,୩୦।୪:** କର୍ଣ୍ଣାଟକ ବିଧାନସଭା ନିର୍ବାଚନକୁ ଆଉ ମାତ୍ର ୧୦ ଦିନ ବାକି ଥିବାବେଳେ ଉଭୟ ଶାସକ ଭାଜପା ଏବଂ ବିରୋଧୀ କଂଗ୍ରେସ ପରସ୍ପରକୁ ଟାର୍ଗେଟ କରିବାରେ ଲାଗିଛନ୍ତି। କଂଗ୍ରେସ ନେତାମାନେ ଅଦ୍ୟାବଧି ତାଙ୍କୁ ୯୧ ଥର ଗାଳି କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କହିଥିଲେ।



ପ୍ରିୟଙ୍କା ଗାନ୍ଧୀ

ଏହାର ଜବାବରେ ରବିବାର କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବଗଲକୋଟର ଏକ ସଭାରେ କହିଛନ୍ତି, ସାଧାରଣ ଜୀବନରେ ଏଭଳି ଟାର୍ଗେଟକୁ ନିଜ ସପକ୍ଷକୁ ନେବା ଉଚିତ। ମୋ ଭାଇ ରାହୁଲ ଗାନ୍ଧୀଙ୍କଠାରୁ ଶିକ୍ଷାଲାଭ କରନ୍ତୁ। ସେ ଦେଶର ସ୍ୱାର୍ଥ ପାଇଁ ଗୁଳିମାଡ଼ ଖାଇବାକୁ ମଧ୍ୟ ପ୍ରସ୍ତୁତ। ଭାଜପା ନେତାମାନେ ଆମ ପରିବାର ବିରୋଧରେ ବ୍ୟବହାର କରିଥିବା ଅପମାନଜନକ ଭାଷାର ତାଲିକା ପ୍ରସ୍ତୁତ କଲେ ଅନେକ ବହି ପ୍ରକାଶ କରାଯାଇପାରିବ। କିନ୍ତୁ ପ୍ରଧାନମନ୍ତ୍ରୀ ମୋଦି ଆପଣମାନଙ୍କ ସାମ୍ନାକୁ ଆସି ଦୁର୍ବ୍ୟବହାରର ଶିକାର ହୋଇଥିବା କହି କାନ୍ଦୁଛନ୍ତି। ମୋଦିଙ୍କ ଅଫିସ (ପିଏମ୍‌ଓ)ର କେହି ଜଣେ ତାଙ୍କ ପାଇଁ ଅପଶବ୍ଦର ତାଲିକା ପ୍ରସ୍ତୁତ କରିଥିବେ। ସମ୍ପୃକ୍ତ ଅଧିକାରୀ ଜଣକ ଲୋକଙ୍କ ସମସ୍ୟାକୁ ନେଇ ତାଲିକା କରିଥିଲେ ଭଲ ହୋଇଥାଆନ୍ତା ବୋଲି ପ୍ରିୟଙ୍କା ତାଚ୍ଛଲ୍ୟ କରିଛନ୍ତି।





ବ୍ରହ୍ମପୁର ମା' ବୁଢ଼ୀ ଠାକୁରାଣୀଙ୍କ ଅସ୍ଥାୟୀ ମଣ୍ଡପରେ ରବିବାର ୫-ଟି ସଚିବ ଭି.କେ.ପାଣ୍ଡିଆନ୍ ଆଶୀର୍ବାଦ ନେଉଛନ୍ତି ।

## କାରରୁ ୨୨ ଲକ୍ଷ ଟଙ୍କାର ୧୦ ଟଙ୍କିଆ ନୋଟ୍ ଜବତ

**ବିରିଡ଼ି, ୩୦।୪ (ଡି.ଏନ୍.ଏ)**

ଜଗତ୍‌ସିଂହପୁରରୁ କଟକ ଅଭିମୁଖେ ଏକ କାର୍ ଶନିବାର ବିଳମ୍ବିତ ରାତିରେ ଯାଉଥିବାବେଳେ ବିରିଡି ପୋଲିସର ପାଟ୍ରୋଲିଂ ଟିମ୍ ଅଟକାଇଥିଲା । ଯାଞ୍ଚ ସମୟରେ ଉକ୍ତ ଗାଡ଼ିରୁ ୨୨ ଲକ୍ଷ ଟଙ୍କାର ୧୦ ଟଙ୍କିଆ ନୋଟ୍ ମିଳିଛି। ଏହାପରେ କାର୍ ଚାଳକଙ୍କୁ ଥାନାକୁ ନେଇ ପଚରାଉଚରା କରାଯାଉଛି। ଏତେ ଟଙ୍କାର ୧୦ ଟଙ୍କିଆ ନୋଟ୍ କେଉଁଠୁ ଆସିଲା ସେନେଇ ତଦନ୍ତ ଚାଲିଛି। ଏସବୁ ଟଙ୍କା ସମ୍ପୃକ୍ତ ବ୍ୟକ୍ତି ବ୍ୟାଙ୍କରୁ ଆଣିଥିବା କହିଛନ୍ତି। ଏ ସମ୍ପର୍କରେ ଆଇଆଇସି ନିରଞ୍ଜନ ମଲ୍ଲିକ କହିଛନ୍ତି, ରବିବାର ବ୍ୟାଙ୍କ ବନ୍ଦ ଥିବାରୁ ତଦନ୍ତ ଆଗେଇ ପାରିନାହିଁ। ସୋମବାର ଖୋଲିବା ପରେ ଏହାର ସତ୍ୟାସତ୍ୟ ଯାଞ୍ଚ କରାଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଲ୍ଲିକ କହିଛନ୍ତି।

# ୩୯.୬ ଡିଗ୍ରୀ ସହ ଭୁବନେଶ୍ୱର ସବୁଠୁ ଉତ୍ତପ୍ତ

**ଭୁବନେଶ୍ୱର, ୩୦।୪ (ବ୍ୟୁରୋ)**

### ଗ୍ରୀଷ୍ମ ପ୍ରବାହ ଜାରି, ଆଜିଠୁ ବର୍ଷା ବଢ଼ିବା ସମ୍ଭାବନା

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏଥିସହ କିଛି ସ୍ଥାନରେ ବର୍ଷା ମଧ୍ୟ ହୋଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ରବିବାର ଭୁବନେଶ୍ୱରରେ ରାଜ୍ୟର ସର୍ବାଧିକ ତାପମାତ୍ରା ୩୯.୬ ରେକର୍ଡ଼ କରାଯାଇଥିଲା। ଏହାପଛକୁ ୩୯ ଡିଗ୍ରୀ ସହ ଜଗତ୍‌ସିଂହପୁର ଦ୍ୱିତୀୟ ଉତ୍ତପ୍ତ ସହର ପାଲଟିଥିଲା। ୧୦ ସହରରେ ପାରଦ ୩୭ ଡିଗ୍ରୀ ଉପରେ ରହିଥିଲାବେଳେ ଦେବଗଡ଼ରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୩୧ ଡିଗ୍ରୀ ରହିଥିଲା। ଅନ୍ୟପକ୍ଷରେ ବାଲେଶ୍ୱରରେ ୨୨ମିମି, ଅନୁଗୋଳ ୦.୬ମିମି, ବାରିପଦା ୬.୨ମିମି, ଦାରିଙ୍ଗିବାଡି ୨.୦ ମିମି ଓ ଦେବଗଡ଼ରେ ୨୯.୪ ମିମି ବର୍ଷା ହୋଇଛି। ତେବେ ସୋମବାରଠାରୁ ରାଜ୍ୟରେ ବର୍ଷା ପରିମାଣ ବଢ଼ିବା ସମ୍ଭାବନା ଥିବାରୁ ୧୬ ଜିଲାକୁ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ରାୟଗଡା, ଝାରସୁଗୁଡା, ସମ୍ବଲପୁର, ବଲାଙ୍ଗୀର, ନବରଙ୍ଗପୁର, ନୂଆପଡା, କଳାହାଣ୍ଡି ଆଦି ଜିଲାରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ସମ୍ବଲପୁର, ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ବଲାଙ୍ଗୀର, କଳାହାଣ୍ଡି, ନୂଆପଡା, ନବରଙ୍ଗପୁର ଆଦି ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ପବନ ହେବାର ଆକଳନ କରାଯାଇଛି। ସେହିପରି ଦେବଗଡ, ଅନୁଗୋଳ, ଢେଙ୍କାନାଳ, ସୋନପୁର, ବୌଦ୍ଧ, କନ୍ଧମାଳ, ରାୟଗଡା, କୋରାପୁଟ, ମାଲକାନଗିରି, କଟକ, ବାଲେଶ୍ୱର, ଭଦ୍ରକ, ଯାଜପୁର ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨ ତାରିଖରେ ଗଜପତି , ମାଲକାନଗିରି , କୋରାପୁଟ, ରାୟଗଡା, କଳାହାଣ୍ଡି , କନ୍ଧମାଳ , ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ଝାରସୁଗୁଡା, ଦେବଗଡ, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ ଓ ସମ୍ବଲପୁର ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ଆସନ୍ତା ୫ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# ଅସ୍ଥାୟୀ ମଣ୍ଡପରେ ମା'ଙ୍କୁ ଦର୍ଶନ କଲେ ୫-ଟି ସଚିବ

**ବ୍ରହ୍ମପୁର ଅଫିସ, ୩୦।୪**

### ୨୭ ଦିନରେ ମା' ବୁଢ଼ୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା

ବ୍ରହ୍ମପୁର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ରବିବାର ୨୭ ଦିନରେ ପହଞ୍ଚିଛି। ଅସ୍ଥାୟୀ ମଣ୍ଡପରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସହ ୫-ଟି ସଚିବ ଭି.କେ.ପାଣ୍ଡିଆନ ମା'ଙ୍କୁ ଦର୍ଶନ କରିଥିଲେ। ମାନସିକ ଓ ବହୁ ସଂଖ୍ୟାରେ ବାଘ ବେଶଧାରୀ ମଧ୍ୟ ଅସ୍ଥାୟୀ ମଣ୍ଡପରେ ମା'ଙ୍କୁ ଦର୍ଶନ କରିଥିଲେ। ମା'ଙ୍କ ଘଟ ପରିକ୍ରମା ବନ୍ଦ ରହିଥିଲା । ରାତି ୮ଟା ପରେ ମୁଖ୍ୟ ଘଟ ସମେତ ୮ ପାର୍ଶ୍ୱ ଘଟ ଅସ୍ଥାୟୀ ମଣ୍ଡପରୁ ମହୁରୀ ରାଜବାଟୀକୁ ଯାଇଥିଲା। ସେଠାରେ ରାଜା ପୂଜାର୍ଚ୍ଚନା ପରେ ମା' ପୁଣି ଥରେ ଦେଶୀ ବେହେରା ସାହିରେ ହୋଇଥିବା ଅସ୍ଥାୟୀ ମଣ୍ଡପକୁ ଫେରିଥିଲେ। ବିଜିପୁର ଅଞ୍ଚଳର ବୁଦ୍ଧବେଶ ବାହାରିଥିଲା। ଏହି ବେଶ ବିଜିପୁର, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ରାସ୍ତା, ପୁରୁଣା ବସ୍‌ଷ୍ଟାଣ୍ଡ ଓ ଗିରିଜା ଛକ ହୋଇ ଅସ୍ଥାୟୀ ମଣ୍ଡପରେ ମା'ଙ୍କୁ ଦର୍ଶନ କରିଥିଲେ। ସୋମବାର ମା'ଙ୍କ ଯାତ୍ରା ଉଦ୍‌ଯାପନୀ ହେବ। ମଙ୍ଗଳବାର ସକାଳ ସୁଦ୍ଧା ମା'ମୁଖ୍ୟ ମନ୍ଦିରରେ ପହଞ୍ଚିବେ। ସୂଚନାଯୋଗ୍ୟ, ୫-ଟି ସଚିବ ଭି.କେ. ପାଣ୍ଡିଆନ ଅସ୍ଥାୟୀ ମଣ୍ଡପରେ ମା'ଙ୍କୁ ଦର୍ଶନ କଲା ପରେ ମୁଖ୍ୟ ମନ୍ଦିରକୁ ଯାଇ ଏହାର ଉନ୍ନତୀକରଣ ନେଇ ସମୀକ୍ଷା କରିଥିଲେ। ମନ୍ଦିରର ଉତ୍ତର ପ୍ରବେଶ ପଥ, ପୂର୍ବ ପ୍ରବେଶ ପଥ, ସେବାୟତ ଗୃହ, ପୂଜା ସାମଗ୍ରୀ ଦୋକାନ, ମଲ୍ଟିପର୍ପୋଜ ହଲ୍ ଆଦି ଦେଖି ସେବାୟତଙ୍କ ସହ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ମନ୍ଦିରର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହେବା ନେଇ ସେବାୟତଙ୍କୁ କହିଥିଲେ। ଏହି ଗସ୍ତ ସମୟରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ମେୟର ସଂଘମିତ୍ରା ଦଳେଇ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ, ରାଜ୍ୟ କାଜୁ ନିଗମ ଉନ୍ନୟନ ଅଧ୍ୟକ୍ଷ ସୁବାସ ମହାରଣା, ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତ ପରିଡା, ବିଡିଏ ସଚିବ ସମ୍ବିତ ରାଉତଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଡିସେମ୍ବର ସୁଦ୍ଧା ପ୍ରକଳ୍ପ ନିର୍ମାଣ ଶେଷ କର

- କଟକ ଗସ୍ତରେ ମୁଖ୍ୟ ଶାସନ ସଚିବ
- ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା

**କଟକ ଅଫିସ, ୩୦।୪**

କଟକ ସହରର ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଜାରି ରହିଛି। ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ରବିବାର କଟକ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିବା ସହ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଆସନ୍ତା ଡିସେମ୍ବର ସୁଦ୍ଧା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସାରିବାକୁ ଜିଲାର ବରିଷ୍ଠ ଅଧିକାରୀଙ୍କୁ ଜେନା ନିର୍ଦ୍ଦେଶ ଦେଇଛନ୍ତି।

ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ କରିବାଠାରୁ ଆରମ୍ଭ କରି ପ୍ରାଚୀନ କଟକ ସହରକୁ ନୂଆ ରୂପ ଦେବା ନିମନ୍ତେ ରାଜ୍ୟ ସରକାର ପ୍ରୟାସ ଜାରି ରଖିଛନ୍ତି। ମହାନଦୀର ଯୋବ୍ରା ବ୍ୟାରେଜ୍‌ରୁ ବାହାରିଥିବା ତାଳଦଣ୍ଡା କେନାଲର ସୌନ୍ଦର୍ଯ୍ୟକରଣ ଉନ୍ନୟନର ଏକ ପ୍ରମୁଖ ଅଂଶ। ଫଳରେ ମୁଖ୍ୟ ଶାସନ ସଚିବ ତାଳଦଣ୍ଡା କେନାଲର ଉନ୍ନୟନ ଓ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ପରିଦର୍ଶନ କରିବାବେଳେ ପ୍ରକଳ୍ପ ଅନ୍ତର୍ଭୁକ୍ତ ନୌବିହାର ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ। ଓପିଟିସିଏଲ ନିମନ୍ତେ ଟିପିସିଓଡିଏଲ ଦ୍ୱାରା ସଂସ୍ଥାପିତ ହେବାକୁ ଥିବା ଇଲେକ୍ଟ୍ରିକାଲ ଗ୍ରୀଡ୍‌ଷ୍ଟେଶନ, ଏଠାରେ ଥିବା ଖାଲି ଜମିରେ ପ୍ରସ୍ତାବିତ ମାର୍କେଟ କମ୍ପ୍ଲେକ୍ସ ଓ ଭୂତଳ ଯାନ ରହଣିସ୍ଥଳ ନିର୍ମାଣ, ଯୋବ୍ରା ମାଛ ମାର୍କେଟର ଉନ୍ନତୀକରଣ, ଏସ୍‌ସିବି ମେଡିକାଲ କଲେଜର ଉନ୍ନୟନ ପ୍ରକଳ୍ପ ଅନ୍ତର୍ଗତ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କେନାଲର ଅପରପାର୍ଶ୍ୱରେ ନିର୍ମିତ ହୋଇଥିବା ଛତ୍ରବଜାର ପରିବା ମାର୍କେଟର ନୂତନ ରୂପରେଖ ଓ ଟ୍ରକ ଟର୍ମିନାଲ ଆଦି ସେ ବୁଲି ଦେଖିଥିଲେ। ପରେ ସ୍ଥାନୀୟ ସର୍କିଟ ହାଉସଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଶାସନ ସଚିବ ଜେନା ଯୋଗଦେଇ ଜିଲାର ବରିଷ୍ଠ ଅଧିକାରୀମାନଙ୍କ ସହିତ ଉନ୍ନୟନ ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ବୈଠକରେ ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ, ଜିଲାପାଳ ଭବାନୀ ଶଙ୍କର ଚୟନୀ, କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ନିଖିଲ ପୱନ କଲ୍ୟାଣ, ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀ ତାରାକାନ୍ତ ମିଶ୍ର, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, କଟକ ପୋଲିସ ଅତିରିକ୍ତ ଉପଆୟୁକ୍ତ ଅନିଲ ମିଶ୍ର, ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାସ ମାଝୀଙ୍କ ସମେତ ବରିଷ୍ଠ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଯୋଗଦେଇ ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ଚୟନୀ ସହରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ସମ୍ବନ୍ଧରେ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଜେନା କହିଥିଲେ, ପୁରାତନ ସହର କଟକର କଳେବରକୁ ପ୍ରସାରିତ କରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ମାଧ୍ୟମରେ ଜନସାଧାରଣଙ୍କ ଆଶା ଓ ଆକାଂକ୍ଷାକୁ ମୁଖ୍ୟମନ୍ତ୍ରୀ ପୂରଣ କରିଆସୁଛନ୍ତି।



ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ତାଳଦଣ୍ଡା କେନାଲ ପାର୍ଶ୍ୱ ଅଞ୍ଚଳ ପରିଦର୍ଶନ କରୁଛନ୍ତି ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୂଟ ବଚନ, ପିତା ତିଅଣ;**
**ପାସୋରି ନ ଯାଏ ମନୁ**
**ଦିନ ଦିନକର କଥା ମନେ ପଡ଼ିଲେ**
**ଘାରି ହୋଇଯାଏ ତନୁ ।**

କପଟ ବଚନ ମନକୁ ଭାରାକ୍ରାନ୍ତ କରିଥାଏ। କପଟ ବଚନ ଦ୍ୱାରା ଆଘାତପ୍ରାପ୍ତ ତନୁମନ ବହୁକାଳ ଧରି ଅବିସ୍ମୃତ ରୁହେ ବୋଲି ଏଠାରେ ପ୍ରକାଶ କରାଯାଇଛି।

**କାହାର ପାଲିଙ୍କି ଉପରେ ପାଟଛତା**
**କାହାର ବେଡ଼ି ଉପରେ କୋରଡ଼ା।**

ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବଦଶାରେ ପ୍ରାରବ୍ଧ କର୍ମ ଅନୁସାରେ ଫଳ ଭୋଗ କରିଥାଆନ୍ତି। କାହା ଘରେ ଧନଧାନ୍ୟ ପରିପୂର୍ଣ୍ଣ ତ ଆଉ କାହା କାହାର ଦୁଃଖ ଦାରିଦ୍ର୍ୟ ଚିରସହଚର। କିଏ ରାଜଭୋଗ କରୁଥାଏ, ଅୟସରେ ଦିନ ବିତାଉଥାଏ ତ ଆଉ କିଏ ଭୋକ ଉପାସରେ ପଡ଼ିରହି ଦିନ ବିତାଉଥାଏ। କର୍ମାନୁଯାୟୀ ଫଳ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ଗୁଗଲ ଡକ୍ୟୁମେଣ୍ଟରେ ନୂଆ ଫିଚର

ନୂଆଦିଲ୍ଲୀ, ୩୦।୪

ସର୍ବବୃହତ୍ ସର୍ଚ୍ଚ ଇଞ୍ଜିନ୍ ଗୁଗଲ ନିୟମିତ ବ୍ୟବଧାନରେ ଛୋଟ ଛୋଟ ପରିବର୍ତ୍ତନ ମାଧ୍ୟମରେ ନିଜ ଗ୍ରାହକଙ୍କୁ ବାନ୍ଧି ରଖିବାକୁ ପ୍ରୟାସ ଜାରି ରଖିଛି। ନିକଟରେ ଗୁଗଲ ଡକ୍ୟୁମେଣ୍ଟ ଆପ୍ଲିକେଶନ ବ୍ୟବହାରକାରୀଙ୍କ ପାଇଁ ନୂଆ ଫିଚର ଆଣିଛି। ଏଣିକି ୟୁଜର୍ସ ଏଥିରେ ନିଜ ପସନ୍ଦ ମୁତାବକ ଇମୋଜି ଯୋଡ଼ିପାରିବେ, ଯାହା ସେମାନଙ୍କୁ ନୂଆ ଅନୁଭୂତି ପ୍ରଦାନ କରିବ ବୋଲି ଗୁଗଲ ପକ୍ଷରୁ କୁହାଯାଇଛି।

ବିଶ୍ୱବ୍ୟାପୀ ବିଭିନ୍ନ ବିଷୟରେ ସୂଚନା ଜାଣିବା ପାଇଁ ଗୁଗଲ ସର୍ଚ୍ଚ ଇଞ୍ଜିନ୍ ଭରସାଯୋଗ୍ୟ ମାଧ୍ୟମ ପାଲଟିଛି। ୟୁଜର୍ସଙ୍କ ଦାବି ଅନୁଯାୟୀ ଆପ୍ଲିକେଶନଗୁଡ଼ିକୁ ନିୟମିତ ବ୍ୟବଧାନରେ ଅପଡେଟ୍ କରିବା ଦିଗରେ ଗୁଗଲ୍ ବେଶ୍ ଆଗୁଆ। ଏହି ପରିପ୍ରେକ୍ଷୀରେ






### ଏଣିକି ଯୋଡ଼ିହେବ ଇମୋଜି

ଗୁଗଲ ନିଜ ଡକ୍ୟୁମେଣ୍ଟ ଆପ୍ଲିକେଶନକୁ ଅପ୍‌ଡେଟ୍ କରିବା ସହ ଏଥିରେ ନୂଆ ଫିଚର ଯୋଡ଼ିଛି। ଏବେ ଗୁଗଲ ୟୁଜର୍ସ ଡକ୍ୟୁମେଣ୍ଟ ଲେଖିବା ସମୟରେ ଇମୋଜି ବ୍ୟବହାର କରିପାରିବେ। ଏଥିଲାଗି ଅନ୍ୟ ସ୍ଥାନରୁ ଇମୋଜି ଆଣିବା ଆବଶ୍ୟକ ପଡ଼ିବ ନାହିଁ। କାରଣ ଗୁଗଲ ଡକ୍ୟୁମେଣ୍ଟରେ ଇମୋଜି ଯୋଡ଼ି ଦିଆଯାଇଛି। ଫଳରେ ନିଜ ପସନ୍ଦର ଇମୋଜି ବ୍ୟବହାର କରି ଜଣେ ବ୍ୟବହାରକାରୀ ମନର ଭାବନା ବ୍ୟକ୍ତ କରିପାରିବେ।

୨୦୦୬ ମାର୍ଚ୍ଚ ୯ରେ ପ୍ରଥମ ଥର ପାଇଁ ଗୁଗଲ ଡକ୍ୟୁମେଣ୍ଟ ଆପ୍ଲିକେଶନ ଆରମ୍ଭ ହୋଇଥିଲା। ସାଧାରଣତଃ କୌଣସି କଣ୍ଟେଣ୍ଟ ଲେଖିବା ପାଇଁ ଗୁଗଲ ଡକ୍ୟୁମେଣ୍ଟ ଆପ୍ଲିକେଶନ ବ୍ୟବହାର କରାଯାଏ। ଏହା ଦେୟମୁକ୍ତ। ଗୁଗଲ ଡକ୍ୟୁମେଣ୍ଟରେ ଉଲ୍ଲେଖିତ ତଥ୍ୟକୁ ଗୋଟିଏ ସମୟରେ ଏକାଧିକ ବ୍ୟକ୍ତି ଦେଖିପାରିବେ। ଏଥିରେ ଆବଶ୍ୟକ ସଂଶୋଧନ କିମ୍ବା ତଥ୍ୟ ଯୋଡ଼ିପାରିବା ସୁବିଧା ରହିଛି। ଏହାକୁ ୧୦୦ ଭାଷାରେ ବ୍ୟବହାର କରାଯାଇପାରୁଛି।

# ଭୁବନେଶ୍ୱରରେ ୩ ନୂଆ ଅଗ୍ନିଶମ କେନ୍ଦ୍ର ଖୋଲିଲା

- **ଉଦ୍‌ଘାଟନ କଲେ ଅଗ୍ନିଶମ ଡିଜି**
- **ରାଜ୍ୟରେ ୩୪୫ରେ ପହଞ୍ଚିଲା ଅଗ୍ନିଶମ ସେବା କେନ୍ଦ୍ର**

ଭୁବନେଶ୍ୱର,୩୦।୪(ବ୍ୟୁରୋ)

ଭୁବନେଶ୍ୱରର ପାହାଳ, ମଞ୍ଚେଶ୍ୱର ଓ ତମାଣ୍ଡୋଠାରେ ରହିବା ୩ଟି ନୂଆ ଅଗ୍ନିଶମ ଓ ଜରୁରିକାଳୀନ ସେବା କେନ୍ଦ୍ର ଖୋଲିଛି। ମୁଖ୍ୟ ଅତିଥି ଭାବେ ଅଗ୍ନିଶମ ଡିଜି ସନ୍ତୋଷ ଉପାଧ୍ୟେୟ ଯୋଗଦେଇ ଏହି କେନ୍ଦ୍ରଗୁଡ଼ିକୁ ଉଦ୍‌ଘାଟନ କରିଛନ୍ତି। ତେବେ ଷ୍ଟେଶନଗୁଡ଼ିକ ଏବେ ଅସ୍ଥାୟୀ ଭାବେ କାର୍ଯ୍ୟ କରିବ। ପାହାଳ ଅଗ୍ନିଶମ ସେବା କେନ୍ଦ୍ରକୁ ପାହାଳ ହସ୍ପିଟାଲ ପରିସର, ମଞ୍ଚେଶ୍ୱର ଅଗ୍ନିଶମ ସେବା କେନ୍ଦ୍ରକୁ ଚନ୍ଦ୍ରଶେଖରପୁର ଫାୟାର ଷ୍ଟେଶନ ଏବଂ ତମାଣ୍ଡୋ ଅଗ୍ନିଶମ ସେବା କେନ୍ଦ୍ରକୁ ବରମୁଣ୍ଡାସ୍ଥିତ ଓଡ଼ିଶା ଅଗ୍ନିଶମ ଓ ବିପତ୍ତି ନିସ୍ତାର ପ୍ରତିଷ୍ଠାନ (ଓଫ୍‌ଡ୍ରା) ପରିସରରେ ଅସ୍ଥାୟୀ ଭାବେ ଖୋଲାଯାଇଛି। ଏହି କେନ୍ଦ୍ରଗୁଡ଼ିରେ ଆବଶ୍ୟକ କର୍ମଚାରୀ ନିଯୁକ୍ତି ସହ ଦମକଳ ଗାଡ଼ି ଓ ଅନ୍ୟାନ୍ୟ ସରଞ୍ଜାମ ଯୋଗାଇ ଦିଆଯାଇଛି। ତେବେ ପରବର୍ତ୍ତୀ ସମୟରେ ଏଥିପାଇଁ ନୂତନ ଗୃହ ନିର୍ମାଣ କରାଯାଇ ସ୍ଥାୟୀ ଷ୍ଟେଶନ କରାଯିବ ବୋଲି ସୂଚନା ଦିଆଯାଇଛି। ପ୍ରତ୍ୟେକ କେନ୍ଦ୍ରରେ ୧୫ଜଣ ଲେଖାଏ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି। ଏମାନଙ୍କ ମଧ୍ୟରେ ଜଣେ ଷ୍ଟେଶନ ଅଫିସର, ଦୁଇଜଣ ଲିଡିଂ ଫାୟାରମ୍ୟାନ, ଜଣେ ଡ୍ରାଇଭର-ହାବିଲଦାର, ଜଣେ ଫାୟାରମ୍ୟାନ ଡ୍ରାଇଭର ଓ ୧୦ଜଣ ଫାୟାରମ୍ୟାନ ରହିବେ। ତେବେ ପୂର୍ବରୁ ଓଡ଼ିଶାରେ ୩୪୨ଟି ଅଗ୍ନିଶମ ସେବା କେନ୍ଦ୍ର ଥିବାବେଳେ ଏବେ ଏହି ସଂଖ୍ୟା ବୃଦ୍ଧି ପାଇ ୩୪୫ରେ ପହଞ୍ଚିଛି। ସୂଚନା ଅନୁଯାୟୀ, ଭୁବନେଶ୍ୱର ପରିସର ବଢ଼ିବା ସହିତ ଲୋକସଂଖ୍ୟା ମଧ୍ୟ ବଢ଼ିଚାଲିଛି। ଏହାକୁ ଦୃଷ୍ଟିରେ ରଖି ଅଗ୍ନିଶମ ବ୍ୟବସ୍ଥାକୁ ସୁଦୃଢ଼ କରି ଧନଜୀବନକୁ ସୁରକ୍ଷା ଯୋଗାଇ ଦେବା ପାଇଁ ଏହି ୩ଟି ଅଗ୍ନିଶମ ସେବା କେନ୍ଦ୍ର ପ୍ରତିଷ୍ଠା ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏପ୍ରିଲ ୧୮ରେ ଅନୁମୋଦନ କରିଥିଲେ।

# ମେଡିକାଲରେ ମୃତ ଘୋଷିତ ଶିଶୁ ଘରେ ଜିଇଉଠିଲା

- **ଡାକ୍ତରଙ୍କ ଉପରେ ପ୍ରଶ୍ନ ଉଠାଇଲା ପରିବାର**
- **ଅଭିଯୋଗକୁ ଖଣ୍ଡନ କଲେ ଚିକିତ୍ସା କରିଥିବା ଡାକ୍ତର**

ଢେଙ୍କାନାଳ ଅଫିସ, ୩୦।୪

ଡାକ୍ତରଖାନାରେ ମୃତ ଘୋଷିତ ନବଜାତକ ଘରେ ଜିଇଉଠିଲା। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଢେଙ୍କାନାଳ ପୌରାଞ୍ଚଳରେ। ବଞ୍ଚିଥିବା ଶିଶୁକୁ ମୃତ ଘୋଷଣା କରିବା ଡାକ୍ତରଙ୍କ ଚରମ ଅବହେଳା ବୋଲି ପରିବାର ଲୋକେ କହୁଥିବା ବେଳେ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଚିକିତ୍ସା କରୁଥିବା ଡାକ୍ତର। ଅଭିଯୋଗ ଅନୁଯାୟୀ, ଢେଙ୍କାନାଳ ପୌରାଞ୍ଚଳ ଖମାରସାହି ଅଞ୍ଚଳର ଟୁନା ପ୍ରଧାନଙ୍କ ସ୍ତ୍ରୀ ଜିଲା ମୁଖ୍ୟ ଚିକିତ୍ସାଳରେ ରବିବାର ଏକ ପୁତ୍ରସନ୍ତାନ ଜନ୍ମ ଦେଇଥିଲେ। ସମୟ ପୂର୍ବରୁ ଶିଶୁଟି ଜନ୍ମ ନେଇଥିଲା। ଡାକ୍ତର ଶିଶୁକୁ ମୃତ ଘୋଷଣା କରିବା ପରେ ପରିବାର ଲୋକେ ତାକୁ ଘରକୁ ନେଇଯାଇଥିଲେ। ମହିଳାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ ୫ ଘଣ୍ଟା ପରେ ନବଜାତକ କାନ୍ଦିଉଠିବା ସହ ଗୋଡ଼ହାତ ହଲାଇଥିଲା। ଶିଶୁ ବଞ୍ଚିଥିବା ଜାଣି ପରିବାର



ସମ୍ପର୍କୀୟଙ୍କ ସହ ଶିଶୁପୁତ୍ର।

ଲୋକେ ତାକୁ ପୁନର୍ବାର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ତାକୁ ସ୍ପେଶାଲ ନ୍ୟୁବର୍ନ କେୟାର ୟୁନିଟ୍ (ଏସ୍‌ଏନ୍‌ସିୟୁ)ରେ ଭର୍ତ୍ତି କରାଯାଇଥିଲା।

ତେବେ କେଉଁ ପରିସ୍ଥିତିରେ ଜୀବିତ ଶିଶୁକୁ ଡାକ୍ତର ମୃତ ଘୋଷଣା କଲେ, ତାହାକୁ ନେଇ ପରିବାର ସଦସ୍ୟ ପ୍ରଶ୍ନ ଉଠାଇଛନ୍ତି। କର୍ତ୍ତବ୍ୟରେ ଅବହେଳା କରିଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେମାନେ ଦାବି କରିଛନ୍ତି। ଅପରପକ୍ଷେ ଅଭିଯୋଗକୁ ଡାକ୍ତର ଭାନୁ ଆଚାର୍ଯ୍ୟ, କଳ୍ପନା ଆଚାର୍ଯ୍ୟ ଖଣ୍ଡନ କରିଛନ୍ତି। ନିର୍ଦ୍ଧାରିତ ସମୟ ପୂର୍ବରୁ ଜନ୍ମ ହୋଇଥିବାରୁ ଶିଶୁକୁ ଏସ୍‌ଏନ୍‌ସିୟୁରେ ଭର୍ତ୍ତି କରିବାକୁ ପରାମର୍ଶ ଦିଆଯାଇଥିଲା। ତେବେ ପରିବାର ଲୋକେ ତାକୁ ଘରକୁ ନେଇଯାଇଥିବା ଉଭୟ ଡାକ୍ତର ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ମୋ ବସ୍- ଟ୍ରକ୍ ମୁହାଁମୁହିଁ ଧକ୍କା: ୧୦ ଆହତ

ଖୋର୍ଦ୍ଧା ଅଫିସ,୩୦।୪

୧୬ ନମ୍ବର ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ଶୁକ୍ରବାର ଗଡ଼ଖୋର୍ଦ୍ଧା ଛକରେ ଦୁଇଟି ଗାଡ଼ି ମଧ୍ୟରେ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଦୁଇଜଣ ଗୁରୁତର ଆହତ ହୋଇଥିଲେ। ରବିବାର ମଧ୍ୟାହ୍ନରେ ପିତାପଲ୍ଲୀଛକ ନିକଟରେ ମୋ' ବସ୍ ସହ ଏକ ମାଲବୋଝେଇ ଟ୍ରକ ମୁହାଁମୁହିଁ ଧକ୍କା ହେବା ଫଳରେ ୧୦ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆହତମାନଙ୍କ ପରିଚୟ ମିଳିପାରିନାହିଁ। ଖବର ପାଇ ଶିଳ୍ପାଞ୍ଚଳ ଫାଣ୍ଡି, ଟାଉନ ଥାନା ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଦୁର୍ଘଟଣାରେ ଉଭୟ ଗାଡ଼ିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଥିବାବେଳେ ଟ୍ରକ୍ ଡ୍ରାଇଭର କ୍ୟାବିନ ଭିତରେ ଲାଖିଯାଇଥିଲେ। ତାଙ୍କୁ ବାହାର କରିବା ଲାଗି ଅଗ୍ନିଶମ କର୍ମଚାରୀଙ୍କୁ ନାକେଦମ ହେବାକୁ ପଡ଼ିଥିଲା। ଗ୍ୟାସ୍ କଟର ସାହାଯ୍ୟରେ ଡୋର ଏବଂ ଅନ୍ୟ ଯନ୍ତ୍ରାଂଶକୁ କାଟି ତାଙ୍କୁ ଉଦ୍ଧାର କରାଯାଇଥିଲା। ପୋଲିସ ଉଭୟ ଗାଡ଼ିକୁ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। 'ସୂଚନା ଅନୁଯାୟୀ, ରୁଟ୍ ନଂ-୨୧ରେ ଚଳାଚଳ କରୁଥିବା ମୋ' ବସ୍ (ନଂ. ଓଡି ୦୨-ବିଜେ-୯୩୯୯) ଖୋର୍ଦ୍ଧାରୁ ଯାତ୍ରୀଙ୍କୁ ଧରି ଭୁବନେଶ୍ୱର ମାଷ୍ଟର




ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ି।

### ଟ୍ରକ୍ କ୍ୟାବିନକୁ କାଟି ଡ୍ରାଇଭରଙ୍କୁ ଉଦ୍ଧାର କରାଗଲା

କ୍ୟାଣ୍ଟିନ ଅଭିମୁଖେ ଯାଉଥିଲା। ରାଜପଥ କାମ ଚାଲିଥିବାରୁ ସର୍ଭିସ ରୁଟ୍ ଦେଇ ଯାଉଥିବା ବେଳେ ସମ୍ମୁଖ ପଟୁ ଏକ ମାଲ ବୋଝେଇ ଟ୍ରକ୍ (ନଂ ଓଡି ୦୨-ଏଡବ୍ଲ୍ୟୁ-୪୪୪୭) ଚାଲିଆସିବାରୁ ମୁହାଁମୁହିଁ ଧକ୍କା ହୋଇଥିଲା। ଧକ୍କା ଏତେ ଜୋର୍‌ରେ ହୋଇଥିଲା ଯେ, ଉଭୟ ଗାଡ଼ିର ସମ୍ମୁଖ ଭାଗ ନଷ୍ଟ ହୋଇଯାଇଛି। ଟ୍ରକ୍ ଆଗ ଚକା ରାସ୍ତାପାର୍ଶ୍ୱରେ ଦବି ଯାଇଥିବାବେଳେ ଡ୍ରାଇଭର କ୍ୟାବିନ ଭିତରେ ଚାପି ହୋଇଯାଇଥିଲେ। ମୋ ବସ୍ ଡ୍ରାଇଭରଙ୍କ ସମେତ ୧୦ଜଣ ଯାତ୍ରୀ ଆହତ ହୋଇଥିଲେ। ଖବର ପାଇ ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ପହଞ୍ଚି ପ୍ରଥମେ ବସ୍‌ରେ ଥିବା ଆହତଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ପରେ ଟ୍ରକ୍ କ୍ୟାବିନକୁ ଗ୍ୟାସ୍ କଟରରେ କାଟି ଡ୍ରାଇଭରଙ୍କୁ ବାହାର କରିଥିଲେ। ଦୀର୍ଘ ଏକ ଘଣ୍ଟାର ପରିଶ୍ରମ ପରେ ତାଙ୍କୁ ସୁରକ୍ଷିତ ଭାବେ ବାହାର କରି ଆମ୍ବୁଲାନ୍ସରେ ଡାକ୍ତରଖାନା ପଠାଯାଇଥିଲା। ତେବେ ଏହି ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟୁଥିବାବେଳେ ଜିଲା ପ୍ରଶାସନ ଏବଂ ପରିବହନ ବିଭାଗ ନୀରବଦ୍ରଷ୍ଟା ସାଜିଛି। ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବାରୁ ଅନେକ ସ୍ଥାନରେ ଏକପାଖିଆ ରାସ୍ତା ରହିଛି। ଫଳରେ ବଡ଼ ବଡ଼ ଭାରିଯାନ ଚଳାଚଳ ବେଳେ ଦୁର୍ଘଟଣା ଘଟୁଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ କେବଳ ସିସିଟିଭି ଲଗାଇ ଚୁପ୍ ବସିଛନ୍ତି। ତେଣୁ ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଦନ୍ତା ଆକ୍ରମଣରେ ଚାଷୀ ମୃତ

ଢେଙ୍କାନାଳ ଅଫିସ, ୩୦।୪

କିଛିଦିନ ପରେ ଢେଙ୍କାନାଳକୁ ପୁଣି ଫେରିଛି ହାତୀ ଭୟ। ସଦର ଥାନା ବଳଦିଆବନ୍ଧ ପଞ୍ଚାୟତ ଅଧୀନ କୁରୁମଟାଙ୍ଗର ଗ୍ରାମର ଚାଷୀ ଶ୍ରୀକାନ୍ତ ପରିଡ଼ାଙ୍କ ରବିବାର ଦନ୍ତା ଆକ୍ରମଣରେ ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ, ଶ୍ରୀକାନ୍ତ ନିଜ ଜମିରେ ଡାଲୁଅ ଧାନ ଚାଷ କରିଥିଲେ। ଫସଲ ଜଗିବା ପାଇଁ ସେ କ୍ଷେତ ନିକଟ ପୋଖରୀ କୂଳ ମଣ୍ଡପରେ ଶନିବାର ରାତିରେ ଶୋଇଥିଲେ। ଭୋର ସମୟରେ ପୋଖରୀକୁ ପାଣି ପିଇବାକୁ ଆସିଥିବା ଉକ୍ତ ଦନ୍ତା ଶ୍ରୀକାନ୍ତଙ୍କୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ସୂଚନା ପାଇ ସଦର ରେଞ୍ଜର ବିଭୁଦାନନ୍ଦ ମିଶ୍ର ବନ କର୍ମଚାରୀଙ୍କ ସହ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଗୋବିନ୍ଦପୁର ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଅଞ୍ଚଳରେ ଏକ ପଲରେ ୧୩ ହାତୀ ଉପଦ୍ରବ କରୁଛନ୍ତି। ଏହାକୁ ନେଇ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ତୁରନ୍ତ ଉକ୍ତ ହାତୀପଲକୁ ଅନ୍ୟତ୍ର ଘଉଡ଼ାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି କୃତ୍ତିକା ନକ୍ଷତ୍ର ମନ ଯେମିତି କାମ ସେମିତି ହେବ। ବୁଧଙ୍କ ପ୍ରଭାବରୁ ଏମିତି କଥାରେ କଥାରେ ମରମ କଥା କହିଦେବେ ଯେ-ବୁଝିଲା ଲୋକ ଠିକ୍ ଭାବରେ ବୁଝିଯିବ। ବନ୍ଧୁଙ୍କ ଅନୁରୋଧରେ ନୂତନ ସ୍ଥାନ ବୁଲିଯିବା ସୁଯୋଗ ମିଳିବାର ସମ୍ଭାବନା ରହିଛି। କିନ୍ତୁ ଆର୍ଥିକସ୍ଥିତି ସେତେଟା ଭଲ ରହିବ ନାହିଁ ଫଳରେ ପାରିବାରିକଦ୍ୱନ୍ଦ

**ବୃଷ** – ମୃଗଶିରା ନକ୍ଷତ୍ରର ମନରେ ବିଭିନ୍ନ ପ୍ରକାରର ଆଶଙ୍କା ସୃଷ୍ଟି ହେବାର ସୂଚନା ରହିଛି। କିନ୍ତୁ ବ୍ୟସ୍ତ ନ ହୋଇ ସମୟକୁ ଅପେକ୍ଷା କରନ୍ତୁ ଦେଖିବେ ସବୁ ଅପସରି ଯିବ। ହାତକୁ ନେଇଥିବା କାମଗୁଡ଼ିକ ମାତ୍ର ଠିକ୍ ଭାବରେ ସମ୍ପନ୍ନ ହେବାରେ ଅସୁବିଧା ହେବ ନାହିଁ। ବ୍ୟବସାୟ,ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ** – ଆରଦ୍ରା ନକ୍ଷତ୍ରର ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିମାନେ ବଦଳିବେ ନାହିଁ। ଏହା ସାଙ୍ଗକୁ କର୍ମକ୍ଷେତ୍ରରେ ମଧ୍ୟ କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ପାରିବାରିକ କ୍ଷେତ୍ରରେ କିଛି ପ୍ରତିବନ୍ଧକର ସାମନା କରିବାକୁ ପଡିପାରେ। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**କର୍କଟ** – ଆଜି ଆପଣ ପ୍ରଥମେ କେତେକ କାମ କରି ପରକ୍ଷଣରେ ଅନୁତାପ କରିପାରନ୍ତି। ଅନ୍ୟମନସ୍କ କିମ୍ବା ଅସାବଧାନତା ବଶତଃ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ। ଅଶ୍ଳେଷା ନକ୍ଷତ୍ରର ସନ୍ତାନମାନଙ୍କ ସକାଶେ ଦୁଶ୍ଚିନ୍ତା ବଢ଼ିପାରେ। ତଥାପି ମନବଳ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ।

**ସିଂହ** – ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। କର୍ମକ୍ଷେତ୍ରରେ ମଘା ନକ୍ଷତ୍ରର ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ। ଜଣେ ବନ୍ଧୁଙ୍କ ଆର୍ଥିକ ସହାୟତାରୁ ଉପକୃତ ହେବେ।

**କନ୍ୟା** – ଯେଉଁ କାମରେ ହାତ ଦେବେ ସେଥିରୁ ଓହରିବେ ନାହିଁ। ଆପଣଙ୍କର ଅଭାବନୀୟ ପରିସ୍ଥିତିକୁ ହୃଦୟଙ୍ଗମ କରି ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି। ହସ୍ତା ନକ୍ଷତ୍ର ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହୋଇପାରେ। ସଙ୍ଗୀତ,ସାହିତ୍ୟ,କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ତୁଳା** – ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ । ସ୍ୱାତୀ ନକ୍ଷତ୍ର ବ୍ୟସ୍ତ ରହି କୌଣସି ଗୁରୁତ୍ୱପୂର୍ଣ୍ଣ କଥାଟି ଭୁଲିଯାଇପାରନ୍ତି। ସତ୍ୟତା ନ ଥାଇ କୌଣସି ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ପ୍ରଶାସନ, ଗବେଷଣା, ଚୁକ୍ତିପତ୍ର, ଆଲୋଚନା ତଥା ଲେଖାପଢ଼ାରୁ ଶୁଭଫଳ ପାଇବେ।

**ବିଛା** – ସମସ୍ୟା ରହିଥିଲେ ମଧ୍ୟ କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ଭଲ ରହିବ। ଅଯଥା ରାଗି ଅନ୍ୟମାନଙ୍କ ସହ ଥିବା ସମ୍ପର୍କକୁ ଖରାପ କଲାଭଳି କିଛି କାମ କରିବା ଠିକ୍ ହେବ ନାହିଁ। ଅନୁରାଧା ନକ୍ଷତ୍ରର ଗୃହ, ଭୂମି, ଗାଡିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିପାରେ। ପୂର୍ବ ଘଟଣାକୁ କେନ୍ଦ୍ର କରିବା ସାଙ୍ଗକୁ କିମ୍ବା ଅତୀତକୁ ସ୍ମରଣ କରି ଅନୁତାପ କରିବେ।

**ଧନୁ** – ପାରିବାରିକ ପରିସ୍ଥିତି ବିଭିନ୍ନ ଘଟଣାକୁ ନେଇ ଅସ୍ୱାଭାବିକ ଭାବେ ଆପଣଙ୍କୁ ଚିନ୍ତା କରିବାକୁ ବାଧ୍ୟ କରିବ। ପୂର୍ବାଷାଢ଼ା ନକ୍ଷତ୍ର ଶତ୍ରୁଙ୍କର ପ୍ରାଦୁର୍ଭାବ ଓ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ବ୍ୟବସାୟ, ପରିବହନ ଏବଂ ରିୟଲ୍ ଇଷ୍ଟେଟ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ରାଜନୈତିକ ସ୍ତରରେ ଗଠନମୂଳକ ପ୍ରସ୍ତାବ ଦେଇ ପ୍ରଶଂସିତ ହେବେ।

**ମକର** – ଆଜିର ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ଉନ୍ନତମାନର ହେବ। କାର୍ଯ୍ୟବ୍ୟସ୍ତତା ହେତୁ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବେ। ଆନୁଷ୍ଠାନିକ କାମ ସାଙ୍ଗକୁ ପରିବହନ, ନିର୍ମାଣ, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ସଫଳତା ହାସଲ କରିପାରନ୍ତି। ସଂଗଠନ, ସଭାସମିତି, ଆନୁଷ୍ଠାନିକ କାମ ତଥା ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ମିଳିବ।

**କୁମ୍ଭ** – ପୂର୍ବଭାଦ୍ରପଦ ନକ୍ଷତ୍ର ସକାଶେ ପାରିପାର୍ଶ୍ୱିକ ପରିସ୍ଥିତି ଓ ପରିବେଶ ଭଲ ରହିବ। ଅର୍ଥ, ନୂତନ ଯୋଜନା, କଲ୍ୟାଣମୂଳକ କାର୍ଯ୍ୟ ଦିଗରେ ଜଣେ ଦୂରାଗତ ବନ୍ଧୁ ସାହାଯ୍ୟ କରିବେ। ସହକର୍ମୀଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି ଆଶଙ୍କା ଦେଖାଦେଇପାରେ। ସାଧାରଣ କଥାକୁ ଅତିରଞ୍ଜିତ କରି ବିରୋଧୀମାନେ କଳହ କରିପାରନ୍ତି।

**ମୀନ** – ମନରେ ଅସ୍ଥିରତା ସୃଷ୍ଟି ହେଲେ ମଧ୍ୟ ପ୍ରତିଶ୍ରୁତି ଅନୁଯାୟୀ କାମ କରିବାକୁ ବାଧ୍ୟ ହୋଇପାରନ୍ତି। ସମୟ ସ୍ରୋତରେ ଭୁଲ୍ ବୁଝାମଣା କ୍ରମେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡିହୋଇଯିବ। ରେବତୀ ନକ୍ଷତ୍ର ସକାଳୁ ସକାଳୁ ଶୁଭ ଖବର ପାଇ ଖୁସୀ ହୋଇଯିବେ। ଆଜିର ଆଲୋଚନା ସାରଗର୍ଭକ ହେତୁ ବନ୍ଧୁଗହଣରୁ ପ୍ରଶଂସାର ସୁଅ ଛୁଟିବ।

ଆଜି ବୈଶାଖ ମାସ ସର୍ବସମ୍ମତ ମୋହିନୀ ଏକାଦଶୀ ସୋମବାର, ମେ ୧ ତାରିଖ, ଶ୍ରମିକ ଦିବସ, ରାଶିନକ୍ଷତ୍ର- ପୂର୍ବାଫାଲ୍‌ଗୁନୀ/ସିଂହ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୫।୨୧ଗତେ ଘ.୦୬।୫୭ ମଧ୍ୟେ, ଘ.୧୦।୨୭ ଗତେ ଘ.୦୧।୦୦ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୬।୫୭ ଗତେ ଘ.୦୮।୩୨ ମଧ୍ୟେ ରାହୁକାଳ ।

## ପ୍ରଥମ ପୃଷ୍ଠାରୁ...

### ବିନା ଯୋଗ୍ୟତାରେ ...

ସଚେତନ ନାଗରିକ ମଞ୍ଚ ଆବାହକ ପ୍ରସନ୍ନ କୁମାର ଦାସ ଗତ ୫ତାରିଖରେ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ, ଗୋପବନ୍ଧୁ ଆୟୁର୍ବେଦ କଲେଜରେ ୨୦୧୬ରେ ଜଣେ ଛାତ୍ରୀ ଏବଂ ୨୦୧୭ରେ ୨ଜଣ ଛାତ୍ରୀଛାତ୍ର ବିନା ଓଜେଇ ଏବଂ ଏନ୍‌ଇଇଟି ର୍‍ୟାଙ୍କରେ ଏଠାରେ ପାଠ ପଢ଼ିଥିବା ଜଣାପଡିଛି। ୨୦୧୬ ଓ ୨୦୧୭ ବର୍ଷରେ ଓଜେଇ ପକ୍ଷରୁ ପ୍ରକାଶିତ ଫଳାଫଳ ତାଲିକାରେ ଉକ୍ତ ୩ଜଣଙ୍କ ନାମ ଉଲ୍ଲେଖ ନାହିଁ। କଲେଜ କର୍ତ୍ତୃପକ୍ଷ ୩୧।୮।୨୦୨୨ରେ ଉତ୍କଳ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କ ଚିଠି କ୍ରମାଙ୍କ ଇସି-୧/୧୧୦୭୮/୧୫।୭।୨୨ ଅନୁସାରେ ବିଏଏମ୍‌ଏସ୍(ଆୟୁର୍ବେଦାଚାର୍ଯ୍ୟ)-୨୦୨୦ରେ ୨୯ଜଣ ଛାତ୍ରୀଛାତ୍ର ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଜଣାଇଥିଲେ। ଏପରି କି ୧୨ମାସିଆ ବାଧ୍ୟତାମୂଳକ ଇଣ୍ଟର୍ନଶିପ୍ ତାଲିମ(୨୨।୭।୨୧ ଠାରୁ ୨୧।୭।୨୨) ସମାପ୍ତ କରିଥିବା ମଧ୍ୟ ଜଣାଇଥିଲେ। ସେଥିରେ ୨୦୧୬ରେ ନାମ ଲେଖାଇଥିବା ସମ୍ପୃକ୍ତା ଛାତ୍ରୀଙ୍କ ନାମ ଉଲ୍ଲେଖ କରାଯାଇଛି। ସେହିଭଳି ଉତ୍କଳ ବିଶ୍ୱବିଦ୍ୟାଳୟ ନୋଟିସ ନମ୍ବର ଇସିଆଇ/୧୧୨୮୪/୯।୬।୨୨ ଉପରେ କଲେଜ କର୍ତ୍ତୃପକ୍ଷ ଚିଠି ନଂ ୩୦୩୬/ଜିଏମପୁରୀ/୧୬।୬।୨୨ରେ ଉତ୍ତର ଦେଇଥିଲେ। ସେଥିରେ ଡିସେମ୍ବର-୨୧ ସୁଦ୍ଧା ବିଏଏମ୍‌ଏସ୍‌ରେ ପାସ୍ କରିଥିବା ଛାତ୍ରୀଛାତ୍ରଙ୍କୁ ଏକବର୍ଷିଆ ହାଉସ ସର୍ଜନ ଭାବେ କାର୍ଯ୍ୟ କରିବା ଲାଗି ୨୮ଜଣିଆ ତାଲିକା ପ୍ରଦାନ କରିଥିଲେ। ଯେଉଁଥିରେ ୨୦୧୭ରେ ବିନା ଏନ୍‌ଇଇଟିରେ ନାମ ଲେଖାଇଥିବା ଜଣେ ଛାତ୍ରୀଙ୍କ ( ଗ୍ରୁପ୍-ସି- ପ୍ରସୂତି ବିଭାଗ) ଏବଂ ଜଣେ ଛାତ୍ରଙ୍କ(ଗ୍ରୁପ୍-ଇ- ଇଏନ୍‌ଟି ବିଭାଗ)ରେ ନାମ ଉଲ୍ଲେଖ ରହିଛି। ତେଣୁ ଏହି ଘଟଣାରେ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ନାମଲେଖାରେ ବଡ଼ ର୍‍ୟାକେଟ ଚାଲୁଥିବା ଜଣାପଡ଼ିଛି। ଓଜେଇ ଏବଂ ଏନ୍‌ଇଇଟିରେ ଯୋଗ୍ୟତା ହାସଲ କରି ନ ଥିବା ଛାତ୍ରୀଛାତ୍ରଙ୍କଠାରୁ ମୋଟା ଅଙ୍କ ନେଇ ନାମଲେଖା ସୁଯୋଗ ଦିଆଯାଉଥିବା ଅଭିଯୋଗ ହେଉଛି। ଏଥିରେ କଲେଜର ଏକାଧିକ ବ୍ୟକ୍ତିଙ୍କ ସମେତ ରାଜ୍ୟ ଆୟୁଷ ବିଭାଗର ଅସାଧୁ କର୍ମଚାରୀଙ୍କ ସଂପୃକ୍ତି ରହିଥିବା ଜଣାପଡିଛି। ପିଲାମାନଙ୍କୁ ଠକି ଏଭଳି କିଛି ବ୍ୟକ୍ତି କରୁଥିବା ଅଭିଯୋଗ ହୋଇଛି। ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁସାରେ ୨୦୨୧-୨୨ରେ ଜଣେ ଛାତ୍ର କଲେଜରେ ବିନା ନାମଲେଖାରେ ଏଠାରେ ଚାଲିଥିବା ଇଣ୍ଟରନାଲ ପରୀକ୍ଷା ଦେଉଥିବାବେଳେ ପରୀକ୍ଷା ନିରୀକ୍ଷକଙ୍କ ହାତରେ ଧରାପଡିଥିଲେ। ପରେ ଏହି ଘଟଣା ସାମ୍ନାକୁ ଆସିବା ପରେ କଲେଜ କର୍ତ୍ତୃପକ୍ଷ ଚାପି ଦେବାକୁ ଉଦ୍ୟମ କରିଥିଲେ। ଏପରି କି ସେହି ଖାତା ମୂଲ୍ୟାଙ୍କନ ପାଇଁ ଆଭ୍ୟନ୍ତରୀଣ ପରୀକ୍ଷକଙ୍କ ପାଖକୁ ଯାଇଥିଲା। ହେଲେ ଖାତା ମୂଲ୍ୟାଙ୍କନ କରାନଯାଇ ତାଙ୍କ ନିକଟରେ ରହିଛି। ଏହି ଘଟଣା ସମ୍ପର୍କରେ ସମସ୍ତ ପରୀକ୍ଷାର୍ଥୀ, ପରୀକ୍ଷା ନିରୀକ୍ଷକ ଏବଂ ପ୍ରଥମ ବର୍ଷର ବିଭାଗୀୟ ମୁଖ୍ୟମାନେ ଜାଣିଥିଲେ ମଧ୍ୟ ଏହାକୁ ନୀରବ ସମର୍ଥନ ଦେଉଛନ୍ତି। କେତେକ ବିଭାଗୀୟ ମୁଖ୍ୟ ଆଭ୍ୟନ୍ତରୀଣ କମିଟି ସଭ୍ୟ ରହିଥିଲେ, ସେମାନେ ମଧ୍ୟ ଅଧ୍ୟକ୍ଷଙ୍କୁ ନୀରବ ସମର୍ଥନ ଦେଉଥିବା କୁହାଯାଇଛି। ଅନ୍ୟପଟେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଆୟୁର୍ବେଦ କଲେଜର କେତେଜଣ ଛାତ୍ରୀଛାତ୍ର ଧାରାବାହିକ ଭାବେ ଏଠାରେ ବିନା କୌଣସି ପ୍ରମାଣପତ୍ରରେ କଲେଜରେ ଅଧ୍ୟୟନ କରୁଥିବା ଜଣାପଡିଛି। ଏଥିରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ସାଧାରଣରେ ଦାବି ହୋଇଛି। ଅନ୍ୟପଟେ ଧରିତ୍ରୀରେ ପ୍ରକାଶିତ ଖବରକୁ ଆଧାର କରି କଲେଜ ଅଧ୍ୟକ୍ଷ ଘଟଣାର ଅନ୍ତରୀଣ ତଦନ୍ତ ଲାଗି ୯ଜଣିଆ କମିଟି ଗଠନ କରିଥିଲେ। ୭ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ ନିର୍ଦ୍ଦେଶ ଦେଇଥିଲେ। ତେବେ ତଦନ୍ତ ରିପୋର୍ଟ ସମ୍ପର୍କରେ କମିଟି ସଦସ୍ୟ ଅଥବା କଲେଜ ଅଧ୍ୟକ୍ଷ କେହି ମୁହଁ ଖୋଲୁ ନାହାନ୍ତି। ଏନେଇ ରାଜ୍ୟ ଆୟୁଷ ନିର୍ଦ୍ଦେଶକ କଲ୍ୟାଣ କୁମାର ରଥ କୁହନ୍ତି, ଗୋପବନ୍ଧୁ ଆୟୁର୍ବେଦ କଲେଜରେ ବିନା ଓଜେଇ, ଏନ୍‌ଇଇଟି ଏବଂ ନକଲି ସାର୍ଟିଫିକେଟ ଦେଇ ପିଲାମାନେ ଏଠାରେ ଅଧ୍ୟୟନ କରୁଥିବା ନେଇ ଅଭିଯୋଗ ହସ୍ତଗତ ହୋଇଛି। ଘଟଣାର ସବିଶେଷ ଯାଞ୍ଚ କରାଯିବ। ଅଭିଯୋଗ ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ବିଷାକ୍ତ ଗ୍ୟାସ୍ ଲିକ୍...

ଏହାକୁ ଅତ୍ୟନ୍ତ ଦୁଃଖଦ ଘଟଣା ବୋଲି ଅଭିହିତ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଜନବହୁଳ ଶିଳ୍ପାଞ୍ଚଳ ଗେସ୍‌ପୁରାରେ ଗ୍ୟାସ୍ ଲିକ୍‌ର କାରଣ ସ୍ପଷ୍ଟ ହୋଇ ନ ଥିଲେ ବି ସେଠାରେ ଥିବା ଫ୍ୟାକ୍ଟ୍ରିରୁ ନାଳକୁ କେତେକ ରାସାୟନିକ ପଦାର୍ଥ ଛଡ଼ାଯାଇଥିବାରୁ ମିଥେନ୍ ସହ ମିଶ୍ରଣ ହୋଇ ସେଥିରୁ ବିଷାକ୍ତ ବାଷ୍ପ ନିର୍ଗମନ ହୋଇଥିବା ଅନୁମାନ କରାଯାଉଛି। ସମ୍ପୃକ୍ତ ଅଞ୍ଚଳକୁ ସିଲ୍ କରିଦିଆଯାଇଛି। ସ୍ଥାନୀୟ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ପୀଡ଼ିତମାନେ ଉତ୍ତର ପ୍ରଦେଶ ଓ ବିହାର ବାସିନ୍ଦା ହୋଇଥିବାବେଳେ ଏଠାକୁ ଆସି ବସବାସ କରୁଥିଲେ। ରବିବାର ସକାଳେ କେତେଜଣ ଲୋକ ଏକ ସ୍ଥାନୀୟ ଗ୍ରୋସେରି ଦୋକାନକୁ କ୍ଷୀର କିଣିବା ପାଇଁ ଆସିଥିବାବେଳେ ସଂଜ୍ଞାହୀନ ହୋଇପଡ଼ିଥିଲେ। ସେଠାରେ ହିଁ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ହସ୍ପିଟାଲକୁ ନିଆଯାଇଥିଲା। ଅସୁସ୍ଥଙ୍କ ମଧ୍ୟରୁ ୭ ଜଣ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଦେଇଥିଲେ। ମୃତକଙ୍କ ମଧ୍ୟରୁ ୩ ଜଣ ହେଉଛନ୍ତି ଗ୍ରୋସେରି ଦୋକାନ ମାଲିକଙ୍କ ପରିବାର ସଦସ୍ୟ। ଲୁଧିଆନା ଜିଲା ପ୍ରଶାସନ ମୃତକଙ୍କ ପରିବାରକୁ ୨ ଲକ୍ଷ ଏବଂ ଅସୁସ୍ଥ ବ୍ୟକ୍ତିମାନଙ୍କୁ ୫୦ ହଜାର ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ଘୋଷଣା କରିଛି। ସମ୍ପୃକ୍ତ ଅଞ୍ଚଳରେ ଏକ ଭଙ୍ଗା ମ୍ୟାନ୍‌ହୋଲ ଠାବ ହୋଇଥିବା ଅତିରିକ୍ତ ଡେପୁଟି କମିଶନର ଅମରଜିତ୍ ସିଂ ବାଇନ୍ସ କହିଛନ୍ତି। ଏନ୍‌ଡିଆର୍‌ଏଫ୍ ଟିମ୍ ବିଭିନ୍ନ ରାସାୟନିକ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରୁଛି। ସିସିଟିଭି କ୍ୟାମେରାଗୁଡ଼ିକର ଭିଡିଓ ଫୁଟେଜ୍‌କୁ ମଧ୍ୟ ଯାଞ୍ଚ କରାଯାଉଛି। ମୃତକମାନେ ହେଲେ ଅଭୟ(୧୩), ଆର୍ଯ୍ୟନ(୧୦), କମଲେଶ(୬୦), ବର୍ଷା(୩୫), ସୌରଭ(୩୫), ପ୍ରୀତି(୩୧), କବିଲାଶ(୪୦), ନବନୀତ(୩୯), ନୀତୁ ଦେବୀ(୩୯) ଏବଂ ଅନ୍ୟ ଜଣେ ଅଚିହ୍ନା ବ୍ୟକ୍ତି। ବିଷାକ୍ତ ଗ୍ୟାସ୍ ସଂସ୍ପର୍ଶରେ ଆସି ଏକ ବିରାଡ଼ି ମଧ୍ୟ ଆଖିବୁଜି ଦେଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଘଟଣାକୁ ନେଇ ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ଶିମିଳିପାଳରେ ଦନ୍ତାହାତୀ ଶିକାର

ବାରିପଦା ଅଫିସ,୩୦।୪: ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଏକ ଦନ୍ତାହାତୀକୁ ଶିକାର କରି ଶିକାରୀମାନେ ତା'ର ଦୁଇଟି ଦାନ୍ତ କାଟି ନେଇଛନ୍ତି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ବନପ୍ରାଣୀ ବନଖଣ୍ଡର ନଅଣା ଦକ୍ଷିଣ ଧୁଡ଼ରୁଚମ୍ପା ରେଞ୍ଜର ନେଙ୍ଗଡାନଚା ବିଟ୍ ଅଞ୍ଚଳରେ ଏହି ଘଟଣା ଘଟିଛି ବୋଲି ପ୍ରାକ୍ତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି। ତେବେ ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣର ଉପନିର୍ଦ୍ଦେଶକ ସମ୍ରାଟ ଗୌଡାଙ୍କୁ ପଚାରିବାରୁ କର୍ମଚାରୀମାନେ ଅନୁଧ୍ୟାନ କରିବା ପରେ ଠିକ୍ ସୂଚନା ମିଳିବ ବୋଲି କହିଛନ୍ତି।

**ସଂକ୍ଷେପରେ**

### ବୁଢ଼ୀ ଠାକୁରାଣୀ ଯାତ୍ରା

## ଅଶ୍ଳୀଳ ଫଟୋ ଧରି ନାଚ, ୫ ଯୁବକ ଗିରଫ

**ବ୍ରହ୍ମପୁର ଅଫିସ,୩୦।୪:** ବ୍ରହ୍ମପୁର ଠାକୁରାଣୀ ଯାତ୍ରାରେ ଅଭିନେତ୍ରୀଙ୍କ ଅଶ୍ଳୀଳ ଫଟୋ ଧରି ନୃତ୍ୟ ପ୍ରଦର୍ଶନ କରିବା ଭିଡିଓ ଶନିବାର ସାମାଜିକ ଗଣମାଧମରେ ଭାଇରାଲ ହେବା ପରେ ବଡ଼ ବଜାର ପୋଲିସ ୫ ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ହରିଡ଼ାଖଣ୍ଡି ଅଞ୍ଚଳର ଶିବ ମହାରଣା, ଅନୁପମ ରାଉତ, ଶଙ୍କର ଜେନା, ଭଗବାନ ନାୟକ ଓ ବାବୁ ନାୟକ। ନମ୍ବର ୧୩୫/୨୩ରେ ମାମଲା ରୁଜୁ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ ପୋଲିସ ଧାରା ୪୧ରେ ଥାନାରୁ ଜାମିନରେ ଛାଡ଼ି ଦେଇଛି। ପୋଲିସ ସେମାନଙ୍କଠାରୁ ଘଟଣା ବେଳେ ବ୍ୟବହାର ହୋଇଥିବା ଉକ୍ତ ଅଶ୍ଳୀଳ ହୋର୍ଡିଂରେ ଲାଗିଥିବା ଫଟୋ ଜବତ କରିଛି। ପ୍ରକାଶ ଯେ, ମା'ବୁଢ଼ୀ ଠାକୁରାଣୀ ଯାତ୍ରାରେ ଅଭିନେତ୍ରୀଙ୍କ ଅଶ୍ଳୀଳ ଫୋଟୋ ମା'ଙ୍କ ପ୍ରତିମୂର୍ତ୍ତିରେ ଲଗାଇ ୫ଜଣ ଯୁବକ ନୃତ୍ୟ ପରିବେଷଣ ଘଟଣା ହିନ୍ଦୁ ସଂସ୍କୃତି ଓ ପରମ୍ପରାକୁ କୁଠାରାଘାତ କରିଛି। ଏହି ଘଟଣାକୁ ନେଇ କେତେକ ସଂଗଠନ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଡା. ଶ୍ରବଣା ବିବେକ ଏମ୍‌ଙ୍କୁ ଶନିବାର ଭେଟି ସେମାନଙ୍କୁ ଗିରଫ କରିବାକୁ ଲିଖିତ ଭାବେ ଅଭିଯୋଗ କରିଥିଲେ। ଏଭଳି ଅପସଂସ୍କୃତି ଉପରେ ରୋକ ଲଗାଇବା ପାଇଁ ସେମାନେ ଅନୁରୋଧ କରିଥିଲେ।

## ସୀମାନ୍ତରେ ଆତ୍ମସମର୍ପଣ କଲେ ୨ ମାଓବାଦୀ

**ମାଲକାନଗିରି, ୩୦।୪(ଡି.ଏନ.ଏ.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା ପୋଲିସ ନିକଟରେ ରବିବାର ୨ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ନାମରେ ୧ ଲକ୍ଷ ଟଙ୍କାର ପୁରସ୍କାର ରହିଥିବା ବେଳେ ଅନ୍ୟ ଜଣେ ଦୀର୍ଘବର୍ଷ ଧରି ମାଓବାଦୀ ସଙ୍ଗଠନରେ କାର୍ଯ୍ୟ କରୁଥିଲେ। ଏହି ୨ମାଓବାଦୀ ବହୁ ହିଂସାରେ ଜଡିତ ଥିଲେ। ଏମାନଙ୍କ ନାମରେ ବିଭିନ୍ନ ଥାନାରେ ଅନେକ ମାମଲା ରହିଥିବା ଜଣାପଡିଛି। ତେବେ ମାଓବାଦୀ ସଙ୍ଗଠନ ଦିନକୁ ଦିନ ଦୁର୍ବଳ ହୋଇ ନିଜ ନୀତି ଆଦର୍ଶ ହରାଉଥିବାରୁ ଉଭୟେ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଆଗାମୀ ଦିନରେ ସେମାନେ ସାଧାରଣ ଜୀବନ ଅତିବାହିତ କରିବେ ବୋଲି ପଚରାଉଚରା ବେଳେ ପ୍ରକାଶ କରିଛନ୍ତି। ଏହି ୨ ମାଓବାଦୀଙ୍କୁ ସରକାରୀ ନିୟମ ଅନୁଯାୟୀ ସମସ୍ତ ସହାୟତା ପ୍ରଦାନ କରାଯିବ ବୋଲି ସୁକ୍‌ମା ପୋଲିସ ପକ୍ଷରୁ କୁହାଯାଇଛି।

## ବସ୍-ବାଇକ୍ ମୁହାମୁହିଁ, ୨ ମୃତ

**ଗୁଣପୁର,୩୦।୪(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ସହର ବିକ୍ରମପୁରସ୍ଥିତ ବାଇପାସ ରୋଡ୍‌ରେ ରବିବାର ସନ୍ଧ୍ୟାରେ ବସ୍-ବାଇକ୍ ମୁହାମୁହିଁ ଧକ୍କା ହୋଇଥିଲା। ଏଥିରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଗଜପତି ଜିଲା ନୂଆଗଡ ଅଞ୍ଚଳର ସନ୍ତୋଷ ପ୍ରଧାନ (୨୨) ଓ ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଶରଧାପୁର ଅଞ୍ଚଳର ଚିଣ୍ଟୁ ଗୌଡ (୮)। ଉଭୟେ ଗୁଣପୁରର ଏକ ବ୍ୟବସାୟିକ ପ୍ରତିଷ୍ଠାନରେ କାମ କରୁଥିଲେ। କୌଣସି ଏକ କାମରେ ସେମାନେ ବାଇକ୍‌ରେ ଆଚପା ଗ୍ରାମକୁ ଯାଉଥିବା ବେଳେ ବିପରୀତ ପଟୁ ଆସୁଥିବା 'ସ୍ୱାମୀ ଆୟାପା' ନାମକ ଘରୋଇ ବସ(ଓଡି ୧୮ ଏ-୪୬୮୯) ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଫଳରେ ଘଟଣାସ୍ଥଳରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ନେଇ ବିକ୍ରମପୁର ଛକରେ ଲୋକେ ରାସ୍ତାରୋକୋ କରିଛନ୍ତି। ପୋଲିସ ପହଞ୍ଚି ମୃତଦେହ ଓ ବସ୍‌କୁ ଜବତ କରିଛି। ଡ୍ରାଇଭର ଫେରାର ଥିବା ଜଣାପଡିଛି।

# 'ସମାଜକୁ ସଦ୍‌ବୁଦ୍ଧି ଦେଉଥିବା ବ୍ୟକ୍ତି ପ୍ରକୃତ ବ୍ରାହ୍ମଣ'

### ଶ୍ରୀ ପର୍ଶୁରାମ ମିତ୍ର ମଣ୍ଡଳର ବନ୍ଧୁମିଳନ ସମାରୋହ

ଭୁବନେଶ୍ୱର, ୩୦।୪ (ବ୍ୟୁରୋ)

ସମୟ ଥିଲା ବ୍ରାହ୍ମଣମାନଙ୍କୁ ଦେଖିଲେ ଲୋକମାନେ ପ୍ରଣାମ କରୁଥିଲେ। ମାତ୍ର ଏବେ ତାହା ନାହିଁ। ଇତିହାସକୁ ପଢ଼ିଲେ ଜଣାଯାଏ, ବ୍ରାହ୍ମଣମାନେ କେବେ ରାଜା ନ ଥିଲେ, ବରଂ ସେମାନେ ରାଜାଙ୍କୁ ବୁଦ୍ଧି ବା ସଦ୍‌ବୁଦ୍ଧି ଦେଉଥିଲେ। ଏମାନେ ପଇସାରେ ଗରିବ ହୋଇପାରନ୍ତି, ମାତ୍ର ମାନସିକତାରେ ଗରିବ ନୁହନ୍ତି। ଭଲକଥା ହେଉଛି ଓଡ଼ିଶା ରାଜନୀତିରେ ଜାତି ଅନୁସାରେ ଭୋଟ୍ ହୁଏନାହିଁ। ଓଡ଼ିଆ ଲୋକମାନେ ନେତା ବାଛିବା ସମୟରେ ଜାତି ନୁହେଁ ଦକ୍ଷତା ଦେଖିଥାନ୍ତି, ଯାହାକି ଅନ୍ୟ ରାଜ୍ୟରେ ହୁଏନାହିଁ। ଏହା ହିଁ ଓଡ଼ିଆମାନଙ୍କ ବିଶେଷତା ବୋଲି ଦୈନିକ ଓଡ଼ିଆ ଖବରକାଗଜ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ କହିଛନ୍ତି। ରବିବାର ତେରାପନ୍ଥ ଭବନଠାରେ ଶ୍ରୀ ପର୍ଶୁରାମ ମିତ୍ର ମଣ୍ଡଳର ବନ୍ଧୁ ମିଳନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତଥାଗତ କହିଲେ, ସମାଜକୁ ଯିଏ ବୁଦ୍ଧି ଦିଏ, ସତ୍ ବାଟରେ ଯିବାକୁ ପ୍ରେରଣା ଦିଏ, ଭଲମନ୍ଦର ବିଚାର କରାଏ, ସେ ହେଉଛି ପ୍ରକୃତ ବ୍ରାହ୍ମଣ। ବିଚାରରେ, ଚରିତ୍ରରେ ଉଚ୍ଚ ହେଲେ ବା ଅନ୍ୟର ମଙ୍ଗଳକାମନା କଲେ ଜଣେ ସତ୍ ବ୍ରାହ୍ମଣ ହୋଇପାରିବ। ବ୍ରହ୍ମାଣ୍ଡରୁ ବ୍ରାହ୍ମଣ ଶବ୍ଦ ଆସିଛି। ବ୍ରହ୍ମାଣ୍ଡର ପ୍ରତୀକ ହେଉଛନ୍ତି ବ୍ରାହ୍ମଣ। ସମସ୍ତଙ୍କୁ ନିଜର ଭାବି କୋଳେଇ ନେଇ ପାରିଲେ ପୃଥିବୀରେ ଶାନ୍ତି ଆସିବ। ଶାନ୍ତି ଏକ ଗୋଲ୍‌ପୋଷ୍ଟ ନୁହେଁ, ଏହା ଏକ ଚାଲୁଥିବା ପ୍ରକ୍ରିୟା। ଆଉ ଏ ସବୁ ପାଇଁ ଆମର ଚିନ୍ତାଧାରାରେ ପରିବର୍ତ୍ତନ ଆସିବା ଦରକାର ବୋଲି ତଥାଗତ କହିଥିଲେ। ଏହି ଅବସରରେ ତଥାଗତଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

ମଣ୍ଡଳର ଅଧ୍ୟକ୍ଷ ଆନନ୍ଦ ପୁରୋହିତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର, ମହିଳା ଏବଂ ବ୍ୟକ୍ତି ବିଶେଷଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ମଣ୍ଡଳର ସଚିବ କିଶନ ଖଣ୍ଡେଲୱାଲ ସ୍ୱାଗତ ଭାଷଣ ଦେବା ସହ ଅନୁଷ୍ଠାନର କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ। କୋଷାଧ୍ୟକ୍ଷ ମୁରାରୀଲାଲ୍ ଖଣ୍ଡେଲୱାଲ, ମାରୱାଡି ସମାଜର ଅଧ୍ୟକ୍ଷ ସଞ୍ଜୟ ଲାଠ୍, ଜଗଦୀଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଶ୍ରୀ ପର୍ଶୁରାମ ମିତ୍ର ମଣ୍ଡଳର ବନ୍ଧୁମିଳନ ସମାରୋହରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

# ଉତ୍ତରପ୍ରଦେଶରୁ ଏଜେଣ୍ଟଙ୍କ ସମେତ ୩ ଗିରଫ

### ଡିଜିଟାଲ ମାର୍କେଟିଂ ନାଁରେ ବହୁ କୋଟି ଠକେଇ

- ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣିଲା ଇଓଡବ୍ଲ୍ୟୁ, ଜେଲ ଗଲେ
- ଟେଲିଗ୍ରାମ୍‌ରେ ଚ୍ୟାନେଲ୍, ଦେଶ ବାହାରେ ମାଷ୍ଟରମାଇଣ୍ଡ୍

ଭୁବନେଶ୍ୱର,୩୦।୪(ବ୍ୟୁରୋ)

ଡିଜିଟାଲ ମାର୍କେଟିଂ ନାଁରେ ବହୁ କୋଟି ଟଙ୍କା ଠକେଇ କରାଯାଇଛି। ଏହି ଘଟଣାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଉତ୍ତରପ୍ରଦେଶରୁ ଜଣେ ଏଜେଣ୍ଟଙ୍କ ସମେତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଏଜେଣ୍ଟ କୁଲଦୀପ, ସଚିନ ପାଲ ଓ ଅଙ୍କୁଶ ସିଂ। ଠକେଇ ସମ୍ବନ୍ଧିତ ତଥ୍ୟ ଥିବା ଏମାନଙ୍କ ମୋବାଇଲକୁ ଜବତ କରାଯାଇଛି। ଶୁକ୍ରବାର ଗାଜିଆବାଦ ଜିଲା ବିଜୟନଗର ଥାନା ଅଞ୍ଚଳରୁ ଅଭିଯୁକ୍ତଙ୍କୁ ଗିରଫ କରାଯିବା ପରେ ଗାଜିଆବାଦ୍ ସିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ସେଠାରୁ ଇଓଡବ୍ଲ୍ୟୁ ୩ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣି ଅଭିଯୁକ୍ତମାନଙ୍କୁ ରବିବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି।

ମାଷ୍ଟରମାଇଣ୍ଡ୍ ଦେଶ ବାହାରେ ରହି ଭାରତରେ ଏକାଧିକ ଏଜେଣ୍ଟଙ୍କ ସହାୟତାରେ ଠକେଇ ର୍‍ୟାକେଟ ଚଳାଇଛନ୍ତି। ତେବେ ଗିରଫ ଅଭିଯୁକ୍ତମାନେ www.r46.in ନାମରେ ଏକ ଫେକ୍ ୱେବ୍‌ସାଇଟ୍ ଖୋଲିଛନ୍ତି। ଏଥିସହ ଏହି ୱେବ୍‌ସାଇଟର ଟେଲିଗ୍ରାମ୍‌ରେ ଏକ ଚ୍ୟାନେଲ (ebay official Work channel No. 7) ରହିଛି। ସେମାନେ ଲୋକଙ୍କୁ ଉକ୍ତ ୱେବ୍‌ସାଇଟ୍‌ରେ ଆକାଉଣ୍ଟ ଖୋଲିବାକୁ କହି ଭର୍ଚୁଆଲ୍‌ରେ ଆମାଜନ, ଫ୍ଲିପ୍‌କାର୍ଟ ଆଦି ବଡ଼ବଡ଼ କମ୍ପାନୀର ପ୍ରଡକ୍ଟ କିଣିବାକୁ ପ୍ରଲୋଭିତ କରିଥାନ୍ତି। ଏଥିପାଇଁ ପ୍ରତି କ୍ରୟରେ ୧୫ରୁ ୨୦ ପ୍ରତିଶତ କମିଶନ ମିଳିବ ବୋଲି ପ୍ରତିଶ୍ରୁତି ଥାନ୍ତି। ଅଭିଯୁକ୍ତମାନେ ଗତ ବର୍ଷ ପାର୍ଥସାରଥି ପଟ୍ଟନାୟକ ନାମକ ଜଣେ ବ୍ୟକ୍ତିଙ୍କୁ ହ୍ୱାଟ୍‌ସଆପ୍ ଜରିଆରେ ମେସେଜ୍ କରି ଫସାଇଥିଲେ। ପାର୍ଥସାରଥି ଲୋଭରେ ପଡ଼ି ୬.୫ ଲକ୍ଷ ଟଙ୍କାର ପ୍ରଡକ୍ଟ କିଣିଥିଲେ। ଏହାପରେ ତାଙ୍କ ୱାଲେଟ୍‌ରେ କମିଶନ ମିଶି ୭.୩୧ ଲକ୍ଷ ଟଙ୍କା ଦେଖାଇଥିଲା। ହେଲେ ପରେ ସେ ଏହି ଟଙ୍କାକୁ ଉଠାଇବାକୁ ଚେଷ୍ଟା କଲାବେଳେ ତାହା ବ୍ଲକ୍ ହୋଇଯାଇଥିଲା। ଏନେଇ ସେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ୨୦୨୨ ଡିସେମ୍ବର ୧୩ରେ ଏକ ମାମଲା (ନଂ.୨୨/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ତଦନ୍ତରେ ଜଣାପଡ଼ିଛି, ପାର୍ଥସାରଥିଙ୍କ ୩.୩୨ ଲକ୍ଷ ଓ ୧.୫ ଲକ୍ଷ ଟଙ୍କା ସଚିନ ଓ ଅଙ୍କୁଶଙ୍କ ଆକାଉଣ୍ଟକୁ ଯାଇଛି। ଏଥିସହ ସଚିନ ଓ ଅଙ୍କୁଶଙ୍କୁ କିଛି କମିଶନ ଦେଇ ସେମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟ କାରବାର କରୁଥିବା ଏଜେଣ୍ଟ କୁଲଦୀପ ଟଙ୍କା ଉଠାଇ ମାଷ୍ଟରମାଇଣ୍ଡଙ୍କୁ ଦେଇଥିବା ଜଣାପଡିଛି। ଏପରିକି ବହୁ ବେନାମୀ ଆକାଉଣ୍ଟ ଖୋଲି ଅଭିଯୁକ୍ତମାନେ ଉକ୍ତ ଠକେଇ ଟଙ୍କା କାରବାର କରୁଥିବା ତଦନ୍ତବେଳେ ଜଣାପଡିଛି। ତେବେ ଏହି ମାମଲାରେ ଦେଶରେ ୬୫ ହଜାର ଲୋକ ଠକେଇର ଶିକାର ହୋଇଥିବା ସନ୍ଦେହ କରାଯାଉଥିବାବେଳେ ଇଓଡବ୍ଲ୍ୟୁ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ପ୍ରୟାସ ଜାରି ରଖିଛି।


୩ ଅଭିଯୁକ୍ତଙ୍କୁ ଇଓଡବ୍ଲ୍ୟୁ ଅଧିକାରୀମାନେ ଗିରଫ କରି ନେଉଛନ୍ତି।

# ଅଜିତ କୁମାର ମହାନ୍ତି ଆଟମିକ୍ ଏନର୍ଜି କମିଶନ ଅଧ୍ୟକ୍ଷ

### ଓଡ଼ିଆ ବୈଜ୍ଞାନିକଙ୍କୁ ଦେଶର ବଡ଼ ଦାୟିତ୍ୱ

ଭୁବନେଶ୍ୱର, ୩୦।୪(ବ୍ୟୁରୋ)


ଡ. ଅଜିତ କୁମାର ମହାନ୍ତି

ଆଉଜଣେ ଓଡ଼ିଆ ବୈଜ୍ଞାନିକଙ୍କୁ ଦେଶର ଗୁରୁତ୍ୱପୂର୍ଣ୍ଣ ପଦବୀ ମିଳିଛି। ଭାବା ଆଟମିକ୍ ରିସର୍ଚ୍ଚ ସେଣ୍ଟର୍‌ର ନିର୍ଦ୍ଦେଶକ ଥିବା ଡ. ଅଜିତ କୁମାର ମହାନ୍ତିଙ୍କୁ ଆଟମିକ୍ ଏନର୍ଜି କମିଶନ ଅଧ୍ୟକ୍ଷ ସହ ଆଣବିକ ଶକ୍ତି ବିଭାଗର ସଚିବ ଭାବେ ନିଯୁକ୍ତ କରାଯାଇଛି। କେନ୍ଦ୍ର କ୍ୟାବିନେଟର ନିଯୁକ୍ତି କମିଟି ଏନେଇ ଅନୁମୋଦନ ଦେଇଛି। ୨୦୨୫ ଅକ୍ଟୋବର ୧୦ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ ବୋଲି ରବିବାର ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡ଼ିଛି।

ଡ. ମହାନ୍ତି ୨୦୧୯ରୁ ଭାବା ଆଟମିକ ରିସର୍ଚ୍ଚ ସେଣ୍ଟରର ୧୩ତମ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅଛନ୍ତି। ୧୯୫୯ ଜନ୍ମିତ ଡ. ମହାନ୍ତି ୧୯୭୯ରେ ବାରିପଦାସ୍ଥିତ ଏମ୍. ପି. ସି. କଲେଜରୁ ପଦାର୍ଥ ବିଜ୍ଞାନରେ ସ୍ନାତକ ଏବଂ ୧୯୮୧ରେ କଟକସ୍ଥିତ ରେଭେନ୍ସା କଲେଜରୁ ସ୍ନାତକୋତ୍ତର କରିଥିଲେ। ଏହାପରେ ଭାବା ଆଟମିକ ରିସର୍ଚ୍ଚ ସେଣ୍ଟରର ଟ୍ରେନିଂ ସ୍କୁଲରୁ ୨୬ତମ ବ୍ୟାଚ୍‌ରେ ସ୍ନାତକ ହାସଲ କରି ୧୯୮୩ରେ ଉକ୍ତ ସେଣ୍ଟରର 'ନ୍ୟୁକ୍ଲିୟର୍ ଫିଜିକ୍ସ ଡିଭିଜନ'ରେ ଚାକିରି ଜୀବନ ଆରମ୍ଭ କରିଥିଲେ। ଏହାଛଡ଼ା ମୁମ୍ବାଇ ବିଶ୍ୱବିଦ୍ୟାଳୟରୁ ସେ ଡକ୍ଟରେଟ ପାଇଥିଲେ।

# ଓଆର୍‌ଆଇଡିଏଲ୍‌କୁ ରିପୋର୍ଟ ମାଗିଲା ଡିଏମ୍‌ଆର୍‌ସି

### ମେଟ୍ରୋ ଟ୍ରେନ୍ ଚଳାଚଳ ପ୍ରସଙ୍ଗ

ଭୁବନେଶ୍ୱର, ୩୦।୪(ବ୍ୟୁରୋ)

ଭୁବନେଶ୍ୱର ଏୟାରପୋର୍ଟରୁ କଟକ ତ୍ରିଶୂଳିଆ ପର୍ଯ୍ୟନ୍ତ ମେଟ୍ରୋ ଟ୍ରେନ୍ ଚଳାଚଳ ନେଇ ଦିଲ୍ଲୀ ମେଟ୍ରୋ ରେଳ ନିଗମ(ଡିଏମ୍‌ଆର୍‌ସି) ପକ୍ଷରୁ ଓଡ଼ିଶା ରେଳ ଭିତ୍ତିଭୂମି ଉନ୍ନୟନ ସଂସ୍ଥା ଲିମିଟେଡ(ଓଆର୍‌ଆଇଡିଏଲ୍)କୁ ଏକ ରିପୋର୍ଟ ମଗାଯାଇଛି। ମେଟ୍ରୋ ରେଳ ପ୍ରକଳ୍ପର ଡିପିଆର ପ୍ରସ୍ତୁତ କରିବାକୁ ଡିଏମ୍‌ଆର୍‌ସିକୁ ଦାୟିତ୍ୱ ଦିଆଯାଇଥିଲା। ତେଣୁ ଡିପିଆର୍ ପ୍ରସ୍ତୁତ ପୂର୍ବରୁ ଡିଏମ୍‌ଆର୍‌ସି ଭୁବନେଶ୍ୱରକୁ ନେଇ ପ୍ରସ୍ତୁତ ହୋଇଥିବା ବିସ୍ତୃତ ଗମନାଗମନ ଯୋଜନା- ସିଏମ୍‌ପି ରିପୋର୍ଟ ମଗାଯାଇଛି। ଡିଏମ୍‌ଆର୍‌ସି କହିଛି, ଏହି ରିପୋର୍ଟ ପାଇବା ପରେ ହିଁ ଡିପିଆର ପ୍ରସ୍ତୁତ କରାଯାଇପାରିବ। କିନ୍ତୁ ସୂଚନା ଅନୁସାରେ ନଗର ଉନ୍ନୟନ ବିଭାଗ ପାଖରେ ଭୁବନେଶ୍ୱରର ସିଏମ୍‌ପି ନାହିଁ। ତେଣୁ ୨୦୧୮ରେ ବିଡିଏ ପ୍ରସ୍ତୁତ କରିଥିବା ରିପୋର୍ଟ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ଭୁବନେଶ୍ୱରରେ କେଉଁ ପ୍ରକାର ଗାଡ଼ି ଚଳାଚଳର ଯୋଜନା ଅଛି, କେଉଁ ଅଞ୍ଚଳରେ କେତେ ଫୁଟ ରାସ୍ତା ଅଛି, ଭବିଷ୍ୟତରେ ଏହାକୁ କେତେ ସମ୍ପ୍ରସାରଣ କରାଯିବ, କେଉଁ ଅଞ୍ଚଳରେ ନୂଆ ରାସ୍ତା ନିର୍ମାଣ କରିବାର ଯୋଜନା ଅଛି, କେଉଁଠି ଭବିଷ୍ୟତରେ ସମ୍ପ୍ରସାରଣ ହେବ, କେତେ ଜମି ଅଛି, ସେଠାରେ କ'ଣ କରିବାର ଯୋଜନା ଅଛି, ଏହାର ବିସ୍ତୃତ ରିପୋର୍ଟ ଡିଏମ୍‌ଆରସି ପକ୍ଷରୁ ମଗାଯାଇଛି। ଭୁବନେଶ୍ୱରର ୬୭ଟି ଯାକ ୱାର୍ଡର ମ୍ୟାପ, ସୀମା, କେଉଁ ୱାର୍ଡରେ କେତେ ଲୋକ କାମ କରୁଛନ୍ତି, ତା'ର ତଥ୍ୟ ଦେବାକୁ ମଧ୍ୟ କୁହାଯାଇଛି। ଭୁବନେଶ୍ୱରର କେଉଁ ରୁଟ୍‌ରେ କେତେ ସିଟି ବସ୍ ଚାଲୁଛି, କେତେ ଲୋକ ପ୍ରତିଦିନ ଯିବା ଆସିବା କରୁଛନ୍ତି, କେଉଁଠି କେତେ ଷ୍ଟପେଜ ଅଛି, କେଉଁ ଅଞ୍ଚଳରେ ଲୋକ ଅଧିକ ସିଟି ବସ୍ ବ୍ୟବହାର କରୁଛନ୍ତି, ଭବିଷ୍ୟତରେ ଆଉ କେଉଁଠି ମୋ ବସ୍ ଚାଲିବ। ଡିଏମ୍‌ଆରସି ଏସବୁର ବିସ୍ତୃତ ରିପୋର୍ଟ ମାଗିଛି। ମେଟ୍ରୋ ଟ୍ରେନ ଚାଲିବାକୁ ଥିବା ଅଞ୍ଚଳରେ କେତେ ଲୋକ ସିଟି ବସରେ ଯିବା ଆସିବା କରୁଛନ୍ତି, ଆଗରୁ ମେଟ୍ରୋ କେଉଁ ଅଞ୍ଚଳକୁ ସମ୍ପ୍ରସାରିତ ହେବ, ସେହି ସ୍ଥାନକୁ ସିଟି ବସ୍ ଚାଲୁଛି କି ନାହିଁ, ନିୟମିତ ଭାବେ ସିଟି ବସରେ କେତେ ଲୋକ ଯାତ୍ରା କରୁଛନ୍ତି, କେଉଁ ବସ୍‌ଷ୍ଟାଣ୍ଡରେ କେତେ ଲୋକ ଚଢୁଛନ୍ତି, ଓହ୍ଲାଉଛନ୍ତି ତା'ର ତଥ୍ୟ ମଧ୍ୟ ମଗାଯାଇଛି। ଭୁବନେଶ୍ୱରରେ ବାଇକ, ସ୍କୁଟି, କାର୍, ଅଟୋ, ବସ୍ କେତେ ଅଛି, ତା'ର ମଧ୍ୟ ରିପୋର୍ଟ ଦେବାକୁ କୁହାଯାଇଛି।

# ପୁଅ ମୃତ୍ୟୁର ଘଣ୍ଟାକ ପରେ ବାପାଙ୍କ ମୃତ୍ୟୁ

- ଅସୁସ୍ଥ ବାପାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ନେଇଥିଲେ ପୁଅ
- ବାପାଙ୍କ ଚିକିତ୍ସା ଚାଲିଥିବା ବେଳେ ଆକସ୍ମିକଭାବେ ପୁଅର ମୃତ୍ୟୁ
- ଗାଁ ଶ୍ମଶାନରେ ଜଳିଲା ବାପାପୁଅଙ୍କ ଜୁଇ

ସୋନପୁର/ତରଭା,୩୦।୪ (ନି.ପ୍ର./ଡି.ଏନ.ଏ.)


ଶ୍ମଶାନରେ ଜଳୁଛି ବାପା-ବଡ଼ପୁଅଙ୍କ ଜୁଇ।

ସୁବର୍ଣ୍ଣପୁର ଜିଲା ତରଭା ସହର ମାଳିପଡା ଅଞ୍ଚଳରେ ଦୁଃଖଦ ଘଟଣା ଘଟିଛି। ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜରେ ଶନିବାର ବିଳମ୍ବିତ ରାତିରେ ବାପା ଓ ପୁଅଙ୍କ ମୃତ୍ୟୁ ଘଟିଛି। ରବିବାର ତରଭା ନିବୃତ୍ତି ଯୋର ଶ୍ମଶାନରେ ଏକସାଙ୍ଗରେ ବାପା ପୁଅଙ୍କ ଜୁଇ ଜଳିଛି। ଏହି ହୃଦୟ ବିଦାରକ ଘଟଣାକୁ ନେଇ ତରଭା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ଶନିବାର ମାଳିପଡାର ଆଦିକନ୍ଦ ସା(୭୫) ଅସୁସ୍ଥ ହୋଇପଡିଥଲେ। ବଡ଼ପୁଅ ଆର୍ତ୍ତତ୍ରାଣ(୫୦) ଆଦିକନ୍ଦଙ୍କୁ ନେଇ ଭୀମ ଭୋଇ ମେଡିକାଲ କଲେଜରେ ଭର୍ତ୍ତି କରିଥିଲେ। ତେବେ ହଠାତ୍ ଆର୍ତ୍ତତ୍ରାଣ ଅସୁସ୍ଥ ହୋଇ ପଡିଥିଲେ। ରାତି ୧୨.୪୫ମିନିଟ୍‌ରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୁଅର ମୃତ୍ୟୁ ଖବର ଶୁଣି ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଆଦିକନ୍ଦ ମ୍ରିୟମାଣ ହୋଇଥିଲେ। ପୁଅର ମୃତ୍ୟୁଜନିତ କୋହ ସମ୍ଭରଣ କରି ନ ପାରି ରାତି ୨ଟାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବାପା ପୁଅଙ୍କ ମୃତଦେହ ମଳିପଡାସ୍ଥିତ ଘରକୁ ଫେରିବା ପରେ ରବିବାର ତରଭା ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଆଦିକନ୍ଦଙ୍କୁ ମୁଖାଗ୍ନି ଦେଇଥିଲେ ମଝିଆ ପୁଅ ରଞ୍ଜନ(୩୮)। ସେହିପରି ଆର୍ତ୍ତତ୍ରାଣଙ୍କୁ ମୁଖାଗ୍ନି ଦେଇଥିଲେ ପୁଅ ରିତେଶ। ଏହି ପରିବାର ପାଇଁ ୨୯ ତାରିଖ ପୁଣି ଅଶୁଭ ସାବ୍ୟସ୍ତ ହୋଇଛି। କାରଣ ଗତ ୨୦୨୧ଡିସେମ୍ବର ୨୯ତାରିଖରେ ଆଦିକନ୍ଦଙ୍କ ସାନପୁଅ ଶରତ(୩୫)ଙ୍କ ମୃତ୍ୟୁ ଘଟିଥିଲା। ସାନପୁଅଙ୍କ ମୃତ୍ୟୁର ଠିକ୍ ୧ ବର୍ଷ ୪ ମାସ ପରେ ବାପା ଓ ବଡପୁଅଙ୍କ ମୃତ୍ୟୁକୁ ନେଇ ସମ୍ପୂର୍ଣ୍ଣ ପରିବାର ଭାଙ୍ଗି ପଡ଼ିଛନ୍ତି।



ବାପା ଆଦିକନ୍ଦ ସା ଓ ବଡପୁଅ ଆର୍ତ୍ତତ୍ରାଣ ସା।

## ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର

ଅନୁଗୋଳ ଅଫିସ, ୩୦।୪

ଅନୁଗୋଳ ବନଖଣ୍ଡ ବନ୍ତଳା ବନାଞ୍ଚଳ ଗଡ଼ତରାସ ଗ୍ରାମର ପରମା ବେହେରା(୬୦) ରବିବାର ସନ୍ଧ୍ୟାରେ ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଥିବାବେଳେ ଜଣେ ବନ କର୍ମଚାରୀଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ। ଖବରପାଇ ଉଚ୍ଚ ଅଧିକାରୀମାନେ ପହଞ୍ଚି ବୁଝାଶୁଝା କରିବା ପରେ ଅଟକ କର୍ମଚାରୀଙ୍କୁ ଗ୍ରାମବାସୀ ଛାଡ଼ି ଦେଇଥିଲେ।

ସୂଚନା ଅନୁଯାୟୀ, ପରମା ସନ୍ଧ୍ୟା ୬ଟାରେ ତାଙ୍କ କାଜୁ ବଗିଚାରୁ ଘରକୁ ଫେରୁଥିଲେ। ଏହି ସମୟରେ ତାଙ୍କୁ ଏକ ହାତୀ ଆକ୍ରମଣ କରିଥିଲା। ଖବରପାଇ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଏ ନେଇ ବନ୍ତଳା ବନାଞ୍ଚଳ ଅଧିକାରୀ ନୀଳାଦ୍ରିନାଥ ସାହୁ କହିଛନ୍ତି, ପରମା ଘରକୁ ଫେରୁଥିବାବେଳେ ତାଙ୍କୁ ହାତୀ ଆକ୍ରମଣ କରିଥିଲା। ତାଙ୍କୁ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି।

# ଜନଭାଗୀଦାରି ମଧ୍ୟରେ ରାଷ୍ଟ୍ରଗଠନ 'ମନ୍ କୀ ବାତ୍' କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ: ରାଜ୍ୟପାଳ

ଭୁବନେଶ୍ୱର,୩୦।୪(ବ୍ୟୁରୋ)

ଜନଭାଗୀଦାରି ମଧ୍ୟରେ ରାଷ୍ଟ୍ରଗଠନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ପ୍ରଧାନମନ୍ତ୍ରୀ ସର୍ବଦା ଜନସାଧାରଣଙ୍କଠାରୁ ବିଭିନ୍ନ ବିଷୟ ଉପରେ ପ୍ରସ୍ତାବ, ପରାମର୍ଶ, ମତାମତ ଆଦି ଆହ୍ୱାନ କରିବା ସହ ଯାହା ଗ୍ରହଣଯୋଗ୍ୟ ତାହା ଦେଶବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରିଛନ୍ତି। ଏହା ଗଣତାନ୍ତ୍ରିକ ମୂଲ୍ୟବୋଧର ପରିଚୟ। ଏହି କାର୍ଯ୍ୟକ୍ରମରେ ଦେଶର ଅନେକ ପରିବର୍ତ୍ତନକାରୀଙ୍କ ଜୀବନ ଓ କର୍ମର କାହାଣୀକୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ସମ୍ମୁଖରେ ରଖିଛନ୍ତି। ଏଥିରେ ରାଜ୍ୟର ମଧ୍ୟ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ଅଛନ୍ତି। ଏହା ଜରିଆରେ ବସୁଧୈବ କୁଟୁମ୍ବକମ୍ ଆଧାରରେ ଭାରତୀୟ ଭାବେ ଆମେ ସମସ୍ତଙ୍କୁ ଭଲ ପାଇବା, ଆମେ ଗୋଟିଏ ପରିବାର ଓ ଭାରତୀୟ ସଂସ୍କୃତି ଓ ପରମ୍ପରାର ମହକରେ ସମସ୍ତଙ୍କ ହୃଦୟକୁ ଜିତିବା ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ରବିବାର ରାଜଭାବନସ୍ଥିତ କନଭେନସନ ହଲ୍‌ରେ 'ମନ୍ କି ବାତ୍'ର ୧୦୦ତମ ଅଧ୍ୟାୟର ସ୍ୱତନ୍ତ୍ର ପ୍ରସାରଣ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏହା ପ୍ରକାଶ କରିଛନ୍ତି। ପ୍ରସାର ଭାରତୀ, ପତ୍ର ସୂଚନା ବ୍ୟୁରୋ କାର୍ଯ୍ୟାଳୟ (ପିଆଇବି) ଓ ଦୂରଦର୍ଶନ କେନ୍ଦ୍ର ଭୁବନେଶ୍ୱରର ମିଳିତ ସହଯୋଗରେ ଏହା ଆୟୋଜିତ ହୋଇଥିଲା। ପ୍ରାରମ୍ଭରେ ପିଆଇବି ଓ ସିବିସି ଭୁବନେଶ୍ୱରର ଯୁଗ୍ମ ନିର୍ଦ୍ଦେଶକ ଡ. ଗିରୀଶ ଚନ୍ଦ୍ର ଦାସ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ଉପମହାନିର୍ଦ୍ଦେଶକ (କାର୍ଯ୍ୟକ୍ରମ) ରିଜ୍‌ୱାନ୍ ଅଖ୍ତାର ଧନ୍ୟବାଦ ଦେଇଥିଲେ। 'ମନ୍ କି ବାତ୍'ରେ ସ୍ଥାନ ପାଇଥିବା ରାଜ୍ୟର କୁନି ଦେହୁରୀ, ଅମରେଶ ସାମନ୍ତ, ରାହୁଲ ମହାରଣା ଓ ବିଜୟ କୁମାର କବି ନିଜର ଅନୁଭୂତି ଓ ଅଭିଜ୍ଞତା ବର୍ଣ୍ଣନା କରିଥିଲେ।


ନୂଆଦିଲ୍ଲୀର ତ୍ରିବେଣୀ କଳା ସଙ୍ଗମରେ ଆକ୍ସ ସୋସାଇଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

# ୧୦ଜଣଙ୍କୁ 'ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ଶାନ୍ତି ସମ୍ମାନ'

ଭୁବନେଶ୍ୱର,୩୦।୪(ବ୍ୟୁରୋ)

ଭୂମିପୁତ୍ର ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୬ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ନୂଆଦିଲ୍ଲୀର ତ୍ରିବେଣୀ କଳା ସଙ୍ଗମରେ ଆକ୍ସ ସୋସାଇଟି ଦିଲ୍ଲୀ ପକ୍ଷରୁ ୧୦ଜଣ ସଫଳ ବ୍ୟକ୍ତିତ୍ୱଙ୍କୁ 'ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ଶାନ୍ତି ସମ୍ମାନ ୨୦୨୩' ଦିଆଯାଇଛି। ଏହି ଅବସରରେ ପ୍ରଶାସକ ତଥା ଲେଖକ ରଞ୍ଜନ କୁମାର ଦାସ, ସାମାଜିକ କର୍ମୀ ନମ୍ରତା ଚଡ଼ା, ଆର୍ମି ଅଫିସର ମେଜର ଜେନେରାଲ ପି. କେ. ସାଇଗଲ, ଭାରତୀୟ ଲେଖକ ଚିତ୍ରା ମୁଦ୍‌ଗାଲ, କଙ୍ଗୋରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ଏଚ୍.ଇ. ମୋସି ନ୍ୟାମାଲେ ରୋସିଟି, ସାହିତ୍ୟିକ ଡ. ଉରମାୟଶ, ବିଶିଷ୍ଟ ସମାଜ ସଂସ୍କାରକ ଇନ୍ଦରଜିତ୍ ଶର୍ମା, ଲେଖକ ବି.ଲ.ଗୌର, ଆଙ୍କର ଆନନ୍ଦ ପ୍ରକାଶ ସିଂ, ବିଶିଷ୍ଟ ସାମାଜିକ ଉଦ୍ୟୋଗୀ ଗୌରବ ଗୁପ୍ତା ପ୍ରମୁଖଙ୍କୁ ସମ୍ମାନିତ କରାଯାଇଛି। ଜାତୀୟ ସଙ୍ଗୀତ ଗାନ ସହିତ ଉତ୍ସବ ଆରମ୍ଭ ହୋଇଥିବାବେଳେ ପରେ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଆର୍ମେନିଆର ଆନା ଦ୍ୱାରା ଏକ ଆର୍ମେନିଆ ନୃତ୍ୟର ଉପସ୍ଥାପନା, ନୂଆଦିଲ୍ଲୀର ନୃତ୍ୟ କାଲ୍ପ ଡ୍ୟାନ୍ସ ଏକାଡେମୀ ଦ୍ୱାରା ପ୍ରଦର୍ଶିତ ଭାରତନାଟ୍ୟମ ନୃତ୍ୟ ଏବଂ ନୂଆଦିଲ୍ଲୀର ଡ୍ୟାନ୍ସ ଲାଇଫ୍ ଏକାଡେମୀ ଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ଏକ ସମସାମୟିକ ନୃତ୍ୟର ଉପସ୍ଥାପନା କରାଯାଇଥିଲା। ଶାସ୍ତ୍ରୀୟ ଓଡ଼ିଶୀ ପ୍ରଦର୍ଶକ, ଅଭିନେତ୍ରୀ ତଥା ସଂସ୍ଥାର ପରିଚାଳକ ଡ. ଚନ୍ଦନା ରାଉଲ ଧନ୍ୟବାଦ ଅର୍ପଣ କରିଥିଲେ।

> ଯେଉଁମାନେ ଗରିବ, ଅଜ୍ଞାନ, ନୀଚକୁଳରେ ଜାତ ଓ କଦର୍ଯ୍ୟ ପରିବେଶରେ ପ୍ରତିପାଳିତ ସେମାନଙ୍କୁ ଆମେ ଇତର ସାଧାରଣ ମଣିଷ ବୋଲି କହିବା ନାହିଁ ବରଂ ଅନ୍ୟପକ୍ଷରେ, ଆମେ ସେଇମାନଙ୍କୁ ହିଁ ଇତର ସାଧାରଣ ମଣିଷ କହିବା– ଯେଉଁମାନେ ଛୋଟ ଛୋଟ କଥାଗୁଡିକୁ ନେଇ ବଞ୍ଚିଥାନ୍ତି ଓ ଏକ ସାଧାରଣ ଜୀବନକୁ ନେଇ ସନ୍ତୁଷ୍ଟ ଥାନ୍ତି। –ଶ୍ରୀଅରବିନ୍ଦ



# ଅନ୍ୟାୟ ସଙ୍ଗେ କୁସ୍ତି

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ) ମୁଖ୍ୟ ତଥା ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣ ଶରନ୍ ସିଂଙ୍କ ବିରୋଧରେ ମହିଳା କୁସ୍ତିଯୋଦ୍ଧାମାନେ ଯୌନ ନିର୍ଯାତନା ଅଭିଯୋଗ ଆଣି ଏପ୍ରିଲ ୨୪ ତାରିଖରୁ ଦିଲ୍ଲୀର ଜନ୍ତରମନ୍ତରଠାରେ ଧାରଣାରେ ବସିଛନ୍ତି। ସେମାନେ ଗତ ଜାନୁୟାରୀରେ ମଧ୍ୟ ତାଙ୍କୁ ବିରୋଧ କରି ଧାରଣା ଦେଇଥିଲେ। ସେହି ସମୟରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଏହି ଅଭିଯୋଗର ତଦନ୍ତ ନେଇ ଏକ କମିଟି ଗଠନ କରାଯାଇଥିଲା। ସରକାରଙ୍କ ଦ୍ୱାରା ଗଠିତ କମିଟି କୌଣସି ପଦକ୍ଷେପ ନ ନେବାରୁ ରେସଲରମାନେ ତଦନ୍ତ ଉପରେ ପ୍ରଶ୍ନ ଉଠାଇ ପୁନଶ୍ଚ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିସହିତ ଅଭିଯୋଗକାରୀଙ୍କ ମଧ୍ୟରେ ଜଣେ ନାବାଳିକା ପୀଡ଼ିତା ଅଛନ୍ତି। ତାଙ୍କ ନାମ ପ୍ରଘଟ କରାଯାଇଥିବାରୁ କେନ୍ଦ୍ର ସରକାରଙ୍କ ତଦନ୍ତ ଉପରେ ସେମାନେ ସନ୍ଦେହବ୍ୟକ୍ତ କରିଛନ୍ତି। ଅନ୍ୟପଟେ ବ୍ରିଜ୍‌ଭୂଷଣ କହିଛନ୍ତି, ସେ ଅପରାଧୀ ହୋଇ ନ ଥିବାରୁ ଡବ୍ଲ୍ୟୁଏଫ୍ଆଇ ମୁଖ୍ୟ ପଦବୀରୁ ଇସ୍ତଫା ଦେବାର ପ୍ରଶ୍ନ ଉଠୁନାହିଁ। ସେ ତଦନ୍ତରେ ସହଯୋଗ କରିବେ ବୋଲି କହିଛନ୍ତି। ତେବେ ସେ ଯେଉଁ ଢଙ୍ଗରେ ଗଣମାଧ୍ୟମ ଆଗରେ ଟାଣପଣ ଦେଖାଉଛନ୍ତି, ସେଥିରୁ ତାଙ୍କ ପଛରେ ତାଙ୍କ ଦଳର କେନ୍ଦ୍ର ସରକାର ଓ ତାହାର ନେତୃତ୍ୱ ରହିଛି ବୋଲି ସ୍ପଷ୍ଟ କୁହାଯାଉଛି। ଇତିମଧ୍ୟରେ ଇଣ୍ଡିଆନ୍ ଅଲିମ୍ପିକ୍ ଆସୋସିଏଶନ(ଆଇଓଏ) ସଭାପତି ପି.ଟି. ଉଷା କୁସ୍ତିଯୋଦ୍ଧାମାନଙ୍କ ପ୍ରତିବାଦକୁ ନାପସନ୍ଦ କରିଛନ୍ତି। ସେ କହିଛନ୍ତି, ଏଭଳି ବିକ୍ଷୋଭ ପ୍ରଦର୍ଶନ ଦ୍ୱାରା ଦେଶର ଭାବମୂର୍ତ୍ତି ନଷ୍ଟ ହେଉଛି। ପି.ଟି.ଉଷା ଜଣେ ମହିଳା ଆଥ୍‌ଲେଟ୍ ହୋଇଥିବା ସତ୍ତ୍ୱେ ଏଭଳି ନକାରାତ୍ମକ ମନ୍ତବ୍ୟ ଦେଇ ନିଜ ପଦବୀ ଲୋଭ ପଦାରେ ପକାଉଛନ୍ତି। ଶିକ୍ଷିତ ସମାଜରେ କୌଣସି ଅସ୍ୱାଭାବିକ କାର୍ଯ୍ୟ ଦେଖା ଦେଲେ ତାହା ବିରୋଧରେ ଧାରଣା ଓ ବିକ୍ଷୋଭ କରାଯାଇଥାଏ। ଯଦି ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଦ୍ୱିତୀୟ ଥର ଲାଗି ମହିଳା କୁସ୍ତିଯୋଦ୍ଧାମାନେ ଧାରଣା ଦେଇ ନ ଥାଆନ୍ତେ, ତେବେ ତାଙ୍କ ବିରୋଧରେ ପୋଲିସ ଏତଲା ରୁଜୁ କରି ନ ଥାଆନ୍ତା। ଆର୍ଥାତ୍ ସବୁଆଡୁ ଚାପ ପଡ଼ିବା ପରେ ସାମାନ୍ୟତମ ଏଫ୍ଆଇଆର୍ ରୁଜୁ କରାଯାଇପାରିଛି। ସେଥିପାଇଁ ମଧ୍ୟ ସୁପ୍ରିମକୋର୍ଟଙ୍କୁ ଏଫ୍ଆଇଆର୍ ରୁଜୁ କରିବା ଲାଗି ତାଗିଦ କରିବାକୁ ପଡ଼ିଲା। କୌତୂହଳର ବିଷୟ ହେଉଛି, ଏହି ଶୁଣାଣିବେଳେ କେନ୍ଦ୍ର ସରକାରଙ୍କ ଓକିଲ ସଲିସିଟର ଜେନେରାଲ ତୁଷାର ମେହେଟା କହିଲେ ଯେ, ଏହି ଅଭିଯୋଗ ସମ୍ପର୍କରେ ପ୍ରଥମେ ତଦନ୍ତ କରାଯାଉ ଓ ପରବର୍ତ୍ତୀ ସମୟରେ ଏତଲା ଦାୟର କରାଯାଇପାରିବ। କେନ୍ଦ୍ର ସରକାରଙ୍କ ଓକିଲଙ୍କ କଥା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ତେବେ ଏଭଳି ନୂତନ ପ୍ରଥା ସୃଷ୍ଟି କରାଗଲେ ତାହା କେବଳ ଭାଜପାର ସାଂସଦଙ୍କ ପାଇଁ ଲାଗୁ କରି ସୀମିତ ରଖାଯିବା ଉଚିତ ନୁହେଁ। ଦେଶର ପ୍ରତ୍ୟେକ ନାଗରିକ, ଯାହାଙ୍କ ବିରୋଧରେ ଅଭିଯୋଗ ଆସିବ ତାଙ୍କର ଏଭଳି ପୋଲିସ ଅନୁସନ୍ଧାନ କରି ଏତଲା ଦାୟର କରିବାର ଆଇନ ଓ ବ୍ୟବସ୍ଥା କେନ୍ଦ୍ର ସରକାର ସୃଷ୍ଟି କରିବା ଦରକାର। କିନ୍ତୁ ସମସ୍ତେ ଜାଣନ୍ତି ଯେ, ତାହା କଦାପି ସମ୍ଭବପର ହେବ ନାହିଁ।

> କୁହାଯାଇପାରେ ଯେ, ସରକାର ଯେତେବେଳେ କୌଣସି ଅପରାଧୀଙ୍କୁ କିମ୍ବା କୌଣସି ଅନ୍ୟାୟକୁ ଘୋଡ଼ାଇବାକୁ ମସୁଧା କରିବେ ସେତେବେଳେ ନ୍ୟାୟ ଖୋଜିପାଇବା ଅସମ୍ଭବ ହୋଇପଡ଼େ।

ବ୍ରିଜ୍‌ଭୂଷଣ ବର୍ତ୍ତମାନ ଉତ୍ତରପ୍ରଦେଶର କୈଶରଗଞ୍ଜ ଲୋକ ସଭା ଆସନରୁ ଭାଜପାରୁ ପ୍ରତିନିଧିତ୍ୱ କରୁଛନ୍ତି। ତାଙ୍କ ରାଜନୈତିକ କ୍ୟାରିୟର ଦେଖିଲେ ଥରେ ସମାଜବାଦୀ ପାର୍ଟି ଓ ୫ ଥର ଭାରତୀୟ ଜନତା ପାର୍ଟି(ଭାଜପା)ରୁ ସେ ଏମ୍‌ପି ହୋଇଛନ୍ତି। ଅର୍ଥାତ୍ ଉତ୍ତରପ୍ରଦେଶରେ ତାଙ୍କର ରାଜନୈତିକ ପ୍ରଭାବ ରହିଥିବାରୁ ଭାଜପାର ଶୀର୍ଷ ନେତାମାନେ ତାଙ୍କୁ ଘୋଡ଼ାଉଛନ୍ତି। ପ୍ରଖ୍ୟାତ କୁସ୍ତିଯୋଦ୍ଧା ଭିନେଶ ଫୋଗଟ, ସାକ୍ଷୀ ମଲିକ୍, ବଜରଙ୍ଗ ପୁନିଆଙ୍କ ସମେତ ଆହୁରି ଅନ୍ୟାନ୍ୟ କ୍ରୀଡ଼ାବିତ୍ ବ୍ରିଜ୍‌ଭୂଷଣଙ୍କୁ ଗିରଫ କରିବା ଲାଗି ଦାବି କରୁଛନ୍ତି। ତେବେ ଅଭିଯୋଗକାରୀଙ୍କ ମଧ୍ୟରେ ନାବାଳିକା କୁସ୍ତିଯୋଦ୍ଧା ଥିବାରୁ ତାଙ୍କ ଅଭିଯୋଗ ଆଧାରରେ ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ସକାଶେ ଉଦ୍ଦିଷ୍ଟ ପ୍ରୋଟେକ୍‌ଶନ ଅଫ୍ ଚିଲ୍‌ଡ୍ରେନ୍ ଫ୍ରମ୍ ସେକ୍ସୁଆଲ ଅଫେନ୍‌ସେସ୍ (ପୋକ୍ସୋ) ଆଇନ ବଳରେ ପ୍ରଥମ ମାମଲା ରୁଜୁ ହୋଇଥିବା ବେଳେ ଶାଳୀନତା ଭଙ୍ଗ ଅଭିଯୋଗରେ ଦ୍ୱିତୀୟ ଏଫ୍ଆଇଆର୍ ହୋଇଛି। ପୋକ୍ସୋ ଆଇନରେ ମାମଲା ରୁଜୁ ହୋଇଥିବାରୁ ବ୍ରିଜ୍‌ଭୂଷଣ ଗିରଫ ହେଲେ ଜାମିନ ପାଇବେ ନାହିଁ। ସମ୍ଭବତଃ ସେଥିପାଇଁ ବ୍ରିଜ୍‌ଭୂଷଣ ଓ ତାଙ୍କୁ ସମର୍ଥନ ଦେଉଥିବା ବ୍ୟକ୍ତିମାନେ ଅଡୁଆରେ ପଡ଼ିଯାଇଛନ୍ତି।

ଇତିମଧ୍ୟରେ ବିରୋଧୀ ଦଳର ନେତାମାନେ କୁସ୍ତିଯୋଦ୍ଧାଙ୍କୁ ସମର୍ଥନ କରି ସେମାନଙ୍କ ସହ ଧାରଣାରେ ବସୁଥିବାର ଦେଖିବାକୁ ମିଳୁଛି। ରାଜନୈତିକ ହସ୍ତକ୍ଷେପ ହେଉଥିବାରୁ ସାଧାରଣରେ ତାହା ଏକ ଭିନ୍ନ ରଙ୍ଗ ନେଉଛି। ଏଥିସହିତ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ଗଠିତ ତଦନ୍ତକାରୀ କମିଟିରେ ଥିବା ପ୍ରତ୍ୟେକ ସଭ୍ୟା ଶାସକ ଦଳ ଦ୍ୱାରା ବଛା ହୋଇଥିବା କଥା ପ୍ରଘଟ ହେଲା ପରେ ଅନ୍ୟ କୁସ୍ତିବିତ୍‌ମାନେ ଆଗକୁ ଆସି ବୟାନ ଦେବାକୁ ଭୟ କରୁଛନ୍ତି। ଏହି ଦୁଇ କାରଣ ପାଇଁ ମାମଲା ଦୁର୍ବଳ ହୋଇଯାଉଛି। ଶେଷରେ ଏହା କୁହାଯାଇପାରେ ଯେ, ସରକାର ଯେତେବେଳେ କୌଣସି ଅପରାଧୀଙ୍କୁ କିମ୍ବା କୌଣସି ଅନ୍ୟାୟକୁ ଘୋଡ଼ାଇବାକୁ ମସୁଧା କରିବେ ସେତେବେଳେ ନ୍ୟାୟ ଖୋଜିପାଇବା ଅସମ୍ଭବ ହୋଇପଡ଼େ।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 3 | | | 9 | 4 |
| 4 | | 8 | 5 | | 6 | | 3 | |
| 6 | | | | | | | | 7 |
| 5 | | | | | | | | |
| 3 | | | | | | 9 | 2 | 5 |
| | | 6 | 8 | | | | | 1 |
| 1 | | | 9 | 4 | | 7 | | |
| 8 | 9 | | 6 | | 2 | | | |
| | | | | | | | | |

ଏହାର ଉତ୍ତର ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 2 | 8 | 1 | 6 | 3 | 4 | 5 |
| 4 | 1 | 6 | 7 | 5 | 3 | 9 | 2 | 8 |
| 3 | 5 | 8 | 4 | 2 | 9 | 7 | 6 | 1 |
| 1 | 4 | 5 | 9 | 8 | 2 | 6 | 3 | 7 |
| 2 | 8 | 3 | 1 | 6 | 7 | 5 | 9 | 4 |
| 9 | 6 | 7 | 5 | 3 | 4 | 8 | 1 | 2 |
| 6 | 3 | 4 | 2 | 7 | 5 | 1 | 8 | 9 |
| 8 | 7 | 9 | 6 | 4 | 1 | 2 | 5 | 3 |
| 5 | 2 | 1 | 3 | 9 | 8 | 4 | 7 | 6 |

ଗତକାଲିର ଉତ୍ତର

# ଓଡ଼ିଶାରେ ଶ୍ରମିକ ଆନ୍ଦୋଳନ



ଡ. ସମୀର କୁମାର ନନ୍ଦ

ବିଶ୍ୱରେ ସମସ୍ତ ଖଟିଖିଆ ଶ୍ରମିକଙ୍କୁ ଏକଜୁଟ ହୋଇ ଅଧିକାର ପାଇଁ ଲଢ଼ିବା ଲାଗି ସର୍ବପ୍ରଥମେ ଜର୍ମାନୀର ବିଶିଷ୍ଟ ଦାର୍ଶନିକ ମହାମନୀଷୀ କାର୍ଲମାର୍କ୍ସ (୧୮୧୮–୧୮୮୩) ଆହ୍ୱାନ କରିଥିଲେ। ଆଜି ଯଦି ଭାରତରେ ଶ୍ରମିକଗୋଷ୍ଠୀ ବଳଶାଳୀ ହୋଇପାରିଛନ୍ତି, ଯଦି ଭାରତର ଶିଳ୍ପ ସଂସ୍ଥାରେ ଶ୍ରମିକମାନେ ନିଜର ଅଧିକାର ଦାବିକରି ଆଜି ପାଇପାରୁଛନ୍ତି, ସେଥିପାଇଁ ଜଣେ ବ୍ୟକ୍ତିଙ୍କୁ ଶ୍ରେୟ ଦିଆଯାଇପାରେ, ସେ ହେଉଛନ୍ତି ବ୍ରହ୍ମପୁରର ଜନ୍ମିତ ବିଶିଷ୍ଟ ଶ୍ରମିକ କଲ୍ୟାଣ ନେତା ଭି.ଭି.ଗିରି। ଭାରତରେ ଶ୍ରମିକ ଆନ୍ଦୋଳନର ନେତୃତ୍ୱ ନେଇ ସେ ଦୁଇଥର ଏଆଇଟିୟୁସିର ସଭାପତି ହୋଇଥିଲେ। ୧୯୩୧–୩୨ ମସିହାରେ ସେ ଭାରତର ଶ୍ରମିକମାନଙ୍କ ପ୍ରତିନିଧିତ୍ୱ କରି ଲଣ୍ଡନର ୨ୟ ଗୋଲଟେବୁଲ ବୈଠକରେ ମଧ୍ୟ ଯୋଗ ଦେଇଥିଲେ।

ଦେଶରେ ୧୯୨୬ରେ ଶ୍ରମିକ ସଂଘ ଆଇନ ପ୍ରଣୀତ ହୋଇଥିଲା। ତେଣୁ ଏଥିପୂର୍ବରୁ ଓଡ଼ିଶାରେ କିମ୍ବା ଓଡ଼ିଶା ବାହାରେ ଓଡ଼ିଆ ଶ୍ରମିକ ଆନ୍ଦୋଳନ ସମ୍ପର୍କରେ ଠିକ୍ ରୂପେ ତଥ୍ୟ ମିଳିପାରିନାହିଁ। ତଥାପି ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ କଲିକତାରେ ହୋଇଥିବା ଓଡ଼ିଆ ପାଲିଙ୍କି ବାହକମାନଙ୍କର ଧର୍ମଘଟ ଭାରତର ଶ୍ରମିକ ଆନ୍ଦୋଳନର ଆଦ୍ୟପର୍ବ ସ୍ୱରୂପ ସଂଗଠିତ ଓଡ଼ିଆ ଶ୍ରମିକ ଗୋଷ୍ଠୀର ଗୋଷ୍ଠୀ ଭାବନାର ସ୍ମାରକୀ ବହନ କରିବା ଘଟଣାକୁ ଏଡାଇ ଦିଆଯାଇ ନ ପାରେ।

ଛତ୍ରପୁରର ଜଣେ ଅଣଓଡ଼ିଆ ବ୍ୟବସାୟୀ ୧୯୩୩ରେ ରମ୍ଭା ରେଲଷ୍ଟେଶନ ନିକଟରେ ଏକ ଚାଉଳ କଳ ସ୍ଥାପନ କରିଥିଲେ। ସେଠାରେ ଆଠ ଟଙ୍କାରୁ ବାର ଟଙ୍କା ମାସିକ ପାରିଶ୍ରମିକରେ ୧୮ ଜଣ ଶ୍ରମିକ ନିୟୋଜିତ ହୋଇଥିଲେ। ମାଲିକ ନିଜେ ଏହାର ପରିଚାଳନା କରୁଥିଲେ। ସୁଜନ ଭଟ୍ଟାଚାର୍ଯ୍ୟ ନାମକ କଲିକତାର କମ୍ୟୁନିଷ୍ଟ ଦଳର ଜଣେ କର୍ମୀ ୧୯୩୫ରେ ନିଜର ବନ୍ଧୁ ରମ୍ଭା ରେଲଷ୍ଟେଶନରେ କାର୍ଯ୍ୟରତ ତତ୍କାଳୀନ ଷ୍ଟେଶନ ମାଷ୍ଟରଙ୍କ ଘରକୁ ବୁଲିବାକୁ ଆସିଥିଲେ। ରେଲଷ୍ଟେଶନ ସମୀପରେ ଦିନରାତି ଅବିରାମ ଚାଲୁଥିବା ସେହି ଚାଉଳକଳ ଉପରେ ତାଙ୍କର ଦୃଷ୍ଟି ପଡ଼ିଲା। ଚାଉଳକଳରେ କାର୍ଯ୍ୟରତ ଶ୍ରମିକମାନଙ୍କ କାର୍ଯ୍ୟନିର୍ଘଣ୍ଟ, ମଜୁରିହାର, ସିଫ୍ଟ ବ୍ୟବସ୍ଥା, ଓଭରଟାଇମ ଭତ୍ତା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ଶ୍ରମିକମାନଙ୍କଠାରୁ ବୁଝିଲା ପରେ ମାଲିକ ନିକଟରେ ଦାବି ଉପସ୍ଥାପନ କରିବା ପାଇଁ ଶ୍ରମିକମାନଙ୍କୁ ପ୍ରବର୍ତ୍ତାଇଲେ। ଶ୍ରମିକମାନଙ୍କର ପ୍ରଥମଥର ପାଇଁ ଏପରି ଦାବି ଉପସ୍ଥାପନରେ ମାଲିକ କ୍ଷୁବ୍ଧ ହୋଇ ପ୍ରଥମେ ଚାଉଳକଳକୁ ବନ୍ଦ କରି ଚାଲିଗଲେ ସିନା କିନ୍ତୁ ପରେ ଶ୍ରମିକମାନଙ୍କ ଦାବିକୁ କିଛିମାତ୍ରାରେ ଗ୍ରହଣ କରି ମଜୁରି ବୃଦ୍ଧି କରିବା ସହିତ ଗୋଟିଏ ଗୋଟିଏ ଧୋତି ପ୍ରଦାନ କଲେ। ୧୯୩୫ ଜାନୁୟାରୀ ୧୪ ତାରିଖ ମକର ସଂକ୍ରାନ୍ତି ଦିନ ସୁଜନ ଭଟ୍ଟାଚାର୍ଯ୍ୟଙ୍କ ଉପସ୍ଥିତିରେ ମାଲିକ ଓ ଶ୍ରମିକମାନଙ୍କ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ହେଲା। ଶ୍ରମିକ ସଂଘ ଆଇନ ୧୯୨୬ ଅନୁସାରେ ସଂଗଠିତ ରମ୍ଭା ଚାଉଳକଳ ସୁଜନ ଭଟ୍ଟାଚାର୍ଯ୍ୟଙ୍କ ସଭାପତିତ୍ୱରେ ମାନ୍ଦ୍ରାଜ ପ୍ରେସିଡେନ୍ସିରେ ରେଜେଷ୍ଟ୍ରିଭୁକ୍ତ ହେଲା। ଏଇଠାରେ ହିଁ ଓଡ଼ିଶା ଶ୍ରମିକ ଆନ୍ଦୋଳନର ଅନ୍ତୁଡ଼ିଶାଳ ପ୍ରସ୍ତୁତ ହେଲା ଏବଂ ଓଡ଼ିଶାର ପ୍ରଥମ ଶ୍ରମିକ ସଙ୍ଗଠନ ଜନ୍ମଲାଭ କଲା।



୧୯୩୬ ମସିହା ଏପ୍ରିଲ ପହିଲା ଦିନ ସ୍ୱତନ୍ତ୍ର ଓଡ଼ିଶା ଗଠନ ହେଲା। ସ୍ୱର୍ଗତ ପ୍ୟାରୀଶଙ୍କର ରାୟ ୧୯୩୭ରେ ଅନୁଷ୍ଠିତ ପ୍ରାଦେଶିକ ସାଧାରଣ ନିର୍ବାଚନରେ କଂଗ୍ରେସ ନେତା ଭାବେ ଶ୍ରମିକ ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ। ସେ କଟକସ୍ଥିତ ସତ୍ୟବାଦୀ ପ୍ରେସ, କୋହିନୂର ପ୍ରେସ, ମିଶନ ପ୍ରେସ, ସାରସ୍ୱତ ପ୍ରେସ, ଅବଜରଭର ପ୍ରେସ, ନବଭାରତ ପ୍ରେସ ଏବଂ ମନମୋହନ ପ୍ରେସ ଶ୍ରମିକମାନଙ୍କୁ ନେଇ ୧୯୩୮ ମାର୍ଚ୍ଚ ପହିଲା ଦିନ କଟକ ପ୍ରେସ ଓ୍ୱାର୍କ୍ସ ୟୁନିୟନ ଗଠନ କଲେ। ଏହି ସଂଘଟି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରଥମ ଶ୍ରମିକ ସଂଗଠନ ରୂପେ ୧୯୨୬ର ଶ୍ରମିକ ସଂଘ ଆଇନ ଅନୁସାରେ ୧ ନମ୍ବରରେ ରେଜେଷ୍ଟ୍ରିଭୁକ୍ତ ହୋଇଥିଲା। ସେ ୧୯୩୮ ଜୁନ୍ ପହିଲା ଦିନ କଟକସ୍ଥିତ ବିଦ୍ୟୁତ୍ ଯୋଗାଣ ସଂସ୍ଥା ଅଧୀନସ୍ଥ ଶ୍ରମିକମାନଙ୍କୁ ନେଇ ତାଙ୍କର ଦ୍ୱିତୀୟ ଶ୍ରମିକ ସଂଗଠନ ସଂଗଠିତ କଲେ, ଯାହାକି ଡିସେମ୍ବର ୬ରେ ଶ୍ରମିକ ସଂଘ ଆଇନ ଅନୁସାରେ ରେଜେଷ୍ଟ୍ରିଭୁକ୍ତ ହୋଇଥିଲା।

ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଦୁର୍ଗାଶଙ୍କର ଗୁରୁ ସମ୍ବଲପୁର ଜିଲାର ବ୍ରଜରାଜନଗରଠାରେ ଅବସ୍ଥିତ ଓରିଏଣ୍ଟ କାଗଜ କଳର ଶ୍ରମିକମାନଙ୍କୁ ନେଇ ଓରିଏଣ୍ଟ ପେପର ମିଲ୍ ଓ୍ୱାର୍କର୍ସ ୟୁନିୟନ ନାମରେ ଏକ ସଂଘ ଗଠନ କରିଥିଲେ, ଯାହାକି ୧୯୪୧ ଜୁଲାଇ ୪ରେ ବିଧିବଦ୍ଧ ଭାବେ ରେଜେଷ୍ଟ୍ରିଭୁକ୍ତ ହୋଇଥିଲା। ସମ୍ବଲପୁର ଜିଲାରେ କୃପାସିନ୍ଧୁ ଖୁଣ୍ଟିଆ ଏବଂ ବଂଶୀଧର ଦାସ କମ୍ୟୁନିଷ୍ଟ ଦଳର ଟାଣୁଆ ନେତା ଭାବେ ଶ୍ରମିକ ସଂଗଠନ ଗଠନ କରିବାରେ ବିଶେଷ ଭୂମିକା ଗ୍ରହଣ କରିଥିଲେ।

କଂଗ୍ରେସ ଦଳରୁ ବିଶ୍ୱନାଥ ପଣ୍ଡିତ ୧୯୪୬ ମାର୍ଚ୍ଚରେ କଟକ ଯୋବ୍ରା କାରଖାନା, ଏପ୍ରିଲ ମାସରେ ଓଡ଼ିଶା ଇଞ୍ଜିନିୟରିଂ ସ୍କୁଲ, କଟକ ଏବଂ ମେ ମାସରେ କଟକ ମେହେନ୍ତର ସଂଘ ଗଠନ କରିଥିଲେ। ତାଙ୍କର ଘନିଷ୍ଠ ସହଯୋଗୀ ବାଙ୍କବିହାରୀ ଦାସ ପ୍ରଥମ ଥର ପାଇଁ ଘରୋଇ ଚାକରମାନଙ୍କର ଶ୍ରମିକ ସଙ୍ଗଠନ କରି ଏକ ଯୁଗାନ୍ତକାରୀ ଭୂମିକା ଗ୍ରହଣ କରିଥିଲେ। ଘରୋଇ ଚାକରମାନଙ୍କୁ ଶ୍ରମିକ ଭାବେ ଗ୍ରହଣ କରିବାକୁ ସିନା ଆଇନ ପ୍ରଥମେ କୁଣ୍ଠାବୋଧ କରୁଥିଲା, ମାତ୍ର ୧୯୯୧ରେ ରାମାନୁଜମ କମିଟିର ସୁପାରିସ କ୍ରମେ କେନ୍ଦ୍ର ସରକାର ଏହି ଘରୋଇ ଚାକରମାନଙ୍କୁ ଶ୍ରମିକ ରୂପେ ଗ୍ରହଣ କରିଛନ୍ତି।

ରାଧାନାଥ ରଥ ୧୯୪୬ ବେଳକୁ କଟକ, ପୁରୀ ଓ ଗଞ୍ଜାମ ଜିଲାରେ ଶ୍ରମିକ ସଙ୍ଗଠନମାନ ନିର୍ମାଣ କରିଥିଲେ। ସରକାରୀ ମୁଦ୍ରଣାଳୟର ଶ୍ରମିକ ଓ ପ୍ରାଥମିକ ଶିକ୍ଷକମାନଙ୍କର ଅପ୍ରତିଦ୍ୱନ୍ଦ୍ୱୀ ନେତା ଭାବେ ସେମାନଙ୍କର ନ୍ୟାଯ୍ୟ ଦାବି ହାସଲ ନିମନ୍ତେ ସଂଗ୍ରାମ କରିଥିଲେ। ବ୍ରହ୍ମପୁରର ଜଣେ ଲୁଗା ବ୍ୟବସାୟୀ ଭି. ନାରାୟଣ ରାଜୁଙ୍କ ଦ୍ୱାରା ପ୍ରତିଷ୍ଠିତ ଓଡ଼ିଶାର ପ୍ରଥମ ବ୍ୟବସାୟୀ ସଂଘ ୧୪।୧୨।୧୯୪୬ରେ ଶ୍ରମିକ ସଙ୍ଗଠନ ଆଇନ ଅନୁସାରେ ରେଜେଷ୍ଟ୍ରିଭୁକ୍ତ ହୋଇଥିଲା। ରାଧାନାଥ ରଥଙ୍କ ସହଯୋଗୀ ଭାବେ ଲୋକସେବକ ମଣ୍ଡଳର ସଭ୍ୟ ଶ୍ୟାମସୁନ୍ଦର ମିଶ୍ର ୧୯୪୬ରେ କଟକ ଓ ବ୍ରହ୍ମପୁରଠାରେ ସକ୍ରିୟ ଶ୍ରମିକ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ୧୯୪୬ ଜୁଲାଇ ୧୬ରେ ତାଙ୍କ ନେତୃତ୍ୱରେ ୩୦ଟି ଶ୍ରମିକ ସଙ୍ଗଠନକୁ ନେଇ ଓଡ଼ିଶାରେ ଏଆଇଟିୟୁସି ଗଠିତ ହୋଇଥିଲା। କେବଳ ଶ୍ରମିକମାନଙ୍କ ଦ୍ୱାରା ଗଠିତ ୮ଟି ଶ୍ରମିକ ସଙ୍ଗଠନ, ସମାଜସେବୀ ଦ୍ୱାରା ଗଠିତ ୩ଟି ଶ୍ରମିକ ସଙ୍ଗଠନ ଓ କଂଗ୍ରେସ ନେତାମାନଙ୍କ ଦ୍ୱାରା ସଙ୍ଗଠିତ ୮ଟି ସଙ୍ଗଠନକୁ ନେଇ ୧୯୪୭ରେ ମୋଟ ୧୯ଟି ଶ୍ରମିକ ସଙ୍ଗଠନକୁ ୧୯୨୬ ଆଇନ ଅନୁସାରେ ପଞ୍ଜୀକୃତ କରାଯାଇଥିଲା। ୧୯୫୧ରେ ୯୧ଟି ଶ୍ରମିକ ସଙ୍ଗଠନ ଥିବାବେଳେ ୧୯୫୩ ମସିହା ସୁଦ୍ଧା ଏହି ସଂଖ୍ୟା ୫୯କୁ ଖସି ଆସିଥିଲା। ୧୯୬୭ ସୁଦ୍ଧା ଓଡ଼ିଶାରେ ୬୯,୭୫୨ ଶ୍ରମିକଙ୍କୁ ନିଯୁକ୍ତି ଦେଇ ୯୧୨ଟି କଳକାରଖାନା ଓ ୧୮୯ଟି ଶ୍ରମିକ ସଙ୍ଗଠନ ପଞ୍ଜୀକୃତ ହୋଇଥିବାର ଜଣାପଡ଼େ।

୧୯୩୯ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରଥମ ଶ୍ରମିକ ସଙ୍ଗଠନ କଟକର ପ୍ରେସ୍ ଓ୍ୱାର୍କର୍ସ ୟୁନିୟନ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଅଖିଳ ଭାରତୀୟ ଟ୍ରେଡ ୟୁନିୟନ କଂଗ୍ରେସ ସହିତ ସର୍ବପ୍ରଥମେ ସଂଶ୍ଳିଷ୍ଟ ହୋଇଥିଲା। ୧୯୮୭ ସୁଦ୍ଧା ଓଡ଼ିଶାର ସମୁଦାୟ ୮୯୨ ଶ୍ରମିକ ସଙ୍ଗଠନ ମଧ୍ୟରୁ ୨୪୧ଟି ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ହୋଇଥିବା ଅବସରରେ ସମୁଦାୟ ୫,୮୦,୦୬୯ ଶ୍ରମିକ ସଙ୍ଗଠନଭୁକ୍ତ ସଭ୍ୟଙ୍କ ମଧ୍ୟରୁ ମାତ୍ର ୪,୨୧,୯୪୨ ସଭ୍ୟ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଅନ୍ତର୍ଭୁକ୍ତ। ୧୯୮୮ରୁ ୨୦୦୦ ମସିହା ମଧ୍ୟରେ ଓଡ଼ିଶାରେ ୧୫,୩୫,୩୪୭ ଜଣ ଶ୍ରମିକ ସଭ୍ୟଙ୍କୁ ନେଇ ୧୮୮୪ଟି ଶ୍ରମିକ ସଙ୍ଗଠନ ପଞ୍ଜୀକୃତ ହୋଇସାରିଥିଲା ବେଳେ ୨୦୧୭ ମସିହା ସୁଦ୍ଧା ୬୧,୭୧,୯୨୫ ଜଣ ସଭ୍ୟଙ୍କୁ ନେଇ ୬୫୦ଟି କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ସମେତ ୨୭୫୪ ଶ୍ରମିକ ସଙ୍ଗଠନ ପଞ୍ଜୀକୃତ ହୋଇଥିଲା। ଓଡ଼ିଶାରେ ଶ୍ରମିକ ଆନ୍ଦୋଳନର ଇତିହାସକୁ ତର୍ଜମା କଲେ ଜଣାପଡ଼େ ଯେ, ବିଗତ ଆଠ ଦଶନ୍ଧି ମଧ୍ୟରେ ରାଜ୍ୟରେ ଅନେକ ଶ୍ରମିକ ସଂଘ ସଙ୍ଗଠିତ ହୋଇଛି ଓ ଦାବି ପୂରଣ ପାଇଁ ବହୁବାର ଆନ୍ଦୋଳନ ମଧ୍ୟ କରାଯାଇଛି। କିନ୍ତୁ ଏହାଦ୍ୱାରା ଶ୍ରମିକମାନେ ପ୍ରକୃତରେ କେତେ ଉପକୃତ ହୋଇଛନ୍ତି ତାହା ବିଚାରସାପେକ୍ଷ।

କଚେରି ସାହି, ଦେବଗଡ଼
ମୋ– ୯୪୩୭୨୧୮୯୧୭

# ରାଷ୍ଟ୍ର ଉତ୍ଥାନର ମନ୍ତ୍ର



ଉପେନ୍ଦ୍ର ବିଶ୍ୱାଳ

ଅନେକ ସମୟରେ ଆନ୍ଦୋଳିତ ହୋଇଉଠେ ମନ। ପ୍ରଶ୍ନ ଆସେ ମନରେ। କ୍ଷୁଦ୍ରାତି–କ୍ଷୁଦ୍ର ପିମ୍ପୁଡ଼ି ପରି ଦେଶ ହସ୍ତୀସମ ବିଶାଳ ଆମ ଭାରତ ଅପେକ୍ଷା କିପରି ଏତେ ଅଗ୍ରଣୀ। ବୈଭବରେ ଭରା ଥିବା ଭୂଖଣ୍ଡ, ଯିଏକି ସମୃଦ୍ଧିର ଶୀର୍ଷସ୍ଥାନ ମଣ୍ଡନ କରିବା କଥା, କାହିଁକି ଏମାନଙ୍କ ପଛରେ। କ'ଣ ବା ନାହିଁ ମୋ ମାଟିର ମୁଲକରେ। ଭୂଗୋଳ, ଭୂ–ସମ୍ପଦଠାରୁ ବିଚାର ବିଭବ ପର୍ଯ୍ୟନ୍ତ ସବୁଥିରେ ତ ଏ ମାଟି ବେଶ୍ ସମୃଦ୍ଧ। ବିଧାତାଙ୍କ ସୃଷ୍ଟ ଏପରି ଭାଗ୍ୟବାନ୍ ଭୂଖଣ୍ଡ ଏ ଦୁନିଆରେ ଆଉ କେଉଁଠି ଅଛି? ଆମର ଅସଫଳତା ଓ ତାଙ୍କ ସଫଳତାର କାରଣ କ'ଣ? ମରୁଭୂମିର ଅତି କ୍ଷୁଦ୍ର ଦେଶଟିଏ ଇସ୍ରାଏଲ। ଏଇମାତ୍ର କେଇ ବର୍ଷ ତଳେ ସୃଷ୍ଟ ଦେଶଟି ଆର୍ଥିକ, ସାମରିକ, ସାମାଜିକ ଦୃଷ୍ଟିରୁ ସବୁଥିରେ ଖୁବ୍ ସମୃଦ୍ଧ। ଜନସଂଖ୍ୟା ଓ ଆୟତନ ଦୃଷ୍ଟିରୁ ତ ଓଡ଼ିଶାର ୫/୬ଟି ଜିଲାର ସମାହାର। ଅଦ୍ୟାବଧି ୧୨ରୁ ଊର୍ଦ୍ଧ୍ୱ ନୋବେଲ ପୁରସ୍କାର ପାଇ ସେ ମାଟି ମହିମାନ୍ୱିତ। ଶକ୍ତି–ସାମର୍ଥ୍ୟ–ସମୃଦ୍ଧି ସବୁଥିର ମୂଳ ରହସ୍ୟ ହେଉଛି ଗଭୀର ଦେଶପ୍ରେମ ବା ରାଷ୍ଟ୍ରବୋଧ। ମାର୍ଟିନ୍ ଲୁଥରଙ୍କ ପରି ବିଶ୍ୱର ବହୁ ମାନ୍ୟଗଣ୍ୟ ମନୀଷୀମାନଙ୍କର ସେହି ଗୋଟିଏ ମତ 'କୌଣସି ଦେଶର ସାମର୍ଥ୍ୟ ବା ସମୃଦ୍ଧି, ପରାକ୍ରମ ବା ପରାକାଷ୍ଠା ନିର୍ଭର କରେ ନା ସେ ଦେଶର ଭୂଗୋଳ, ଭୂସମ୍ପଦ ବା ଭରା ବୈଭବ ଉପରେ। ବରଂ ନିର୍ଭର କରେ ସେ ଦେଶର ଜନ ମାନସିକତା ଉପରେ। ନିର୍ଭରକରେ ମାଟିର ମଣିଷମାନଙ୍କର ମନୋବଳ, ମାଟିମନସ୍କ ଭାବ ଉପରେ।

କୌଣସି ଜାତିର ଉତ୍କର୍ଷତା ଭୂଇଁ ଫୁଟାଇ ଆପେ ଆପେ ଉପରକୁ ଉଠି ନଥାଏ, ଅବା ସମୃଦ୍ଧି ଖସି ନଥାଏ ସ୍ୱର୍ଗରୁ। ମାଟିର ମଣିଷ ହିଁ ମାଟିକୁ ଗଢ଼େ, ଆଗକୁ ବଢ଼େ। ଇତିହାସରୁ ଅଦ୍ୟାବଧି ଦେଖିବାକୁ ମିଳେ, ଯେଉଁ ଦେଶର ଜନତା ଯେତିକି ଜାତି ଓ ମାଟିପ୍ରେମୀ, ସେ ଦେଶ ସେତିକି ଉଚ୍ଚକୁ ଉନ୍ନୀତ। ମାଟିକୁ ଭଲପାଇବା, ମାଟିର ମୌଳିକତାରେ ଅବଗାହନ କରିବା, ମାଟିର ପ୍ରକୃତି ଓ ସଂସ୍କୃତିକୁ ସାଦରେ ସ୍ୱୀକାର କରିବା, ମାଟି–ମାଆ ପ୍ରତି ସମର୍ପିତ ହେବା– ଏହାହିଁ ତ ରାଷ୍ଟ୍ର ଉତ୍ଥାନର ଉତ୍କୃଷ୍ଟ ଉତ୍ସ। 'ଜିଇବୁ ତ ଜାତି ପାଇଁ, ମରିବୁ ତ ମାଟି ପାଇଁ'– ଏହି ଭାବଧାରା ହିଁ ତ ରାଷ୍ଟ୍ରବୋଧ। ରାଷ୍ଟ୍ରର ଗୌରବଗୀତି। ଯେଉଁଠି, ଯେତେବେଳେ ଏହି ରାଷ୍ଟ୍ରବୋଧର ଅଭାବ ବା ଅବକ୍ଷୟ ଦେଖାଦେଇଛି ସେଇଠି, ସେତେବେଳେ ଆସି ଉପନୀତ ହୋଇଛି ବିପର୍ଯ୍ୟୟ ବା ବିଫଳତା। କାଲିର ଶହ ଶହ ବର୍ଷର ବିପର୍ଯ୍ୟୟ ଭାରତଠାରୁ ଆଜିର ଅସଫଳ ଭାରତ ପର୍ଯ୍ୟନ୍ତ ଆଖି ଆଗକୁ ଆସେ ସେହି ଅସଲ କାରଣ 'ରାଷ୍ଟ୍ରବୋଧର ଅଭାବ'। ଯେଉଁଥିପାଇଁ କି ଏ ଦେଶ ଭୋଗିଛି ଅନେକ ଶୋଷଣ ଓ କଷଣା ଭୋଗିଛି ନାହିଁ ନଥିବା ହୀନସ୍ତା। ରାଷ୍ଟ୍ରବୋଧର ମଡ଼କ ହେଲେ ରାଷ୍ଟ୍ରର ଅସ୍ମିତାର ଏହିପରି ଅବକ୍ଷୟ ହୁଏ। ଅସ୍ତିତ୍ୱ ବା ଅଖଣ୍ଡତା ପ୍ରତି ବିପଦ ଦେଖାଦିଏ। ସମାଜ ସଙ୍କଟଗ୍ରସ୍ତ ହୁଏ। ରାଷ୍ଟ୍ରର ଭାଗ୍ୟାକାଶରେ ଦୁର୍ଦ୍ଦିନ ଦେଖାଦିଏ। ରାଷ୍ଟ୍ରବୋଧର ଅଭାବ ହେଲେ ରାଷ୍ଟ୍ରର ଚେତନା ଶୋଇ ରହେ ଗାଢ଼ ନିଦ୍ରାରେ। ଆତ୍ମପ୍ରତ୍ୟୟ ଭୁଲିଯାଏ ଜାତି, ଠିକ୍ ଓଟପକ୍ଷୀ ପରି। ପ୍ରଚଣ୍ଡ ସାମର୍ଥ୍ୟ ଓ ଶକ୍ତିଶାଳୀ ଥିବା ଓଟପକ୍ଷୀଟି ଶିକାର ହୁଏ ଇତର ପ୍ରାଣୀଙ୍କ ଦ୍ୱାରା। ଚିତାବାଘ ପରି ଅତି କ୍ଷିପ୍ର ଗତିରେ ଦୌଡ଼ି ପାରୁଥିବା, ଗୋଟିଏ ଗୋଟିଏ ଗୋଇଠାରେ ବାଘ–ସିଂହ ପରି ଜନ୍ତୁକୁ ଛତୁ କରିଦେବାର ସାମର୍ଥ୍ୟ ରଖିଥିବା ଓଟପକ୍ଷୀଟି ସାମାନ୍ୟ ମରୁଝଡ଼ରେ ମୃତ୍ୟୁର ଆଶଙ୍କା କରି ଆତ୍ମରକ୍ଷା ଆଳରେ ଯେବେ ବାଲି ଭିତରେ ଦୀର୍ଘ ସମୟ ମୁଣ୍ଡ ଗୁଞ୍ଜି ମୃତସମ ପଡ଼ିରହେ, ସେତେବେଳେ ବିଲୁଆ–କୁକୁରମାନେ ତାକୁ ଝୁମ୍ପି, ଖଣ୍ଡିଆଖାବରା କରି ପକାନ୍ତି; ଯେଉଁମାନେ କି ତା'ର ଗୋଟିଏ ଗୋଟିଏ ଗୋଇଠାକୁ ବି ସମକକ୍ଷ ନୁହନ୍ତି।



ସ୍ୱାମୀ ବିବେକାନନ୍ଦଙ୍କ ଅନୁଯାୟୀ 'ମନ୍ଦିରର ଦିଅଁପୂଜା ଅପେକ୍ଷା ରାଷ୍ଟ୍ରମାତାଙ୍କ ପୂଜନ ସହସ୍ର ଗୁଣେ ଶ୍ରେୟସ୍କର।' ରାଷ୍ଟ୍ରମାତା ପୂଜନ ହିଁ ପ୍ରଗତିର ପାଠ୍ୟଖସଡ଼ା, ସର୍ଜନାର ସୂତ୍ର। ମାଟି ମାଆର ମଙ୍ଗଳାଚରଣ। ସ୍ୱପ୍ନ ଓ ସମ୍ଭାବନାର ସଂଘୋଷ। ରାଷ୍ଟ୍ରବୋଧ ହେଉଛି ଜାଗୃତିର ଜପ। ଆଶିଷର ଆବାହନ। ଆଶ୍ୱାସନାର ଆସ୍ତରଣ। ଜାତି ନିର୍ମାଣର ନିର୍ମାଲ୍ୟ। ମାଆର ମହତ୍ ରକ୍ଷାର ମହାଦୀକ୍ଷା। ରାଷ୍ଟ୍ରବୋଧର ଜାଗରଣ ହିଁ ରାଷ୍ଟ୍ରକୁ ବିବିଧ ସଙ୍କଟରୁ ଉଦ୍ଧାର କରିପାରେ। ନାନାଦି ସମସ୍ୟାରୁ ସମାଜ ମୁକୁଳିଥାଏ। ମାଟିର ମଣିଷକୁ ମହାନତା ଆଡ଼େ ଟାଣିନିଏ। ମହତପଣିଆ ଉଜ୍ଜୀବିତ ହୁଏ। ମାଟିପ୍ରେମୀଟିଏ ମାଆର ମୂଲ ପାଇଁ ମନପ୍ରାଣ ଢାଳି ଦିଏ। ମାଟିର ଟେକ ଭେକ ରଖିବାକୁ ପଣ କରେ, ପ୍ରାଣାନ୍ତକ ପ୍ରୟାସ କରେ। ଏହି ରାଷ୍ଟ୍ରବୋଧ ହିଁ ପଢ଼ାଇଥାଏ ପ୍ରଶାନ୍ତିର ପୂଜାପାଠ। ପ୍ରଗତିର ମନ୍ତ୍ର। ବତାଇଥାଏ ବଢ଼ିବାର ବାଟ। ବଢ଼ାଇଥାଏ ଅସ୍ମିତା ପାଇଁ ଅଙ୍ଗୀକାରବଦ୍ଧତା। ଚେତନାର ଜାଗରଣ ସହିତ ସନ୍ତାନମାନଙ୍କ ମଧ୍ୟେ ବଢ଼ାଇଥାଏ ସେବା–ସମର୍ପଣ–ସାମାଜିକ ସମରସତାର ଭାବ। ହଟାଇଥାଏ ଜାତି ବିଦ୍ୱେଷ, ପର ଆପଣାର ଭେଦଭାବ। ଚାତୁରୀ ନୁହଁ, ଚେତନାର ଜାଗରଣ କରେ ରାଷ୍ଟ୍ରବୋଧ। ରାଷ୍ଟ୍ରବୋଧ ଭଲ ବାଟ ଦେଖାଏ। ଭଲ ମଣିଷ ହେବାକୁ ଆମକୁ ପ୍ରରୋଚିତ କରେ। ରାଷ୍ଟ୍ରପ୍ରେମୀ ମଣିଷମାନେ ସ୍ୱଭାବତଃ ମାତୃଭକ୍ତ ହୋଇଥାଆନ୍ତି। ମାତୃଭକ୍ତ ମଣିଷମାନେ ସାଧାରଣତଃ ଶୁଦ୍ଧ ଓ ସଂସ୍କାରଯୁକ୍ତ। ଯିଏ ଯେତେ ମାତୃସର୍ବସ୍ୱ, ସିଏ ସେତେ ସାଧୁ ଓ ସଜ୍ଜନ। ଶିବାଜୀ, ନେତାଜୀ, ବାପୁଜୀଙ୍କଠାରୁ ଆରମ୍ଭ କରି ଶ୍ରୀଅରବିନ୍ଦ, ସର୍ଦ୍ଦାର ପଟେଲଙ୍କ ପର୍ଯ୍ୟନ୍ତ ଏମାନେ ହେଉଛନ୍ତି ଜଣେ ଜଣେ ଜାଜ୍ୱଲ୍ୟମାନ ଦୃଷ୍ଟାନ୍ତ। ମାତୃଭକ୍ତିର ଗଭୀରତାରୁ ହିଁ ବ୍ୟକ୍ତିର ଭଲ ମଣିଷପଣିଆ ଜଣାଯାଏ। ଏହିପରି ସର୍ବୋତ୍କୃଷ୍ଟ ଜୀବନ ହେଉଛି ରାଷ୍ଟ୍ରମାତାଙ୍କ ଚରଣରେ ନିଜକୁ ସମର୍ପଣ କରିବା। ଏଣୁ ରାଷ୍ଟ୍ର ମନ୍ଦିରର ଆମେ କୋଟି ପୂଜାରୀଦଳ, ସୁପ୍ତ ଚେତନତା ଜାଗ୍ରତ କରିବା ମାତୃମନ୍ତ୍ରରେ ଦୀକ୍ଷିତ ହୋଇ। ଭାରତର ସର୍ବାଙ୍ଗୀନ ବିକାଶ ସହିତ ଉତ୍କର୍ଷତା, ଗୌରବ ଓ ଗରିମା ବୃଦ୍ଧିରେ ବ୍ରତୀ ହେବା। ରାଷ୍ଟ୍ରମାତାଙ୍କ ପ୍ରତିଟି ପୀଡ଼ାକୁ ମର୍ମେ ମର୍ମେ ଅନୁଭବ କରି ତାହାର ଉପଶମ ପାଇଁ ନିଜର ପ୍ରତିଟିଶ୍ୱାସକୁସମର୍ପିତ କରିବା। ଅତଏବ ମାତୃପୂଜାରେ ଅର୍ପିତ ହେଉ ତନୁମନ। ରାଷ୍ଟ୍ରସେବାର ଯଜ୍ଞଜ୍ୱାଳାରେ ଆମ ସତ୍ତା ହେଉ ଲୀନ। କୋଟି କଣ୍ଠେ ଝରୁ ଜନନୀର ଜୟଗାନ। ପ୍ରତିଟି ପ୍ରାଣରୁ ଫୁଟି ଉଠୁ ଏହି ରାଷ୍ଟ୍ରବୋଧ।

ଗୋଡ଼ିଶୂଳ, ସଜନାଗଡ଼, ବାଲେଶ୍ୱର
ମୋ: ୯୪୩୭୪୩୬୦୭୩

## ଏଇ ଭାରତରେ

ଦସ୍ୟୁ ରତ୍ନାକର ବାଲ୍ମୀକି ହେବା ଭଳି ନାଗାଲାଣ୍ଡର ରୁଭୁତୋ ବେଲ୍‌ହୋ ଶିକାର ଛାଡ଼ି ପ୍ରାଣୀ ସଂରକ୍ଷକ ପାଲଟିଯାଇଛନ୍ତି। ପିଲାଟି ଦିନରୁ ଶିକାର ସହ ଅଭ୍ୟସ୍ତ ରହି ବହୁ ଜୀବଙ୍କୁ ହତ୍ୟା କରିଥିବା ବେଲ୍‌ହୋ ପ୍ରାଣୀ ଉଦ୍ଧାର କାର୍ଯ୍ୟରେ ଲିପ୍ତ ରହିଛନ୍ତି। ଏବେ ସୁଦ୍ଧା ସେ ୬୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପ୍ରାଣୀ ଉଦ୍ଧାର କରି ନିଜ ଘରେ ଆଶ୍ରୟ ଦେଇଛନ୍ତି। ସେଥିରେ କେବଳ ୩୦ ପ୍ରଜାତିର ପକ୍ଷୀ ଅଛନ୍ତି। କୋହିମାର ଏକ ସବୁଜ ଭୂମିରେ ଥିବା ତାଙ୍କ ଘରକୁ ଏବେ କୁହାଯାଉଛି ମିନି ଜୁ ବା ଛୋଟ ଚିଡ଼ିଆଖାନା। ବେଲ୍‌ହୋ ସରକାରୀ ଚାକିରି କରିଥିଲେ। ଅବସର ପରେ ସେ ପକ୍ଷୀଙ୍କ ସେବାରେ ଲାଗିଛନ୍ତି। ଏବେ ସଞ୍ଚିତ ଅର୍ଥ ଓ ଦାନରେ ତାଙ୍କ ଚିଡ଼ିଆଖାନା ଚଳାଉଛନ୍ତି। ପ୍ରାଣୀଗୁଡ଼ିକର ଖାଦ୍ୟ, ଚିକିତ୍ସା ସବୁକିଛି ନିଜେ ବହନ କରୁଛନ୍ତି। ପ୍ରାଣୀମାନଙ୍କ ଦେଖାରଖାରେ ପରିବାର ସହଯୋଗ କରୁଛନ୍ତି। ଆଖପାଖର ଲୋକେ ବି ଏହି ଜୀବଗୁଡ଼ିକୁ ଦେଖିବାକୁ ଆସୁଛନ୍ତି। ବୟସ୍କମାନଙ୍କ ପାଇଁ ୨୦ ଟଙ୍କା ଦେୟ ରଖାଯାଇଥିବାବେଳେ ପିଲାମାନେ ମାଗଣାରେ ଦେଖୁଛନ୍ତି। ଏଥିରୁ ଯାହା ଆୟ ହେଉଛି ତାହାକୁ ସେ ଜୀବମାନଙ୍କ ରକ୍ଷଣାବେକ୍ଷଣରେ ଖର୍ଚ୍ଚ କରୁଛନ୍ତି। ଖର୍ଚ୍ଚ ବଢ଼ିବାରୁ ଏବେ ସେ ଜୀବଗୁଡ଼ିକୁ କୌଣସି ପଞ୍ଜୀକୃତ ଚିଡ଼ିଆଖାନାକୁ ଦେବା ଲାଗି ଚାହୁଁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧ ମେ ୧୯୯୮

- ଆଫଗାନିସ୍ତାନରେ ଲାଗି ରହିଥିବା ରକ୍ତାକ୍ତ ଗୃହଯୁଦ୍ଧର ଅବସାନ ପାଇଁ ତାଲିବାନ ଓ ବିରୋଧୀ ଉତ୍ତରାଞ୍ଚଳ ମେଣ୍ଟର ଦୁଇ ଯୁଦ୍ଧରତ ଗୋଷ୍ଠୀ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ।
- ବିହାରର ଖାଗରିଆ ଜିଲା ଅନ୍ତର୍ଗତ ବାଗମତୀ ନଦୀର ବରଓ୍ୱାଘାଟ ନିକଟରେ ଏକ ଦେଶୀ ନୌକା ଦୁର୍ଘଟଣାଗ୍ରସ୍ତ ହୋଇ ବୁଡ଼ିଯିବା ଫଳରେ ୫୫ ମୃତ।
- ଆନ୍ତର୍ଜାତିକ ହକିରୁ ଭାରତୀୟ ହକି ଦଳର ପୁରୁଖା ଗୋଲ୍‌ରକ୍ଷକ ଏ.ବି. ସୁବାୟାଙ୍କ ଅବସର ଗ୍ରହଣ।

## ପାଠକ ଶ୍ରେଷ୍ଠ ବିଚାରକ

### ବାଉଁଶ, ନଳିତା ଓ ଆଖୁଚାଷକୁ ଗୁରୁତ୍ୱ ଦିଆଯାଉ

ମହାଶୟ,

ରାଜ୍ୟରେ ଦିନକୁ ଦିନ କୃଷିକାର୍ଯ୍ୟ ପ୍ରତି ବିଶେଷ ଧ୍ୟାନ ଧାରଣାର ଅବହେଳା ଦେଖାଦେଲାଣି। ଦିନ ଥିଲା ଏଇ ନିକଟ ଅତୀତରେ ପ୍ରଥମ ସ୍ଲୋଗାନ ଥିଲା ସ୍ଥାୟିତ୍ୱ, ନିଷ୍ଠା ଓ ଅସୀମ ସାହସର ସହ କୃଷକମାନେ ସୁଚାରୁରୂପେ କୃଷିକାର୍ଯ୍ୟ ସମାପନ କରୁଥିଲେ। ଜୟ ଯବାନ ଜୟ କିଷାନ ଧ୍ୱନିରେ ପ୍ରକମ୍ପିତ ଭାରତ ଉଲ୍ଲସିତ ଓ କୃଷି କାର୍ଯ୍ୟରେ ପଲ୍ଲବିତ ହୋଇପଡୁଥିଲା। ବିଡ଼ମ୍ବନାର ବିଷୟ ଆଜି ବହୁ ଦରକାରୀ କୃଷି ଉତ୍ପାଦନ, ଫସଲ ଲୋପ ପାଇବାକୁ ବସିଲାଣି। ଏହା ବ୍ୟକ୍ତିବିଶେଷ ଯନ୍ତ୍ରଣା ସହିତ ଜାତୀୟ ମାନହାନି କାରକ ଦୃଷ୍ଟି ଗୋଚର ହେଲାଣି। ସୂଚନାଯୋଗ୍ୟ ଆମକୁ କୃଷକ ବନ୍ଧୁମାନେ (କାଟିପିନ୍ଧ, କୁଟିଖାଅ) ଅଙ୍ଗୀକାର ନୀତି ନିଷ୍ଠାକୁ ପାଶୋରି ଦେଲେଣି। ଏହାଦ୍ୱାରା ଜାତୀୟ କ୍ଷତି ସହିତ ଅନ୍ୟର ହାତ ଟେକାକୁ ଅନେଇବାକୁ ପଡ଼ିବ। ରାଜ୍ୟ ସରକାର ଓ କୃଷିମନ୍ତ୍ରୀ ଏଥିପ୍ରତି ବିଶେଷ ଦୃଷ୍ଟିଦେଲେ ଜାତୀୟ ସମ୍ମାନ ବୃଦ୍ଧି ପାଇବା ନିଶ୍ଚିତ।

**– ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା**

## ଚିରନ୍ତନୀ

ଉଷର ମୃତ୍ତିକା କର୍ଷି କଲ ସ୍ୱର୍ଣ୍ଣ–
ଉତ୍ପାଦନକ୍ଷମ
ଭବିଷ୍ୟର ଆଗନ୍ତୁକ ପାଇଁ ତାହା
କରିଲ ସୁଗମ।
(ପ୍ରାଚୀନ ଓ ନବୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁଗୁ
ପରିବାରବର୍ଗ


ଶ୍ରଦ୍ଧା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# 'ମନ୍ କୀ ବାତ୍' ଅନେକ ବଣମଲ୍ଲୀଙ୍କୁ ସମାଜରେ ପରିଚିତ କରାଇଛି: ଧର୍ମେନ୍ଦ୍ର



ଭୁବନେଶ୍ୱର, ୩୦।୪(ବ୍ୟୁରୋ)

ମନ୍ କୀ ବାତ୍ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମଗ୍ର ଭାରତବର୍ଷର ଲୋକଙ୍କ ଅଭିବ୍ୟକ୍ତିଙ୍କୁ ଲୋକଲୋଚନକୁ ଆଣୁଛନ୍ତି। ବିଶେଷ ଭାବେ ମନ୍ କୀ ବାତ୍ ବଣମଲ୍ଲୀମାନଙ୍କୁ ଲୋକଲୋଚନକୁ ଆଣିବାର ମାଧ୍ୟମ ହୋଇଛି ବୋଲି ରବିବାର ବାଙ୍ଗାଲୋର ଭାଜପା କାର୍ଯ୍ୟାଳୟରେ କାର୍ଯ୍ୟକ୍ରମର ୧୦୦ତମ ଅଧ୍ୟାୟ ଶୁଣିବା ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ସେ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅନେକ ବଣମଲ୍ଲୀଙ୍କୁ ସମାଜରେ ପରିଚିତ କରାଯାଇଛି। ସେହିପରି ଓଡ଼ିଶାର ଯୁବତୀ, ଯୁବକ ଓ ଅନେକ ଲୋକଙ୍କ କଥା କାହାଣୀକୁ ମଧ୍ୟ ମନ କି ବାତରେ ପ୍ରତିଫଳିତ ହୋଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ।ଏହି ଐତିହାସିକ ଅଧ୍ୟାୟ ସାଧାରଣ ଲୋକଙ୍କ ପ୍ରେରଣାଦାୟୀ କାହାଣୀକୁ ଉତ୍ସବ ଭାବେ ପାଳନ କରିବାର ଅନ୍ୟତମ ଅବସର। ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମ ଜାତୀୟ ଜାଗରଣକୁ ନୂଆ ଦିଶା ଦେବା ସହ ସାମାଜିକ କଲ୍ୟାଣ ପାଇଁ ସମସ୍ତଙ୍କୁ ମିଳିତ କାର୍ଯ୍ୟ କରିବା ପାଇଁ ପ୍ରେରିତ କରୁଛି। ଏହି ସ୍ୱତନ୍ତ୍ର ପ୍ଲାଟଫର୍ମ ସାଧାରଣ ନାଗରିକଙ୍କ ମଧ୍ୟରେ ଥିବା ଅସାଧାରଣ କୃତିତ୍ୱକୁ ଚିହ୍ନଟ କରୁଛି। ସମାଜରେ ସକାରାତ୍ମକ ସଚେତନତା ସୃଷ୍ଟି କରିବା ସହ ଦେଶବାସୀଙ୍କୁ ଏକାଠି କରିଛି। ପ୍ରଧାନମନ୍ତ୍ରୀ ଓଡ଼ିଶାର ସମାଜସେବୀ ପଦ୍ମଶ୍ରୀ ଡି. ପ୍ରକାଶ ରାଓଙ୍କ ସ୍ମୃତିଚାରଣ କରି ତାଙ୍କୁ ଠିକ୍ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ସ୍ୱର୍ଗତ ରାଓ ଚା' ବିକି ନିଜର କଷ୍ଟ ଅର୍ଜିତ ଅର୍ଥରେ ଗରିବ ପିଲାଙ୍କୁ ପାଠ ପଢାଉଥିଲେ। ତାଙ୍କର ସେବା ମନୋଭାବ ସମାଜକୁ ସବୁଦିନ ପାଇଁ ଅନୁପ୍ରାଣିତ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।


ଓଁ ଶ୍ରୀଶ୍ରୀ ସତ୍ୟନାରାୟଣାୟ ନମଃ
ସ୍ୱନକ୍ଷତ୍ର ଉତ୍ସବ



ରିୟା ରିତ୍ରିକା (ଶ୍ରଦ୍ଧା)
ବୈଦ୍ୟେଶ୍ୱର, ମହାବିଦ୍ୟାଳୟ ପାଖ
ତୋର ଚଲାପଥ କୁସୁମିତ ହେଉ, ଏହା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଅମାବାସ୍ୟାର ଅନ୍ଧକାର ନୁହେଁ ପୂର୍ଣ୍ଣିମାର ଔଜଲ୍ୟତା ରହୁ ।
ଶୁଭେଚ୍ଛା ସହ: ପିତା: ମନୋଜ କୁମାର ସାହୁ, ମାତା: ରିତାଞ୍ଜଳି ସାହୁ, ଜୟକୃଷ୍ଣ, ବିଜୟ, ମାନସ ଓ ବନ୍ଧୁ, ପରିବାରବର୍ଗ
ଧ-୦୨୨୧

ଜନ୍ମଦିନ ଶୁଭେଚ୍ଛା



ସାଇସମ୍ପୂର୍ଣ୍ଣା (ଗୁଗୁ)
ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ସଦାସର୍ବଦା ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ: ସୋନି, ମୁନି, ମିକି, ସୁଇଟି, ଜାନିଆ, ଲଭ୍ଲି, ବାପିନ, ଲକି, ଲଲ, ଗେଲୁ, ପିଣ୍ଟୁ, ପରି, ଓ ବରୁନ୍
ଧ-୦୨୩୪




ଆଇଡବ୍ଲ୍ୟୁଏଫ୍ ମୁଖ୍ୟ ତଥା ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଗିରଫଦାରି ଦାବିରେ ନୂଆଦିଲ୍ଲୀର ଯନ୍ତରମନ୍ତରରେ ବିକ୍ଷୋଭରତ କୁସ୍ତିଯୋଦ୍ଧାଙ୍କ ସହ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସ୍ୱାମୀ ରବର୍ଟ ଭଦ୍ରା।

# ଗୋଇନ୍ଦା ଚିଠିକୁ ନେଇ ଜୋର୍ ଧରିଲା ରାଜନୀତି

## ସମ୍ବଲପୁର ହିଂସା ଘଟଣା

- ଆଇଆଇସିଙ୍କ ରିପୋର୍ଟକୁ କାର୍ଯ୍ୟକାରୀ କରିବାର ସାହସ ଦେଖାନ୍ତୁ: ଭାଜପା
- ସରକାର ତାଙ୍କ ଦାୟିତ୍ୱ ଠିକ୍ ଭାବେ ତୁଲାଇ ପାରୁନାହାନ୍ତି: କଂଗ୍ରେସ
- ଷଡ଼ଯନ୍ତ୍ରକାରୀଙ୍କୁ ରାଜ୍ୟବାସୀ ଉଚିତ ଜବାବ ଦେବେ: ବିଜେଡି
- ଆଜି ଆସିବେ ଭାଜପାର ୪ ଜଣିଆ କମିଟି

ଭୁବନେଶ୍ୱର, ୩୦।୪(ବ୍ୟୁରୋ)

ହନୁମାନ ଜୟନ୍ତୀରେ ହିଂସା ଉପୁଜିପାରେ ବୋଲି ଗୋଇନ୍ଦା ବିଭାଗ ପୂର୍ବରୁ ରିପୋର୍ଟ ଦେଇଥିବା ଜଣାପଡ଼ିବା ପରେ ଏବେ ରାଜ୍ୟ ରାଜନୀତି ଜୋର୍ ଧରିଛି। ହନୁମାନ ଜୟନ୍ତୀରେ ସମ୍ବଲପୁରରେ ବ୍ୟାପକ ହିଂସାକାଣ୍ଡ ଘଟିଥିଲା। ତେବେ ଏହାର ଦିନକ ପୂର୍ବରୁ ଅର୍ଥାତ୍ ଗତ ୧୧ ତାରିଖ ଦିନ ଗୋଇନ୍ଦା ବିଭାଗ(ସ୍ପେଶାଲ ବ୍ରାଞ୍ଚ) ଏସ୍‌ପି ସମ୍ବଲପୁରର ଏସ୍‌ପିଙ୍କୁ ଚିଠି ଲେଖି ଏନେଇ ସତର୍କ କରାଇଥିଲେ। ବାଇକ୍ ଶୋଭାଯାତ୍ରା ଯେଉଁ ରାସ୍ତା ଦେଇ ଯିବ ଉକ୍ତ ରାସ୍ତାରେ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକଙ୍କ ସଂଖ୍ୟା ବହୁତ ଅଧିକ ଅଛି। ତେଣୁ ବାଇକ୍ ଶୋଭାଯାତ୍ରା ସମୟରେ ସ୍ଲୋଗାନ ଦେବାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହିତ ଦୁଇ ସମ୍ପ୍ରଦାୟ ମଧ୍ୟରେ ବିଦ୍ୱେଷ ସୃଷ୍ଟି ହେବାର ଆଶଙ୍କା ରହିଛି। ଏହି ଚିଠିର ନକଲ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଏଡିଜି ଆଇନଶୃଙ୍ଖଳା, ଉତ୍ତରାଞ୍ଚଳ ଆଇଜିଙ୍କ ସହିତ ପୋଲିସ ବିଭାଗର ଅନ୍ୟ କେତେଜଣ ବରିଷ୍ଠ ଅଧିକାରୀଙ୍କ ପାଖକୁ ମଧ୍ୟ ପଠାଯାଇଥିଲା। ହେଲେ ଏହାପରେ ମଧ୍ୟ ହିଂସାକାଣ୍ଡ ଦେଖାଦେଲା। ଏଥିଲାଗି ଜିଲା ପୋଲିସ୍ କି ରାଜ୍ୟ ସରକାର ଦାୟୀ ତାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ଏଭଳି ସ୍ଥିତିରେ ଭାଜପାର ୪ ଜଣିଆ ଟିମ୍ ସୋମବାର ଓଡ଼ିଶା ଗସ୍ତରେ ଆସି ସମ୍ବଲପୁର ହିଂସା ଘଟଣାର ରିପୋର୍ଟ ପ୍ରସ୍ତୁତ କରି ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ପ୍ରଦାନ କରିବେ। ହେଲେ ହିଂସାକୁ ନେଇ ଭାଜପା, କଂଗ୍ରେସ ସିଧାସଳଖ ବିଜେଡିକୁ ଟାର୍ଗେଟ କରିଥିବା ବେଳେ ଶାସକ ଦଳ ପାଲଟା ଜବାବ ରଖିଛି।

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କଠାରୁ ଆରମ୍ଭକରି ତଳ ପର୍ଯ୍ୟନ୍ତ ସମସ୍ତେ ରିପୋର୍ଟ ଯଦି ଦେଇଥିଲେ ତାକୁ କାର୍ଯ୍ୟକାରୀ କାହିଁକି କରାଗଲା ନାହିଁ। ଏଥିରେ ଅସୁବିଧା କ'ଣ ଥିଲା। କେନ୍ଦ୍ର ସରକାର କ'ଣ ମନା କରିଥିଲେ ସାହାଯ୍ୟ କରିବାକୁ। ତମର ଯଦି ଫୋର୍ସ ନ ଥିଲେ ତେବେ କେନ୍ଦ୍ରକୁ କାହିଁକି ସିଆର୍‌ପିଏଫ ଫୋର୍ସ ମାଗିଲ ନାହିଁ। ଯଦି ଉପଯୁକ୍ତ ବ୍ୟବସ୍ଥା କରିଥାଆନ୍ତେ ତେବେ ଏଭଳି ଅଭାବନୀୟ ଅବସ୍ଥା ହୋଇ ନ ଥାଆନ୍ତା। ଆଇଆଇସି ତାଙ୍କ ରିପୋର୍ଟରେ ଯାହା ଲେଖିଛନ୍ତି ଏବଂ ଏସ୍‌ପି ଯାହା ସ୍ୱୀକାର କରିଛନ୍ତି ସରକାର ତାକୁ କାର୍ଯ୍ୟକାରୀ କରିବାର ସତସାହସ ଦେଖାନ୍ତୁ ବୋଲି ସେ କହିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ଗୋଇନ୍ଦା ରିପୋର୍ଟ ଦେବା ସତ୍ତ୍ୱେ ସରକାର କାହିଁକି ତାହାକୁ ଗୁରୁତର ସହକାରେ ନେଲେ ନାହିଁ। ଯେଉଁ ଲୋକମାନେ ସେଥିଲାଗି ଦାୟୀ ସେମାନଙ୍କ ଉପରେ ସରକାର କି କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ତାକୁ ଦେଖାଯାଉଛି। ମୁଖ୍ୟମନ୍ତ୍ରୀ ଗୃହ ବିଭାଗ ଦାୟିତ୍ୱରେ ଅଛନ୍ତି, ତେଣୁ ତାଙ୍କ ଦାୟିତ୍ୱ ଏସବୁ ଠିକ୍ ଭାବେ ଚଲାଇବା କଥା। ସେ ତାଙ୍କ ଦାୟିତ୍ୱ ଠିକ୍ ଭାବେ ତୁଲାଇ ପାରୁନାହାନ୍ତି ବୋଲି ଶରତ କହିଛନ୍ତି।

ବିଜେଡି ବିଧାୟକ ଶଶିଭୂଷଣ ବେହେରା କହିଛନ୍ତି, ୨୪ ବର୍ଷର ଶାସନରେ ଅନ୍ୟ ରାଜ୍ୟଗୁଡ଼ିକ ସହ ତୁଳନା କଲେ ଓଡ଼ିଶାରେ ସାମ୍ପ୍ରଦାୟିକ ହିଂସା ବହୁତ କମ୍। ତେଣୁ ସେହି ଅନୁସାରେ ତାକୁ ଭଙ୍ଗ କରିବାକୁ ଯଦି କିଏ ଚେଷ୍ଟା କରେ ତେବେ ଲୋକମାନେ ତା'ର ଜବାବ ଦେବେ। ଯଦି ରାଜ୍ୟରେ ଶାନ୍ତି ଏବଂ ଶୃଙ୍ଖଳା ଠିକ୍ ନ ଥାଆନ୍ତା ତେବେ ବିଦେଶରୁ ନିବେଶକ ଆସି ଏଠାରେ କୋଟି କୋଟି ଟଙ୍କାର ନିବେଶ କରିବା ଲାଗି ମନ ବଳାଉ ନ ଥାଆନ୍ତେ। ଯଦି କୌଣସି ଶକ୍ତି ରାଜ୍ୟରେ ଶାନ୍ତି ଭଙ୍ଗ କରି ନିବେଶକମାନଙ୍କୁ ଆସିବାରେ ହଇରାଣ କରନ୍ତି ତେବେ ଷଡ଼ଯନ୍ତ୍ରକାରୀଙ୍କୁ ରାଜ୍ୟବାସୀ ଉଚିତ ଜବାବ ଦେବେ ବୋଲି ବେହେରା କହିଛନ୍ତି।


# Classified Everyday
0674-2580101, 2549949


REAL ESTATE

SALE

Apartment sale near Sum Hospital Bhubaneswar. @ 4200/sqft.- Contact- 9777433701. D-74853

Gharabari Plot near CDA Bypass NH 55 Chowk, Mouza Kuspangi@399 & Baula@699/sqft. 9178727577, 7855816205. D-0235

ଅନୁଗୁଳ, ଛେଣ୍ଡିପଦା ଅଞ୍ଚଳରେ ପଚ୍ଚାଥାଇ ବାସଉପଯୋଗୀ ପ୍ଲଟ କିଣିବା ପାଇଁ ଯୋଗାଯୋଗ କରନ୍ତୁ। 9437621753. D-75102

ଭୁବନେଶ୍ୱର କଳିଙ୍ଗନଗରରେ ଘର ଉପଯୋଗୀ ପ୍ଲଟ୍ 30' ରାସ୍ତାଥାଇ କିଣନ୍ତୁ ଓ BDA Housing Projectକୁ ଲାଗି sqft. 650/-. 9348767829, 7978850450.- D-74855

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା- 300/-. 6371569855. D-74849

ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ଫ୍ଲାଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ । ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ । ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600. D-74851

ବରମୁଣ୍ଡାରୁ ୧୫କି.ମି. ଦୂରରେ 30' ଫୁଟ ରୋଡ୍‌ଥାଇ ୧୦ଟି ପ୍ଲଟ୍ ବିକ୍ରିହେବ- 9938016295. D-74854

1BHK flat for sale near Sundarpada, Bhubaneswar at minimum price- 9776088188. D-74856


CONSTRUCTION

Construct your dream home with competitive rate and for sharing projects. Contact Besco Developers, Bhubaneswar, 7735330028, 9778855101. D-0082



Newly open health benefits SPA special offer @ 799, Jaydev Vihar. 8018429809. D-75103

Relax, Refresh your body, Mind at Saikrupa Spa with best therapies. 8984068077. D-0145

All types of professional body massage by professional therapy. 9556924059/ 7077933109. D-0202

SPA head to foot body point only massages best Therapist Gents & Lady Senior Citizen @799/- Bhubaneswar- 9337672475. D-0171

Newly open SPA positively health benefit with expert. Contact: 7751083098. D-74537


BUSINESS

House Colouring & Packers Movers for service at Bhubaneswar. 9777097322. D-0224

ଭୁବନେଶ୍ୱରରେ ଘରରଙ୍ଗ ଏବଂ ଘର Shifting Service ପାଇଁ ଯୋଗାଯୋଗ କରନ୍ତୁ। 9777097322. D-0225

AFFIDAVIT

By virtue of an affidavit sworn before Notary Public, Bhubaneswar, I Rekha Kanojia, R/o. C/84, Palashpalli, Airportarea, Bhubaneswar, Odisha-20 have change my name from Rekha Kanojia to Rekha Prem Kumar Kanojia from today onwards. Henceforth I shall be known as Rekha Prem Kumar Kanojia for all purposes. D-75104

Raghunath Pradhan, S/o- Danei Pradhan resident of Vill- Gopalpur, Nachhipur Patna, P.o.- Baliguali, P.S.- Penthakota marine, Dist.- Puri- 752002, Odisha. That in said Passport my wife spelling name has been mentioned as LIZARAN PRADHAN in stead of her correct spelling name as LIJARANI PRADHAN forever for all future purposes as per affidavit No.- 12 dated 29.04.2023. D-73539

LOST

ମୁଁ ଓମେଶ୍ୱର ପ୍ରଧାନ, ପି- ଗଙ୍ଗାଧର ପ୍ରଧାନ, ନି- ଟିହିକିପାଲି, ପୋ- ଗୋଣ୍ଡତୁରୁମ୍, ଥା- ଭେଡ଼େନ୍, ଜି- ବରଗଡ଼ ନିମ୍ନ ପ୍ରଦତ୍ତ ଜମିର ମାଲିକ ଏବଂ ଦଖଲଦାର ଅଛି। ଏହି ଜମିକୁ ମୁଁ ଏହାର ପୂର୍ବ ମାଲିକଙ୍କ ଠାରୁ ରେ.ଦଲିଲ ନ.ଂ- 10211500621 ତା।୧୧।୦୮।୨୦୧୫ରେ କିଣିଥିଲି। ଉକ୍ତ ମୂଳ ଦଲିଲ୍‌ଟି କୌଣସି ଜାଗାରେ ମୋ ଦ୍ୱାରା ହଜି ଯାଇଅଛି, ଯାହାକି ଆମକୁ ଆଉ ମିଳୁନାହିଁ। ଉକ୍ତ ଦଲିଲ୍‌କୁ ଜମା ଦେଇ ଅଥବା ବନ୍ଧକ ଦେଇ ମୁଁ କିମ୍ବା ଅନ୍ୟ କେହି କୌଣସି ବ୍ୟାଙ୍କ, କୋପ୍ରେଟିଭ୍ ବ୍ୟାଙ୍କ, କୌଣସି ବ୍ୟବସାୟିକ ସଂସ୍ଥା କିମ୍ବା ବ୍ୟକ୍ତିଙ୍କ ଠାରୁ ଋଣ ନେଇନାହୁଁ କିମ୍ବା ବିକ୍ରି କରିବା ପାଇଁ ମଧ୍ୟ କୌଣସି ବୁଝାମଣା କରିନାହୁଁ। କୌଣସି ବ୍ୟକ୍ତି ଯଦି ପାଆନ୍ତି ତେବେ ମୋବାଇଲ୍ 9937120158ରେ ଜଣାଇବାକୁ ଅନୁରୋଧ। ଧ-୦୨୩୬

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

ଏକାଦଶ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



⁄ ଡଃ ପଦ୍ମିନୀ ମିଶ୍ର
ଆବିର୍ଭାବ - ୦୧.୦୨.୧୯୪୫
ତିରୋଧାନ - ୦୨.୦୫.୨୦୧୨
ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୪୫୩୯

ଏକାଦଶାହ ଉପଲକ୍ଷେ



⁄ବଂଶୀଧର ମହାନ୍ତି
ବିଜିପୁର, ବାଲୁକେଶ୍ୱର ନଗର, ତମାଣ୍ଡୋ, ଭୁବନେଶ୍ୱର
ଆବିର୍ଭାବ-୧୦।୦୮।୧୯୩୯
ତିରୋଧାନ- ୨୧।୦୪।୨୦୨୩
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟପରାୟଣତା ତଥା ଶୃଙ୍ଖଳିତ ଜୀବନଶୈଳୀ ଆମର ନିତ୍ୟ ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ ।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



⁄ସଖି ସାହୁ
ସ୍ୱାମୀ: ଶତ୍ରୁଘ୍ନ ସାହୁ
ବାଲିଅନ୍ତା, ଅଣ୍ଡିଲୋ, ଭୁବନେଶ୍ୱର
ଆବିର୍ଭାବ: ୧୨।୦୫।୧୯୪୪
ତିରୋଧାନ: ୧୧।୦୫।୨୦୨୨
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଆମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ପୁତ୍ର: ⁄ମାଗୁଣୀ, ପତିତପାବନ, ଦୀପକ, ଝିଅ: ମମତା, ନାତି: ମିଟୁ, ବର୍ଣ୍ଣି, ବାସୁଦେବ, ବାବୁ, ନାତୁଣୀ: ସିପା, ସୀମା, ମାମା ଓ ସୁଇଟି, ବନ୍ଧୁ ଓ ପରିବାରବର୍ଗ ।
ଧ-୭୧୨୧୯

ଦଶାହ ଉପଲକ୍ଷେ



ସ୍ୱର୍ଗତ ନିରଞ୍ଜନ ମିଶ୍ର
ସରଖିଆ, ଢେଙ୍କାନାଳ
ଆବିର୍ଭାବ -୩୦।୦୧।୧୯୩୭
ତିରୋଧାନ- ୨୨।୦୪।୨୦୨୩
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ଭଗବାନଙ୍କ ନିକଟରେ ପ୍ରାର୍ଥନା।
ପୁତ୍ର- ଧିରେନ, ଅଶୋକ, ଅଜିତ, ପୁତ୍ରବଧୂ- ମମତା, ଅଞ୍ଜଳି, ଝିଅ-କଳ୍ପନା, ନାତି- ବିଶ୍ୱଜିତ, ଆଲୋକ, ନାତୁଣୀ- ମାନା, ପୁତୁଲି, ତୁତୁଲି, ପୁପୁଲି, ଗୁଗୁଲି, ନାତୁଣି ଜ୍ୱାଇଁ- ବର୍ଣ୍ଣି, ଚିନ୍ଟୁ, ରିଙ୍କୁ, ରୋହନ, ଅଣନାତୁଣୀ- ସଖୀ, ଦ୍ରିଷ୍ଟି, ସହଧର୍ମିଣୀ- ପ୍ରେମଲତା ଓ ଶୋକାକୁଳ ସମସ୍ତ ଆପଣାର।
ଧ-୭୪୦୬୦

ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



⁄ଅଜୟ କୁମାର ପଣ୍ଡା
ଆବିର୍ଭାବ : ୨୫.୦୫.୧୯୬୪
ତିରୋଧାନ : ୨୦.୦୪.୨୦୨୩
ତୁମ ଅବର୍ତ୍ତମାନରେ ଆମେମାନେ ଗଭୀର ମର୍ମାହତ । ତୁମ ସ୍ମୃତି ଓ ଆଦର୍ଶ ସବୁବେଳେ ଆମପାଇଁ ପ୍ରେରଣା ହୋଇରହିବ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୁମର ଅମର ଆତ୍ମା ସଦ୍‌ଗତି ପ୍ରାପ୍ତ ହେଉ ଏହାହିଁ କାମନା ।
ଶୋକସନ୍ତପ୍ତ
ପତ୍ନୀ-ସୌଦାମିନୀ, ପୁତ୍ରୀ-ଅର୍ପିତା ଓ ଅଙ୍କିତା ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୭୪୫୪୦

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## କଳାହାଣ୍ଡି କପ୍

# ଢେଙ୍କାନାଳ ୧୨୨ ରନରେ ବିଜୟୀ

ଭୁବନେଶ୍ୱର, ୩୦।୪ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କଳାହାଣ୍ଡି କପ୍ କ୍ରିକେଟର ରବିବାର ଅନୁଷ୍ଠିତ କ୍ୱାଲିଫାୟର ମ୍ୟାଚରେ ଢେଙ୍କାନାଳ ୧୨୨ ରନରେ ଗଞ୍ଜାମକୁ ପରାସ୍ତ କରିଛି। ଏମ୍‌ଜିଏମ୍ ଏସ୍‌ଓଏସ୍ ଗ୍ରାଉଣ୍ଡରେ ଆୟୋଜିତ ଏହି ଦିନିକିଆ ମ୍ୟାଚରେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଢେଙ୍କାନାଳ ୪୭.୪ ଓଭରରେ ୨୨୦ ରନକରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ କାହ୍ନା ଭୁତିଆ ଓ ସୁନୀଲ କୁମାର ସାହୁ ୫୦ ରନ ଲେଖାଏ ଏବଂ ବିକାଶ ରାଉତ ୩୩ ରନ ସ୍କୋର କରିଥିଲେ। ବିପକ୍ଷ ଦଳର ଜନ୍ମେଜୟ ନାୟକ ୪ଟି ଓ ଲକ୍ଷ୍ମୀ ନାରାୟଣ ପାଲ୍ ୩ଟି ଉଇକେଟ ନେଇଥିଲେ। ୨୨୧ ରନ ବିଜୟ ଲକ୍ଷ୍ୟରେ ଗଞ୍ଜାମ ୨୦.୪ ଓଭରରେ ମାତ୍ର ୯୮ ରନ୍‌କରି ଅଲ୍‌ଆଉଟ ହୋଇ ଯାଇଥିଲା। ବିଜୟୀ ଦଳର ବିକାଶ ରାଉତ ୩ଟି ଓ ସୌମେନ୍ଦ୍ର ଦାସ ୨ଟି ଉଇକେଟ ନେଇଥିଲେ।

# ସାତ୍ତ୍ୱିକ-ଚିରାଗ ନୂଆ ଏସିଆ ଚାମ୍ପିୟନ

## ଏସିଆ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍

ଦୁବାଇ, ୩୦।୪ (ପି.ଟି.)

ଦୀର୍ଘ ୫୮ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟିଛି। ଦୀନେଶ ଖାନ୍ନାଙ୍କ ପରେ ଷ୍ଟାର ଡବଲ୍ସ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ପ୍ରଥମ ଭାରତୀୟ ଯୋଡ଼ି ଭାବେ ଏଠାରେ ଚାଲିଥିବା ଏସିଆ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ଚାମ୍ପିୟନ ହୋଇଛନ୍ତି। ଟାଇଟଲ ମୁକାବିଲାରେ ୨୦୨୨ ବିଶ୍ୱ ଚାମ୍ପିୟଶିପ୍ ବ୍ରୋଞ୍ଜ ପଦକ ବିଜେତା ଓପନିଂ ଗେମ୍‌ରେ ପରାସ୍ତ ହେବାପରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ମାଲେସିଆର ଅଙ୍ଗ ୟେଉ ସିନ୍ ଓ ତେଓ ଏ ୟିଙ୍କ ବିପକ୍ଷରେ ୧୬-୨୧, ୨୧-୧୭, ୨୧-୧୯ରେ ବିଜୟ ଲାଭ କରିଥିଲେ। ପୂର୍ବରୁ ଖାନ୍ନା ଏକ ମାତ୍ର ଭାରତୀୟ ଭାବେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ୧୯୬୫ରେ ଲକ୍ଷ୍ନୌଠାରେ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ସେ ଥାଇଲାଣ୍ଡର ସାନ୍‌ଗବ୍ ରାଟାନୁସୋର୍ନଙ୍କୁ ପରାସ୍ତ କରି ଏହି ସଫଳତା ହାସଲ କରିଥିଲେ। ଏସିଆ ଚାମ୍ପିୟନଶିପ୍‌ରେ ପୂର୍ବରୁ ଡବଲ୍ସରେ ଭାରତର ଶ୍ରେଷ୍ଠ ପ୍ରଦର୍ଶନ ୧୯୭୧ରେ ଦେଖିବାକୁ ମିଳିଥିଲା। ସେତେବେଳେ ଦୀପୁ ଘୋଷ ଓ ରମଣ ଘୋଷ ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ବାସେଲ୍‌ରେ ସୁଇସ୍ ଓପନ ସୁପର ୩୦୦ ଟାଇଟଲ ଜିତିଥିବା ସାତ୍ତ୍ୱିକ ଓ ଚିରାଗଙ୍କର ସିଜନରେ ଏହା ହେଉଛି ଦ୍ୱିତୀୟ ଟାଇଟଲ। ଏସିଆ ଚାମ୍ପିୟନଶିପ୍ ଟାଇଟଲ ବ୍ୟତୀତ ଏହି ଭାରତୀୟ ଯୋଡ଼ି ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଜିତିଥିବା ବେଳେ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍‌ରେ ୫କ୍ୟାରିୟର ଟାଇଟଲ ହାସଲ କରିଛନ୍ତି। ୨୨ବର୍ଷୀୟ ସାତ୍ତ୍ୱିକଙ୍କ ଘର ଅମଲାପୁରମରେ ହୋଇଥିବା ବେଳେ ୨୫ ବର୍ଷୀୟ ଚିରାଗଙ୍କ ଜନ୍ମ ମୁମ୍ବାଇରେ। ରବିବାରର ଏହି ଫାଇନାଲ ପୂର୍ବରୁ ଭାରତ ୧୯୬୨ଠାରୁ ଏହି କଣ୍ଟିନେଣ୍ଟାଲ ଚାମ୍ପିୟନଶିପ୍‌ରେ ବିଭିନ୍ନ କାଟେଗୋରିରେ ଗୋଟିଏ ସ୍ୱର୍ଣ୍ଣ ଓ ୧୭ ବ୍ରୋଞ୍ଜ ପଦକ ଜିତିଥିଲା।



ପଦକ ସହ ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି।



କିର୍ଗିଜ ରିପବ୍ଲିକ୍‌ର ବିଶ୍‌କେକ୍‌ଠାରେ ଅନୁଷ୍ଠିତ ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାୟର୍ସରେ ଚମତ୍କାର ପ୍ରଦର୍ଶନ କରି ରାଉଣ୍ଡ-୨କୁ ଉନ୍ନୀତ ହୋଇଥିବା ଭାରତୀୟ ଜୁନିୟର ମହିଳା ଦଳର ସହକାରୀ କୋଚ୍ ଦାୟିତ୍ୱ ସଫଳତାର ସହ ନିର୍ବାହ କରି ରବିବାର ଅହମଦାବାଦ ଯିବା ଅବସରରେ ଆଇପିଏଲ୍ ଟିମ୍ ଦିଲ୍ଲୀ କ୍ୟାପିଟାଲ୍ସର ନିର୍ଦ୍ଦେଶକ ତଥା ପୂର୍ବତନ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲିଙ୍କ ସହ ଓଡ଼ିଶାର ଶ୍ରଦ୍ଧାଞ୍ଜଳି ସାମନ୍ତରାୟ।

# ଉନ୍ନତ ପ୍ରଦର୍ଶନ ଲକ୍ଷ୍ୟରେ ଭାରତୀୟ ବକ୍ସର

## ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍

ତାସକେଣ୍ଟ, ୩୦।୪(ପି.ଟି.)

ପୁରୁଷ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍ ଏଠାରେ ସୋମବାରଠାରୁ ଆରମ୍ଭ ହେଉଛି। ଏଥିରେ ଉନ୍ନତ ପ୍ରଦର୍ଶନ କରିବା ଲକ୍ଷ୍ୟରେ ଭାରତୀୟ ବକ୍ସର ରହିଛନ୍ତି। ଗତ ସଂସ୍କରଣରେ ସେମାନେ ଗୋଟିଏ ବ୍ରୋଞ୍ଜ ପଦକ ଜିତିଥିଲେ। ଏହି ଚାମ୍ପିୟନଶିପ୍‌ରେ ଅଲିମ୍ପିକ ଯୋଗ୍ୟତା ବ୍ୟବସ୍ଥା ନାହିଁ। ହେଲେ ଆଗକୁ ସେପ୍ଟେମ୍ବରରେ ହେବାକୁଥିବା ଏସିଆନ ଗେମ୍ସ ପାଇଁ ପ୍ରସ୍ତୁତି କ୍ଷେତ୍ରରେ ଏହା ବିଶେଷ ସହାୟକ ହେବ। ଏସିଆନ ଗେମ୍ସ ପ୍ୟାରିସ ଅଲିମ୍ପିକ୍ସ ପାଇଁ ହେଉଛି ଏକ ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟ। ପୁରୁଷ ପାଇଁ ସଂଶୋଧିତ ୱେଟ୍ ଡିଭିଜନରେ ସଂଶୋଧନ କରାଯାଇଛି। ଏହା ୧୩ରୁ ୭କୁ ହ୍ରାସ କରାଯାଇଛି। ସେଗୁଡ଼ିକ ହେଲା ଯଥା ୫୧କେଜି, ୫୭କେଜି, ୬୩ କେଜି, ୭୧ କେଜି, ୮୦କେଜି, ୯୨ କେଜି ଏବଂ +୯୨କେଜି। ଭାରତ ବିଶେଷ କରି ଅମିତ ପଙ୍ଘାଲଙ୍କ ଅନୁପସ୍ଥିତିରେ ୬ଥର ଏସିଆନ ଚାମ୍ପିୟନଶିପ୍ ପଦକ ବିଜେତା ଶିବ ଥାପା (୬୩.୫କେଜି)ଙ୍କଠାରୁ ପଦକ ଆଶା କରୁଛି। ପଙ୍ଘାଲ ୨୦୧୯ରେ ଦେଶ ପାଇଁ ପ୍ରଥମ ରୌପ୍ୟ ପଦକ ଆଣିଥିଲେ। ଗତ ସଂସ୍କରଣରେ ଏକମାତ୍ର ପଦକ ଆକାଶ କୁମାର ଜିତିଥିଲେ। ଶିବ ଏହି ମର୍ଯ୍ୟାଦାପୂର୍ଣ୍ଣ ଇଭେଣ୍ଟରେ ସଫଳତାର ସ୍ୱାଦ ଚାଖିଛନ୍ତି। ସେ ୨୦୧୫ରେ ଏକ ବ୍ରୋଞ୍ଜ ଜିତିଥିଲେ। ଏଥର ସେ ରୌପ୍ୟ କିମ୍ବା ସ୍ୱର୍ଣ୍ଣ ଜିତିବା ଆଶା ରଖିଛନ୍ତି। ଶିବଙ୍କ ବ୍ୟତୀତ ଭାରତୀୟ ଦଳରେ ମହମ୍ମଦ ହୁସାମୁଦ୍ଦିନ (୫୭କେଜି) ଓ ଆଶିଷ ଚୌଧାରୀ (୮୦କେଜି)ଙ୍କ ଭଳି ଅଭିଜ୍ଞ ବକ୍ସର ସ୍ଥାନ ପାଇଛନ୍ତି। ହୁସାମୁଦ୍ଦିନ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଦୁଇଥର ପଦକ ଜିତିଛନ୍ତି। ଆଶିଷ ହେଉଛନ୍ତି ଜଣେ ପୂର୍ବତନ ଏସିଆନ ଚାମ୍ପିୟନଶିପ୍ ରୌପ୍ୟ ବିଜେତା। ସେ ଆହୁରି ମଧ୍ୟ ଟୋକିଓ ଅଲିମ୍ପିକ୍ସରେ ଦେଶରୁ ପ୍ରତିନିଧିତ୍ୱ କରିଥିଲେ। ଭାରତୀୟ ଦଳରେ କେତେଜଣ ଯୁବ ବକ୍ସର ମଧ୍ୟ ରହିଛନ୍ତି। ସେମାନଙ୍କ ମଧ୍ୟରେ ୨୦୨୧ ୱାର୍ଲ୍ଡ ଯୁଥ୍ ଚାମ୍ପିୟନ ସଚିନ ସିୱାଚ୍ (୫୪କେଜି) ଓ ହର୍ଷ ଚୌଧାରୀ (୮୬କେଜି) ଅଛନ୍ତି। ଉଭୟ ବକ୍ସର ପ୍ରଥମ ଥର ବିଶ୍ୱ ଚାମ୍ପିୟନଶିପ୍‌ରେ ଭାଗ ନେବେ।

# ବାପି ହାଁସଦାଙ୍କୁ ରୌପ୍ୟ ପଦକ

## ଏସିଆନ ଯୁଥ୍ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍

ଭୁବନେଶ୍ୱର, ୩୦।୪ (କ୍ରୀଡ଼ା ପ୍ରତିନିଧି)

ଉଜ୍‌ବେକିସ୍ତାନରଉଜ୍‌ବେକିସ୍ତାନର ତାସ୍‌କେଣ୍ଟଠାରେ ଚାଲିଥିବା ୫ମ ଏସିଆନ ଯୁଥ୍ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ବାପି ହାଁସଦା ରୌପ୍ୟ ପଦକ ହାସଲ କରିଛନ୍ତି। ବାଲେଶ୍ୱର ଜିଲା ବସ୍ତା ଅଞ୍ଚଳର ବାପି ରବିବାର ଅନୁଷ୍ଠିତ ୪୦୦ ମିଟର ବାଳକ ହର୍ଡଲ୍ସରେ ୫୧.୩୮ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। କାତାରର ମାହାମଦ ଆବାକର ଅବ୍‌ଦ୍ରହମାନ ୫୦.୯୧ ସେକେଣ୍ଡ ସହ ସ୍ୱର୍ଣ୍ଣ ଏବଂ ଶ୍ରୀଲଙ୍କାର କୁଡା ଲିୟାନାଗେ ଆୟୋମଲ ଆକାଲାଙ୍କା ୫୧.୪୦ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ପାଇଛନ୍ତି। ଅନ୍ୟତମ ଓଡ଼ିଶା ଆଥଲେଟ୍ ମହମ୍ମଦ ରେୟାନ ମିଡ୍‌ଲେ ରିଲେ ରେସ୍‌ରେ ଅଂଶଗ୍ରହଣ କରିବେ। ପ୍ରଥମଥର ପାଇଁ ଅନ୍ତର୍ଜାତୀୟ ସ୍ତରରେ ପଦକ ହାସଲ କରିଥିବାରୁ ବାପି ହାଁସଦାଙ୍କୁ ଓଡ଼ିଶା ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା ଅଭିନନ୍ଦନ ଜଣାଇଛନ୍ତି।



## ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ବାପି ହାଁସଦାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ''ଏସୀୟ ସ୍ତରରେ ଏହି ସଫଳତା ପାଇଁ ମୁଁ ବାପିଙ୍କୁ ଅଭିନନ୍ଦନ ଜଣାଉଛି। ସେ ଅନ୍ୟ ଆଥଲେଟ୍‌ଙ୍କ ପାଇଁ ଉଦାହରଣ ସାଜିଛନ୍ତି। ବ୍ୟକ୍ତିଗତ ଜୀବନରେ ଅନେକ ବାଧା ସତ୍ତ୍ୱେ ବାପି ଏପରି ସଫଳତା ପାଇ ପାରିଛନ୍ତି। ବାପି ଏବଂ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେଶନ ଏଚ୍‌ପିସିର କୋଚ୍ ଓ ପୂରା ଟିମ୍‌ଙ୍କୁ ମୁଁ ଶୁଭେଚ୍ଛା ଜଣାଉଛି'' ବୋଲି ମୁଖ୍ୟମନ୍ତ୍ରୀ ଅଭିହିତ କରିଛନ୍ତି।

# ସୁମିତ ନାଗାଲ ଜିତିଲେ ଟାଇଟଲ

## ରୋମ୍ ଏଟିପି ଚ୍ୟାଲେଞ୍ଜର

ରୋମ୍, ୩୦।୪ (ପି.ଟି.)

ଭାରତର ଅଗ୍ରଣୀ ଟେନିସ ଖେଳାଳି ସୁମିତ ନାଗାଲ ପ୍ରଥମ ଖେଳାଳି ଭାବେ ୟୁରୋପିଆନ କ୍ଲେ କୋର୍ଟରେ ଏକ ଏଟିପି ଚ୍ୟାଲେଞ୍ଜର ଇଭେଣ୍ଟ ଜିତିପାରିଛନ୍ତି। ଏଠାରେ ରବିବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ଫାଇନାଲରେ ସେ ତାଙ୍କଠାରୁ ଉଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ନେଦରଲାଣ୍ଡ୍ସର ଜେସ୍ପର ଡି' ଜଙ୍ଗ୍‌ଙ୍କୁ ପରାସ୍ତ କରିଛନ୍ତି। ୨୫ ବର୍ଷୀୟ ନାଗାଲ ଏଟିପି ର୍‍ୟାଙ୍କିଙ୍ଗରେ ତାଙ୍କଠାରୁ ୧୦୦ ସ୍ଥାନ ଉପରେ ରହିଥିବା ଜଙ୍ଗ୍‌ଙ୍କୁ ୬-୩, ୬-୨ ସିଧାସଳଖ ସେଟ୍‌ରେ ପରାସ୍ତ କରି ତାଙ୍କର ତୃତୀୟ ଏଟିପି ଚ୍ୟାଲେଞ୍ଜର ଟାଇଟଲ ହାସଲ କରିଛନ୍ତି। ୨୦୧୯ରେ ବୁଏନ୍ସ ଏରିଜ୍ ପରେ ଏହା ହେଉଛି ତାଙ୍କର ଆଉ ଏକ ସଫଳତା। ବିଶ୍ୱ ର୍‍ୟାଙ୍କିଙ୍ଗରେ ନାଗାଲ ବର୍ତ୍ତମାନ ୩୪୭ତମ ସ୍ଥାନରେ ରହିଥିବା ବେଳେ ତାଙ୍କଠାରୁ ବୟସରେ ୩ବର୍ଷ ସାନ ଡଚ୍ ପ୍ରତିଦ୍ୱନ୍ଦ୍ୱୀଙ୍କ ର୍‍ୟାଙ୍କିଙ୍ଗ ତାଲିକାର ୨୩୪ତମ ସ୍ଥାନରେ ରହିଛନ୍ତି। ଏଠାରେ ଫାଇନାଲରେ ପ୍ରବେଶ ପୂର୍ବରୁ ଭାରତୀୟ ଡେଭିସ୍ କପ୍ ଦଳର ଜଣେ ନିୟମିତ ସଦସ୍ୟ ରହି ଆସିଥିବା ନାଗାଲଙ୍କୁ ଦୁଇ ରାଉଣ୍ଡ କ୍ୱାଲିଫାୟର୍ସ ସମେତ ୬ଟି କଠିନ ମ୍ୟାଚ ଖେଳିବାକୁ ହୋଇଥିଲା।

## ରାଜ୍ୟ ସ୍କୁଲ୍ସ ଓପନ ଚେସ୍

# ରୋନିତ ଚାମ୍ପିୟନ

ଭୁବନେଶ୍ୱର, ୩୦।୪ (କ୍ରୀଡ଼ା ପ୍ରତିନିଧି)



ରୋନିତ ଅଗ୍ରୱାଲ

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଟଙ୍କପାଣି ରୋଡ୍‌ସ୍ଥିତ ସାଇ ବୀଣାପାଣି ଜ୍ଞାନମନ୍ଦିର ପରିସରରେ ରବିବାର ୨ୟ ଶ୍ୟାମଳୀ ଦେ ମେମୋରିଆଲ ସ୍କୁଲ୍ସ ଓପନ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ଜଟଣୀର ଆଶା ଇଣ୍ଟରନ୍ୟାଶନାଲ ସ୍କୁଲର ରୋନିତ ଅଗ୍ରୱାଲ ପୂରା ୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ଖଣ୍ଡଗିରି ସେଣ୍ଟ ଜାଭିୟର୍ସ ହାଇସ୍କୁଲର ସାଇ ଅଂଶୁମାନ ସିଂ ୪.୫ ପଏଣ୍ଟ ସହିତ ରନରଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ତ୍ରିଦେବ ତୀର୍ଥଙ୍କର, ସି.ଏଚ୍. କାର୍ତ୍ତିକେଶ, ସୂର୍ଯ୍ୟାଂଶୁ ମହାକୁଡ଼, ଆୟୁଷ ପରିଡ଼ା, ନମସ୍ୟ ନଳିନୀ, ଲଳିତ ରଞ୍ଜନ ସାହୁ, ପ୍ରତ୍ୟୁଷ ନାୟକ, ଦିବ୍ୟାଂଶୁ କୁମାର ପଶାୟତ ଟପ୍-୧୦ ଫିନିଶ୍ କରିଛନ୍ତି। ମୁଖ୍ୟ ପୁରସ୍କାର ବ୍ୟତୀତ ୭, ୯, ୧୧, ୧୩ ବର୍ଷରୁ କମ୍ ଓ ବାଳିକା ବର୍ଗରେ ୨ ଜଣ ଲେଖାଏ ଏବଂ ୬ ଖେଳାଳିଙ୍କୁ ସ୍ୱତନ୍ତ୍ରଭାବେ ପୁରସ୍କୃତ କରାଯାଇଛି। ୪ ବର୍ଷ ୧୦ ମାସର ଜି. ଗୋମେଶ ପ୍ରତିଯୋଗିତାର ସର୍ବକନିଷ୍ଠ ପ୍ରତିଯୋଗୀ ଥିଲେ। ଏସ୍‌ଡିଏମ୍ ସଫ୍ଟୱେର ସଲ୍ୟୁଶନ୍ସର ପରିଚାଳନା ନିର୍ଦ୍ଦେଶକ ଦୀପରେଖା ଦେ ଓ ବରଗଡ଼ ବ୍ରିଟ୍ କଲୋନୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବରିଷ୍ଠ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ପଟ୍ଟନାୟକ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଓ ସାଇ ବୀଣାପାଣି ଜ୍ଞାନମନ୍ଦିରର ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଦ୍ୱିତୀୟ ପର୍ଯ୍ୟାୟରେ ଭାଗନେଲେ ୯୩ ଖେଳାଳି

## ଓସିଏର ସ୍ପିନ୍ ପ୍ରତିଭା ଅନ୍ୱେଷଣ

ଭୁବନେଶ୍ୱର, ୩୦।୪ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ସ୍ପିନ୍ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ରବିବାର ସ୍ଥାନୀୟ ବିଜେବି ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୟାଗଡ଼, ଖୋର୍ଦ୍ଧା, ମାଲକାନଗିରି, ନବରଙ୍ଗପୁର, ଗଜପତି, କୋରାପୁଟ, ଗଞ୍ଜାମ, କନ୍ଧମାଳ ଓ ରାୟଗଡ଼ା ଅଞ୍ଚଳରୁ ୯୩ ଖେଳାଳି ଅଂଶଗ୍ରହଣ କରିଥିଲେ। ଓଡ଼ିଶା ସିନିୟର ପୁରୁଷ ଦଳର ମୁଖ୍ୟ କୋଚ୍ ଦୀନେଶ ମୋଙ୍ଗିଆଙ୍କ ସମେତ ଓସିଏର ଜୁନିୟର ଓ ସିନିୟର ଚୟନକର୍ତ୍ତା ଅମିୟ ରାୟ, ସୁବିତ ବିଶ୍ୱାଳ, ପ୍ରଭଞ୍ଜନ ମଲିକ, ନିରଞ୍ଜନ ବେହେରା ଓ ଶୁଭ୍ରଜିତ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ମଧ୍ୟ ଭେନ୍ୟୁସ୍ଥଳରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ତୃତୀୟ ପର୍ଯ୍ୟାୟ ବଲାଙ୍ଗୀରର ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ମେ' ୨ରେ ୬ ଜିଲାର ଖେଳାଳି ସେଠାରେ ପ୍ରତିଭା ପ୍ରଦର୍ଶନ କରିବେ। ଏହାର ପ୍ରଥମ ପର୍ଯ୍ୟାୟ ଓଡ଼ିଶା କ୍ରିକେଟ ଏକାଡେମୀ ପରିସରରେ ଅନୁଷ୍ଠିତ ହୋଇଥିଲା।

# ନକ୍‌ଆଉଟ୍ କ୍ରିକେଟ୍: ତୁମୁଡ଼ିବନ୍ଧ ଚାମ୍ପିୟନ୍

ଲାଞ୍ଜିଗଡ଼,୩୦।୪(ଡି.ଏନ.ଏ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବସନ୍ତପଡ଼ା ପଞ୍ଚାୟତସ୍ଥିତ ନିୟମଗିରି ବେଦାନ୍ତ ନଗର ଖେଳପଡ଼ିଆରେ ଆନ୍ତଜିଲା ସ୍ତରୀୟ ଗୋଲଡେନ ସ୍ପୋର୍ଟ୍ସ ନକ୍‌ଆଉଟ୍ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ତୁମୁଡ଼ିବନ୍ଧ ଓ ବିଜେପୁର ଦଳ ମଧ୍ୟରେ ହୋଇଥିଲା। ତୁମୁଡ଼ିବନ୍ଧ ଟସ୍ ଜିତି ବ୍ୟାଟିଂ କରି ୧୩ ଓଭରରେ ୩ ଉଇକେଟ୍ ବିନିମୟରେ ୨୦୨ ରନ୍ କରିଥିଲା। ଜବାବରେ ବିଜେପୁର ଦଳ ୧୩ ଓଭରରେ ୮ ଉଇକେଟ୍ ହରାଇ ୧୨୮ ରନ୍ କରି ପରାଜିତ ହୋଇଥିଲା। ଉଦ୍‌ଯାପନୀ ମ୍ୟାଚରେ ମୁଖ୍ୟ ଅତିଥିଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ, ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାୟକ, ବିଧାୟକ ପ୍ରତିନିଧି ପ୍ରଦୀପ ଘଡେଇ, ପୂର୍ବତନ ଅଧ୍ୟକ୍ଷ ମନୋହର ହରପାଲ, ଲାଞ୍ଜିଗଡ଼ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେଶନିଆ, ଲାଞ୍ଜିଗଡ଼ ଯୁବକ ସଂଘ ସଭାପତି ହିମାଦ୍ରୀ ପେଶନିଆ, ସଂଘ ସମ୍ପାଦକ ଭୁପେନ୍ଦ୍ର ମହାରଥା, ଶ୍ରୀମୁଖ ଅଗସ୍ତ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟରେ ୧୬ ଟି ଦଳ ସାମିଲ ହୋଇଥିଲେ। ଫାଇନାଲ ମ୍ୟାଚରେ ଧାରା ବିବରଣୀ ଶେଷଦେବ ଚାଲାଣ ଓ ଦିଲୀପ ମାଝି ପ୍ରଦାନ କରିଥିଲେ। ଖେଳ ପରିଚାଳନା ତ୍ରିଲୋଚନ ଦୁର୍ଗା ଓ ଅଜୟ ନାୟକ କରିଥିଲେ। ଫାଇନାଲ ମ୍ୟାଚ ବିଜେତାଙ୍କୁ ୫୦ ହଜାର ଟଙ୍କା ଏବଂ ଉପ ବିଜେତାଙ୍କୁ ୩୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଗୋଲଡେନ ସ୍ପୋର୍ଟ୍ସ କ୍ଲବ କ୍ରିକେଟ କମିଟି ସଭାପତି ପବିତ୍ର ମାଝୀ, ଉପସଭାପତି ସନ୍ତୋଷ ମାଝି, ସମ୍ପାଦକ ଶତ୍ରୁଘନ ଚାଲାଣ, ଉପସମ୍ପାଦକ କପୁର ନାଗ, କୋଷାଧ୍ୟକ୍ଷ ଜିତେନ୍ ମାଝି, ଦୁଷ୍ମନ୍ତ ପ୍ରଧାନୀ, ଉମେଶ ଚାଲାଣ, ଙ୍କ ସମେତ ସ୍ପୋର୍ଟ୍ସ କ୍ଲବର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ପଞ୍ଜାବ କିଙ୍ଗ୍ସର ରୋମାଞ୍ଚକ ବିଜୟ

## ଶେଷ ବଲ୍‌ରେ ହାରିଲା ଚେନ୍ନାଇ

ଚେନ୍ନାଇ, ୩୦।୪

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ରବିବାର ଅନୁଷ୍ଠିତ ଏକ ହାଇସ୍କୋରିଂ ମ୍ୟାଚରେ ପଞ୍ଜାବ କିଙ୍ଗ୍ସ ରୋମାଞ୍ଚକଭାବେ ଶେଷ ବଲ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସକୁ ପରାସ୍ତ କରିଛି। ଡେଭନ୍ କନ୍‌ୱେଙ୍କ ଅପରାଜିତ ଦ୍ରୁତ ୯୨ ରନ ସହାୟତାରେ ଚେନ୍ନାଇ ୨୦ ଓଭରରେ ୪ ଉଇକେଟ ହରାଇ ୨୦୦ ରନ କରିଥିଲା। ଜବାବରେ କୌଣସି ଖେଳାଳି ଅର୍ଦ୍ଧଶତକ ହାସଲ କରି ନ ଥିଲେ ହେଁ ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଶେଷ ବଲ୍‌ରୁ ୩ ରନ ଆବଶ୍ୟକ ହେଉଥିବାବେଳେ ପଞ୍ଜାବର ସିକନ୍ଦର ରାଜା ଚାପର ବଶବର୍ତ୍ତୀ ନ ହୋଇ ଦଳକୁ ସ୍ମରଣୀୟ ବିଜୟ ଦେଇଥିଲେ। ଚେନ୍ନାଇ ହାରିଥିଲେ ମଧ୍ୟ ଦାୟିତ୍ୱପୂର୍ଣ୍ଣ ଇନିଂସ ଖେଳିଥିବା ଡେଭନ୍ କନ୍‌ୱେ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଚେନ୍ନାଇର ଟପ୍ ଅର୍ଡର ଚମତ୍କାର ପ୍ରଦର୍ଶନ କରି ଦଳକୁ ବଡ଼ ସ୍କୋର ଦିଗରେ ଅଗ୍ରସର କରାଇଥିଲା। ଋତୁରାଜ ଗାଏକ୍ୱାର୍ଡ ଓ କନ୍‌ୱେ ଓପନିଂ ଯୋଡ଼ିରେ ୫୮ ବଲ୍‌ରୁ ୮୬ ରନ ସଂଗ୍ରହ କରି ଦଳର ବଡ଼ ସ୍କୋର ପାଇଁ ଭିତ୍ତି ପକାଇଥିଲେ। ଗାଏକ୍ୱାଡ୍ ୩୧ ବଲ୍‌ରୁ ୩୭ (୪ ଚୌକା, ୧ ଛକା) ଓ ଶିବମ୍ ଦୁବେ ୧୭ ବଲ୍‌ରୁ ୨୮ (୧ ଚୌକା, ୨ ଛକା) ରନକରି ଆଉଟ ହୋଇଥିଲେ। ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିବା କନ୍‌ୱେ ଶେଷ ଭାଗରେ ସାମାନ୍ୟ ଧିମେଇ ଯାଇଥିଲେ। ଫଳରେ ସେ ଅପରାଜିତ ରହିଥିଲେ ହେଁ ଶତକ ହାସଲ କରିପାରି ନ ଥିଲେ। ସେ ୫୨ ବଲ୍‌ରୁ ୧୬ ଚୌକା ଓ ୧ ଛକା ସହାୟତାରେ ୯୨ ରନରେ ଅପରାଜିତ ରହିଥିଲେ। ୨ ଛକା ସହ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ୪ ବଲ୍‌ରୁ ୧୩ ରନରେ ଅପରାଜିତ ରହିବାରୁ ଚେନ୍ନାଇ ସ୍କୋର ୨୦୦ ସ୍ପର୍ଶ କରିଥିଲା। ପଞ୍ଜାବ ପକ୍ଷରୁ ଅର୍ଶଦୀପ ସିଂ, ସାମ୍ କୁରାନ, ରାହୁଲ ଚହର ଓ ସିକନ୍ଦର ରାଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଲକ୍ଷ୍ୟ ବଡ଼ ଥିବାରୁ ପଞ୍ଜାବ ଦଳ ମଧ୍ୟ ଆକ୍ରମଣାତ୍ମକ ଢଙ୍ଗରେ ଆରମ୍ଭ କରିଥିଲା। ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ ପ୍ରଭସିମରନ ସିଂ, ଅଧିନାୟକ ଶିଖର ଧାୱନ, ଲିଆମ ଲିଭିଂଷ୍ଟୋନ, ସାମ୍ କୁରାନ ଓ ଜିତେଶ ଶର୍ମା ଆଦି ବ୍ୟକ୍ତିଗତ ସଫଳତା ଅପେକ୍ଷା ଦଳର ବିଜୟକୁ ଗୁରୁତ୍ୱ ଦେଇ ଖେଳିଥିଲେ। ଫଳରେ ଦଳର ବିଜୟ ସମ୍ଭବ ହୋଇଥିଲା। ଶେଷ ବଲ୍‌ରୁ ବିଜୟ ପାଇଁ ୩ ରନ ଆବଶ୍ୟକ ହେଉଥିବାବେଳେ ରାଜା ତାହା ହାସଲ କରି ଉତ୍କଣ୍ଠାର ଅବସାନ ଘଟାଇଥିଲେ। ପ୍ରଭସିମରନ ୨୪ ବଲ୍‌ରୁ ୪୨ (୪ ଚୌକା, ୨ ଛକା), ଅଧିନାୟକ ଶିଖର ଧାୱନ ୧୫ ବଲ୍‌ରୁ ୨୮ (୪ ଚୌକା, ୧ ଛକା), ଲିଆମ ଲିଭିଂଷ୍ଟୋନ ୨୪ ବଲ୍‌ରୁ ୪୦ (୧ ଚୌକା, ୪ ଛକା), ସାମ୍ କୁରାନ ୨୦ ବଲ୍‌ରୁ ୨୯ ଓ ଜିତେଶ ଶର୍ମା ୧୦ ବଲ୍‌ରୁ ୨୧ ରନ କରିଥିଲେ। ଚେନ୍ନାଇର ତୁଷାର ଦେଶପାଣ୍ଡେ ସର୍ବାଧିକ ୩ଟି, ରବୀନ୍ଦ୍ର ଜାଡେଜା ୨ଟି ଏବଂ ମାଥିସା ପଥିରନା ଗୋଟିଏ ଉଇକେଟ ନେଇଥିଲେ।



ବିଜୟ ସୂଚକ ରନ୍ ସ୍କୋର ପରେ ଉଲ୍ଲସିତ ପଞ୍ଜାବ କିଙ୍ଗ୍ସର ସିକନ୍ଦର ରାଜା।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୨୦୦/୪ (ଡେଭନ କନ୍‌ୱେ-୯୨, ଋତୁରାଜ ଗାଏକ୍ୱାର୍ଡ-୩୭, ଅର୍ଶଦୀପ ସିଂ-୧/୩୭, ସାମ୍ କୁରାନ-୧/୪୬, ରାହୁଲ ଚହର-୧/୩୫, ସିକନ୍ଦର ରାଜା-୧/୩୧)। ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୨୦୧/୬ (ପ୍ରଭସିମରନ ସିଂ-୪୨, ଶିଖର ଧାୱନ-୨୮, ଲିଆମ ଲିଭିଂଷ୍ଟୋନ-୪୦, ସାମ୍ କୁରାନ-୨୯, ତୁଷାର ଦେଶପାଣ୍ଡେ-୩/୪୯, ରବୀନ୍ଦ୍ର ଜାଡେଜା-୨/୩୨, ମାଥିସା ପଥିରନା-୧/୩୨)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

ଲକ୍ଷ୍ନୌ ବନାମ ବାଙ୍ଗାଲୋର

ସ୍ଥାନ:ଲକ୍ଷ୍ନୌ,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ପୃଷ୍ଠା–୮+୮
ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ମେ ୧/୨୦୨୩ (୮+୮=୧୬ ପୃଷ୍ଠା) Bhubaneswar, Monday, May 1/2023 Page 16 ₹ 7.00 | SAMBALPUR

# ସାତଭାୟା ବଗପାଟିଆ ହେବ ଆଦର୍ଶ କଲୋନୀ

## ୨୨ କୋଟି ମଞ୍ଜୁର କଲେ ସରକାର

**ଭୁବନେଶ୍ୱର, ୩୦।୪(ବ୍ୟୁରୋ)**

ସାତଭାୟା ବଗପାଟିଆ ଥଇଥାନ କଲୋନୀକୁ ଆଦର୍ଶ କଲୋନୀ କରାଯିବ। ୫–ଟି ସଚିବ ଭି. କେ. ପାଣ୍ଡିଆନ୍‌ଙ୍କ ଗସ୍ତର ୨୪ ଘଣ୍ଟା ମଧ୍ୟରେ ଏନେଇ ୨୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗତ ୨୭ ଏବଂ ୨୮ ତାରିଖ ୨ ଦିନ ଧରି ୫–ଟି ସଚିବ କେନ୍ଦ୍ରାପଡା ଗସ୍ତ କରିଥିଲେ। ତାଙ୍କ ଗସ୍ତର ୨ୟ ଦିନରେ ସେ ସାତଭାୟା ବଗପାଟିଆ ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ସମୟରେ ପାଣ୍ଡିଆନ୍ ବିସ୍ଥାପିତ ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା ବୁଝିଥିଲେ। ସରକାରଙ୍କ ଯୋଜନା ସମ୍ପର୍କରେ ଲୋକଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ଏହ ଅବସରରେ ସେମାନଙ୍କ ମତାମତ ପଚାରି ବୁଝିଥିଲେ। ପରେ ଭୁବନେଶ୍ୱର ଫେରି ମୁଖ୍ୟମନ୍ତ୍ରୀଙ୍କୁ ସ୍ଥାନୀୟ ଲୋକଙ୍କ ଆବଶ୍ୟକତା ସମ୍ପର୍କରେ ଅବଗତ କରିଥିଲେ। ଆଲୋଚନା କରିବା ପରେ ମୁଖ୍ୟମନ୍ତ୍ରୀ ସାତଭାୟା ବଗପାଟିଆ ଆଦର୍ଶ କଲୋନୀ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ୨୨ କୋଟି ୫୦ ଲକ୍ଷ ୭୧ ହଜାର ଟଙ୍କାର ପ୍ୟାକେଜ ମଞ୍ଜୁର କରିଛନ୍ତି।

ଏହି ଅର୍ଥରେ ସେହି ଅଞ୍ଚଳରେ ବନ୍ଧବାଡ଼ର ସୁଦୃଢ଼ୀକରଣ ସହିତ ହିତାଧିକାରୀଙ୍କ ବାସଗୃହ, ଜୀବିକା କାର୍ଯ୍ୟକ୍ରମ, ରାସ୍ତା, ପିଇବା ପାଣି,ବିଜୁଳି ଓ ପଞ୍ଚାୟତ ଗୃହ ଆଦି ଭିତ୍ତିଭୂମିର ବିକାଶ କରାଯିବ। ଏହାସହ ଲୋକଙ୍କ ଆବଶ୍ୟକତା ଭିତ୍ତିରେ ସେମାନଙ୍କୁ ଚାଷଜମି ମଧ୍ୟ ଯୋଗାଇ ଦିଆଯିବ। ସେହିପରି ପ୍ରସିଦ୍ଧ ପଞ୍ଚୁବରାହୀ ପୀଠରେ ଭିତ୍ତିଭୂମିର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ସହ ଲାଇଟ୍ ଆଣ୍ଡ ସାଉଣ୍ଡର ବ୍ୟବସ୍ଥା କରାଯାଇ ଏହାକୁ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥାନ ଭାବେ ବିକଶିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପର୍ଯ୍ୟଟନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମସ୍ତ କାମ ୫–ଟି ଉପକ୍ରମରେ ତୁରନ୍ତ ହାତକୁ ନେଇ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସୂଚନଯୋଗ୍ୟ ଯେ, ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ସାତଭାୟା ଅଞ୍ଚଳ ସମୁଦ୍ରରେ ଲୀନ ହୋଇଯାଇଥିବାରୁ କ୍ଷତିଗ୍ରସ୍ତ ଲୋକଙ୍କୁ ବଗପାଟିଆରେ ଥଇଥାନ କରାଯାଉଛି। ଜଳବାୟୁ ପରିବର୍ତ୍ତନ ଦ୍ୱାରା ପ୍ରଭାବିତ ଲୋକଙ୍କ ଥଇଥାନ ପାଇଁ ଏହା ଦେଶର ପ୍ରଥମ କଲୋନୀ ହେବ ବୋଲି କୁହାଯାଇଛି।

# 'ମନ୍ କୀ ବାତ୍' ମୋ ପାଇଁ ଆଧ୍ୟାତ୍ମିକ ଯାତ୍ରା: ମୋଦି

## ପ୍ରଧାନମନ୍ତ୍ରୀଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମର ୧୦୦ତମ ଅଧ୍ୟାୟ

**ନୂଆଦିଲ୍ଲୀ,୩୦।୪**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍' ରବିବାର ୧୦୦ ଏପିସୋଡ୍ ପୂରଣ କରିଛି। ଏହି ଅବସରରେ ମୋଦି ପୂର୍ବାହ୍ନ ୧୧ଟାରେ ଦେଶବାସୀଙ୍କୁ ସମ୍ବୋଧିତ କରି କହିଛନ୍ତି, 'ମନ୍ କୀ ବାତ୍' ମୋ ପାଇଁ ଏକ ଆଧ୍ୟାତ୍ମିକ ଯାତ୍ରା। ଏହା ଏକ ଆସ୍ଥା, ପୂଜା ଓ ବ୍ରତ। ଲୋକେ ଯେମିତି ଭଗବାନଙ୍କୁ ପୂଜା କରିବା ପାଇଁ ଗଲେ ପ୍ରସାଦ ନିଅନ୍ତି, ଠିକ୍ ସେମିତି ମୋ ଲାଗି ଏହା ଈଶ୍ୱର ରୂପୀ ଜନତା ଜନାର୍ଦ୍ଦନଙ୍କ ଚରଣରେ ପ୍ରସାଦର ଥାଳି ସଦୃଶ। ଏହା ମୋ ମନର ଆଧ୍ୟାତ୍ମିକ ଯାତ୍ରା ପାଲଟିଯାଇଛି। ଏହା ଅହଂରୁ ୱୟଂର ଯାତ୍ରା ଅଟେ। ଏହି ଐତିହାସିକ କାର୍ଯ୍ୟକ୍ରମର ସିଧା ପ୍ରସାରଣକୁ କେବଳ ଭାରତରେ ନୁହେଁ, ବିଦେଶରେ



ମଧ୍ୟ ଶ୍ରୋତାମାନେ ଶୁଣିବାର ସୁଯୋଗ ପାଇଛନ୍ତି। ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, 'ମନ୍ କୀ ବାତ୍'ରେ ଅନେକ କୋଟି ଭାରତୀୟଙ୍କ ଭାବନା ପ୍ରତିଫଳିତ ହୋଇଛି। ଭାରତ ଓ ଭାରତୀୟମାନେ ଏହାକୁ ଏକ ସକାରାତ୍ମକତାର ଉତ୍ସବ ଭାବେ ପାଳନ କରିଆସୁଛନ୍ତି। ଦେଶବାସୀଙ୍କଠାରୁ ସେ ଅନେକ ହଜାର ପତ୍ର ପାଇଛନ୍ତି। ସେଗୁଡ଼ିକୁ ପଢ଼ି ସେ ଭାବବିହ୍ୱଳ ହୋଇଛନ୍ତି। 'ସ୍ୱଚ୍ଛ ଭାରତ', 'ଖଦି' ହେଉ କି 'ଆଜାଦି କା ଅମୃତ ମହୋତ୍ସବ' ମନ୍ କୀ ବାତ୍‌ରେ ଉଠାଯାଉଥିବା ପ୍ରସଙ୍ଗଗୁଡ଼ିକ ଜନଆନ୍ଦୋଳନର ରୂପ ନେଇଥାଏ। ଏହି କାର୍ଯ୍ୟକ୍ରମ ରାଜନୀତିରୁ ଉର୍ଦ୍ଧ୍ୱଗାମୀ ହୋଇ ☞ପୃଷ୍ଠା–୪










# ଶ୍ରମିକଙ୍କ ସ୍ଥିତି ଦୟନୀୟ ହୋଇପଡ଼ିଛି

ପ୍ରାୟ ସବୁ ଦେଶରେ ମେ' ୧ ତାରିଖରେ ପାଳିତ ହେଉଛି ବିଶ୍ୱ ଶ୍ରମିକ ଦିବସ। ଏହାକୁ ମେ' ଦିବସ ବା ଆନ୍ତର୍ଜାତିକ ଶ୍ରମିକ ଦିବସ ଭାବେ ମଧ ପାଳନ କରାଯାଉଛି। ଊନବିଂଶ ଶତାବ୍ଦୀର ଶେଷଭାଗରେ ନିଜ ହକ୍ ପାଇଁ ଶିଳ୍ପପତିମାନଙ୍କ ଆକ୍ରୋଶର ଶିକାର ହୋଇଥିବା ଏବଂ ପ୍ରାଣ ହରାଇଥିବା ଶ୍ରମିକମାନଙ୍କ ସଂଘର୍ଷକୁ ଏହି ଦିବସ ମନେ ପକାଇ ଦେଉଛି। ଏବେ ବି ଶ୍ରମିକମାନଙ୍କ ସଂଘର୍ଷ ଶେଷ ହୋଇପାରିନାହିଁ। ଶୋଷଣ ବିରୋଧରେ ଏବଂ ନିଜ ଅଧିକାର ପାଇଁ ସେମାନଙ୍କ ଲଢ଼େଇ ଜାରି ରଖିଛନ୍ତି। ଦେଶ ନିର୍ମାଣରେ ଶ୍ରମିକଙ୍କ ଅବଦାନ କେତେ ଯେ ସହାୟକ ହୋଇଛି, ତାହା ବୁଝିବା କଷ୍ଟକର ନୁହେଁ। କିନ୍ତୁ ସେମାନଙ୍କ ଆର୍ଥିକ ଓ ସାମାଜିକ ସ୍ଥିତିରେ ପରିବର୍ତ୍ତନ ଆଣିବା ସରକାରଗୁଡ଼ିକ ପାଇଁ କଷ୍ଟକର ହୋଇପଡ଼ିଛି। ସମ୍ପ୍ରତି ଭାରତରେ ଶ୍ରମିକଙ୍କ ଅବସ୍ଥା ଦୟନୀୟ ହୋଇପଡ଼ିଛି। ସେମାନେ କେହି ଖୁସି ନାହାନ୍ତି ବୋଲି ବିଭିନ୍ନ ଶ୍ରମିକ ସଂଗଠନର ନେତାମାନେ ମତପୋଷଣ କରିଛନ୍ତି।

### କ୍ରୀତଦାସ ଅବସ୍ଥା ସୃଷ୍ଟି ହେବାକୁ ଯାଉଛି



ବର୍ତ୍ତମାନ ଦେଶରେ ଶ୍ରମିକମାନଙ୍କର ସ୍ଥିତି ଅତି ଦୟନୀୟ ହୋଇପଡ଼ିଛି। ଶ୍ରମିକମାନଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା କରାଯାଉଥିବା ସରକାର କହୁଥିଲେ ବି ତାହା ବାସ୍ତବ ନୁହେଁ। ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରି ଦିଆଯାଉ ନ ଥିବାବେଳେ ସେମାନଙ୍କୁ ୧୨ଘଣ୍ଟା କାମ କରିବାକୁ ପଡ଼ୁଛି। ସେମାନଙ୍କୁ କୌଣସି ସାମାଜିକ ସୁରକ୍ଷା ଦିଆଯାଉ ନାହିଁ। ୧୯୪୮ରେ ସର୍ବନିମ୍ନ ମଜୁରି ଆଇନ ତିଆରି ହୋଇଥିବାବେଳେ ୧୯୫୭ରେ ପଞ୍ଚଦଶ ଶ୍ରମିକ ସମ୍ମିଳନୀରେ ଏହାକୁ କାର୍ଯ୍ୟକାରୀ କରିବାକୁ ସ୍ଥିର କରାଯାଇଥିଲା। ମାତ୍ର ଏବେ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ଏହାକୁ ମାନୁନାହାନ୍ତି। ଷୋଡ଼ଶ ଶତାବ୍ଦୀରେ ଶ୍ରମିକମାନେ କ୍ରୀତଦାସ ଭାବେ କାମ କରୁଥିଲେ, ଏବେ ମୋଦି ସରକାର ଶ୍ରମିକମାନଙ୍କ ପାଇଁ ସେହି ଅବସ୍ଥା ସୃଷ୍ଟି କରିବାକୁ ଯାଉଛନ୍ତି। ବାସ୍ତବରେ ଏ ସରକାର ପୁଞ୍ଜିପତିମାନଙ୍କର ସରକାର। ଭାରତବର୍ଷରେ ଥିବା ୫୦କୋଟି ଶ୍ରମିକ ଏକଜୁଟ୍ ହେଲେ ମୋଦି ସରକାରକୁ ଉପଯୁକ୍ତ ଜବାବ ଦେଇପାରିବେ।

- ବିଷ୍ଣୁ ଚରଣ ମହାନ୍ତି, ରାଷ୍ଟ୍ରୀୟ ଉପସଭାପତି, ସିଆଇଟିୟୁ



ସବୁକିଛି ଠିକ୍ ଚାଲିଛି, ମାତ୍ର ବାସ୍ତବ ସ୍ଥିତି ଅତି ଦୟନୀୟ। ଶ୍ରମିକମାନଙ୍କୁ ସାମାଜିକ ନିରାପତ୍ତା ମିଳୁନାହିଁ। ବୟସାଧିକ୍ୟ ହେବାପରେ କାମ କରି ନ ପାରିଲେ ସେମାନଙ୍କୁ ଭୋକ ଉପାସରେ ଦିନ କାଟିବାକୁ ପଡୁଛି। ସରକାର ବିକାଶର କଥା କହୁଥିବାବେଳେ ଏହାର ସୂତ୍ରଧର ଶ୍ରମିକମାନଙ୍କୁ ଅଣଦେଖା କରାଯାଉଛି। ସେମାନଙ୍କୁ ଉଚିତ୍ ଶ୍ରମ ମିଳିପାରୁ ନାହିଁ।

- ଶ୍ରୀନିବାସ ରାଓ, ରାଜ୍ୟ ଉପସଭାପତି, ଭାରତୀୟ ମଜଦୁର ସଂଘ

### ଶ୍ରମିକଙ୍କୁ ୟୁଜ୍ ଆଣ୍ଡ୍ ଥ୍ରୋ କରାଯାଉଛି



ନବେ ଦଶକ ପୂର୍ବରୁ ଶ୍ରମିକମାନଙ୍କର ଚାକିରି, କର୍ମସଂସ୍ଥାନର ସୁରକ୍ଷା ଥିଲା। ମାତ୍ର ୧୯୯୧ରେ ମନମୋହନ ସିଂ ଅର୍ଥମନ୍ତ୍ରୀ ଥିବା ସମୟରେ ଜଗତୀକରଣ, ଉଦାରୀକରଣ ନୀତି ଲାଗୁ କରାଯାଇ କର୍ପୋରେଟ୍ ହାଉସ୍‌କୁ, ଶିଳ୍ପପତି, ପୁଞ୍ଜିପତିଙ୍କୁ ଗୁରୁତ୍ୱ ଦିଆଯାଇ ଶ୍ରମିକମାନଙ୍କୁ ଶୋଷଣ କରିବା ଆରମ୍ଭ ହେଲା। ୨୦୧୪ ପରେ ଭାଜପା ସରକାର ଫିକ୍ସ ଟର୍ମ ଏମ୍ପ୍ଲୟମେଣ୍ଟ ଯୋଜନା ଆଣିଛନ୍ତି। ଏହାର ଅର୍ଥ ଶ୍ରମିକମାନଙ୍କୁ ନିଯୁକ୍ତି ଦିଅ ଏବଂ ମାଲିକର ଆବଶ୍ୟକତା ନ ଥିଲେ ତାକୁ କାଢ଼ିଦିଅ। ଏଭଳି ୟୁଜ୍ ଆଣ୍ଡ୍ ଥ୍ରୋ ବ୍ୟବସ୍ଥା ଲାଗୁ ହେବା ପରେ ଚାକିରିର ସ୍ଥାୟିତ୍ୱ ନାହିଁ। ମୋଦି ସରକାର ୨୯ଟି ଶ୍ରମ ଆଇନକୁ ଉଚ୍ଛେଦ କରି ୪ଟି ଶ୍ରମକୋଡ୍ କରିଛନ୍ତି। ମାତ୍ର ଏସବୁ ଶ୍ରମିକଙ୍କ ବିରୋଧୀ ନିୟମ।

- ଜୟସେନ ମେହେର, ରାଜ୍ୟ ସମ୍ପାଦକ, ଏଆଇୟୁଟିୟୁସି

### ମହିଳା ଶ୍ରମିକଙ୍କ କ୍ଷେତ୍ରରେ ମଜୁରୀ ସମାନତା ନାହିଁ



ପ୍ରତିବର୍ଷ ଶ୍ରମିକ ଦିବସ ପାଳନ କରାଯାଉଛି। ମାତ୍ର ଅଧିକାଂଶ ଶ୍ରମିକ ଏପରି ଗୋଟିଏ ଦିବସ ଅଛି ବା ଏହାର ତାତ୍ପର୍ଯ୍ୟ ସମ୍ପର୍କରେ ଜାଣିନାହାନ୍ତି। ମହିଳା ଶ୍ରମିକମାନେ କର୍ମକ୍ଷେତ୍ରରେ ଡରି ଡରି କାମ କରୁଛନ୍ତି। ସେମାନଙ୍କ କ୍ଷେତ୍ରରେ ମଜୁରିରେ ସମାନତା ନାହିଁ। ଘରୋଇ ଶ୍ରମିକ ବା ପରିଚାରିକାମାନଙ୍କୁ ଶ୍ରମିକ ଭାବରେ ଗଣାଯାଏ ନାହିଁ। ଯେଉଁ ମହିଳାମାନଙ୍କର ଛୋଟ ପିଲା ଅଛନ୍ତି, ସେମାନଙ୍କୁ କାମ ମିଳିବା କଷ୍ଟକର ହୋଇପଡ଼େ। ୬୦ ବର୍ଷରୁ ଊର୍ଦ୍ଧ୍ୱ ବହୁ ବ୍ୟକ୍ତି ଶ୍ରମିକ ଭାବେ କାମ କରୁଥିଲେ ବି ସରକାରଙ୍କ ନିୟମ ଅନୁଯାୟୀ କାଗଜପତ୍ରରେ ସେମାନଙ୍କୁ ଶ୍ରମିକ ଭାବେ ଗଣାଯାଏ ନାହିଁ। ତେଣୁ ସେମାନଙ୍କୁ କୌଣସି ସରକାରୀ ସହାୟତା ମିଳୁନାହିଁ। ମହିଳା ଶ୍ରମିକଙ୍କୁ ମାର୍ଟର୍ନିଟି ଲିଭ୍ ମିଳୁ ନ ଥିବାରୁ ଏ ସମୟରେ ସେମାନଙ୍କୁ ଚାକିରି ହରାଇବାକୁ ପଡିଥାଏ। ତେଣୁ ମହିଳା ଶ୍ରମିକମାନଙ୍କ ସ୍ଥିତି ଅତି ଦୟନୀୟ ରହିଛି।

- ପରୀଲତା ମହାପାତ୍ର, ରାଜ୍ୟ ସମ୍ପାଦିକା, ଏସ୍‌ଇଡବ୍ଲ୍ୟୁଏ

### କେନ୍ଦ୍ର ସରକାର ଶ୍ରମିକଙ୍କ ସପକ୍ଷରେ ଯାଉନାହାନ୍ତି



ଶ୍ରମିକଙ୍କ ଅବସ୍ଥା ସମ୍ପୂର୍ଣ୍ଣ ବିପନ୍ନ। ଶ୍ରମିକଙ୍କୁ ସୁରକ୍ଷା ଦେବା ପାଇଁ ଯେଉଁ ୪୪ଟି ଶ୍ରମ ଆଇନ ଥିଲା, ତାହାକୁ ମୋଦି ସରକାର କରୋନା ସମୟରେ ୪ଟି ଶ୍ରମକୋଡ୍‌ରେ ପରିଣତ କରିଛନ୍ତି। ଶ୍ରମିକ ସଂଗଠନ ବିନା ଆଲୋଚନାରେ ଏହା ହୋଇଛି। ଫାଶୀବାଦରେ ବିଶ୍ୱାସ ରଖୁଥିବା କେନ୍ଦ୍ର ସରକାର ଶ୍ରମିକମାନଙ୍କ ସପକ୍ଷରେ ଯାଉନାହାନ୍ତି। ରାଜ୍ୟ ସରକାର ମଧ କେନ୍ଦ୍ର ସରକାରଙ୍କ ପଦାଙ୍କ ଅନୁସରଣ କରିବାରେ ଲାଗିଛନ୍ତି। ଶ୍ରମିକମାନଙ୍କ ପାଇଁ ସାମାଜିକ ସୁରକ୍ଷା ଲାଗୁ ନ କରିବା ସବୁଠାରୁ ଦୁଃଖର ବିଷୟ। ବିନା ଶିଳ୍ପର ଉନ୍ନତିରେ କୌଣସି ଦେଶ ଉନ୍ନତି କରି ପାରିବ ନାହିଁ। ହେଲେ ଶିଳ୍ପ କ୍ଷେତ୍ରରେ ଆଗକୁ ବଢିବାକୁ ହେଲେ ଶ୍ରମିକମାନଙ୍କ ଉନ୍ନତି ନିତାନ୍ତ କାମ୍ୟ।

- କିଶୋର ଜେନା, ରାଷ୍ଟ୍ରୀୟ ସମ୍ପାଦକ, ଆଇଏନ୍‌ଟିୟୁସି

### କାଗଜକଲମରେ ସବୁକିଛି ଠିକ୍ ଚାଲିଛି

ଦେଶରେ ଜନସଂଖ୍ୟାର ୬୦% ଶ୍ରମିକ ଶ୍ରେଣୀର। ସ୍ୱାଧୀନତାର ୭୫ ବର୍ଷ ପରେ ବି ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରି ମିଳୁନାହିଁ। କାଗଜକଲମରେ

### ଅଣସଂଗଠିତ ଶ୍ରମିକଙ୍କୁ ସର୍ବନିମ୍ନ ମଜୁରି ମିଳୁନାହିଁ



ବଡ଼ ବଡ଼ ଶିଳ୍ପସଂସ୍ଥାରେ କାମ କରୁଥିବା ଏବଂ ସଂଗଠିତ ଶ୍ରମିକମାନେ ଯେନତେନ ଭାବେ ଚଳି ଯାଉଛନ୍ତି। ମାତ୍ର ଅଣସଂଗଠିତ ଭାବେ ଥିବା ଶ୍ରମିକମାନଙ୍କ ଅବସ୍ଥା ଅତି ଖରାପ। ସେମାନଙ୍କୁ ସର୍ବନିମ୍ନ ମଜୁରି ମିଳୁ ନ ଥିବାବେଳେ ଦିନକୁ ୧୨ଘଣ୍ଟା କାମ କରିବାକୁ ପଡୁଛି। ସେମାନଙ୍କ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ନାହିଁ। ବିଶେଷକରି ସର୍ବନିମ୍ନ ମଜୁରି ବୃଦ୍ଧି ନ ହେଲେ ଚଳିବା କଷ୍ଟକର ହୋଇ ପଡୁଛି। ଶ୍ରମିକଙ୍କ ସୁରକ୍ଷା, ଉନ୍ନତି ପାଇଁ ସରକାର ଯୋଜନା କରୁଥିବା କହୁଥିଲେ ବି ବାସ୍ତବରେ କୌଣସି ସରକାର ଏନେଇ ଚିନ୍ତା କରୁନାହାନ୍ତି।

- କୃଷ୍ଣଚନ୍ଦ୍ର ପାତ୍ର, ରାଜ୍ୟ ସଭାପତି, ହିନ୍ଦ୍ ମଜଦୁର ସଭା

### ଶ୍ରମିକଙ୍କ ଉପରେ ଅତ୍ୟାଚାର ବଢ଼ିଛି



ଚଳିତବର୍ଷ ଭାରତ ୧୦୦ତମ ଶ୍ରମିକ ଦିବସ ପାଳନ କରିବ। ଏହା ମଧ୍ୟରେ ଶ୍ରମିକମାନଙ୍କ ଉପରେ ଅତ୍ୟାଚାର ବା ଆକ୍ରମଣ ବଢ଼ିଛି। ସେମାନଙ୍କ ପାଇଁ ଯେଉଁ ଆଇନ କରାଯାଇଥିଲା ତାହାକୁ ଭାଙ୍ଗି କର୍ପୋରେଟମାନଙ୍କ ସ୍ୱାର୍ଥରେ ଲଗାଇବା ପାଇଁ ୪ଟି ଶ୍ରମ ବା ଲେବର କୋଡ୍ ଅଣାଯାଇଛି। ଯାହାଫଳରେ ଶ୍ରମିକମାନେ ସଂଗଠନ କରିବା, ଅଧିକାର ପାଇବା ପାଇଁ ରାଲି ବା ଆନ୍ଦୋଳନ କରିବା ଅଧିକାର ହରାଇବେ। ଏହା ପୁଣି ଥରେ ଦାସତ୍ୱ ପ୍ରଥା ଆଡ଼କୁ ନେଇଯାଉଛି। ଲକ୍‌ଡାଉନ୍ ସମୟରେ ଶ୍ରମିକମାନଙ୍କର ବହୁ ପରିମାଣରେ ଛଟେଇ ହୋଇଥିଲା। ଏବେ ସୁଦ୍ଧା ପ୍ରାୟ ୧୦ କୋଟି ଶ୍ରମିକ ଛଟେଇ ହୋଇ ରହିଥିଲେ ବି ସେମାନଙ୍କ ପାଇଁ ସରକାର କୌଣସି ବ୍ୟବସ୍ଥା କରୁନାହାନ୍ତି। ଠିକା ଶ୍ରମିକମାନେ ସାମାଜିକ ସୁରକ୍ଷା ପାଇଁ ମାଲିକଙ୍କ ପାଖରେ ଦାବି କଲେ ଚାକିରି ଚାଲିଯାଉଛି। ଦରଦାମ୍ ବଢୁଥିବାବେଳେ ସର୍ବନିମ୍ନ ମଜୁରି ବଢୁନାହିଁ। ଓଡ଼ିଶାରେ ସର୍ବନିମ୍ନ ମଜୁରୀ ଅତିକମ୍‌ରେ ୫ଶହ ଏବଂ କୁଶଳୀ ଶ୍ରମିକଙ୍କ ୭ଶହଟଙ୍କା ହେବା କଥା। ଏବେ ତାହା ୩୪୫ଟଙ୍କାରେ ସୀମିତ ରହିଛି।

- ମହେନ୍ଦ୍ର ପରିଡ଼ା, ରାଜ୍ୟ ସାଧାରଣ ସମ୍ପାଦକ, ଏଆଇସିସିଟିୟୁ

### ଦେଶରେ ଶ୍ରମିକ ଅସୁରକ୍ଷିତ



ବର୍ତ୍ତମାନ ପରିସ୍ଥିତିରେ ଭାରତୀୟ ଶ୍ରମିକମାନେ ଅସୁରକ୍ଷିତ। କେନ୍ଦ୍ର ସରକାର ୪୪ଟି ଶ୍ରମ ଆଇନକୁ ସଂଶୋଧନ କରି ୪ଟି କୋଡ୍‌ରେ ପରିଣତ କରିବା ଓ ୮ ଘଣ୍ଟା ପରିବର୍ତ୍ତେ ୧୨ ଘଣ୍ଟା କାର୍ଯ୍ୟ ନିର୍ଘଣ୍ଟ ନିଷ୍ପତ୍ତି ଶ୍ରମିକମାନଙ୍କ ମଧ୍ୟରେ ଆନ୍ଦୋଳନର ବହ୍ନି ସୃଷ୍ଟି କରିଛି। ରାଜ୍ୟ ସରକାର ଶ୍ରମିକ ସଂଗଠନ ସହିତ ଆଲୋଚନା ଓ ବିତର୍କ ନ କରି କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ନିଷ୍ପତ୍ତିକୁ ସମର୍ଥନ କରିବା ଏକ ଶ୍ରମିକ ବିରୋଧୀ କାର୍ଯ୍ୟ। ଏହି ନିଷ୍ପତ୍ତିକୁ ପରିବର୍ତ୍ତନ ନ କଲେ ବ୍ୟାପକ ଆନ୍ଦୋଳନ କରାଯିବ।

- ବିଦ୍ୟାଧର ମହାନ୍ତି, ରାଜ୍ୟ ଅଧକ୍ଷ, ଅଣସଂଗଠିତ ଶ୍ରମିକ କଂଗ୍ରେସ

# ବିଶ୍ୱକୁ ପ୍ରଭାବିତ କରିଥିଲା ଶିକାଗୋ ଶ୍ରମିକ ଆନ୍ଦୋଳନ

ମେ' ପହିଲା ହେଉଛି ବିଶ୍ୱ ଶ୍ରମିକ ଦିବସ ବା ମେ' ଡେ। କେତେକ ଦେଶରେ ଏହା ଅନ୍ତର୍ଜାତୀୟ ଶ୍ରମିକ ଦିବସ ନାମରେ ମଧ ପାଳିତ ହୁଏ। ଆମେରିକାନ ଫେଡେରେଶନ ଅଫ୍ ଅର୍ଗାନାଇଜ୍‌ଡ ଟ୍ରେଡ୍‌ସ ଆଣ୍ଡ୍ ଲେବର ୟୁନିୟନ୍ସର ନିଷ୍ପତ୍ତି କ୍ରମେ '୮ ଘଣ୍ଟା କାମ, ୮ ଘଣ୍ଟା ବିଶ୍ରାମ ଏବଂ ୮ ଘଣ୍ଟା ମନୋରଞ୍ଜନ' ଦାବିରେ ୧୮୮୬ ମେ' ୧ରେ ଆମେରିକାର ଶିକାଗୋ ସହରର 'ହେ ମାର୍କେଟ' ଛକରେ ଶ୍ରମିକ ଆନ୍ଦୋଳନ ହୋଇଥିଲା। ନିଜର ନ୍ୟାୟସଙ୍ଗତ ଦାବି ପାଇଁ ସେଠାରେ ଶାନ୍ତିପୂର୍ଣ୍ଣ ଭାବେ ସମବେତ ହୋଇଥିବା ଅନେକ ହଜାର ଶ୍ରମିକଙ୍କ ଉପରେ ପୋଲିସ ମେ' ୪ ତାରିଖରେ ବୋମାମାଡ଼କୁ କେନ୍ଦ୍ରକରି ଅତର୍କିତ ଗୁଳିଚାଳନା କରିଥିଲା। ଏଥିରେ ବହୁ ଶ୍ରମିକ ମୃତାହତ ହୋଇଥିଲେ। ତେବେ ସେହି ଶ୍ରମିକମାନଙ୍କ ବଳିଦାନ ବ୍ୟର୍ଥ ଯାଇ ନ ଥିଲା। ଆମେରିକାର ଏହି ଘଟଣା ବିଶ୍ୱର ସମସ୍ତ ସ୍ୱାଧୀନ ଓ ପରାଧୀନ ଦେଶର ଶ୍ରମଜୀବୀମାନଙ୍କୁ ପ୍ରଭାବିତ କରିଥିଲା। ପୁଞ୍ଜିବାଦୀ ବ୍ୟବସ୍ଥା ବିରୋଧରେ ବିଶ୍ୱ ଶ୍ରମଜୀବୀ ସମୁଦାୟ ସଂଗ୍ରାମକୁ ଆଗକୁ ବଢ଼ାଇଥିଲେ। ଶିକାଗୋ ଆନ୍ଦୋଳନର ନେତାମାନଙ୍କ ନାମରେ ମିଥ୍ୟା ଅଭିଯୋଗ ଆଗତ କରାଯାଇ ୪ଜଣଙ୍କୁ ଫାଶୀଖୁଣ୍ଟରେ ଝୁଲାଇ ଦିଆଯାଇଥିଲା। ଏହି ଦୁଃଖଦ ଘଟଣାର ସ୍ମାରକୀ ସ୍ୱରୂପ ୟୁରୋପର ଇଣ୍ଟରନ୍ୟାଶନାଲ କଂଗ୍ରେସ ଅଫ୍ ସୋସିଆଲିଷ୍ଟ ପାର୍ଟିଜ୍ ପକ୍ଷରୁ ୧୮୮୯ ଜୁଲାଇ ୧୪ରେ ପ୍ୟାରିସରେ ଆୟୋଜିତ ଦ୍ୱିତୀୟ ଅନ୍ତର୍ଜାତୀୟ ମହାଧିବେଶନରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ଯେ, ପ୍ରତିବର୍ଷ ମେ' ପହିଲାକୁ ବିଶ୍ୱରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ କରାଯିବ। ଏହି ନିଷ୍ପତ୍ତି ଅନୁଯାୟୀ ୧୮୯୦ରୁ ଏହା ପାଳନ କରାଯାଇ ଆସୁଛି। ସମ୍ପ୍ରତି ୧୬୦ରୁ ଊର୍ଦ୍ଧ୍ୱ ଦେଶରେ ଏହି ଦିବସ ମେ' ୧ରେ ପାଳନ କରାଯାଉଛି। ହେଲେ ଆମେରିକା ଓ କାନାଡ଼ାରେ ସେପ୍ଟେମ୍ବର ପ୍ରଥମ ସୋମବାରରେ ଏହି ଦିବସ ପାଳନ କରାଯାଉଛି।

ଶିକାଗୋ ଆନ୍ଦୋଳନର ବହୁ ପୂର୍ବରୁ ଅର୍ଥାତ୍ ୧୮୦୬ ମସିହାରେ ଆମେରିକାର ପ୍ରସିଦ୍ଧ ଫିଲାଡେଲଫିଆ ଜୋତା କାରଖାନାର ମେକାନିକ୍‌ମାନେ ପ୍ରଥମ ମେକାନିକ୍ସ ୟୁନିୟନ୍ ଅଫ୍ ଫିଲାଡେଲ୍‌ଫିଆ ନାମକ ଏକ ଶ୍ରମିକ ସଂଗଠନ ଗଠନ କରିଥିଲେ। ସେହି ସମୟରେ ଶ୍ରମିକମାନେ ଦୈନିକ ୧୯ ଘଣ୍ଟା କାର୍ଯ୍ୟ କରୁଥିବାରୁ ସେମାନଙ୍କ ଅବସ୍ଥା ଦୁର୍ବିଷହ ହୋଇପଡ଼ିଥିଲା। ତେଣୁ ଦୈନିକ ଶ୍ରମ ନିର୍ଘଣ୍ଟ ୧୯ ଘଣ୍ଟାରୁ ହ୍ରାସ କରାଯାଇ ୧୦ ଘଣ୍ଟାରେ ସୀମିତ କରିବା ପାଇଁ ଦାବି କରି ଫିଲାଡେଲ୍‌ଫିଆର ନିର୍ମାଣ ଶ୍ରମିକମାନେ ୧୮୨୭ ମସିହାରେ ପ୍ରଥମ କରି ସଂଗଠିତ ଭାବେ ଧର୍ମଘଟ ଆରମ୍ଭ କରିଥିଲେ। ସେହିପରି ୨୧ ଏପ୍ରିଲ ୧୮୫୬ରେ ଅଷ୍ଟ୍ରେଲିଆର ମେଲବୋର୍ନରେ ୮ ଘଣ୍ଟିଆ କାର୍ଯ୍ୟ ନିର୍ଘଣ୍ଟ ସ୍ଥିର ପାଇଁ ଶ୍ରମିକ ଆନ୍ଦୋଳନର ପ୍ରଥମ ପଦଯାତ୍ରା ହୋଇଥିଲା। ଏହି ଦିନ ମେଲବୋର୍ନର ଚାରିପାଖରେ ହେଉଥିବା ବିରାଟ ପଥର ପାଚେରିର ନିର୍ମାଣ ଶ୍ରମିକମାନେ କାର୍ଯ୍ୟ ବନ୍ଦ କରିଥିଲେ। ସେମାନେ ମେଲବୋର୍ନ ବିଶ୍ୱବିଦ୍ୟାଳୟରୁ ସଂସଦ ଗୃହକୁ ଚାଲି ଚାଲି ଯାଇ ନିଜର ଦାବି ଜଣାଇଥିଲେ। ପୁଞ୍ଜିବାଦୀଙ୍କ ବିରୋଧରେ ସେମାନଙ୍କର ଏହି ପ୍ରତ୍ୟକ୍ଷ କାର୍ଯ୍ୟାନୁଷ୍ଠାନ ସଫଳ ହୋଇଥିଲା। ସେତେବେଳେ ଆମେରିକା ସମେତ ଅନେକ ଦେଶରେ ୧୨ରୁ ୧୬ ଘଣ୍ଟା ଯାଏ ଶ୍ରମିକମାନେ କାମ କରୁଥିଲେ।

## ୧୯୨୩ରୁ ଭାରତରେ ପାଳିତ ହେଉଛି



ଭାରତରେ ପ୍ରଥମ କରି ମେ' ଦିବସ ୧୯୨୩ରେ ମାଡ୍ରାସ(ଚେନ୍ନାଇ)ରେ ପାଳନ କରାଯାଇଥିଲା। ଏହି ଦିନ ସମଗ୍ର ଭାରତବର୍ଷରେ ଟ୍ରେଡ୍ ୟୁନିୟନଗୁଡ଼ିକ ଶ୍ରମିକମାନଙ୍କର ମୂଲ୍ୟବୋଧକୁ ମନେପକାଇ ଥାଆନ୍ତି। ଭାରତରେ ଶ୍ରମିକ ଦିବସ ପାଳନ ପାଇଁ ଲେବର କିଷାନ୍ ପାର୍ଟି ପ୍ରଥମ ପଦକ୍ଷେପ ନେଇଥିଲା। ପ୍ରଥମ ଟ୍ରେଡ୍ ୟୁନିୟନର ପ୍ରତିଷ୍ଠାତା କମ୍ରେଡ୍ ମଲୟପୁରମ୍ ସିଙ୍ଗାରଭେଲୁ ଚେଟିଆର୍ ଉକ୍ତ ଦିବସ ପାଳନ ପାଇଁ ଦୁଇଟି ବୈଠକ ଆୟୋଜନ କରିଥିଲେ। ଗୋଟିଏ ବୈଠକ ଟ୍ରିପ୍ଲିକେନ୍ ବିଚ୍‌ରେ ଏବଂ ଅନ୍ୟଟି ମାଡ୍ରାସ୍ ହାଇକୋର୍ଟର ବିପରୀତ ଦିଗରେ ଥିବା ସମୁଦ୍ର ବେଳାଭୂମିରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ସିଙ୍ଗାରଭେଲୁ ଏକ ପ୍ରସ୍ତାବ ଗୃହୀତ କରାଇଥିଲେ। ଏହି ପ୍ରସ୍ତାବରେ ଉଲ୍ଲେଖ ଥିଲା ଯେ, ମେ' ୧ ଶ୍ରମିକ ଦିବସକୁ ସରକାର ଜାତୀୟ ଛୁଟିଦିବସ ଘୋଷଣା କରନ୍ତୁ। ପ୍ରଥମଥର ପାଇଁ ଶ୍ରମିକ ସଙ୍କେତ ସ୍ୱରୂପ ଏଠାରେ ଲାଲ୍ ପତାକା ବ୍ୟବହାର କରାଯାଇଥିଲା।

## Business

# ଜେଇଇ ମେନ୍‌ରେ ଆକାଶ ବାଇଜୁସ୍‌ର ସଫଳତା

### ଭୁବନେଶ୍ୱର ସେଣ୍ଟରର ପ୍ରିୟଙ୍କା ସର ରାଜ୍ୟ ଟପ୍ପର

ଭୁବନେଶ୍ୱର,୩୦।୪





ଆକାଶ ବାଇଜୁସ୍‌ର ଭୁବନେଶ୍ୱର ସେଣ୍ଟରଠାରେ ରବିବାର ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କ ସହ ଆକାଶ ବାଇଜୁସ୍‌ର ରିଜିଓନାଲ ଡାଇରେକ୍ଟର (ପୂର୍ବ) ଅଜୟ ବାହାଦୁର ସିଂ, ଡେପୁଟି ଡାଇରେକ୍ଟର (ଇଷ୍ଟ) ସୂର୍ଯ୍ୟଭାନୁ ସିଂ, ଏକାଡେମିକ ହେଡ୍ ଇଞ୍ଜିନିୟରିଂ ଅମିୟ କୁମାର ସାମଲ ଏବଂ ଆର୍‌ଏସ୍‌ଜିଏଚ୍ ବିକାଶ ଦାସ ଉପସ୍ଥିତ ଅଛନ୍ତି।

ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା କୋଚିଂ ସେଣ୍ଟର ଆକାଶ ବାଇଜୁସ୍‌ର ଓଡ଼ିଶା ଶାଖା କ୍ରମାଗତ ୪ର୍ଥ ବର୍ଷ ପାଇଁ ଜେଇଇ ମେନ୍ ଫଳାଫଳରେ ରାଜ୍ୟ ଟପ୍ପର ସହ ଉଲ୍ଲେଖନୀୟ ସଫଳତା ମଧ ହାସଲ କରିଆସିଛି। ଏପରିକି ଚଳିତ ଥରର ଜେଇଇ ମେନ୍ ଫଳାଫଳରେ ମଧ ଆକାଶ ବାଇଜୁସ୍‌ର ଓଡ଼ିଶା ଶାଖାରୁ ମୋଟ ୩୪ ଜଣ ଛାତ୍ରୀଛାତ୍ର ୯୯ ପର୍ସେଣ୍ଟାଇଲରୁ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ଜେଇଇ ମେନ୍-୨୦୨୩ର ୨ୟ ପର୍ଯ୍ୟାୟ ଫଳାଫଳ ନିକଟରେ ପ୍ରକାଶିତ ହୋଇଯାଇଛି। ଉକ୍ତ ଫଳାଫଳ ଅନୁସାରେ ଆକାଶ ବାଇଜୁସ୍‌ର ଭୁବନେଶ୍ୱର ସେଣ୍ଟରର ଛାତ୍ରୀ ପ୍ରିୟଙ୍କା ସର ୯୯.୯୮ ପର୍ସେଣ୍ଟାଇଲ ସହ ରାଜ୍ୟ ଟପ୍ପର ହୋଇଛନ୍ତି। ଏପରିକି ସେ ଜେଇଇ ମେନ୍-୨୦୨୩ ଫଳାଫଳରେ ଅଲ୍ ଇଣ୍ଡିଆ ର୍ୟାଙ୍କ (ଏଆଇଆର୍) ୨୪୩ ତମ ସ୍ଥାନରେ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ରବିବାର ଆକାଶ ବାଇଜୁସ୍‌ର ଭୁବନେଶ୍ୱର ଶାଖା ପକ୍ଷରୁ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଉକ୍ତ ଉତ୍ସବରେ ଭୁବନେଶ୍ୱର ସେଣ୍ଟରର ସଫଳ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଏ ସମ୍ପର୍କରେ ଆକାଶ ବାଇଜୁସ୍‌ର ରିଜିଓନାଲ ଡାଇରେକ୍ଟର (ପୂର୍ବ) ଅଜୟ ବାହାଦୁର ସିଂ କହିଛନ୍ତି, ଚଳିତ ବର୍ଷର ଜେଇଇ ମେନ୍ ଫଳାଫଳକୁ ନେଇ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଓଡ଼ିଶା ଟପ୍ପର ତଥା ଆକାଶ ବାଇଜୁସ୍‌ର ଓଡ଼ିଶା ଶାଖାର ଭୁବନେଶ୍ୱର ସେଣ୍ଟରର ଛାତ୍ରୀ ପ୍ରିୟଙ୍କାଙ୍କୁ ତାଙ୍କର ଅନନ୍ୟ ସଫଳତା ନିମନ୍ତେ ମଧ ଅଭିନନ୍ଦନ ଜଣାଉଛୁ। ସେହିଭଳି ଆମେ ତାଙ୍କର ଭବିଷ୍ୟତର ସମସ୍ତ ପ୍ରୟାସରେ ମଧ ସର୍ବକୁଶଳ କାମନା କରୁଛୁ ବୋଲି ସିଂ ମତପ୍ରକାଶ କରିଥିଲେ।

# ବ୍ୟାପାର ଓଡ଼ିଶାର ପ୍ରଥମ ସଂସ୍କରଣ ଉଦ୍‌ଯାପିତ

ଭୁବନେଶ୍ୱର,୩୦।୪

ଫେଡେରେସନ ଅଫ ଅଟୋମୋବାଇଲ ଡିଲର୍ସ ଆସୋସିଏସନସ (ଏଫଏଡିଏ)ର ଓଡ଼ିଶା ଶାଖା ପକ୍ଷରୁ ନିକଟରେ ବ୍ୟାପାର ଓଡ଼ିଶାର ପ୍ରଥମ ସଂସ୍କରଣ ର ଆୟୋଜନ କରାଯାଇଥିଲା। ଏପରିକି ଫାଡାର ବାର୍ଷିକ ଅଟୋମୋବାଇଲ ଡିଲରମାନଙ୍କର ବୈଠକ 'ବ୍ୟାପାର'ର ଚତୁର୍ଦ୍ଦଶ ସଂସ୍କରଣ ମଧ ଓଡିଶାରେ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଦିନିକିଆ କର୍ମଶାଳା 'ହ୍ୱିଲସ ଅଫ ଓଡ଼ିଶା'ଶୀର୍ଷକ ବିଷୁ ଉପରେ ଏକ ଆଲୋଚନା ଚକ୍ର ମଧ ଅନୁଷ୍ଠିତ ହୋଇଥିଲା। ଅପରପକ୍ଷରେ ଫାଡାର ସଭାପତି ମନିଶ ରାଜ ସିଂଘାଣିଆ କହିଥିଲେ, ଓଡ଼ିଶାରେ 'ହ୍ୱିଲସ ଅଫ ଓଡ଼ିଶା' ଶୀର୍ଷକ ବିଷୟକୁ ନେଇ ବ୍ୟାପାର ସମ୍ମିଳନୀର ଚତୁର୍ଦ୍ଦଶ ସଂସ୍କରଣ ଆୟୋଜନ ପାଇଁ ଆମେ ବେଶ ଆନନ୍ଦିତ। ଓଡ଼ିଶା ରାଜ୍ୟ ଯାନବାହନ ଶିଳ୍ପ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ବଜାର ହୋଇଛି। ଓଡ଼ିଶାରେ ଏହା ପ୍ରଥମ ବ୍ୟାପାର ସମ୍ମିଳନୀ ଥିଲା ଏବଂ ଏଠାରେ ଆମେ ଯେଉଁଭଳି ଆଗ୍ରହ ଲକ୍ଷ୍ୟ କରିଛୁ, ତାହା ଉଲ୍ଲେଖନୀୟ। ଏହା ଆମକୁ ରିଟେଲ ଅଟୋମୋବାଇଲ ଶିଳ୍ପରେ ପୁନଃ ଶକ୍ତି ସଞ୍ଚରଣ କରିବା ଏବଂ ଆମ ଶିଳ୍ପର ବ୍ୟକ୍ତିବିଶେଷଙ୍କୁ ଉତ୍ସାହିତ ତଥା ସୂଚିତ ରଖିବାକୁ ଏହିଭଳି ଅନେକ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଅଶେଷ ପ୍ରେରଣା ଦେଇଛି। ସେହିପରି ଫାଡାର ରାଜ୍ୟ ଚେୟାରପର୍ସନ ପ୍ରଦୀପ ଅଗ୍ରୱାଲ କହିଥିଲେ, ଓଡ଼ିଶାରେ ପ୍ରଥମ ଥର ପାଇଁ ବ୍ୟାପାରର ଆୟୋଜନ କରି ଆମେ ନିଜକୁ ଗୌରବାନ୍ୱିତ ମନେ କରୁଛୁ। ଏପରିକି ଶିଳ୍ପ ବିଶେଷଜ୍ଞଙ୍କ ସହିତ ଯୋଡି ହେବା ଏବଂ ସେମାନଙ୍କ ଅଭିଜ୍ଞତାରୁ ଜାଣିବା ସକାଶେ ରାଜ୍ୟର ଅଟୋମୋବାଇଲ ଡିଲରମାନଙ୍କ ନିମନ୍ତେ ଏହା ଏକ ଚମତ୍କାର ସୁଯୋଗ ଆଣି ଦେଇଛି।

# ଆଇଡିଏଫସି ଫାଷ୍ଟ ବ୍ୟାଙ୍କର ବାର୍ଷିକ ଫଳାଫଳ

ନୂଆଦିଲ୍ଲୀ,୩୦।୪

ଆଇଡିଏଫସି ଫାଷ୍ଟ ବ୍ୟାଙ୍କର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଉକ୍ତ ବୈଠକରେ ବ୍ୟାଙ୍କର ବାର୍ଷିକ ଫଳାଫଳ ସହ ୨୦୨୨-୨୩ ଆର୍ଥିକ ବର୍ଷ ଶେଷ ତ୍ରୈ ମାସିକ ଫଳାଫଳ ସମ୍ପର୍କରେ ମଧ ଘୋଷଣା କରାଯାଇଛି। ଅପରପକ୍ଷରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ବ୍ୟାଙ୍କର ଟିକସ ପରବର୍ତ୍ତୀ ଲାଭ ୨୪୩୭ କୋଟି ଟଙ୍କା ରହିଛି। ଏପରିକି ୨୦୨୧-୨୨ ଆର୍ଥିକ ବର୍ଷରେ ବ୍ୟାଙ୍କର ମୋଟ ଲାଭ ୧୪୫ କୋଟି ତୁଳନାରେ ୨୦୨୨-୨୩ ଆର୍ଥିକ ବର୍ଷରେ ୨୪୩୭ କୋଟି ଅଧିକ ହୋଇଛି। ବିଶେଷ କରି ବ୍ୟାଙ୍କର କ୍ୟୁ୪ ଆର୍ଥିକ ବର୍ଷ ୨୨ ତୁଳନାରେ କ୍ୟୁ୪ ଆର୍ଥିକ ବର୍ଷ ୨୩ ପାଇଁ ଟିକସ ପରବର୍ତ୍ତୀ ଲାଭ ୮୦୩ କୋଟି ଥିଲା। ଯାହା ୧୩୪% ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ସେହିଭଳି ଗ୍ରାହକଙ୍କ ଜମା ୧,୩୬,୮୧୨ ଟଙ୍କା ଯାହା ୪୭% ପର୍ଯ୍ୟନ୍ତ ୱାଇଓଆଇ ବୃଦ୍ଧି ଘଟିଛି। ଏପରିକି ଋଣ ଓ ଅଗ୍ରୀମ ଥିଲା ୧୬୦୫୯୯ କୋଟି ଯାହା ୨୪% ପର୍ଯ୍ୟନ୍ତ ୱାଇଓଆଇ ସହ ଆସେଟ କ୍ୱାଲିଟିରେ ଉନ୍ନତି ହୋଇଛି। ଗ୍ରସ ଏନପିଏ ୨.୫୧% ଓ ନେଟ ୦.୮୬% ରହିଛି। ଆସେଟ କ୍ୱାଲିଟି ରିଟେଲ ଲୋନରେ ଉନ୍ନତି ଆସିଛି, ଗ୍ରସ ଏନପିଏ ୧.୭୫% ଓ ନେଟ ୦.୫୫% ହୋଇଛି। ବ୍ୟାଙ୍କର ଗ୍ରସ ଓ ଏନପିଏ ଇନଫ୍ରାଷ୍ଟ୍ରକଚର ଫାଇନାନସିଂ ବୁକକୁ ଛାଡି ରନଡାଉନ ମୋଡରେ ୧.୮୪% ଓ ୦.୪% ରହିଛି। ସେହିପରି ଆର୍ଥିକ ବର୍ଷ ୨୨ର ୧୪୫ କୋଟି ତୁଳନାରେ ନେଟ ଲାଭ ୨୪୩୭ କୋଟି ଟଙ୍କା ଓ ତ୍ରୈମାସିକ ନେଟ ଲାଭ କ୍ୟୁ୪ ଆର୍ଥିକ ବର୍ଷ ୨୨ ଠାରୁ ୧୩୪% ୱାଇଓୱାଇ ଅଧିକ ରହିଛି। ଏ ସମ୍ପର୍କରେ ଆଇଡିଏଫସି ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଭି. ବୈଦ୍ୟନାଥନ କହିଛନ୍ତି, ଆମର ଏକ ସୁଦୃଢ ଭିତ୍ତିଭୂମି ରହିଛି ଓ ଆମେ ଏଥିପାଇଁ ଲୋକମାନଙ୍କର ନିକଟତର ହୋଇ ପାରିଛୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆମର ସଂପତିର ଗୁଣବତ୍ତା ସର୍ବାଧିକ ରହିଛି। ଆମେ ସର୍ବୋଚ୍ଚ ତ୍ରୈମାସିକ ଲାଭ ହାସଲ କରିପାରିଛୁ। ଆମେ ସବୁବେଳେ ହୀତାଧିକାରୀଙ୍କ ସ୍ୱାର୍ଥ ପାଇଁ ଯତ୍ନବାନ ରହିଛୁ, ଆମର ଗ୍ରାହକ ଅଭିମୁଖୀ ଯୋଜନା, ସେବା, ନୈତିକତା ଓ ଗ୍ରାହକଙ୍କ ପ୍ରତି ସମ୍ମାନ ବଜାୟ ରହିବ ଓ ଏକ ସୁଦୃଢ କର୍ମ ସଂସ୍କୃତି ଉପରେ ବ୍ୟାଙ୍କ ଧ୍ୟାନ ରଖିବ।

# ଉଡାନ୍ ସହ ଆରସିପିଏଲ୍ ବୁଝାମଣା

ନୂଆଦିଲ୍ଲୀ,୩୦।୪





ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟ ଲିମିଟେଡ ( ଆରସିପିଏଲ) ଏବଂ ଉଡାନ ମଧ୍ୟରେ ଏକ ଦ୍ୱିପାକ୍ଷିକ ବ୍ୟବସାୟିକ ବୁଝାମଣା ନିକଟରେ ସ୍ୱାକ୍ଷରିତ ହୋଇଯାଇଛି। ବିଶେଷକରି ଉଭୟ ସଂସ୍ଥା ମଧ୍ୟରେ ଏକ ସର୍ବଭାରତୀୟ ବିତରଣ ଭାଗୀଦାରି ସମ୍ପର୍କରେ ମଧ ଘୋଷଣା କରାଯାଇଛି। ବିଶେଷକରି ପ୍ରାରମ୍ଭିକ ପର୍ଯ୍ୟାୟରେ ଆରସିପିଏଲର କାମ୍ପା ପାନୀୟର ପରିସର ୫୦,୦୦୦ ରୁ ଅଧିକ ଖୁଚୁରା ବ୍ୟବସାୟୀ ଓ କିରାନା ଷ୍ଟୋରରେ ଉପଲବ୍ଧ ହେବ। ଏପରିକି ଏହା ଆସନ୍ତା ଦୁଇ ମାସ ମଧ୍ୟରେ ଧୀରେ ଧୀରେ ଏକ ଲକ୍ଷରୁ ଅଧିକ ଖୁଚୁରା ବ୍ୟବସାୟୀ/କିରାନା ଷ୍ଟୋରକୁ ବିସ୍ତାର କରାଯିବ ବୋଲି ଜଣାପଡିଛି। ସେହିଭଳି ଉଡାନ ପ୍ଲାଟଫର୍ମରେ ଆରମ୍ଭ ହୋଇଥିବା ତିନୋଟି ନୂତନ କାମ୍ପା ସ୍ୱାଦ କୋଲା, ଅରେଞ୍ଜ ଏବଂ କ୍ଲିଅର ଲାଇମର ବ୍ୟବହାର ପାଇଁ ୨୦୦ମିଲି, ୫୦୦ମିଲି ଯାତ୍ରା ସମୟରେ ଏବଂ ଘରୋଇ ବ୍ୟବାହର ପାଇଁ ୨୦୦୦ ମିଲି ଫ୍ୟାମିଲି ପ୍ୟାକ ସହିତ ବିଭିନ୍ନ ଉପଭୋକ୍ତା ରେଞ୍ଜ ଏବଂ ମୂଲ୍ୟରେ ମଧ ଉପଲବ୍ଧ ହେବ । ଉଲ୍ଲେଖଯୋଗ୍ୟ ଖୁଚୁରା ଦେଶର ସର୍ବବୃହତ ବି୨ବି ପ୍ଲାଟଫର୍ମ ଉଡାନ ଜରିଆରେ ଆରସିପିଏଲର ପାନୀୟ ବ୍ରାଣ୍ଡ କାମ୍ପାର ବିସ୍ତୃତ ରେଞ୍ଜ ଉପଲବ୍ଧ ହେବ। ଏ ସମ୍ପର୍କରେ ଉଡାନର ମୁଖ୍ୟ (ଏଫଏମସିଜି ବ୍ୟବସାୟ) ବିନୟ ଶ୍ରୀବାସ୍ତବ କହିଥିଲେ, ଏହି ଗ୍ରୀଷ୍ମରେ ଭାରତୀୟ ଗ୍ରାହକଙ୍କୁ 'ଦି ଗ୍ରେଟ୍ ଇଣ୍ଡିଆନ ଟେଷ୍ଟ' ଉପସ୍ଥାପନ ଏବଂ ଉପଲବ୍ଧ କରିବାକୁ ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷ କରି ଏକ ବ୍ୟୟ ପ୍ରଭାବୀ ବିତରଣ ନେଟୱର୍କ ସହିତ ବିଶାଳ ଖୁଚୁରା ବ୍ୟବସାୟ ଆଧାର ମିଳିତ ହୋଇ ଭାରତରେ 'କାମ୍ପା' ପରିସର ପାଇଁ ବଜାର ପ୍ରବେଶ ସହ ଆରସିପିଏଲର ଆବଶ୍ୟକତା ପୂରଣ କରିବାକୁ ଯାଉଛି। ଏପରିକି ଉଭୟ ସଂସ୍ଥାର ବୁଝାମଣା ଆମକୁ ଏକ ସ୍ୱତନ୍ତ୍ର ସ୍ଥିତିରେ ରଖିଛି ବୋଲି ଆମେ ବିଶ୍ୱାସ କରୁଛୁ। ସେହିଭଳି ଖୁଚୁରା ବ୍ୟବସାୟୀ ଏବଂ ଛୋଟ କିରାନା ଷ୍ଟୋରଗୁଡିକର ସେବା ଉପଲବ୍ଧ କରିବା ପାଇଁ ଉଡାନ ନିଜର ଶକ୍ତି ଉପରେ ନିର୍ଭର କରିବ।

## ସଂକ୍ଷେପରେ

### ଛପନ ପହର ନାମଯଜ୍ଞ ଉଦ୍‌ଯାପିତ

**ଲୋଇସିଂହା,୩୦।୪(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ବୁର୍ଡା ଗଉନ୍ତିଆ ପଡାରେ ଚାଲିଥିବା ସପ୍ତାହବ୍ୟାପୀ ଛପନ ପହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସରେ ନଗର ପରିକ୍ରମା ଏବଂ ବୈଠକୀ କୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ଗତ ୨୩ ତାରିଖରେ କଳସ ଶୋଭାଯାତ୍ରା ସହ ନାମଯଜ୍ଞ ଆରମ୍ଭ ହୋଇଥିଲା । ବିରଞ୍ଚି ମିଶ୍ର ଏବଂ ସହଯୋଗୀ ପଜାର୍ଚ୍ଚନା କରିଥିଲେ । ପୂଜାରେ ବିଭିନ୍ନ ଦିବସରେ ବହୁ ଯୋଡା ଦମ୍ପତି କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ୫୬ ସଂକୀର୍ତ୍ତନ୍ୟ ଦଳ ନାମଯଜ୍ଞରେ ଯୋଗଦେଇଥିଲେ। ନାମଯଜ୍ଞର ବିଶେଷ ଆକର୍ଷଣ ଥିଲା ପ୍ରହରୀ ମଣ୍ଡପ ଘୂରିବା ଏବଂ ମୀନାବଜାର। ଶ୍ରଦ୍ଧାଳୁମାନେ ମୀନାବଜାର ରେ କିଣାକିଣି କରିବା ସହ ସ୍ଥାନୀୟ ଦେଢିବନ୍ଧରେ ନୌକାବିହାରର ମଜା ଉଠାଇଥିଲେ। କମିଟି କର୍ମକର୍ତ୍ତାଙ୍କ ସହ ବୁଟା ବାଗ, ମହାଦେବ ମହାକୁର ଓ ବୟୋଜେଷ୍ଠଙ୍କ ପ୍ରତ୍ୟକ୍ଷ ସହଯୋଗରେ ୫ମ ବର୍ଷ ସଂକୀର୍ତ୍ତନ ମହୋତ୍ସବ ସମାପନ ହୋଇଛି ।

### ସଙ୍ଗା ଗଦିବାଲା ଗିରଫ, କୋର୍ଟ ଚାଲାଣ

**ଜୁନାଗଡ଼,୩୦।୪(ଡି.ଏନ୍.ଏ.):** କଳାହାଣ୍ଡି ଜିଲା ଜୁନାଗଡ଼ ପୋଲିସ ରବିବାର ଜଣେ ସଙ୍ଗା ଗଦିବାଲାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଚିଚୈଗୁଡ଼ା ଗ୍ରାମର ସ୍ୱରୂପ ମେହେର। ଏନେଇ ଥାନାରେ ମାମଲା (ନଂ ୧୬୩/୨୩)ରୁଜୁ ହୋଇଛି। ଗତ କିଛି ଦିନ ତଳେ ପୋଲିସ ଗୌଡ଼ଛେଣ୍ଡିଆ ଗ୍ରାମରେ ଚଢ଼ାଉ କରି ସଙ୍ଗା ପଟି, ଟଙ୍କା ସହ ଗ୍ରାମର ପଞ୍ଚାନନ ଶବରଙ୍କୁ ଗିରଫ କରିଥିଲା। ତେବେ ଏହି ଘଟଣାରେ ପଞ୍ଚାନନଙ୍କ ସହ ସ୍ୱରୂପଙ୍କ ସମ୍ପୃକ୍ତ ଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା।

# ସମ୍ବର୍ଦ୍ଧିତ ହେଲେ ବହୁ ବିଶିଷ୍ଟ ପ୍ରତିଭା

## ପ୍ରଧାନମନ୍ତ୍ରୀଙ୍କ ୧୦୦ତମ ମନ୍‌କୀବାତ୍ କାର୍ଯ୍ୟକ୍ରମ

**ଟିଟିଲାଗଡ଼, ୩୦।୪ (ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ମୋଦିଙ୍କ ୧୦୦ତମ ମନକୀ ବାତ କାର୍ଯ୍ୟକ୍ରମ ନେଇ ଟିଟିଲାଗଡ ଗୋବିନ୍ଦ ବାଟିକା ପରିସରରେ ସମାରୋହ ଆୟୋଜିତ ହୋଇଥିଲା। ସହସ୍ରାଧିକ ଲୋକେ ପ୍ରଧାନମନ୍ତ୍ରୀଙ୍କ ମନକୀ ବାତ କାର୍ଯ୍ୟକ୍ରମ ଏଲଇଡି ଟିଭି ଜରିଆରେ ଧ୍ୟାନ ଦେଖିଥିଲେ। ଏହା ପୂର୍ବରୁ ଟିଟିଲାଗଡ ଭାଜପା ନଗର ସଭାପତି ପ୍ରଶାନ୍ତ ଷଡଙ୍ଗୀଙ୍କ ଅଧ୍ୟକ୍ଷତା ତଥା ବଲାଙ୍ଗୀର ଜିଲା ମନକୀବାତ ସଂଯୋଜକ ଶ୍ରୀବତ୍ସ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଏମ୍‌ପି ସିଂଦେଓ ପ୍ରଧାନମନ୍ତ୍ରୀଙ୍କ କୋଭିଡ ପରିଚାଳନା, ପ୍ରତ୍ୟେକ ଜିଲାରେ ୭୫ଟି ଅମୃତ ସରୋବର ପ୍ରକଳ୍ପ, ଘର ଘର ତ୍ରିରଙ୍ଗା, ଜନତାଙ୍କ ମହଲରେ ଦେଶଭକ୍ତି, ଦେଶ ପ୍ରେମ, ସମାଜସେବା ତଥା ଦେଶ ପ୍ରତି କର୍ତ୍ତବ୍ୟବୋଧତା ସୃଷ୍ଟି ପାଇଁ ନିଆରା ଉଦ୍ୟମ ଦେଶବାସୀଙ୍କ ମଧ୍ୟରେ ତାଙ୍କର ଗ୍ରହଣୀୟତା ବୃଦ୍ଧି କରିଥିବା କହିଥିଲେ। ରେଡିଓ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ମନକୀବାତ କାର୍ଯ୍ୟକ୍ରମ ଯୋଗେ ଦେଶର କୋଟିକୋଟି ଜନତା ପ୍ରଧାନମନ୍ତ୍ରୀଙ୍କ ସହ ଏକ ଯୋଗସୂତ୍ରରେ ବାନ୍ଧି ହୋଇଥିବା ସିଂଦେଓ କହିଥିଲେ। ଏହି ଅବସରରେ ଅନେକ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲୁଥୁରବନ୍ଧର ଉଦ୍ୟମୀ ଚାଷୀ ଲାଲଚନ୍ଦ ମାଝିଙ୍କୁ କାର୍ଯ୍ୟକ୍ରମରେ ମୋମେଣ୍ଟୋ ପ୍ରଦାନ ସହ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପଦ୍ମଶ୍ରୀ ନରସିଂହ ଗୁରୁ, ଡା. ଲିଲାଧର ଶର୍ମା, ଅବସରପ୍ରାପ୍ତ ସୈନିକ ଜ୍ୟୋତିବସୁ ଛତର, ବରିଷ୍ଠ କ୍ରୀଡାବିତ୍ ହରିଶଙ୍କର ଥପା, ବରିଷ୍ଠ ସାମ୍ବାଦିକ ଜଗଦୀଶ ଜୈନ, ବ୍ୟବସାୟୀ ଗୋପାଳ ଲାଠ ଏବଂ ତାଙ୍କ ସ୍ତ୍ରୀ ଲଳିତା ଲାଠ, ଲେଖିକା ବବି ଜୈନଙ୍କୁ ମୋମେଣ୍ଟୋ ପ୍ରଦାନ ସହ ଏମ୍‌ପି ସିଂଦେଓ ମଞ୍ଚରେ ସମ୍ବର୍ଦ୍ଧିତ କରିଥିଲେ। ଦଳର ଜିଲା ସାଧାରଣ ସମ୍ପାଦକ ମୁକେଶ ଜୈନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଟିଟିଲାଗଡ ତହସିଲଦାର ଡ. ଲଳିତ ବାଗ, ପୌରାଧ୍ୟକ୍ଷା ମମତା ଜୈନ, ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ଟିଟିଲାଗଡ ବାର ସଂଘ ସଭାପତି କୃଷ୍ଣଚନ୍ଦ୍ର ସାହୁ, ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ମେଜର ଡ. ମଧୁସୁଦନ ମିଶ୍ର, ଓମଭେଲି ସ୍କୁଲ ନିର୍ଦ୍ଦେଶକ ବଦ୍ରିନାଥ ମିଶ୍ର, ବଡମାଲ ଗୋଳାବାରୁଦ କାରଖାନା ମହାପ୍ରବନ୍ଧକ ପ୍ରଦୀପ ଦାଶ, ଡିଜିଏମ ଆଡମିନ ପ୍ରଭାସ ଭୋଇ, ଡିଜିଏମ ନିର୍ମାଣ ମହମ୍ମଦ ରୌଫ, ଏଜିଏମ ପିଏଲବି ଶେଖର, କାରଖାନା ୱାର୍କସ ୟୁନିୟନ ସଭାପତି ହରିହର ସିଂ, ଏମ୍‌ପି ପ୍ରତିନିଧି ଆଲୋକ ନାୟକ, ଭାଜପା ନେତା ମହେନ୍ଦ୍ର ଠାକୁର, ନବୀନ ଜୈନ ପ୍ରମୁଖ ଉପସ୍ଥିତ ଥିଲେ। କଣ୍ଠ ଶିଳ୍ପୀ ନିରାକାର ସାହୁ ଦେଶଭକ୍ତି ଗୀତ ଗାନ କରିଥିଲେ।



ଚାଷୀ ଲାଲଚନ୍ଦ ମାଝିଙ୍କୁ ଏମ୍‌ପି ସଙ୍ଗୀତା ସିଂଦେଓ ସମ୍ବର୍ଦ୍ଧିତ କରୁଛନ୍ତି।

## ଅବସରକାଳୀନ ସମ୍ବର୍ଦ୍ଧନା ବେଳେ କହିଲେ ସିଡିପିଓ

# ଉତ୍ତମ ସମନ୍ୱୟ ଯୋଗୁ ମିଳିଛି ସଫଳତା

**ଲୋଇସିଂହା,୩୦।୪(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପ୍ରଜ୍ଞାରାଣୀ ବାରିକ ରବିବାର ଅବସର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଭାଗୀୟ ସଭାଗୃହରେ କାର୍ଯ୍ୟାଳୟର ସହକର୍ମୀ, ଅଙ୍ଗନୱାଡି କର୍ମୀଙ୍କ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ସଭାରେ ଲୋଇସିଂହା ସଦର ପରିଦର୍ଶିକା ବିନନ୍ଦା ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଉପସ୍ଥିତ ସିଡିପିଓ ବାରିକଙ୍କୁ ଫୁଲତୋଡା, ଉତ୍ତରୀୟ ଏବଂ ବିଭିନ୍ନ ଉପହାର ଦେଇ ସହକର୍ମୀ ଏବଂ କର୍ମୀମାନେ ସମ୍ବର୍ଦ୍ଧିତ କରିଥିଲେ। ସିଡିପିଓ ବାରିକ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଯେ, ୨୦ ନଭେମ୍ବର ୧୯୮୭ରେ ଗୁଡଭେଲା ବ୍ଲକରେ ପରିଦର୍ଶିକା ଭାବେ ଚାକିରୀ ଜୀବନ ଆରମ୍ଭ କରିଥିଲେ । ସେପ୍ଟେମ୍ବର ୨୦୧୬ରୁ ଲୋଇସିଂହାରେ ସିଡିପିଓଭାବେ କାର୍ଯ୍ୟ କରୁଥିଲେ। ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ଲୋଇସିଂହା ବ୍ଲକ ଜିଲାସ୍ତରରେ ପ୍ରଥମ ହୋଇ ଜିଲା ପ୍ରଶାସନଠାରୁ ବିଭାଗ ପୁରସ୍କୃତ ହୋଇଥିବା ସେ କହିଥିଲେ। ଏହାବ୍ୟତୀତ ବ୍ଲକର ୧୦୭ ଗ୍ରାମରୁ ୯୬ ଗ୍ରାମକୁ ବାଲ୍ୟ ବିବାହମୁକ୍ତ କରାଯାଇପାରିଛି। ଦୀର୍ଘ ୭ବର୍ଷ କାର୍ଯ୍ୟକାଳ ମଧ୍ୟରେ ଜିଲା ପ୍ରଶାସନର ମାଗଦର୍ଶନ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସହକର୍ମୀ ଏବଂ ଅଙ୍ଗନୱାଡି କର୍ମୀଙ୍କ ସହ ଉତ୍ତମ ସମନ୍ୱୟ ଯୋଗୁ ଏହି ସଫଳତା ମିଳିବା ସମ୍ଭବ ହୋଇ ପାରିଥିବା ସେ କହିଥିଲେ କାର୍ଯ୍ୟକ୍ରମକୁ ବରିଷ୍ଠ ପରିଦର୍ଶିକା ପୁଷ୍ପାଞ୍ଜଳି ସ୍ୱାଇଁ ପରିଚାଳନା କରିଥିଲେ ।




ସହକର୍ମୀଙ୍କ ସହ ଅବସର ନେଇଥିବା ସିଡିପିଓ ପ୍ରଜ୍ଞାରାଣୀ ବାରିକ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ମୁକୁନ୍ଦ



@ ଆନନ୍ଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।




# ଅବସର ନେଲେ ପ୍ରଧାନଶିକ୍ଷକ

ଡୁଙ୍ଗୁରିପାଲି, ୩୦।୪(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ବାଙ୍କିପାଲି କ୍ଲଷ୍ଟରର ଗିଧମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ହରିଶ୍ଚନ୍ଦ୍ର ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାହୁ ନିଜର ଦୀର୍ଘ ୩୮ବର୍ଷ ଚାକିରୀ ଜୀବନର ସ୍ମୃତି ଅନୁଭୂତି ବର୍ଣ୍ଣନା କରିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗଣପତି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ଶିକ୍ଷକ ଶ୍ରୀବତ୍ସ ପାଣ୍ଡେ ସଂଯୋଜନା କରିଥିଲେ। ଗୋଷ୍ଠୀ ସାଧନ ସଂଯୋଜକ ତଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବଟକୃଷ୍ଣ ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବରାଜ ପଣ୍ଡା ମୁଖ୍ୟବକ୍ତା, ସମ୍ମାନୀତ ଅତିଥିଭାବେ କଦଳୀପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତେଜରାଜ ପଧାନ ଯୋଗଦେଇଥିଲେ। ବିଦାୟୀ ପ୍ରଧାନଶିକ୍ଷକ ହରିଶ୍ଚନ୍ଦ୍ର ସାହୁଙ୍କୁ ଉପଢୌକନ, ମାନପତ୍ର ଆଦି ପ୍ରଦାନକରି ସମ୍ମାନୀତ କରାଯାଇଥିଲା। ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଲୋକନାଥ ଦଣ୍ଡସେନା, ଶିକ୍ଷକ ସନ୍ତୋଷ ପଧାନ, ଗୁଣନିଧି ଭୁକ୍ତା, ସୁଦନ ବରିହା ନିଜର ଅନୁଭୂତି କହିଥିଲେ । ଶିକ୍ଷକ ଗୋପୀନାଥ ପାଣ୍ଡେ, ଗଣନାଥ ତାଣ୍ଡି, ପିତାମ୍ବର ଶିକା ଶିକ୍ଷକଙ୍କ ସହ ବିତିଥିବା ଅନୁଭୂତି ବର୍ଣ୍ଣନା କରିଥିଲେ। ବାଙ୍କିପାଲି ସାଧନ କେନ୍ଦ୍ର ସଂଯୋଜକ ହାରାଧନ ବେରିଆ ଧନ୍ୟବାଦ ଅର୍ପଣ କରିଥିଲେ। କ୍ଲଷ୍ଟରର ସମସ୍ତ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ଓ ପୂର୍ବତନ ଛାତ୍ରଙ୍କ ସହ ଗ୍ରାମବାସୀ ଶୋଭାଯାତ୍ରାରେ ଯାଇ ଅବସର ନେଇଥିବା ହରିଶ୍ଚନ୍ଦ୍ର ସାହୁଙ୍କୁ ଗାଁ ପରିକ୍ରମା କରାଇଥିଲେ।

# ଉତ୍ସବ ସଂସ୍କୃତି, ସମାଜ ସୁଧାରର ବାର୍ତ୍ତା ଦିଏ

## ମହାନଦୀ ଉତ୍ସବ-୨୦୨୩

ସୋନପୁର,୩୦।୪(ନି.ପ୍ର.)

ମହାନଦୀ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ତଥା କଳା, ସାହିତ୍ୟ ଓ ସାଂସ୍କୃତିକ ମହାପାର୍ବଣ ମହାନଦୀ ଉତ୍ସବ-୨୦୨୩ ରବିବାର ଦିବସବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ସୋନପୁର ବ୍ଲକ ଛକଠାରେ ସକାଳେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ସୁବର୍ଣ୍ଣପୁରର ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ଦାଶ ତାଙ୍କ ବକ୍ତବ୍ୟରେ ଉତ୍ସବ ସଂସ୍କୃତି, ସମାଜ ସୁଧାରର ବାର୍ତ୍ତା ଦିଏ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ସୁବର୍ଣ୍ଣପୁର ପୌର ପରିଷଦର ଅଧ୍ୟକ୍ଷା ତାମସୀ ତାମସ୍ମିତା ନାୟକ ଯୋଗ ଦେଇଥିଲେ। ପରେ ପଶ୍ଚିମ ଓଡ଼ିଶାର ବାନ୍ଧକଳାରେ ନୂତନ ପ୍ରୟୋଗ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଜାତୀୟ ପୁରସ୍କାରପ୍ରାପ୍ତ ବାନ୍ଧଶିଳ୍ପୀ ପ୍ରହ୍ଲାଦ ମେହେର ଓ ସଂସ୍କୃତି ଗବେଷକ ଡା. ଲକ୍ଷ୍ମଣ



ସମ୍ବର୍ଦ୍ଧନା ସମାରୋହରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା ବୃନ୍ଦ।

କୁମାର ମେହେର ଆଲୋଚକଭାବେ ଯୋଗ ଦେଇଥିଲେ। ବନମାଳୀ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

ପୂର୍ବାହ୍ଣରେ କବିତା ଉତ୍ସବ ବର୍ତ୍ତିବହ୍ନି ଅନୁଷ୍ଠିତ ହୋଇଥିଲା। କବି ଆର୍ତ୍ତତ୍ରାଣ ବାବୁ ଏଥିରେ ଅଧ୍ୟକ୍ଷତା କରିଥିଲେ। କବି ଓ ସମାଲୋଚକ ଡ. ଅଶୋକ କୁମାର ମହାପାତ୍ର ଆଲୋଚକ ଭାବେ ଯୋଗ ଦେଇଥିଲେ। ଶତାଧିକ କବୟିତ୍ରୀ ଓ କବି ସ୍ୱରଚିତ କବିତା ପାଠ କରିଥିଲେ। କବୟିତ୍ରୀ ଦେବଯାନୀ ମେସୁଆ କବିତା ଆସରକୁ ସଂଯୋଜନା କରିଥିଲେ। ସନ୍ଧ୍ୟାରେ ସମ୍ବର୍ଦ୍ଧନା ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦାନ କରି କଳା, ସଂସ୍କୃତି ଓ ସାହିତ୍ୟ ଅଞ୍ଚଳର ପରିଚୟ ସୃଷ୍ଟି କରିଥାଏ ବୋଲି କହିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ସଦସ୍ୟ ଡ. ମନୋଜ କୁମାର ପଣ୍ଡା ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ସଂସଦର ସଭାପତି ଶ୍ୟାମା ଓଁ ପ୍ରସାଦ ମିଶ୍ର ଓ ସମ୍ପାଦକ ଡକ୍ଟର ସୌରଭ ରଞ୍ଜନ ଖମାରୀ ମଞ୍ଚାସିନ ଥିଲେ। ଲକ୍ଷ୍ମୀନାରାୟଣ ସାହୁ ସଭା ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଡକ୍ଟର ପୁରୁଷୋତ୍ତମ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହାନଦୀ ସାହିତ୍ୟ ସଂସଦ ମୁଖପତ୍ର ଓଜସ୍‌କୁ ଅତିଥି ବୃନ୍ଦ ଉନ୍ମୋଚନ କରିଥିଲେ। ଏହି ଅବସରର ଶଶୀଭୂଷଣ ମିଶ୍ରଙ୍କୁ ମହାନଦୀ ସାହିତ୍ୟ ସମ୍ମାନ, ପାର୍ବତୀ ଜେନାଙ୍କୁ ମହାନଦୀ କଳା ଓ ସଙ୍ଗୀତ ସମ୍ମାନ, ଅଶ୍ୱିନୀ କୁମାର ପଣ୍ଡାଙ୍କୁ ମହାନଦୀ ନାଟ୍ୟ ସମ୍ମାନ, ନନ୍ଦକାହ୍ନା ପୂଜାହାରୀଙ୍କୁ ମହାନଦୀ ଯୁବ ପ୍ରତିଭା ସମ୍ମାନ ଓ ସିନେ ଗବେଷକ ସୂର୍ଯ୍ୟ ଦେଓଙ୍କୁ ମହାନଦୀ ସ୍ୱତନ୍ତ୍ର ସମ୍ମାନ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ବେଣୁଧର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। ପରେ ବୀରମହାରାଜପୁର ଭକ୍ତି ଆରାଧନା ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅବିନାଶ ହୋତା ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ରାଜପଥ ପ୍ରଶସ୍ତୀକରଣ ପାଇଁ ଜବରଦଖଲ ଉଚ୍ଛେଦ

ଡୁଙ୍ଗୁରିପାଲି, ୩୦।୪(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସହରରେ ଜିଲା ପ୍ରଶାସନ ପକ୍ଷରୁ ଦୁଇଦିନ ଧରି ଚାଲିଥିବା ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ରବିବାର ଶେଷ ହୋଇଛି। ଶନିବାର ପ୍ରଥମ ଦିନରେ ଜାତୀୟ ରାଜପଥ ୨୬ନମ୍ବର ବରଗଡ-ବୋରିଗୁମା ରାସ୍ତାର ଡୁଙ୍ଗୁରିପାଲି ସହର ସମେତ ଚେରୁପାଲି ଓ ବୈଦୁପାଲି, ଏଫସିଆଇ ରାସ୍ତାର ଉଭୟପାର୍ଶ୍ୱରେ ଜବରଦଖଲ କରି କରାଯାଇଥିବା ଦୋକାନ, ହୋଟେଲ ଆଦିକୁ ଜିଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ରବିବାର ଖୁଣ୍ଟପାଲି-



ଡୁଙ୍ଗୁରିପାଲି ସହରରେ ଜବରଦଖଲ ଉଚ୍ଛେଦ କରାଯାଉଛି।

ଚିନାଯୁରୀ ରାସ୍ତାର ଉଭୟପାର୍ଶ୍ୱରେ ଜବରଦଖଲ ହଟାଯାଇଛି। ବର୍ତ୍ତମାନ ବଲାଙ୍ଗୀରରୁ ଚିନାଯୁରୀ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ କାମ ଜାତୀୟ ରାଜପଥ ବିଭାଜନ ବଲାଙ୍ଗୀର ବିଭାଗ କରୁଛି। ଜାତୀୟ ରାଜପଥ ବିଭାଜନ ବିଭାଗ ଅନୁରୋଧକୁ ରଖି ଜିଲାପାଳଙ୍କ ଆଦେଶକ୍ରମେ ମାଜିଷ୍ଟ୍ରେଟଭାବେ ରାମପୁର ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧାଙ୍କ ଉପସ୍ଥିତିରେ ଏହି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା କରାଯାଇଥିଲା। ଜବରଦଖଲ ଉଚ୍ଛେଦ ବେଳେ ସୁବର୍ଣ୍ଣପୁର ଏସ୍‌ଡିପିଓ ପୁଷ୍ପାଞ୍ଜଳୀ ନିଙ୍ଗି, ଡୁଙ୍ଗୁରିପାଲି ରାଜସ୍ୱ ନିରୀକ୍ଷକ ବିଜୟ କୁମାର ସୁନା, ଚେରୁପାଲି ରାଜସ୍ୱ ନିରୀକ୍ଷକ ଅମୀୟ କୁମାର ପାଇକ, ଅମିନ ପ୍ରକାଶ କୁମ୍ଭାର, ଚିନ୍ମୟ କୁମାର ପାଢ଼ୀ, ଡୁଙ୍ଗୁରିପାଲି ଥାନା ଅଧିକାରୀ ସତ୍ୟନାରାୟଣ ପଧାନ, ଏସଆଇ ଟଙ୍କଧର ଛତ୍ରିଆ, ଏଏସଆଇ ମୋହନ ବରିହାଙ୍କ ସହ ସମସ୍ତ ପୋଲିସ କର୍ମଚାରୀ, ବିଦ୍ୟୁତ୍ ବିଭାଗ କର୍ମଚାରୀ, ଦମକଳ ବାହିନୀ ସାମିଲ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ମୁକୁନ୍ଦ



@ ଆନନ୍ଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।




## ସଂକ୍ଷେପରେ

### ମୋବାଇଲ ଲୁଟ୍ ଅଭିଯୋଗ, ୨ ଗିରଫ

ରାଉରକେଲା ଅଫିସ,୩୦।୪: ଜଣେ ବ୍ୟକ୍ତିଙ୍କ ଠାରୁ ମୋବାଇଲ ଲୁଟ୍ ଅଭିଯୋଗରେ ସେକ୍ଟର-୭ନଂ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସେକ୍ଟର-୬ ଅଞ୍ଚଳ ମଣ୍ଡଳ ବସ୍ତିର ଅଜିତ ସିଂହ(୧୯) ଓ କୁନ୍ଦନ କୁମାର (୨୦)। ଅଭିଯୁକ୍ତଙ୍କଠାରୁ ୪ଟି ମୋବାଇଲ ଓ ଗୋଟିଏ ବାଇକ (ନଂ.ଓଡି୧୪ଡି/୦୧୧୯)କୁ ଜବତ କରାଯାଇଛି। ତେବେ ଏହି ଘଟଣାରେ ଫେରାର ଥିବା ଅନ୍ୟ ୨ ଜଣଙ୍କୁ ଧରିବା ପାଇଁ ତନାଘନା ଜାରି ରହିଥିବା ଥାନାଧିକାରୀ ବିଜୟ କୁମାର ସିଂହ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସେକ୍ଟର-୭ର ହୃଷୀକେଶ ମିର୍ଦ୍ଧା ଶନିବାର ରାତି ସାଢେ ୧୦ଟାରେ ସେକ୍ଟର-୫ ସ୍ଥିତ ଟ୍ରେନିଂ ହଷ୍ଟେଲରେ ରୋଷେଇ କରି ସାଇକେଲ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ସେକ୍ଟର-୬ ସ୍ଥିତ ଚର୍ଚ୍ଚଗେଟ ନିକଟରେ ୪ଜଣ ଯୁବକ ଏକ ବାଇକରେ ଆସି ତାଙ୍କୁ ପଛପଟୁ ଧକ୍କା ଦେଇ ତାଙ୍କ ମୋବାଇଲ ଛଡାଇ ନେଇଥିଲେ। ହୃଷୀକେଶ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୬୫।୨୩) ରୁଜୁ କରି ରବିବାର ଅଜିତ ଓ କୁନ୍ଦନଙ୍କୁ ମଣ୍ଡଳ ବସ୍ତିରୁ ଗିରଫ କରିଥିଲା।

### ଅଟୋ ଷ୍ଟାଣ୍ଡରୁ ମୃତଦେହ ଜବତ

ରାଉରକେଲା ଅଫିସ,୩୦।୪: ରାଉରକେଲା ରେଲୱେ ଷ୍ଟେଶନ ଅଟୋ ଷ୍ଟାଣ୍ଡରୁ ଜିଆରପି ପୋଲିସ ଜଣେ ଯୁବକଙ୍କ ମୃତଦେହକୁ ଜବତ କରିଛି। ମୃତକ ହେଲେ ଦେବଗଡ ଜିଲା ବାରକୋଟ ଥାନା ଡହରା ଗ୍ରାମର ଭରତ ଧୀବର(୩୦)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୧।୨୩) ରୁଜୁ କରି ରବିବାର ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛି। ଭରତ ହରିଦ୍ୱାରରେ ଏକ ଘରୋଇ କମ୍ପାନୀରେ କାମ କରନ୍ତି। ସେ ଗତ ୨୮ ତାରିଖରେ ହରିଦ୍ୱାରରୁ ଉତ୍କଳ ଏକ୍ସପ୍ରେସ ଯୋଗେ ନିଜ ଗାଁକୁ ଫେରୁଥିଲେ। ଶନିବାର ରାତି ସାଢେ ୨ଟାରେ ଟ୍ରେନ ରାଉରକେଲାରେ ପହଞ୍ଚିବାରୁ ଘରକୁ ଯିବା ପାଇଁ ଭରତଙ୍କୁ ବସ ମିଳି ନ ଥିଲା। ଫଳରେ ସେ ରାଉରକେଲା ଷ୍ଟେଶନ ଅଟୋଷ୍ଟାଣ୍ଡରେ ବିଶ୍ରାମ ନେଇଥିଲେ। ସକାଳ ହେବାରୁ ତାଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା।

# ଆନ୍ଦୋଳନ ଯୋଗୁ ୭ ଘଣ୍ଟା ରେଳ ଚଳାଚଳ ବନ୍ଦ

**ରାଉରକେଲା ଅଫିସ,୩୦।୪**



ଆନ୍ଦୋଳନକାରୀମାନେ ରେଳରୋକୋ କରିଛନ୍ତି।

## ଟ୍ରେନ ରହଣି ପାଇଁ ଲିଖିତ ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ

ରାଉରକେଲା କଲୁଙ୍ଗା ଷ୍ଟେଶନରେ ୪ ଟ୍ରେନ ରହଣି ଦାବିରେ ରବିବାର ଆନ୍ଦୋଳନ କରାଯାଇଥିଲା। ଫଳରେ ପ୍ରାୟ ୭ ଘଣ୍ଟା ଧରି ଉକ୍ତ ରୁଟ୍‌ରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସୂଚନା ପାଇ ରେଲୱେର ସିନିୟର ଡିସିଏମ୍ ଗଜରାଜ ସିଂ ଚରଣ, ଏଆରଏମ୍ ବି. କୁଜୁର ଏବଂ ରାଉରକେଲା ଉପଜଲାପାଳ ଏ. ମାଝୀ, ଆଡିଶନାଲ ଏସ୍‌ପି ସାନ୍ତା ନୁତୁନ ସାମଦ ପ୍ରମୁଖ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ମେ’ ୩୦ରେ କଲୁଙ୍ଗା ଷ୍ଟେଶନରେ ତପସ୍ୱିନୀ, ସମ୍ବଲେଶ୍ୱରୀ ଓ ସାଉଥ ବିହାର ଏକ୍ସପ୍ରେସ ରହଣି କରିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସ୍ଥଗିତ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୨ପ୍ଲାଟୁନ ପୋଲିସ ଓ ଜିଆର୍‌ପି ଫୋର୍ସ ମୁତୟନ ହୋଇଥିଲେ। କଲୁଙ୍ଗା ବିକାଶ ପରିଷଦ ସଭାପତି ଏଚଏମ୍ ସିଂଦେଓ, ସାଧାରଣ ସମ୍ପାଦକ ଏ. ପ୍ରଧାନ, ଉପସଭାପତି ଶିବ ସାହୁ, ସାଧାରଣ ସମ୍ପାଦକ ଆତିଫ ଏକବାଲଙ୍କ ସମେତ ଶତାଧିକ ଲୋକ ସାମିଲ ହୋଇଥିଲେ।

ସୂଚନାଯୋଗ୍ୟ, କଲୁଙ୍ଗା ରେଲୱେ ଷ୍ଟେଶନରେ ଉକ୍ତ ଏକ୍ସପ୍ରେସ ଟ୍ରେନ ରହଣି ଦାବି କରି ସ୍ଥାନୀୟ ଅଞ୍ଚଳର ମହିଳାପୁରୁଷ ଗତ ମାର୍ଚ୍ଚ ୩୧ରେ ଆନ୍ଦୋଳନ କରିବା ସହ ଚକ୍ରଧରପୁର ରେଳମଣ୍ଡଳ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ମାତ୍ର ଏଯାଏ ଦାବି ପୂରଣ ନ ହେବାରୁ ରବିବାର କଲୁଙ୍ଗା ବିକାଶ ପରିଷଦ ସମେତ ବଲାଣ୍ଡା, ସାଗଜୋର, କଲୁଙ୍ଗା ଏ ଓ ବି , ଲୁଙ୍ଗେଇ ଆଦି ୬ଟି ଗ୍ରାମପଞ୍ଚାୟତର ମହିଳାପୁରୁଷ ସକାଳ ୮ଟାରେ ରେଳରୋକୋ ଆନ୍ଦୋଳନ କରିଥିଲେ।

# ଓଡ଼ିଆ ସାହିତ୍ୟରେ ସ୍ୱଦେଶାନୁରାଗ ଆଲୋଚନା

**ରାଉରକେଲା ଅଫିସ,୩୦।୪**



ଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି।

## ରଶ୍ମୀପ୍ରଭାର ଷଷ୍ଠ ବାର୍ଷିକୋତ୍ସବ ପାଳିତ

ସାହିତ୍ୟ ସମାଜର ଦର୍ପଣ ଏବଂ ଏହି ଦର୍ପଣରେ ସମାଜ ନିଜକୁ ଦେଖେ ବୋଲି ରାଉରକେଲା ମହାନଗର ନିଗମର ଉପପୌରାୟୁକ୍ତ ସୁକାନ୍ତ ଚନ୍ଦ୍ର ବେଉରା ମତବ୍ୟକ୍ତ କରିଛନ୍ତି। ରବିବାର ଗୋପବନ୍ଧୁପଲ୍ଲୀ ଉନ୍ନୀତ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ତ୍ରୈମାସିକ ପତ୍ରିକା ‘ରଶ୍ମୀପ୍ରଭା’ର ୬ଷ୍ଠ ବାର୍ଷିକୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବେହେରା ଏହା କହିଛନ୍ତି। ସମ୍ପାଦକ ମନୋଜ କୁମାର ନନ୍ଦ ସମ୍ପାଦକୀୟ ବିବରଣୀ ସହ ଆଭିମୁଖ୍ୟ ଉପରେ ବକ୍ତବ୍ୟ ଦେଇଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ୍ ତଥା ସାହିତ୍ୟିକ ପ୍ରଶାନ୍ତ କୁମାର ପତି ଓଡିଆ ସାହିତ୍ୟରେ ସ୍ୱଦେଶାନୁରାଗ ଉପରେ ଆଲୋକପାତ କରିଥିଲେ। ବରେଣ୍ୟ ଅତିଥି ପୂର୍ବତନ ଶିକ୍ଷାଧିକାରୀ ରଶ୍ମିବାଳା ରାଉତରାୟ ଓ ବରିଷ୍ଠ ସାହିତ୍ୟିକ ସତ୍ୟାନନ୍ଦ ବେହେରା ଆଲୋଚନାକୁ ଆଗେଇ ନେଇଥିଲେ। ଶିଶୁ ପ୍ରତିଭା ସମ୍ମାନରେ ଓମ୍ ପ୍ରକାଶ ତ୍ରିପାଠୀ ଓ ସଙ୍ଗୀତ ଗୁରୁ ଜ୍ୟୋତିର୍ମୟୀ ଆଚାର୍ଯ୍ୟଙ୍କୁ ସମ୍ମାନିତ କରାଯିବା ସହ ରଶ୍ମୀପ୍ରଭା ପତ୍ରିକା ଉନ୍ମୋଚିତ ହୋଇଥିଲା। ସେହିପରି ରାଧାକାନ୍ତ ମହାରଣାଙ୍କ ଗଳ୍ପ ସଂକଳନ ମଉଳା ଫୁଲର ବାସ, ରଙ୍କନିଧି ସେଠୀଙ୍କ କବିତା ସଙ୍କଳନ ଶୁଭାନ୍ୱେଷା ଓ ରଶ୍ମୀପ୍ରଭା ସମ୍ପାଦକ ମନୋଜ କୁମାର ନନ୍ଦଙ୍କ ଶିଶୁ କିଶୋର ଗଳ୍ପ ସଙ୍କଳନ ଆକାଶର ତାରା ଉନ୍ମୋଚିତ ହୋଇଥିଲା। ହରମୋହନ ମିଶ୍ର, ବ୍ରଜେନ୍ଦ୍ର ଦାଶ, ଗୀତାଞ୍ଜଳି ପତ୍ରୀ, ଆଶିଷ ଗଡନାୟକ, ପଣ୍ଡିତ ନିଶିକାନ୍ତ ମିଶ୍ର, ମନୋଜ କୁମାର ଭୋଇ, ସ୍ୱର୍ଣ୍ଣପ୍ରଭା ପାତ୍ରଙ୍କୁ ରଶ୍ମୀପ୍ରଭା ସାରସ୍ୱତ ସମ୍ମାନ-୨୦୨୩ ପ୍ରଦାନ କରାଯାଇଥିଲା। ପରେ କବିତା ପାଠୋତ୍ସବରେ ଅଧକ୍ଷତା କରିଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୟନ କୁମାର ପତି। ଶୁଶାନ୍ତ କୁମାର ନାୟକ ଓ ନିରୁପମା ପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ଗୌତମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ମୁକୁନ୍ଦ


@ ଆନନ୍ଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।




**ଶୀତଳଷଷ୍ଠୀ ମହୋତ୍ସବ ପାଇଁ ପ୍ରସ୍ତୁତି**

ବଲାଙ୍ଗୀର ଅଫିସ: ବଲାଙ୍ଗୀର ସୁଦପଡା ଶୀତଳଷଷ୍ଠୀ ମହୋତ୍ସବ କମିଟି ୪୨ତମ ଶୀତଳଷଷ୍ଠୀ ପାଇଁ ସ୍ଥାନୀୟ ଭାଗବତ ମନ୍ଦିର ପ୍ରାଙ୍ଗଣରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସଭାପତି ବୁଲୁ ବେହେରା, ଉପସଭାପତି ସୁବଳ ଖରସେଲ, ସମ୍ପାଦକ ବିଦ୍ୟା ସାହୁ, କୋଷାଧ୍ୟକ୍ଷ ଉମେଶ କବାଟ ଚୟନ ହୋଇଥିଲେ। ମୁଖ୍ୟ ଉପଦେଷ୍ଟାଭାବେ ସତ୍ୟନାରାୟଣ ଭୋଇ, ବରୁଣ ହେର୍ଣ୍ଣା, ସଦାନନ୍ଦ ଜେନା, ବାବୁ ପଧାନ, କିଶୋର କୁମାର, ମୋତିଲାଲ ସାହୁ, ରାଜେଶ ଦୋରା, ପୂର୍ଥୁ ମିଶ୍ର, ତ୍ରିଲୋଚନ ମଛଖଣ୍ଡ, ରାଜୁ ପଧାନ, ସୂର୍ଯ୍ୟ ସାହୁ, ରାଧାକାନ୍ତ ପଧାନ, ପିଣ୍ଟୁ ପୁରୋହିତ ପ୍ରମୁଖ ମନୋନୀତ ହୋଇଛନ୍ତି।

# ଡିବିରି ଆଲୁଅରେ ଦିନକାଟୁଛନ୍ତି ଗ୍ରାମବାସୀ

ଭବାନୀପାଟଣା,୩୦।୪(ସ୍ୱ.ପ୍ର)

ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ବିତିଲାଣି। ଏହା ଭିତରେ ସରକାରଙ୍କ ମାଳ ମାଳ ଯୋଜନା ହୋଇଛି। ହେଲେ ଏବେ ବି ବିଜୁଳି ଭଳି ମୌଳିକ ସୁବିଧାରୁ ବଞ୍ଚିତ ରହିଛି ଓଡ଼ିଶାର ଅନେକ ଗାଁ। ଡିବିରି ଆଲୁଅରେ ଦିନ କାଟୁଛନ୍ତି ଶତାଧିକ ଲୋକେ। ଗାଁକୁ ଚାଲ ଗାଁକୁ ଗଢ଼ ସ୍ଲୋଗାନ ନେଇ ଗ୍ରାମାଞ୍ଚଳରେ ଗଢୁଥିବା ସରକାରଙ୍କ ବିକାଶ ରଥ ସତେ ଯେପରି ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳକୁ ପହଞ୍ଚି ପାରୁନି। ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକର ବଣ ପାହାଡ଼ ଘେରା ଯୁଗସାଇପାଟଣା ପଞ୍ଚାୟତରେ। ଏହି ପଞ୍ଚାୟତରେ ୩୫ ଗାଁ ରହିଛି। ଜିଲାର ଅତି ଉପାନ୍ତ ଓ ମାଓ ଇଲାକା ଭାବରେ ପରିଚିତ ଏହି ଅଞ୍ଚଳରେ ଅନେକ ସମସ୍ୟା ରହିଥିବା ବେଳେ ଅନେକ ଗାଁକୁ ପାଦ ଚଲା ପକ୍କା ରାସ୍ତା ଖଣ୍ଡିଏ ମଧ୍ୟ ନାହିଁ। ହେଲେ କିଛି ଏମିତି ଯୋଜନା ମଧ୍ୟ ରହିଛି, ଯାହା ସେମାନଙ୍କ ପାଖରେ ପହଞ୍ଚି ମଧ୍ୟ ଅପହଞ୍ଚ ହୋଇ ରହିଛି। ଏହି ୩୫ ଗାଁରେ ଆଜି ପର୍ଯ୍ୟନ୍ତ ବିଜୁଳି ସଂଯୋଗ ହୋଇ ପାରିନାହିଁ। ଗତ ୧୦ ବର୍ଷ ତଳେ ଅଞ୍ଚଳବାସୀଙ୍କ ଅନେକ ଆନ୍ଦୋଳନ ପରେ ସମସ୍ତ ଗାଁରେ ଟ୍ରାନ୍ସଫର୍ମର ବସିଲା। କେବୁଲ ଟଣା ହେବା ସହ ଘରେ ଘରେ ମିଟର ମଧ୍ୟ ଲାଗିଲା। ଏନେଇ ଲୋକେ ଖୁସି ହୋଇ ଟିଭି ସାଙ୍ଗକୁ ନାନାଦି ବିଦ୍ୟୁତ୍ ଉପକରଣ କିଣିଥିଲେ। ପ୍ରାୟ ୮ ଦିନ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିଲା। ପରେ ଜଙ୍ଗଲୀ ଜନ୍ତୁଙ୍କ ଉପରେ ବିପଦ ଦର୍ଶାଇ ସଂଯୋଗକୁ ବନ୍ଦ କରିଦେଲା ବିଦ୍ୟୁତ୍ ବିଭାଗ। ସେହିଦିନଠାରୁ ପୂର୍ବଭଳି କିଟିମିଟି ଅନ୍ଧାର ଭିତରେ ଦିନ କାଟୁଛନ୍ତି ଲୋକେ। ଏହି ଅନ୍ଧାରି ମୂଲକରେ ଶିକ୍ଷାର ଚିତ୍ର ନ କହିବା ଭଲ। ରାତିରେ ପିଲାମାନେ ଡିବିରି ଆଲୁଅରେ ପାଠ ପଢୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ସେପଟେ ବିଜୁଳି ପାଇଁ ସ୍ଥାନୀୟ ଲୋକେ ସରକାରୀ ଅଧିକାରୀଙ୍କଠାରୁ ଆରମ୍ଭ କରି ନିର୍ବାଚିତ ପ୍ରତିନିଧିଙ୍କ ନିକଟରେ ବାରମ୍ବାର ଗୁହାରୀ କରିବା ପରେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଅଭିଯୋଗ କରିଛନ୍ତି। ବନ୍ୟଜନ୍ତୁଙ୍କ ସୁରକ୍ଷା ଦୃଷ୍ଟିରୁ ସୋଲାର ମାଧ୍ୟମରେ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ବିଭାଗୀୟ ଏସ୍‌ଡିଓ ବିଜୟ କୁମାର ମହାପାତ୍ରଙ୍କୁ ପଚାରିବାରୁ ମୁଁ ନୂଆ କରି ଆସିଛି। ଯନ୍ତ୍ରୀଙ୍କ ସହ ଏ ବିଷୟରେ ଆଲୋଚନା କରି ତଦନ୍ତ ପାଇଁ ପଠାଇବି ବୋଲି କହିଛନ୍ତି।



ଡିବିରି ଆଲୁଅରେ ପାଠ ପଢୁଛନ୍ତି ଛାତ୍ରୀଛାତ୍ର।

# ଦେଓଗାଁ ବ୍ଲକ: ଅବସର ନେଲେ ୫ଶିକ୍ଷକ



ସାଗରପାଲି ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ସଭାରେ ସମ୍ବର୍ଦ୍ଧିତ କରାଯାଉଛି।

ଦେଓଗାଁ,୩୦।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ୫ଟି ବିଦ୍ୟାଳୟର ଶିକ୍ଷକ ଗୋଟିଏ ଦିନରେ ଅବସର ଗ୍ରହଣ କରିଛନ୍ତି। ଅର୍ଜୁନପୁର ହାଇସ୍କୁଲର ହିନ୍ଦୀ ଶିକ୍ଷକ ଡିଙ୍ଗର ରାଉତ, ଜରାସିଂହା ନେତ୍ରଭାନୁ ହାଇସ୍କୁଲ ହିନ୍ଦୀ ଶିକ୍ଷକ ବ୍ରଜକିଶୋର ରଣା, ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲ ସଂସ୍କୃତ ଶିକ୍ଷକ ଚୈତନ୍ୟ ସାହୁ ଏବଂ ସାଗରପାଲି ପ୍ରଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନା ଦାସ, ପରୁଆଭାଡି ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଧୀର କୁମାର ଦେଓ ଶିକ୍ଷକତାରୁ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ସାଗରପାଲି ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ଏବିଇଓ ଅଜିତ କୁମାର ମିଶ୍ର, ସିଆରସିସି ପ୍ରଫୁଲ୍ଲ ପୋଢ, ପଦ୍ମଲୋଚନ ସୁନା ଯୋଗଦେଇ ଅବସର ନେଇଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କ ଅବସର ସମୟ ଭଲରେ କଟୁ ବୋଲି କାମନା କରିଥିଲେ। ପ୍ରଧାନଶିକ୍ଷକ ଅକ୍ଷୟ କୁମାର ଧରୁଆ ସଭା ପରିଚାଳନା କରିଥିବାବେଳେ ଶିକ୍ଷକ କୈଳାସ କର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷକଙ୍କ ଅବସରକାଳୀନ ବିଦାୟ କାର୍ଯ୍ୟକ୍ରମରେ ସ୍କୁଲମାନଙ୍କର ଶିକ୍ଷକଓ ପରିଚାଳନା କମିଟି ସମେତ ଅଭିଭାବକମାନେ ସହଯୋଗ କରିଥିଲେ।

# ବିଦ୍ୟୁତ୍ ଯନ୍ତ୍ରୀ ଓ ଅଧିକାରୀଙ୍କ କଳା ବ୍ୟାଜ୍ ପିନ୍ଧି ଆନ୍ଦୋଳନ

ଭବାନୀପାଟଣା,୩୦।୪(ସ୍ୱ.ପ୍ର)

ଦୀର୍ଘ ବର୍ଷ ହେଲା ଅବହେଳା ଓ ଉପେକ୍ଷାର ଶିକାର ହୋଇଆସୁଥିବା ବିଦ୍ୟୁତ୍ ଯନ୍ତ୍ରୀ ଓ ଅଧିକାରୀଙ୍କ ପୁଞ୍ଜିଭୂତ ଅସନ୍ତୋଷ ଶେଷରେ ଆନ୍ଦୋଳନର ରୂପ ନେଇଛି। ଏପରିସ୍ଥଳେ ପ୍ରଥମ ପର୍ଯ୍ୟାୟରେ ଗତ ୨୬ରୁ ସାରା ଓଡ଼ିଶାରେ ଓଡ଼ିଶା ଶକ୍ତି ସଞ୍ଚାର ନିଗମ, ଜଳ ବିଦ୍ୟୁତ୍ ନିଗମ, ଶକ୍ତି ଉତ୍ପାଦନ ନିଗମ, ଗ୍ରୀଡ କର୍ପୋରେସନ ଅଫ୍ ଓଡ଼ିଶାରେ କାର୍ଯ୍ୟରତ ଥିବା ଯନ୍ତ୍ରୀ ଓ ଅଧିକାରୀ କଳା ବ୍ୟାଜ୍ ପିନ୍ଧି ଆନ୍ଦୋଳନ କରିଛନ୍ତି। ରବିବାର ଏହି ଆନ୍ଦୋଳନ ୫ମ ଦିନରେ ପହଞ୍ଚିଛି। ବର୍ଷ ବର୍ଷ ଧରି ସେମାନଙ୍କ ସମସ୍ୟା ସମ୍ପର୍କରେ ବିଦ୍ୟୁତ୍ ନିଗମ ଅଧିକାରୀ ଓ ସରକାରଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କର୍ତ୍ତୃପକ୍ଷ ଉଦାସୀନ ରହିବା ସହ ସମସ୍ୟାର ସମାଧାନ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ଏ ସମ୍ପର୍କରେ ୨୦୨୨ ଅକ୍ଟୋବରରେ ସବୁ ନିଗମରେ ଥିବା ବିଦ୍ୟୁତ୍ ଯନ୍ତ୍ରୀଙ୍କ ଆସୋସିଏଶନ ପକ୍ଷରୁ ନିଗମର ପରିଚାଳନା ନିର୍ଦ୍ଦେଶକ, ଶକ୍ତି ସଚିବ, ଶକ୍ତି ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ସମସ୍ତ ଦାବି ସମ୍ପର୍କରେ ଜଣାଯାଇଥିଲା। ହେଲେ କୌଣସି ସୁଫଳ ନ ମିଳିବାରୁ ବାଧହୋଇ ଶେଷରେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିଛନ୍ତି। ଏଥିପ୍ରତି ସରକାର ଶୀଘ୍ର ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ଭବାନୀପାଟଣାରେ ଏହି ଆନ୍ଦୋଳନରେ ଏଓପିଇଏଫ୍‌ର ଜୋନାଲ ସମ୍ପାଦକ ବିଜୟ କୁମାର ମହାପାତ୍ର, ଓପିଟିସିଏଲର ରଞ୍ଜନ କୁମାର ସାହୁ ପ୍ରମୁଖଙ୍କ ସହ ସ୍ଥାନୀୟ ଯନ୍ତ୍ରୀ, ଅଧୀକାରୀ, କର୍ମଚାରୀ ସାମିଲ ହୋଇଛନ୍ତି।



କଳାବ୍ୟାଜ ପିନ୍ଧି ବିଭାଗର ଅଧିକାରୀ,ଯନ୍ତ୍ରୀ ଆନ୍ଦୋଳନ କରୁଛନ୍ତି।

## ଆମପାଣି ଘାଟିରେ ଟ୍ରେଲର ଦୁର୍ଘଟଣା, ୨ ଡ୍ରାଇଭର ଗୁରୁତର

କୋକସରା,୩୦।୪(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଆମପାଣି ଘାଟିରେ ଭାରସାମ୍ୟ ହରାଇ ଟ୍ରେଲର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨ ଡ୍ରାଇଭର ଗୁରୁତର ହୋଇଛନ୍ତି। ସେମାନେ ହେଲେ ଆନ୍ଧ୍ରପ୍ରଦେଶର ବି. ସାନୁବାଲ(୫୪) ଓ ବିହାରର ରସିତ ଇକବାଲ (୨୪)। ଅଗ୍ନିଶମ ଟିମ୍ ୨ ଡ୍ରାଇଭରଙ୍କୁ ଭବାନୀପାଟଣା ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଟ୍ରେଲରଗାଡ଼ି ଲୁହା ପାଇପ ବୋଝେଇ କରି ବିଜୟୱାଡାରୁ ବଲାଙ୍ଗୀରକୁ ଯାଉଥିବା ସମୟରେ ଆମପାଣି ଘାଟି ବିରିମୁହାଁଣର ପ୍ରଥମ ବୁଲାଣି ନିକଟରେ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ପରେ ଟ୍ରେଲରକୁ ରାସ୍ତାରୁ ସାଇଡ କରିବାକୁ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି।

# ଶିକ୍ଷକଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ

ସିନାପାଲି, ୩୦।୪(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକ ଗଣ୍ଡାହାଲି ପଞ୍ଚାୟତ ହାଇସ୍କୁଲରେ କାର୍ଯ୍ୟରତ ଥିବା ସାହିତ୍ୟ ଶିକ୍ଷକ ବଦନ ସୁନ୍ଦର ମେହେରଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ ତଥା ସ୍କୁଲ ପରିଚାଳନା କମିଟିର ସଭାପତି ପୁରୁନ୍ଦର ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମ୍ମାନିତ ଅତିଥି ଭାବରେ ତ୍ରିନାଥ ମେହେର,ଦିବାକର ଖମାରୀ, ରାହାସ ବିହାରି ମେହେର,ପଙ୍କଜ ମେହେର, ବାସୁଦେବ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗନ୍ନାଥ ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ସଭା କାର୍ଯ୍ୟକୁ ସଂଯୋଜନା କରିଥିଲେ। ସଭାରେ ଉପସ୍ଥିତ ଥିବା ସମସ୍ତ ଅତିଥି, ପୂର୍ବତନ ଛାତ୍ରୀଛାତ୍ର ତଥା ବର୍ତ୍ତମାନର ଅଧ୍ୟୟନରତ ଥିବା ଛାତ୍ରୀଛାତ୍ର ଶିକ୍ଷକଙ୍କ ଗୁଣଗାନ କରିଥିଲେ। ବିଦ୍ୟାଳୟରେ କାର୍ଯ୍ୟରତ ଥିବା ବିଜ୍ଞାନ ଶିକ୍ଷକ କୈଳାସ ଚନ୍ଦ୍ର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭାକାର୍ଯ୍ୟ ସମାପନ ହେଲା ପରେ ପୂର୍ବତନ ଛାତ୍ରୀଛାତ୍ର ତଥା ବର୍ତ୍ତମାନର ଅଧ୍ୟୟନରତ ଛାତ୍ରୀଛାତ୍ର ଏବଂ ଗ୍ରାମର ଭଦ୍ରବ୍ୟକ୍ତି ବହୁ ସଂଖ୍ୟାରେ ଯୋଗ ଦେଇ ଅବସରଗ୍ରହଣ କରିଥିବା ଶିକ୍ଷକ ବଦନ ସୁନ୍ଦର ମେହେରଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ସହିତ ନଗର ପରିକ୍ରମା କରି ବିଶାଳ ଶୋଭାଯାତ୍ରା କରିଥିଲେ।



ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥି, ଶିକ୍ଷକ।

## ସମାଜସେବୀ ମହିଳାଙ୍କ ପରଲୋକ

ଖଡ଼ିଆଳ,୩୦।୪(ଡି.ଏନ.ଏ)

ନୂଆପଡ଼ା ଜିଲା ସୀମାକୁ ଲାଗିଥିବା ପଡୋଶୀ ବଙ୍ଗୋମୁଣ୍ଡା ବ୍ଲକ ବଳଧା ଗ୍ରାମର ଶାନ୍ତିପ୍ରିୟା ଦେବୀ(୬୦)ଙ୍କ କିଡନୀ ଜନିତ ରୋଗରେ ପରଲୋକ ହୋଇଯାଇଛି। ତାଙ୍କ ସ୍ୱାମୀ ଡ଼ିଜଲେଶ୍ୱର ବାରିକ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର ପୂର୍ବତନ ଉପ କୁଳପତି କାର୍ଯ୍ୟ ତୁଲାଇଥିଲେ। ଶାନ୍ତି ଦେବୀଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁବେଳକୁ ତାଙ୍କ ବଡ଼ପୁଅ ଦେବାଶିଷ, ସାନପୁଅ ଶୁଭାଶିଷ ଓ ଗୋଟିଏ ଝିଅ ରେଣୁବାଲା ଉପସ୍ଥିତ ଥିଲେ। ସାନ ପୁଅ ଶୁଭାଶିଷ ମୁଖାଗ୍ନି ଦେଇଥିଲେ। ସୂଚନା ଥାଉକି ସ୍ୱର୍ଗତ ଶାନ୍ତିପ୍ରିୟା ଦେବୀ ଖଡ଼ିଆଳ ବ୍ଲକ ଗୋଇମୁଣ୍ଡି ଗ୍ରାମର ସ୍ୱର୍ଗତ ଗଉନ୍ତିଆ କଲ୍ୟାଣ ସିଂ ଚଳାନଙ୍କ ତୃତୀୟା କନ୍ୟା ଥିଲେ।

# ୧୩ ବର୍ଷ ପରେ ଫେରାର ଅଭିଯୁକ୍ତଙ୍କୁ ଧରିଲା ପୋଲିସ

ଭବାନୀପାଟଣା,୩୦।୪(ସ୍ୱ.ପ୍ର)

ଜୁନାଗଡ଼ ପୋଲିସ ଗତ ୧୩ ବର୍ଷ ଧରି ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ କଲମପୁରରେ ସ୍ଥାନୀୟ ପୋଲିସ ସହାୟତାରେ ଧରିବାରେ ସଫଳ ହୋଇଛି। ସେ ହେଲେ ବ୍ରାହ୍ମଣୀଗୁଡ଼ା ଗ୍ରାମର ଧନୁର୍ଯ୍ୟୟ ଗହୀର। ୨୦୧୦ରେ ଭବାନୀପାଟଣା ଟାଉନଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର କରିବା ଘଟଣାରେ ତାଙ୍କ ନାମରେ ମାମଲା ରହିଥିଲା। ସେବେଠାରୁ ସେ ଫେରାର ଥିଲେ। ଧନୁର୍ଯ୍ୟୟ କଲମପୁରରେ ବିବାହ କରି ସେଠାରେ ସେ ସୁମିତ ଗଣ୍ଡ ନାମରେ ରହିଆସୁଥିଲେ। କୌଣସି ସୂତ୍ରରୁ ଜୁନାଗଡ଼ ପୋଲିସ ଖବର ପାଇ ଏସଆଇ ଥବିର କୁମାର ବରିହା ସଦଳବଳ ଓ କଲମପୁର ପୋଲିସ ଏଏସ୍‌ଆଇ ଶେଖର ଜେନାଙ୍କ ମିଳିତ ଉଦ୍ୟମରେ ଅଭିଯୁକ୍ତ ଧନୁର୍ଯ୍ୟୟଙ୍କୁ ଧରିଥିଲେ। ପରେ ପୋଲିସ ଅଭିଯୁକ୍ତଙ୍କୁ ଜୁନାଗଡ଼ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ସୋମବାର କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି।

# ଆଧାତ୍ମିକତାର ପଥାନୁସରଣ ସଫଳତାର ମାର୍ଗ

ବଲାଙ୍ଗୀର ଅଫିସ, ୩୦।୪

ବଲାଙ୍ଗୀର ରୋଟାରୀ କ୍ଲବ୍ ଅଫ୍ ଇଲାଇଟ୍ ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନଠାରେ ରବିବାର ସନ୍ଧ୍ୟାରେ କନ୍‌କ୍ଲେଭ-୨୩ ଅବସରରେ ପେଶନ୍ ବିୟଣ୍ଡ ପ୍ରଫେଶନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ଲବ୍ ସଭାପତି ରିଙ୍କୁ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥିଭାବେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ନଚିକେତା ଖମାରୀ ଶର୍ମା ଏବଂ ବରିଷ୍ଠ ସାମ୍ବାଦିକ ସତ୍ୟପ୍ରକାଶ ନାୟକ ମଞ୍ଚାସୀନ ହୋଇଥିଲେ। ସଭାକୁ ଧର୍ମେନ୍ଦ୍ର ପ୍ରସାଦ ନନ୍ଦ ସଂଯୋଜନା କରିଥିଲେ। ବରେଣ୍ୟ ଅତିଥି ପ୍ରଫେସର ଶର୍ମା ତାଙ୍କ ବକ୍ତବ୍ୟରେ ବୃତ୍ତି, ଆବେଗ ସହ କରୁଣା ଯୋଡି ହେଲେ ଲକ୍ଷ୍ୟ ସୁଗମ ହୋଇଯାଏ। ତେବେ ଜୀବନକୁ ମହତ୍ତର କରିବା ପାଇଁ ଆଧାତ୍ମିକତା ଏକାନ୍ତ ଆବଶ୍ୟକ। ପାଠ୍ୟକ୍ରମରେ ମଧ୍ୟ ଏହାର ଆବଶ୍ୟକତା ରହିଛି। ଆଧାତ୍ମିକତାର ପଥାନୁସରଣ ହିଁ ସଫଳତାର ମାର୍ଗ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ନାୟକ ତାଙ୍କ ବକ୍ତବ୍ୟରେ ବୃତ୍ତିକୁ ଆବେଗ ନୂଆ ଦିଗନ୍ତକୁ ନେଇଯାଏ। ଆବେଗ ମିଶ୍ରିତ ବୃତ୍ତି ନିର୍ଭେଜାଲ ରହିବାକୁ ପ୍ରେରିତ କରୁଥାଏ ବୋଲି କହିଥିଲେ। ଏହି ଅବସରରେ ବୃତ୍ତିଗତ ଜୀବନରେ ରହି ପ୍ରଗାଢ଼ ବିଶ୍ୱାସ ଏବଂ ଭାବାବେଶରେ କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ସାଜିଥିବା ୪ଜଣ ବ୍ୟକ୍ତିତ୍ୱଙ୍କୁ କ୍ଲବ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣ ଗୃହଣୀ ହୋଇ ମଧ୍ୟ ନିଜର ଗଭୀର ମନନଶୀଳତାର ପରିଚୟ ଦେଇ ୭ ଖଣ୍ଡରୁ ଉର୍ଦ୍ଧ୍ୱ ପୁସ୍ତକ ରଚନା କରିଥିବା ବର୍ଷିୟାନ୍ ଲେଖିକା କମଳିନୀ ପଣ୍ଡା, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କାର୍ଟୁନିଷ୍ଟ ଭାତୃଦ୍ୱୟ ଅଶ୍ୱିନୀ-ଅବନୀ, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଡାକ୍ତର ହୋଇ ମଧ୍ୟ ୧୫୦ ବର୍ଷର ହଜିଲା ଲୋକକଳା ରାମଲୀଳା ପୁନରୁଦ୍ଧାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ତଥା ରାବଣ ଭୂମିକାରେ ଅଭିନୟ କରି ଲୋକପ୍ରିୟ ହୋଇଥିବା ଡା. ରୁଦ୍ର ନାରାୟଣ ଥନାପତି ଏବଂ ଆଞ୍ଚଳିକ ମହିଳା କ୍ରିକେଟରଙ୍କୁ ରାଜ୍ୟ ଜାତୀୟ ତଥା ଅର୍ନ୍ତଜାତୀୟ ସ୍ତରରେ ପ୍ରତିଷ୍ଠିତ କରି ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡିଥିବା କ୍ରିକେଟ କୋଚ୍ ଅରୁଣ କୁମାର ନାଏକଙ୍କୁ କ୍ଲବ୍ ପକ୍ଷରୁ ଅତିଥିମାନେ ମାନପତ୍ର, ପୁଷ୍ପଗୁଚ୍ଛ ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ସହରର ବୁଦ୍ଧିଜୀବୀ, କ୍ଲବ୍ ସଦସ୍ୟ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ କ୍ଲବ ସଭାପତି ବିଶ୍ୱଜିତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




ରୋଟାରୀ କ୍ଲବ୍ ଅଫ୍ ଇଲାଇଟ୍ ପକ୍ଷରୁ ଅତିଥିମାନେ ସୁଲେଖିକା କମଳିନୀ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ରୋଟାରୀ କ୍ଲବ୍ ଅଫ୍ ଇଲାଇଟ୍ ପକ୍ଷରୁ କନ୍‌କ୍ଲେଭ ୨୦୨୩**

**ଭାରତ ସରକାର**
**ବିଜ୍ଞାନ ଏବଂ ପ୍ରଯୁକ୍ତି ମନ୍ତ୍ରଣାଳୟ**
**ବିଜ୍ଞାନ ଏବଂ ପ୍ରଯୁକ୍ତି ବିଭାଗ**
ବିଜ୍ଞାପନ ନଂ. ଡିଏସ୍‌ଟି/୦୧/୨୦୨୨-ଇ-III
(୦୧ ଗୋଟି ବୈଜ୍ଞାନିକ 'ସି' ପଦବୀ ପାଇଁ ପୁନଃ-ବିଜ୍ଞାପନ)
ବିଜ୍ଞାନ ଏବଂ ପ୍ରଯୁକ୍ତି ବିଭାଗରେ ଡେପୁଟେଶନ ଭିତ୍ତିରେ (ସ୍ୱଳ୍ପମିଆଦୀ ଚୁକ୍ତି ସମେତ) ବୈଜ୍ଞାନିକ 'ସି' [ସ୍ତର ୧୧, ବେତନ ମାଟ୍ରିକ୍ସ (ଟ.୬୭,୭୦୦-୨,୦୮,୭୦୦/-)]ର ଗୋଟିଏ ପଦବୀ ପୂରଣ କରିବା ଲାଗି ଦରଖାସ୍ତ ଆହ୍ୱାନ କରାଯାଉଛି। ଆବେଦନ ପ୍ରକ୍ରିୟା ଏବଂ ଯୋଗ୍ୟତାର ମାନଦଣ୍ଡ, ଅଭିଜ୍ଞତା, ବୟସ ସୀମା, ଆବେଦନର ଶେଷ ତାରିଖ ଏବଂ ଅନ୍ୟାନ୍ୟ ଆବଶ୍ୟକତା ପାଇଁ ଆମର ୱେବ୍‌ସାଇଟ୍ www.dst.gov.in ପରିଦର୍ଶନ କରନ୍ତୁ।
ସ୍ୱା./- (ଏ ସଞ୍ଜୟ ସହାୟ)
ଭାରତ ସରକାରଙ୍କ ଅନୁସଚିବ
CBC 36101/11/0008/2324

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONIIBBS 2023016, ତା.18.04.2023ରିଖ
କାର୍ଯ୍ୟର ନାମ : ତାଳଚେର-ବିମଳାଗଡ଼ ନୂଆ B.G. ରେଳ ଲିଙ୍କ୍ ପ୍ରକଳ୍ପ: ସୁନାଖଣି-ସାମଲ-ପରବିଲ-ଖମାର ବ୍ଲକ୍ ସେକ୍ସନଗୁଡ଼ିକ ମଧ୍ୟସ୍ଥ କି.ମି.21.00 ଠାରୁ କି.ମି.43.50 ମଧ୍ୟରେ ବିବିଧ କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 2204.47 ଲକ୍ଷ, EMD (ଟଙ୍କାରେ): 12,52,200/-, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.05.2023 ରିଖ 1200 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବଗୁଡ଼ିକୁ ଫାର୍ମ (Firm)ର ଲେଟର ହେଡ୍ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ। ସେହି ସବୁ ମାନୁଆଲ ପ୍ରସ୍ତାବଗୁଡ଼ିକୁ ଅବୈଧ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ତତ୍କାଳ ବିଧିବଦ୍ଧ ଭାବେ ନାକଚ କରି ଦିଆଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉପର୍ଟ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B/G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପ୍ସର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-15/CG/23-24

**Government of Odisha**
**Higher Education Department**
**Timeline for Common P.G. Entrance Test (CPET-2023) & P.G. e-Admission for the session 2023-24 For State Public Universities and Colleges**

**No.N-08:** Timeline for Common PG Entrance Test (CPET-2023) & e-Admission for the Session 2023-24 for State Public Universities and Colleges with PG Courses under the project 'Student Academic Management System (SAMS)' is given below. Any changes in the timeline will be published in the newspapers as well as on the website www.samsodisha.gov.in. Common Prospectus (CP) for CPET-2023 will be available on the said website. Kindly refer to the CP before filling up the CAF.

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) in the website www.samsodisha.gov.in | 01-May-2023 (02:00 PM) |
| 2 | Last date of applying online CAF through www.samsodisha.gov.in | 10-May-2023 (11:45 PM) |
| 3 | Editing of the CAF (if required) for the CAF submitted earlier. (No fresh CAF will be allowed during this period) | 11 -May-2023 & 12-May-2023 |
| 4 | Submission of applicant's data to State Selection Board (SSB) | 16-May-2023 |
| 5 | Availability of Hall Ticket on the website of the State Selection Board (SSB) i.e. https://ssbodisha.ac.in as well as on the SAMS website for downloading the Admit Card | 09-Jun-2023 (02:00 PM onwards) |
| 6 | Conduct of Entrance Examination (CPET-2023) | 23-Jun-2023 to 04-Jul-2023 (except 28-Jun-2023 & 30-Jun-2023) |
| 7 | Handing over the entrance marks to OCAC by SSB, Odisha | 16-Jul-2023 |
| 8 | Updation of Graduation/Equivalent marks by the applicant | 08-Jul-2023 (10:00 AM) to 15-Jul-2023 (11:45 PM) |
| 9 | Publication of subject-wise and State-wide merit list, Choice filling by eligible applicants & Publication of Provisional Allotment of Seats for different rounds | Dates will be notified by the Higher Education Department later |

For more details please contact: e-Admission Helpline (Toll Free) Number 155335 / 1800-345-6770

N.B.: Candidates, whose final U.G. results are awaited (not published), can also apply online in the Common Application Form (CAF) to appear CPET-2023. But, they must upload their marks prior to preparation of "Subject wise and statewide provisional rank" within the timeline, failing which, their applications will not be considered.

Sd./- Deputy Director
PTC Section
OIPR-11001/11/0001/2324

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE CHIEF ENGINEER & BASIN MANAGER
SUBARNAREKHA & BUDHABALANGA BASIN
AT/P.O.: LAXMIPOSI, DIST.- MAYURBHANJ
Mail Id: cebmsbb2019@gmail.com
**Government of Odisha "e" PROCUREMENT NOTICE**
**Bid Identification No. 02/23-24 of CEBM, SBB, Laxmiposi**

No.A-77:- Online tenders are invited for Appointment of Proof Engineering Consultant (PEC) for Construction of Distribution system for 5180 Ha. of CCA including command area development (CAD) of Basta Distributary from RD 2.007 Km. to Tail under Subarnarekha Irrigation Project through underground pipe line irrigation system (Gravity Flow) in Mayurbhanj & Balasore district of Odisha on EPC Turn-key basis including Operation & Maintenance of complete commissioned project for five years.

| | |
|---|---|
| Name of work | Appointment of Proof Engineering Consultant (PEC) for Construction of Distribution system for 5180 Ha. of CCA including command area development (CAD) of Basta Distributary from RD 2.007 Km. to Tail under Subarnareka Irrigation Project through underground pipe line irrigation system (Gravity Flow) in Mayurbhanj & Balasore district of Odisha on EPC Turn-key basis including Operation & Maintenance of complete commissioned project for five years. |
| Period of completion | 24 (Twenty four) calendar months |
| Date & time of availability of bid document in the portal | From 10.00 A.M. dt.01.05.2023 to 20.05.2023 upto 5.00 P.M. |
| Last date / time for receipt of bids in the portal | 20.05.2023 upto 05.00 P.M. |
| Date & time of opening of tender | 22.05.2023 at 11.30 A.M. |
| Name & address of the officer inviting bid | Chief Engineer & Basin Manager, Subarnarekha & Budhabalanga Basin, Laxmiposi |

Further details can be seen from the e-procurement portal https://tendersodisha.gov.in
Sd./- Chief Engineer & Basin Manager
Subarnarekha & Budhabalanga Basin, Laxmiposi
OIPR-32074/11/0003/2324

# ଗୋଚାଷୀଙ୍କୁ ବୈଷୟିକ ପରାମର୍ଶ, ସମ୍ବର୍ଦ୍ଧନା

ସୋନପୁର,୩୦ା୪(ନି.ପ୍ର.)

ସୁବର୍ଣ୍ଣପୁରରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଓଡିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଏହି ଦିବସ ପାଳିତ ହୋଇଥିଲା। ଏହି ଅବସରରେ ସକାଳେ ଏକ ସଚେତନତା ଶୋଭାଯାତ୍ରା ସହରର କଚେରି ଛକଠାରୁ ବାହାରି ପୁରୁଣା ଟାଉନ ହଲଠାରେ ପହଞ୍ଚିଥିଲା। ରାଲିରେ ୨ଟି ଏକ ମାସର ମାଇ ବାଛୁରୀ ପ୍ରଦର୍ଶନ କରାଯାଇଥିଲା। ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଓ ଏସ୍‌ପି ଅମରେଶ କୁମାର ପଣ୍ଡା ସବୁଜ ପତାକା ଦେଖାଇ ରାଲିର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଅନନ୍ତ ପ୍ରସାଦ ପଣ୍ଡା, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ସୋନପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଅଶେଷ କୁମାର କର, ବୀରମହାରାଜପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଅଜୟ କୁମାର ସାହୁ ଓ ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ହିମାଂଶୁ କୁମାର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ରାଲିରେ ମହିଳା, ଗୋଚାଷୀ, ପ୍ରାଣୀ ଚିକିତ୍ସା ଅଧିକାରୀ ଓ ପ୍ରାଣୀଧନ ନିରୀକ୍ଷକ ପ୍ରମୁଖ ସାମିଲ ହୋଇଥିଲେ। ପୂର୍ବାହ୍ନରେ ରାଜ୍ୟସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳନର ସିଧା ପ୍ରସାରଣ ଦେଖିବା ପାଇଁ ସ୍ଥାନୀୟ ଏକ ହୋଟେଲରେ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫେରେନ୍ସିଂ ଯୋଗେ ଦିବସ ପାଳନ ଅବସରରେ ଅଭିନନ୍ଦନ ବାର୍ତ୍ତା ପ୍ରଦାନ କରିଥିଲେ। ସେହିପରି ଜିଲାସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ ହୋଇଥିଲା। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଅନନ୍ତ ପ୍ରସାଦ ପଣ୍ଡା ଓ ପ୍ରାଣୀ ସମ୍ପଦ ବିଭାଗର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର କିଶୋର କୁମାର ବହିଦାର ଅତିଥିଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ବୁଝାଇଥିଲେ। ଏହି ଅବସରରେ ଶ୍ରେଷ୍ଠ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଭାବେ ଡୁଙ୍ଗୁରିପାଲିର ଡାକ୍ତର ଶୁଭେନ୍ଦୁ ସୁଧା ଷଡଙ୍ଗୀ, ଶ୍ରେଷ୍ଠ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀଭାବେ ବୀରମହାରାଜପୁରର ଡାକ୍ତର ସ୍ୱାଗତିକା ମିଶ୍ର, ଶ୍ରେଷ୍ଠ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବାର ଚିକିତ୍ସକ ଡୁଙ୍ଗୁରିପାଲିର ଡାକ୍ତର ତେଜରାଜ ବାଗ, ଶ୍ରେଷ୍ଠ କୃତ୍ରିମ ପ୍ରଜନନ କର୍ମକର୍ତ୍ତା ଭାସ୍କର ପଧାନ, ବିଭୂତି ଭୁଷଣ ସାହୁ, ଶ୍ରେଷ୍ଠ ପ୍ରାଣୀଧନ ନିରୀକ୍ଷକ ଭାବେ ଲଳିତ ମେହେର, ଶ୍ରେଷ୍ଠ ଚାଷୀ ବିନିକା ବ୍ଲକ ଘଣ୍ଟପାଲିର ଆନନ୍ଦ ବଗର୍ତ୍ତୀ ଓ ଶ୍ରେଷ୍ଠ ସ୍ୱୟଂ ସହାୟିକ ଗୋଷ୍ଠୀଭାବେ ତରଭା ବ୍ଲକ ଚାରନିଆପାଲିର ମା ସନ୍ତୋଷୀ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ପୁରସ୍କୃତ କରାଯାଇଥିଲା। ଉଲୁଣ୍ଡା ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସୁବ୍ରତ କୁମାର ପୁରୋହିତ ମଞ୍ଚ ପରିଚାଳନା କରିଥିଲେ। ତରଭା ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଶ୍ୟାମସୁନ୍ଦର ପାଣ୍ଡେ, ବିନିକା ବ୍ଲକ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ କମଳ ପଧାନ, ଡୁଙ୍ଗୁରିପାଲି ବ୍ଲକ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଝସକେତନ ପଶାୟତ, ଡାକ୍ତର ସନ୍ତୋଷ କୁମାର ସ୍ୱାଇଁ, ଆଲୋକ କୁମାର ସାହୁ ଓ ଲଛିପୁର ପ୍ରାଣୀଧନ ନିରୀକ୍ଷକ ଯଶଓ୍ୱନ୍ତ ଦୋରା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।


ଜିଲାପାଳ ଓ ଏସ୍‌ପି ପତାକା ଦେଖାଇ ସଚେତନତା ରାଲିର ଶୁଭାରମ୍ଭ କରୁଛନ୍ତି।

**ସୁବର୍ଣ୍ଣପୁରରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ**

# ଦୈନିକ ବଜାରରେ ସ୍ଥାୟୀ ଦୋକାନ ଘର ଯୋଗାଇ ଦେବାକୁ ଦାବି


ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଆଗରେ ବ୍ୟବସାୟୀମାନେ।

ବୌଦ୍ଧ,୩୦ା୪(ସ୍ୱ.ପ୍ର.)

ଜିଲା ପ୍ରଶାସନ ନିଷ୍ପତ୍ତି କ୍ରମେ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ପରିଚାଳିତ ଆଦର୍ଶ କୃଷି ବଜାର ମଧ୍ୟକୁ ଦୈନିକ ବଜାର ସ୍ଥାନାନ୍ତର କରାଯିବାର ତିନିଦିନ ପରେ ମଧ୍ୟ ପରିସ୍ଥିତି ସ୍ୱାଭାବିକ ହୋଇନାହିଁ। ପନିପରିବା ବ୍ୟବସାୟୀ ସଂଘ ପକ୍ଷରୁ ଦୋକାନ ବଜାର ବନ୍ଦ କରି ଏହାର ପ୍ରତିବାଦ କରାଯାଇଥିଲା। ରବିବାର ସଂଘର ସଭାପତି ସୁଦାମ ବେରିହାଙ୍କ ନେତୃତ୍ୱରେ ଶତାଧିକ ବ୍ୟବସାୟୀ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟକୁ ଯାଇ ସେମାନଙ୍କ ବ୍ୟବସାୟ ପାଇଁ ସ୍ଥାୟୀ ଦୋକାନ ଘର ଯୋଗାଇ ଦେବାକୁ ଦାବି କରିଛନ୍ତି। ତେବେ ଏନଏସି ଅଧକ୍ଷ ବିଭାଗୀୟ ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ରାଜ୍ୟ ବାହାରକୁ ଯାଇଥିବା ବେଳେ ସେ ଫେରିଲା ପରେ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ବିହିତ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ସତ୍ୟ ରଞ୍ଜନ ସାହୁ ବ୍ୟବସାୟୀମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।

# ପଦଯାତ୍ରାରେ ପରିବେଶ ସୁରକ୍ଷା ବାର୍ତ୍ତା


ପଦଯାତ୍ରାରେ ବାହାରିଥିବା ପରିବେଶପ୍ରେମୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ବରଗଡ଼ ଅଫିସ୍‌,୩୦ା୪

ପରିବେଶ ବଞ୍ଚାଅ, ଦେଶ ବଞ୍ଚାଅ ଅଭିଯାନରେ ଉତ୍ତରପ୍ରଦେଶ ଅଯୋଧ୍ୟାରୁ ୩ହଜାର କି.ମିରୁ ଅଧିକ ପଦଯାତ୍ରା କରି ରବିବାର ଆଶୁତୋଷ ପାଣ୍ଡେ ବରଗଡ଼ରେ ପହଞ୍ଚିଥିଲେ। ପରେ ସେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ଭେଟିଥିଲେ ଏବଂ ସେଠାରେ ଏକ ବୃକ୍ଷଚାରା ରୋପଣ କରିଥିଲେ। ପରେ ବଗେଇବିରା ମିଲିଟାରୀ ଏକାଡ଼େମୀ, ଭୀମ କାଲାମ୍‌ ଆଇଏଏସ ଏକାଡ଼େମୀ ଏବଂ ଡଃ ଆମ୍ବେଡ଼କର ଯୁବାସଂଘର ମିଳିତ ଉଦ୍ୟମରେ ଆୟୋଜିତ ସେମିନାରରେ ସେ ଯୋଗଦାନ କରିଥିଲେ। ସେମିନାରରେ ଉପସ୍ଥିତ ଯୁବକ, ଛାତ୍ରୀଛାତ୍ରଙ୍କୁ ପାଣ୍ଡେ ପରିବେଶ ସୁରକ୍ଷା ଉପରେ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆହୁରି ୭ହଜାର କି.ମି ପଦଯାତ୍ରାରେ ଯିବେ ବୋଲି ପାଣ୍ଡେ କହିଛନ୍ତି। ସଞ୍ଜୀବ ସୁନା, ଅବିନାଶ ବାଗ, ପୁରନ୍ଦର ଭୋସାଗର, ଅଚ୍ୟୁତ ସର ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ନିଖୋଜ ନାବାଳିକାଙ୍କୁ ଉଦ୍ଧାର କଲା ପୋଲିସ

ଅମରପାଲି,୩୦ା୪(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ ଲୁଡୁରପଙ୍କ ଅଞ୍ଚଳର ଜଣେ ନାବାଳିକା (୧୭) ନିଖୋଜ ହୋଇଥିବା ନେଇ ଏପ୍ରିଲ ୨୭ତାରିଖରେ ଥାନାରେ ପରିବାର ଲୋକେ ଅଭିଯୋଗ କରିଥିଲେ। ଏ ନେଇ ସୁବଳୟା ଥାନାରେ ଏକମାମଲା(୬୩/୨୩) ରୁଜୁ କରି ପୋଲିସ ଖୋଜାଖୋଜି କରୁଥିଲା। କୌଣସି ସୂତ୍ରରୁ ଖବର ପାଇ ରବିବାର ପୋଲିସ ବୌଦ୍ଧ ଜିଲା କଣ୍ଟାମାଳ ଥାନା ଖଟଖଟିଆ ବସଷ୍ଟାଣ୍ଡରୁ ନାବାଳିକାଙ୍କୁ ଉଦ୍ଧାର କରିଛି। ଯୁବତୀଙ୍କୁ ନେଇ ଜଣେ ଯୁବକ ଫେରାର ମାରିବା ପାଇଁ ଖଟଖଟିଆ ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରିଥିବା କୁହାଯାଉଛି। ତେବେ ପୋଲିସ ଚଢାଉ ବେଳେ ସମ୍ପୃକ୍ତ ଯୁବକ ଜଣକ ଖସି ପଳାଇ ଥିବା ଜଣାପଡିଛି। ଉଦ୍ଧାର ପରେ ନାବାଳିକାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବରଗଡ଼ ଅଫିସ୍‌,୩୦ା୪

ବରଗଡ଼ ଜର୍ଜ ହାଇସ୍କୁଲର ପ୍ରଧାନଶିକ୍ଷକ ଡଃ ଡୋଲାମଣି ଶତପଥି ଅବସରଗ୍ରହଣ କରିଛନ୍ତି। ଶିକ୍ଷକ ସୁରେଶ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଏଡିଇଓ ଜ୍ୟୋତିକାନ୍ତ ସାହୁ, ରାଧାକାନ୍ତ ଛତ୍ରୀ ମୁଖ୍ୟଅତିଥି, ଶିକ୍ଷକ ଗୋପବନ୍ଧୁ ପୁରୋହିତ, ଆଦିକନ୍ଦ ସ୍ୱାଇଁ, ସ୍କୁଲ ପରିଚାଳନା କମିଟି ସଭାପତି ମୀତା ମହାନନ୍ଦ, ଉପସଭାପତି ମନବୋଧ ଛତର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଜୟଶ୍ରୀ ପ୍ରଧାନ, ଅମୃତଲାଲ ବେହେରା, ମମତା ବିଶି, ସୁଲେଖା ସାହୁ, ପ୍ରିୟବ୍ରତ ବିଶି, ପୂର୍ଣ୍ଣିମା ପ୍ରଧାନ, ବୀଣାପାଣି ସାହୁ, ବାସନ୍ତୀ ପ୍ରଧାନ ଉପସ୍ଥିତ ଥିଲେ।

**ରୋଟାରୀ କ୍ଲବ୍‌ ଅଫ୍‌ ଇଲାଇଟ୍‌ ପକ୍ଷରୁ କନ୍‌କ୍ଲେଭ ୨୦୨୩**

# ଆଧ୍ୟାତ୍ମିକତାର ପଥାନୁସରଣ ସଫଳତାର ମାର୍ଗ

ବଲାଙ୍ଗୀର ଅଫିସ, ୩୦ା୪

ବଲାଙ୍ଗୀର ରୋଟାରୀ କ୍ଲବ୍‌ ଅଫ୍‌ ଇଲାଇଟ୍‌ ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନଠାରେ ରବିବାର ସନ୍ଧ୍ୟାରେ କନ୍‌କ୍ଲେଭ-୨୩ ଅବସରରେ ପେଶନ୍‌ ବିୟଣ୍ଡ ପ୍ରଫେଶନ୍‌ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ଲବ୍‌ ସଭାପତି ରିଙ୍କୁ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥିଭାବେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ନଚିକେତା ଖମାରୀ ଶର୍ମା ଏବଂ ବରିଷ୍ଠ ସାମ୍ବାଦିକ ସତ୍ୟପ୍ରକାଶ ନାୟକ ମଞ୍ଚାସୀନ ହୋଇଥିଲେ। ସଭାକୁ ଧର୍ମେନ୍ଦ୍ର ପ୍ରସାଦ ନନ୍ଦ ସଂଯୋଜନା କରିଥିଲେ। ବରେଣ୍ୟ ଅତିଥି ପ୍ରଫେସର ଶର୍ମା ତାଙ୍କ ବକ୍ତବ୍ୟରେ ବୃତ୍ତି, ଆବେଗ ସହ କରୁଣା ଯୋଡି ହେଲେ ଲକ୍ଷ୍ୟ ସୁଗମ ହୋଇଯାଏ। ତେବେ ଜୀବନକୁ ମହତ୍ତର କରିବା ପାଇଁ ଆଧ୍ୟାତ୍ମିକତା ଏକାନ୍ତ ଆବଶ୍ୟକ। ପାଠ୍ୟକ୍ରମରେ ମଧ୍ୟ ଏହାର ଆବଶ୍ୟକତା ରହିଛି। ଆଧ୍ୟାତ୍ମିକତାର ପଥାନୁସରଣ ହିଁ ସଫଳତାର ମାର୍ଗ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ନାୟକ ତାଙ୍କ ବକ୍ତବ୍ୟରେ ବୃତ୍ତିକୁ ଆବେଗ ନୂଆ ଦିଗନ୍ତକୁ ନେଇଯାଏ। ଆବେଗ ମିଶ୍ରିତ ବୃତ୍ତି ନିର୍ଭେଜାଲ ରହିବାକୁ ପ୍ରେରିତ କରୁଥାଏ ବୋଲି କହିଥିଲେ। ଏହି ଅବସରରେ ବୃତ୍ତିଗତ ଜୀବନରେ ରହି ପ୍ରଗାଢ଼ ବିଶ୍ୱାସ ଏବଂ ଭାବାବେଶରେ କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ସାଜିଥିବା ୪ଜଣ ବ୍ୟକ୍ତିତ୍ୱଙ୍କୁ କ୍ଲବ୍‌ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣ ଗୃହିଣୀ ହୋଇ ମଧ୍ୟ ନିଜର ଗଭୀର ମନନଶୀଳତାର ପରିଚୟ ଦେଇ ୭ ଖଣ୍ଡରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରିଥିବା ବର୍ଷିୟାନ୍‌ ଲେଖିକା କମଳିନୀ ପଣ୍ଡା, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କାର୍ଟୁନିଷ୍ଟ ଭାତୃଦ୍ୱୟ ଅଶ୍ୱିନୀ-ଅବନୀ, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଡାକ୍ତର ହୋଇ ମଧ୍ୟ ୧୫୦ ବର୍ଷର ହଜିଲା ଲୋକକଳା ରାମଲୀଳା ପୁନରୁଦ୍ଧାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ତଥା ରାବଣ ଭୂମିକାରେ ଅଭିନୟ କରି ଲୋକପ୍ରିୟ ହୋଇଥିବା ଡା. ରୁଦ୍ର ନାରାୟଣ ଥନାପତି ଏବଂ ଆଞ୍ଚଳିକ ମହିଳା କ୍ରିକେଟରଙ୍କୁ ରାଜ୍ୟ ଜାତୀୟ ତଥା ଅର୍ନ୍ତଜାତୀୟ ସ୍ତରରେ ପ୍ରତିଷ୍ଠିତ କରି ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡିଥିବା କ୍ରିକେଟ କୋଚ୍‌ ଅରୁଣ କୁମାର ନାଏକଙ୍କୁ କ୍ଲବ୍‌ ପକ୍ଷରୁ ଅତିଥିମାନେ ମାନପତ୍ର, ପୁଷ୍ପଗୁଚ୍ଛ ଏବଂ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ସହରର ବୁଦ୍ଧିଜୀବୀ, କ୍ଲବ୍‌ ସଦସ୍ୟ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ କ୍ଲବ ସଭାପତି ବିଶ୍ୱଜିତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ରୋଟାରୀ କ୍ଲବ୍‌ ଅଫ୍‌ ଇଲାଇଟ୍‌ ପକ୍ଷରୁ ଅତିଥିମାନେ ସୁଲେଖିକା କମଳିନୀ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଡୁଙ୍ଗୁରିପାଲି, ୩୦ା୪ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ତମାମୁରା କ୍ଲଷ୍ଟର ଭାଟବାହାଲି ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଯୁଗଳ କିଶୋର ହୋତାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ତମାମୁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ହୋତା ୧୯୮୮ ମସିହାରୁ ଆରମ୍ଭ ହୋଇଥିବା ନିଜର ଦୀର୍ଘ ୩୫ ବର୍ଷ ଚାକିରୀ ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ। ପ୍ରଧାନ ଶିକ୍ଷକ ଫଗୁନୁ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ଶିକ୍ଷକ ପ୍ରଦୀପ ଭୁକ୍ତା ସଂଯୋଜନା କରିଥିଲେ। ଗୋଷ୍ଠୀ ସାଧନ ସଂଯୋଜକ ତଥା ଡୁଙ୍ଗୁରିପାଲି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଂଜଲୁ ମିର୍ଦ୍ଧା ମୁଖ୍ୟ ଅତିଥି, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ବଟକୃଷ୍ଣ ପାଢ଼ୀ ମୁଖ୍ୟବକ୍ତାଭାବେ, ତମାମୁରା କ୍ଲଷ୍ଟର ସିଆରସିସି ସଲିଲ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଦାୟୀ ଶିକ୍ଷକ ଯୁଗଳ କିଶୋର ହୋତାଙ୍କୁ ଉପଢୌକନ, ମାନପତ୍ର ଦେଇ ସମ୍ମାନିତ କରି ଅତିଥିମାନେ ଦୀର୍ଘ ନୀରୋଗ ଜୀବନ କାମନା କରିଥିଲେ। ଡୁଙ୍ଗୁରିପାଲି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ଲୋକନାଥ ଦଣ୍ଡସେନା, ରବୀନ୍ଦ୍ର କୁମ୍ଭାର, ନନ୍ଦଲାଲ ନାଏକ, ଅବସରପ୍ରାପ୍ତ ଶିକ୍ଷକ କୃପାସିନ୍ଧୁ ନାୟକ, ଶିକ୍ଷକ ଅରବିନ୍ଦ ପଧାନ, ଟଙ୍କଧର ପ୍ରଧାନ, ଋଷବ ନାଏକ ପ୍ରଧନଶିକ୍ଷକଙ୍କ ସହ ବିତିଥିବା ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ। ସିଆରସିସି ଦିଲୀପ ପଧାନ, ସୁରେଶ ନାୟକ, ପୌଲସ୍ତି ବାରିକ, ଥବିର ଦୋରା, ଶିକ୍ଷକ ହରିବୋଲ ବରିହା, ଜିତେନ୍ଦ୍ରିୟ ମହାରଣା,ବିରତିଆ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଗଧାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରମୋଦ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।



ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି।

**ଭାରତ ସରକାର**
**ବିଜ୍ଞାନ ଏବଂ ପ୍ରଯୁକ୍ତି ମନ୍ତ୍ରଣାଳୟ**
**ବିଜ୍ଞାନ ଏବଂ ପ୍ରଯୁକ୍ତି ବିଭାଗ**
**ବିଜ୍ଞାପନ ନଂ. ଡିଏସ୍‌ଟି/୦୧/୨୦୨୨-ଇ-III**
**(୦୧ ଗୋଟି ବୈଜ୍ଞାନିକ 'ସି' ପଦବୀ ପାଇଁ ପୁନଃ-ବିଜ୍ଞାପନ)**

ବିଜ୍ଞାନ ଏବଂ ପ୍ରଯୁକ୍ତି ବିଭାଗରେ ଡେପୁଟେଶନ ଭିତ୍ତିରେ (ସ୍ୱଳ୍ପମିଆଦୀ ଚୁକ୍ତି ସମେତ) ବୈଜ୍ଞାନିକ 'ସି' [ସ୍ତର ୧୧, ବେତନ ମାଟ୍ରିକ୍ସ (ଟ.୬୭,୭୦୦-୨,୦୮,୭୦୦/-)]ର ଗୋଟିଏ ପଦବୀ ପୂରଣ କରିବା ଲାଗି ଦରଖାସ୍ତ ଆହ୍ୱାନ କରାଯାଉଛି । ଆବେଦନ ପ୍ରକ୍ରିୟା ଏବଂ ଯୋଗ୍ୟତାର ମାନଦଣ୍ଡ, ଅଭିଜ୍ଞତା, ବୟସ ସୀମା, ଆବେଦନର ଶେଷ ତାରିଖ ଏବଂ ଅନ୍ୟାନ୍ୟ ଆବଶ୍ୟକତା ପାଇଁ ଆମର ୱେବ୍‌ସାଇଟ୍‌ **www.dst.gov.in** ପରିଦର୍ଶନ କରନ୍ତୁ ।

ସ୍ୱା./- (ଏ ସଞ୍ଜୟ ସହାୟ)
ଭାରତ ସରକାରଙ୍କ ଅନୁସଚିବ
CBC 36101/11/0008/2324

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONIIBBS 2023016, ତା.18.04.2023ରିଖ

**କାର୍ଯ୍ୟର ନାମ :** ତାଳଚେର-ବିମଳାଗଡ଼ ନୂଆ B.G. ରେଳ ଲିଙ୍କ୍‌ ପ୍ରକଳ୍ପ: ସୁନାଖଣି-ସାମଲ-ପରବିଲ-ଖମାର ବ୍ଲକ୍‌ ସେକ୍ସନଗୁଡ଼ିକ ମଧ୍ୟସ୍ଥ କି.ମି.21.00 ଠାରୁ କି.ମି.43.50 ମଧ୍ୟରେ ବିବିଧ କାର୍ଯ୍ୟଗୁଡ଼ିକର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 2204.47 ଲକ୍ଷ, EMD (ଟଙ୍କାରେ): 12,52,200/-, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.05.2023 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବଗୁଡ଼ିକୁ ଫାର୍ମ (Firm)ର ଲେଟର ହେଡ୍‌ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ। ସେହି ସବୁ ମାନୁଆଲ ପ୍ରସ୍ତାବଗୁଡ଼ିକୁ ଅବୈଧ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ତତ୍କାଳ ବିଧିବଦ୍ଧ ଭାବେ ନାକଚ କରି ଦିଆଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍‌ **http://www.ireps.gov.in** ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉପର୍ଯ୍ୟୁକ୍ତ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B/G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପ୍ପର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍‌) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-15/CG/23-24

**Government of Odisha**
**Higher Education Department**
**Timeline for Common P.G. Entrance Test (CPET-2023) & P.G. e-Admission for the session 2023-24 For State Public Universities and Colleges**

**No.N-08:** Timeline for Common PG Entrance Test (CPET-2023) & e-Admission for the Session 2023-24 for State Public Universities and Colleges with PG Courses under the project 'Student Academic Management System (SAMS)' is given below. Any changes in the timeline will be published in the newspapers as well as on the website www.samsodisha.gov.in. Common Prospectus (CP) for CPET-2023 will be available on the said website. Kindly refer to the CP before filling up the CAF.

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) in the website www.samsodisha.gov.in | 01-May-2023 (02:00 PM) |
| 2 | Last date of applying online CAF through www.samsodisha.gov.in | 10-May-2023 (11:45 PM) |
| 3 | Editing of the CAF (if required) for the CAF submitted earlier. (No fresh CAF will be allowed during this period) | 11 -May-2023 & 12-May-2023 |
| 4 | Submission of applicant's data to State Selection Board (SSB) | 16-May-2023 |
| 5 | Availability of Hall Ticket on the website of the State Selection Board (SSB) i.e. https://ssbodisha.ac.in as well as on the SAMS website for downloading the Admit Card | 09-Jun-2023 (02:00 PM onwards) |
| 6 | Conduct of Entrance Examination (CPET-2023) | 23-Jun-2023 to 04-Jul-2023 (except 28-Jun-2023 & 30-Jun-2023) |
| 7 | Handing over the entrance marks to OCAC by SSB, Odisha | 16-Jul-2023 |
| 8 | Updation of Graduation/Equivalent marks by the applicant | 08-Jul-2023 (10:00 AM) to 15-Jul-2023 (11:45 PM) |
| 9 | Publication of subject-wise and State-wide merit list, Choice filling by eligible applicants & Publication of Provisional Allotment of Seats for different rounds | Dates will be notified by the Higher Education Department later |

**For more details please contact: e-Admission Helpline (Toll Free) Number 155335 / 1800-345-6770**

N.B.: Candidates, whose final U.G. results are awaited (not published), can also apply online in the Common Application Form (CAF) to appear CPET-2023. But, they must upload their marks prior to preparation of "Subject wise and statewide provisional rank" within the timeline, failing which, their applications will not be considered.

**Sd./- Deputy Director**
**PTC Section**
**OIPR-11001/11/0001/2324**

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER & BASIN MANAGER**
**SUBARNAREKHA & BUDHABALANGA BASIN**
**AT/P.O.: LAXMIPOSI, DIST.- MAYURBHANJ**
**Mail Id: cebmsbb2019@gmail.com**

**Government of Odisha "e" PROCUREMENT NOTICE**
**Bid Identification No. 02/23-24 of CEBM, SBB, Laxmiposi**

No.A-77:- Online tenders are invited for Appointment of Proof Engineering Consultant (PEC) for Construction of Distribution system for 5180 Ha. of CCA including command area development (CAD) of Basta Distributary from RD 2.007 Km. to Tail under Subarnarekha Irrigation Project through underground pipe line irrigation system (Gravity Flow) in Mayurbhanj & Balasore district of Odisha on EPC Turn-key basis including Operation & Maintenance of complete commissioned project for five years.

| | |
|---|---|
| Name of work | Appointment of Proof Engineering Consultant (PEC) for Construction of Distribution system for 5180 Ha. of CCA including command area development (CAD) of Basta Distributary from RD 2.007 Km. to Tail under Subarnareka Irrigation Project through underground pipe line irrigation system (Gravity Flow) in Mayurbhanj & Balasore district of Odisha on EPC Turn-key basis including Operation & Maintenance of complete commissioned project for five years. |
| Period of completion | 24 (Twenty four) calendar months |
| Date & time of availability of bid document in the portal | From 10.00 A.M. dt.01.05.2023 to 20.05.2023 upto 5.00 P.M. |
| Last date / time for receipt of bids in the portal | 20.05.2023 upto 05.00 P.M. |
| Date & time of opening of tender | 22.05.2023 at 11.30 A.M. |
| Name & address of the officer inviting bid | Chief Engineer & Basin Manager, Subarnarekha & Budhabalanga Basin, Laxmiposi |

Further details can be seen from the e-procurement portal https://tendersodisha.gov.in

**Sd./- Chief Engineer & Basin Manager**
**Subarnarekha & Budhabalanga Basin, Laxmiposi**
OIPR-32074/11/0003/2324

# ଶ୍ୱେତପତ୍ର ପ୍ରକାଶ କରନ୍ତୁ ରାଜ୍ୟ ସରକାର : ମନମୋହନ

## ସମ୍ବଲପୁର ହିଂସା ଘଟଣା

■ ଗୋଇନ୍ଦାକୁ ଗୁରୁତ୍ୱ ନାହିଁ, ଗୃହ ବିଭାଗ ମନ୍ତ୍ରୀ ଦାୟୀ

ସମ୍ବଲପୁର,୩୦ା୪(ବ୍ୟୁରୋ)

ସମ୍ବଲପୁରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ଘଟିଥିବା ହିଂସା ଘଟଣା ପାଇଁ ସରକାର ଦାୟୀ । ଗୃହ ବିଭାଗ ମନ୍ତ୍ରୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଛନ୍ତି। ସେ ଏହି ଘଟଣାରେ ସମ୍ପୂର୍ଣ୍ଣ ଦାୟୀ। ତେଣୁ ନିଜ ଭୁଲ୍‌କୁ ମୁଖ୍ୟମନ୍ତ୍ରୀ ସ୍ୱୀକାର କରନ୍ତୁ। ଏହା ନ କରି ଓଲଟା ଜନସାଧାରଣଙ୍କୁ ହଇରାଣ କରିବା ଭଳି ପଦକ୍ଷେପ ନିଆଯାଉଛି। ଗୋଇନ୍ଦା ବିଭାଗ ପୂର୍ବରୁ ଦଙ୍ଗା ହୋଇପାରେ ବୋଲି ସୂଚନା ଦେଇଥିଲା। ଏ ନେଇ ଗୃହ ବିଭାଗ, ସ୍ଥାନୀୟ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନକୁ ମଧ୍ୟ ଅବଗତ କରାଯାଇଥିଲା । କିନ୍ତୁ ଗୋଇନ୍ଦା ରିପୋର୍ଟକୁ ଗୁରୁତ୍ୱ ଦିଆଗଲା ନାହିଁ, ତେଣୁ ଏଭଳି ଘଟଣା ଘଟିଗଲା। ସ୍ଥାନୀୟ ଝାଡୁଆପଡା ଯୁବ ଉଦୟନ କ୍ଲବ ପରିସରରେ ରବିବାର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଯୋଗଦେବା ପରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏହା କହିଛନ୍ତି ।

ସେ ଆହୁରି କହିଥିଲେ ଯେ, କେଉଁମାନଙ୍କର ଏଥିରେ ସଂପୃକ୍ତି ରହିଛି ଓ ଘଟଣା ପାଇଁ କିଏ ଦାୟୀ ତା'ର ଉପଯୁକ୍ତ ତଦନ୍ତ ହେବା ଆବଶ୍ୟକ । ତେଣୁ ସିବିଆଇ ତଦନ୍ତ କରୁ। ପୂର୍ବରୁ ପୋଲିସ ସ୍ୱୀକାର କରିଛି ଯେ, ଏହି ଘଟଣା ପାଇଁ ପୂର୍ବ ପ୍ରସ୍ତୁତି ରହିଥିଲା। ତେଣୁ ରାଜ୍ୟ ସରକାର ନିଜ ଭୁଲ୍‌କୁ ମାନି କେଉଁ ପରିସ୍ଥିତିରେ ଏତେ ବଡ଼ ଘଟଣା ଘଟିଲା ଶ୍ୱେତପତ୍ର ପ୍ରକାଶ କରନ୍ତୁ। ଫଳରେ ସାଧାରଣ ଲୋକ ଘଟଣା ସମ୍ପର୍କରେ ସବୁ ଜାଣିପାରିବେ। ଜନସାଧାରଣ ଏହାର ସମୀକ୍ଷା କରିବା ସହ ବିଚାର କରିବେ । ସରକାର ଗୋଟିଏ ଭୁଲ୍ ପାଇଁ ଏକାଧିକ ଭୁଲ୍ କରି ଚାଲିଛନ୍ତି । ଏପ୍ରିଲ ୫ ତାରିଖରେ କେନ୍ଦ୍ର ଗୃହ ବିଭାଗ ପକ୍ଷରୁ ମଧ୍ୟ ରାମନବମୀ ଓ ହନୁମାନ ଜୟନ୍ତୀରେ ହିଂସା ହେବା ନେଇ ସତର୍କ କରାଯାଇଥିଲା । ହେଲେ ଗୁରୁତ୍ୱ ଦିଆଗଲା ନାହିଁ । ପୂର୍ବ ବର୍ଷ ମଧ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା । ଏହାସତ୍ତ୍ୱେ ପଦକ୍ଷେପ ଗ୍ରହଣ କରାଗଲା ନାହିଁ । ଜିଲାରେ ସିଆର୍‌ପିଏଫ୍ ବାଟାଲିୟନ ଅଛନ୍ତି । ଏହାସହ ଅନ୍ୟ କେନ୍ଦ୍ରୀୟ ପୋଲିସ ବାହିନୀକୁ ଏହି ସମୟରେ ଜିଲାରେ ନିୟୋଜିତ କରାଯାଇ ପାରିଥାନ୍ତା । ଏହା କରାଗଲା ନାହିଁ। ଏହାସହ ଜିଲାରେ ପୋଲିସ ମୁଖିଆଙ୍କ ତ୍ରୁଟିପୂର୍ଣ୍ଣ ପରିଚାଳନା ଯୋଗୁ ଏଭଳି ଘଟଣା ଘଟିଛି। ଭାଜପାର ୪ ଜଣିଆ ସଂସଦୀୟ ଟିମ୍ ଆସିବେ। ଆସନ୍ତା ୨ ତାରିଖରେ ହିଂସା ଘଟଣାରେ ମୃତକ ପରିବାର, ଆହତ ପରିବାରକୁ ଭେଟିବେ । ତାଙ୍କ ଗାଁ ଲୋକଙ୍କ ସହିତ ଆଲୋଚନା କରିବେ। ସହରର ବୁଦ୍ଧିଜୀବୀମାନଙ୍କୁ ନେଇ ବୈଠକ କରି ରିପୋର୍ଟ ସଂଗ୍ରହ କରିବେ । ସରକାର କେତେ ଦିନ ପୀଡ଼ିତ ଓ ମୃତକ ପରିବାରକୁ ଲୁଚାଇ ରଖିବେ । ବାରମ୍ବାର ଭୁଲ୍ କରି ଚାଲିଥିଲେ, ତାହା ସମସ୍ୟା ହେବ । ସାଧାରଣ ଲୋକ, ନେତାମାନେ ଘଟଣାସ୍ଥଳ ବୁଲି ଦେଖିଲେ ହିଂସା ପ୍ରଶମିତ ହୋଇପାରିବ। ହିଂସା ପାଇଁ ମୃତକ ଚନ୍ଦ୍ରକାନ୍ତ ମିର୍ଦ୍ଧାଙ୍କ ମୃତଦେହ ରାତିଅଧିଆ ସତ୍କାର କରାଗଲା, ଯାହା ତାଙ୍କ ପରମ୍ପରା ବାହାରେ । ସତ କେବେ ଲୁଚି ରହିବ ନାହିଁ ବୋଲି ସାମଲ କହିଥିଲେ। ସେ ଆହୁରି କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଆଜି ୧୦୦ ଏପିସୋଡ୍‌ରେ ପହଞ୍ଚିଛି । ସଂସ୍କୃତି, ପରମ୍ପରା, ଦେଶ ଓ ଇତିହାସ ସମ୍ପର୍କରେ ନିୟମିତ ଭାବେ ଏହି କାର୍ଯ୍ୟକ୍ରମ ହୋଇ ଆସୁଛି । କେବଳ ଦେଶରେ ନୁହେଁ, ବିଦେଶରେ ମଧ୍ୟ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରାଯାଉଛି ବୋଲି ସେ କହିଥିଲେ ।


ସମ୍ବଲପୁର ଝାଡୁଆପଡ଼ାରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ।

# ମହାମାୟା ସିଦ୍ଧି ଶକ୍ତି ପୀଠରେ ଜଳାଭିଷେକ


ଶ୍ରୀ ଶ୍ରୀ ମହାମାୟା ସିଦ୍ଧି ଶକ୍ତି ପୀଠରେ ଜଳାଭିଷେକ କାର୍ଯ୍ୟକ୍ରମ ।

ସମ୍ବଲପୁର,୩୦ା୪(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଫାଟକ କଟରଧୂଆ ସ୍ଥିତ ଶ୍ରୀ ଶ୍ରୀ ମହାମାୟା ସିଦ୍ଧି ଶକ୍ତି ପୀଠରେ ରବିବାର ଜଳାଭିଷେକ କାର୍ଯ୍ୟକ୍ରମ ହୋଇଛି । ମନ୍ଦିର ପୂଜକ ପଣ୍ଡିତ ଦେବବ୍ରତ ପ୍ରସାଦ ମିଶ୍ର ପୂଜା କାର୍ଯ୍ୟ କରିଥିଲେ। ସମ୍ବଲପୁର ସହରର ବିଭିନ୍ନ ଅଞ୍ଚଳରୁ ଭକ୍ତମାନଙ୍କ ସମାଗମ ହୋଇଥିଲା । ଭକ୍ତମାନେ ବାବା ମହାକାଳେଶ୍ୱରଙ୍କ ଠାରେ ଜଳ ଅର୍ପଣ କରିଥିଲେ। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଜଳାଭିଷେକ କାର୍ଯ୍ୟକ୍ରମ ହୋଇଥିଲା ।


**ଭାରତ ସରକାର**
**ବିଜ୍ଞାନ ଏବଂ ପ୍ରଯୁକ୍ତି ମନ୍ତ୍ରଣାଳୟ**
**ବିଜ୍ଞାନ ଏବଂ ପ୍ରଯୁକ୍ତି ବିଭାଗ**
ବିଜ୍ଞାପନ ନଂ. ଡିଏସ୍‌ଟି/୦୧/୨୦୨୨-ଇ-III
(୦୧ ଗୋଟି ବୈଜ୍ଞାନିକ 'ସି' ପଦବୀ ପାଇଁ ପୁନଃ-ବିଜ୍ଞାପନ)

ବିଜ୍ଞାନ ଏବଂ ପ୍ରଯୁକ୍ତି ବିଭାଗରେ ଡେପୁଟେଶନ ଭିତ୍ତିରେ (ସ୍ୱଳ୍ପମିଆଦୀ ଚୁକ୍ତି ସମେତ) ବୈଜ୍ଞାନିକ 'ସି' [ସ୍ତର ୧୧, ବେତନ ମାଟ୍ରିକ୍ସ (ଟ.୬୭,୭୦୦–୨,୦୮,୭୦୦/–)]ର ଗୋଟିଏ ପଦବୀ ପୂରଣ କରିବା ଲାଗି ଦରଖାସ୍ତ ଆହ୍ୱାନ କରାଯାଉଛି । ଆବେଦନ ପ୍ରକ୍ରିୟା ଏବଂ ଯୋଗ୍ୟତାର ମାନଦଣ୍ଡ, ଅଭିଜ୍ଞତା, ବୟସ ସୀମା, ଆବେଦନର ଶେଷ ତାରିଖ ଏବଂ ଅନ୍ୟାନ୍ୟ ଆବଶ୍ୟକତା ପାଇଁ ଆମର ୱେବ୍‌ସାଇଟ୍ www.dst.gov.in ପରିଦର୍ଶନ କରନ୍ତୁ ।

ସ୍ୱା./- (ଏ ସଞ୍ଜୟ ସହାୟ)
ଭାରତ ସରକାରଙ୍କ ଅନୁସଚିବ
CBC 36101/11/0008/2324



**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONIIBBS 2023016, ତା.18.04.2023ରିଖ

**କାର୍ଯ୍ୟର ନାମ :** ତାଳଚେର-ବିମଳାଗଡ଼ ନୂଆ B.G. ରେଳ ଲିଙ୍କ୍ ପ୍ରକଳ୍ପ: ସୁନାଖଣି-ସାମଲ-ପରବିଲ-ଖମାର ବ୍ଲକ୍ ସେକ୍ସନଗୁଡ଼ିକ ମଧ୍ୟରୁ କି.ମି.21.00 ଠାରୁ କି.ମି.43.50 ମଧ୍ୟରେ ବିବିଧ କାର୍ଯ୍ୟଗୁଡ଼ିକର ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 2204.47 ଲକ୍ଷ, EMD (ଟଙ୍କାରେ): 12,52,200/-, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.05.2023 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବଗୁଡ଼ିକୁ ଫାର୍ମ (Firm)ର ଲେଟର ହେଡ୍ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ। ସେହି ସବୁ ମାନୁଆଲ ପ୍ରସ୍ତାବଗୁଡ଼ିକୁ ଅବୈଧ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ତତ୍କାଳ ବିଧିବଦ୍ଧ ଭାବେ ନାକଚ କରି ଦିଆଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନାଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉକ୍ତ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B/G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଭାଗ 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-15/CG/23-24


## ଆଜି କ'ଣ କେଉଁଠି

**ସମ୍ବଲପୁର**

- କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଡିଏଫଓଙ୍କୁ ସ୍ମାରକପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସମ୍ବଲପୁର ଡିଏଫଓ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୦ଟା ।
- ବ୍ରହ୍ମକୁମାରୀ ଶିବ ଦର୍ଶନ ଭବନ ପକ୍ଷରୁ ଆଲୋଚନାଚକ୍ର, ଅଇଁଠାପାଲିସ୍ଥିତ ରୟାଲ ରିଟ୍ରିଟ, ଅପରାହ୍ନ ସାଢ଼େ ୫ଟା ।

## ଦୁର୍ଘଟଣାରେ ବାପ ପୁଅ ଆହତ

ସମ୍ବଲପୁର,୩୦ା୪(ବ୍ୟୁରୋ)-ସମ୍ବଲପୁର ଜିଲା ଶାସନ ଥାନା ଅନ୍ତର୍ଗତ ବିଶାଳଖିଣ୍ଡାର ଏକ ପାଇପ୍ ଫ୍ୟାକ୍ଟ୍ରି ସମ୍ମୁଖରେ ସଡକ ଦୁର୍ଘଟଣା ଘଟି ବାପ ପୁଅ ଆହତ ହୋଇଛନ୍ତି। ସେମାନେ ହେଲେ ଉକ୍ତ ଗ୍ରାମର ଫକୀର ମୋହନ ଭୋଇ (୭୫) ଓ ତାଙ୍କ ପୁଅ କଳାକାହ୍ନୁ ( ୩୧) । ମିଳିଥିବା ସୂଚନା ମୁତାବକ, ବାଇକରେ ବାପ ପୁଅ ଯାଉଥିବା ବେଳେ ସେମାନଙ୍କୁ ଏକ ଟ୍ରକ ଧକ୍କା ଦେଇଥିଲା । ଫଳରେ ଦୁହେଁ ଛଟିକି ପଡିଥିଲେ । ପଛପଟେ ବସିଥିବା ଫକୀର ମୋହନ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ପ୍ରଥମେ ମାଝୀପାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇ ପରେ ଜିଲା ସଦର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଟ୍ରକଟି ବିଶାଳଖିଣ୍ଡାର ଏକ କମ୍ପାନୀକୁ ଆସିବା ବେଳେ ଏହି ଦୁର୍ଘଟଣା ଘଟିଥିଲା ।

## ନୂଆଁ ରଙ୍ଗୈଲା ଗ୍ରାମରେ କରାଟେ ପ୍ରତିଯୋଗିତା

ସମ୍ବଲପୁର,୩୦ା୪(ବ୍ୟୁରୋ)- ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ନୂଆଁ ରଙ୍ଗୈଲାସ୍ଥିତ କଲ୍ୟାଣ ମଣ୍ଡପରେ କରାଟେ ବେଲ୍ଟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ୟୁନାଇଟେଡ୍ ସଟାକାନ ଆସୋସିଏଶନ ପକ୍ଷରୁ ଏହି ପରୀକ୍ଷା ଆୟୋଜନ କରାଯାଇଥିଲା । କ୍ଷୀରୋଦ ସିଂଦେଓ ମୁଖ୍ୟଅତିଥି ଭାବରେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ । ୧୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଦେବାଶିଷ ଓରାମ ପ୍ରଥମ, ଶ୍ରଦ୍ଧାଞ୍ଜଳି ମହାପାତ୍ର ଦ୍ୱିତୀୟ, ସବ୍ୟସାଚୀ ବଳ ତୃତୀୟ, ଶ୍ଳୋକ ମାହାଣା ଚତୁର୍ଥ ସ୍ଥାନ ଅଧିକାର କରିଥିଲେ । କାର୍ଯ୍ୟକ୍ରମକୁ ସେନସାଇ ବିବେକାନନ୍ଦ ବେହେରା ପରିଚାଳନା କରିଥିଲେ ।

## କିସିଣ୍ଡା ହାଇସ୍କୁଲ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

# ୪୪ ବର୍ଷର ଅନୁଭୂତି ବଖାଣିଲେ



ଲିଙ୍ଗରାଜ ପ୍ରଧାନଙ୍କୁ ରବିବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି ।

ନାକଟିଦେଉଳ,୩୦ା୪(ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ କିସିଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ କିରାଣି ଲିଙ୍ଗରାଜ ପ୍ରଧାନଙ୍କୁ ରବିବାର ଦିନ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। କିସିଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ କିସିଣ୍ଡା ଗ୍ରାପର ସରପଞ୍ଚ ରୀନା ନାୟକ, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଦର୍ଶନୀ ଷଣ୍ଢ, କିସିଣ୍ଡା ହାଇସ୍କୁଲର ମୋ ସ୍କୁଲ ଅଭିଯାନର ସଭାପତି ଅତୁଲ୍ୟ କୁମାର ରାଉଳ ଯୋଗ ଦେଇଥିଲେ। ଅତିଥିମାନେ କିରାଣି ପ୍ରଧାନଙ୍କ କର୍ମମୟ ଜୀବନ, ସମୟାନୁବର୍ତ୍ତିତା ଏବଂ ବିଦ୍ୟାଳୟ ପ୍ରତି ତାଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ସମ୍ବର୍ଦ୍ଧନାର ଉତ୍ତରରେ ପ୍ରଧାନ କିସିଣ୍ଡା ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ୪୪ବର୍ଷ ଧରି ଚାକିରି ଜୀବନର ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିବା ସହ ସହକର୍ମୀ ଓ ଛାତ୍ରୀଛାତ୍ରଙ୍କ ଆଦରକୁ ସେ କେବେ ହେଲେ ଭୁଲି ପାରିବେ ନାହିଁ ବୋଲି କହିଥିଲେ । ଏହି ଅବସରରେ ଅବସରପ୍ରାପ୍ତ କିରାଣି ପ୍ରଧାନଙ୍କୁ ଉତ୍ତରୀୟ, ଉପଢୌକନ ଓ ପ୍ରଶଂସାପତ୍ର ଦିଆଯାଇ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କିସିଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ କୁମାର ପ୍ରଧାନ ମାନପତ୍ର ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅବସର ଗ୍ରହଣ କରିଥିବା ପ୍ରଧାନଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ତାଙ୍କ ଘର ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଭା ସାଂସଦଙ୍କ ନାକଟିଦେଉଳ ବ୍ଲକ ପ୍ରତିନିଧି ମହେନ୍ଦ୍ର କୁଅଁର, ଜିଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ପ୍ରମୋଦ କୁମାର ପ୍ରଧାନ, ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ ।

# ଗ୍ରେଟର ସମ୍ବଲପୁର ହାଉସର ସାଧାରଣ ପରିଷଦ ବୈଠକ

ସମ୍ବଲପୁର,୩୦ା୪(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ବରେଇପାଲି ନିକଟସ୍ଥ ଗ୍ରେଟର ସମ୍ବଲପୁର ହାଉସ୍ ଓନର୍ସ ୱେଲଫେୟାର ସୋସାଇଟିର ସାଧାରଣ ପରିଷଦ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହାସହ ସୋସାଇଟି ପରିଷଦର କର୍ମକର୍ତ୍ତା ନିର୍ବାଚନ ହୋଇଥିଲା । ବିଭିନ୍ନ ସମସ୍ୟା ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା । ସୋସାଇଟିର ନିର୍ବାଚନ ଅଧିକାରୀ ରବିନାରାୟଣ ତ୍ରିପାଠୀ, ଶମ୍ଭୁଲାଲ ଅଗ୍ରୱାଲ, ପବନ ସିଂ, ସୋସାଇଟିର ପ୍ରୋମୋଟର ବ୍ରଜ କିଶୋର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ । ନୂତନ ସଭାପତି ଭାବରେ ଉମେଶ ଅଗ୍ରୱାଲ, ଉପ ସଭାପତି ରାଜେସ ଗର୍ଗ, ସାଧାରଣ ସଂପାଦକ ବାଦଲ କିରଣ ମଲ୍ଲିକ, ଉପସଂପାଦକ ନୀଳକଣ୍ଠ ସାବତ, କୋଷାଧ୍ୟକ୍ଷ ଭାବେ ବିବେକ ବିନ୍ଧୁ ନିର୍ବାଚିତ ହୋଇଛନ୍ତି । ୬ ଜଣିଆ ସଭ୍ୟଙ୍କୁ ନେଇ ଏକ କାର୍ଯ୍ୟକାରୀ କମିଟି ମଧ୍ୟ ଗଠନ କରାଯାଇଥିଲା। ସୋସାଇଟିର ୨୫୦ ପରିବାରର ୧୫୦ରୁ ଉର୍ଦ୍ଧ୍ୱ ସଭ୍ୟ ଉପସ୍ଥିତ ରହିଥିଲେ । ପୂର୍ବତନ ସଂପାଦକ ଗୌରବ ସନନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଝାଡୁଆପଡ଼ା ଶୀତଳ ଷଷ୍ଠୀ ଯାତ୍ରାର ନୂତନ କର୍ମକର୍ତ୍ତା

ସମ୍ବଲପୁର,୩୦ା୪(ବ୍ୟୁରୋ)

ରବିବାର ସମ୍ବଲପୁର ଝାଡୁଆପଡା ଆରଣ୍ୟକ ଶୀତଳ ଷଷ୍ଠୀ ଯାତ୍ରା ପାଇଁ କାର୍ଯ୍ୟସୂଚୀ କରିବା ସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ମେ ୨୨ ତାରିଖ ସୋମବାର ପତ୍ରପେଣ୍ଡ, ମଙ୍ଗଳବାର ଗୁଆଗୁଣ୍ଡା, ବୁଧବାର ଶିବ ବିବାହ, ଗୁରୁବାର ମୁଖ୍ୟ ଶୋଭାଯାତ୍ରା, ଶୁକ୍ରବାର ମନ୍ଦିର ପ୍ରବେଶ କରିବେ ଦେବ ଦମ୍ପତି । ନୂତନ କର୍ମକର୍ତ୍ତା ଭାବେ ସଭାପତି ସରୋଜ ଦଳପତ, ଉପ ସଭାପତି ସୁଶାନ୍ତ ପୁରୋହିତ, ସମ୍ପାଦକ ସଞ୍ଜୟ କୁମାର ମିଶ୍ର, ସହ ସଂପାଦକ ସତ୍ୟଜିତ ପଣ୍ଡା, କୋଷାଧ୍ୟକ୍ଷ ମନୋଜ କୁମାର ମିଶ୍ର, ସହ କୋଷାଧ୍ୟକ୍ଷ ସତ୍ୟନାରାୟଣ ଜେନା, ମିଡ଼ିଆ ପ୍ରଭାରୀ ଭାବେ ଅଭିଷେକ ମିଶ୍ର ରହିଛନ୍ତି । ଏହାଛଡା କାର୍ଯ୍ୟନିର୍ବାହୀ ସଭ୍ୟ ଭାବେ ପ୍ରାଣ ରଞ୍ଜନ ପଣ୍ଡା, ସଞ୍ଜୀବ ପାଢ଼ୀ, ପାର୍ଥ ସାରଥୀ ମିଶ୍ର, ସଞ୍ଜୟ ମିଶ୍ର, ଶ୍ରୀମନ୍ତ ମିଶ୍ର, ଶୁଭେନ୍ଦୁ ମିଶ୍ର, ମିଲୁ ପାଣିଗ୍ରାହୀ, ସରୋଜ କୁମାର ସାହୁ, ଧିନା ପ୍ରଧାନ, ନଭକେଶ ପ୍ରସାଦ ସାହୁ, ନୀତିଶ ନାୟକ, ପିଙ୍କୁ ପାତ୍ର ଓ ସିଲୁ ପରିଚ୍ଛା ରହିଛନ୍ତି ।


**Government of Odisha**
**Higher Education Department**
**Timeline for Common P.G. Entrance Test (CPET-2023) & P.G. e-Admission for the session 2023-24 For State Public Universities and Colleges**

**No.N-08:** Timeline for Common PG Entrance Test (CPET-2023) & e-Admission for the Session 2023-24 for State Public Universities and Colleges with PG Courses under the project 'Student Academic Management System (SAMS)' is given below. Any changes in the timeline will be published in the newspapers as well as on the website www.samsodisha.gov.in. Common Prospectus (CP) for CPET-2023 will be available on the said website. Kindly refer to the CP before filling up the CAF.

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) in the website www.samsodisha.gov.in | 01-May-2023 (02:00 PM) |
| 2 | Last date of applying online CAF through www.samsodisha.gov.in | 10-May-2023 (11:45 PM) |
| 3 | Editing of the CAF (if required) for the CAF submitted earlier. (No fresh CAF will be allowed during this period) | 11 -May-2023 & 12-May-2023 |
| 4 | Submission of applicant's data to State Selection Board (SSB) | 16-May-2023 |
| 5 | Availability of Hall Ticket on the website of the State Selection Board (SSB) i.e. https://ssbodisha.ac.in as well as on the SAMS website for downloading the Admit Card | 09-Jun-2023 (02:00 PM onwards) |
| 6 | Conduct of Entrance Examination (CPET-2023) | 23-Jun-2023 to 04-Jul-2023 (except 28-Jun-2023 & 30-Jun-2023) |
| 7 | Handing over the entrance marks to OCAC by SSB, Odisha | 16-Jul-2023 |
| 8 | Updation of Graduation/Equivalent marks by the applicant | 08-Jul-2023 (10:00 AM) to 15-Jul-2023 (11:45 PM) |
| 9 | Publication of subject-wise and State-wide merit list, Choice filling by eligible applicants & Publication of Provisional Allotment of Seats for different rounds | Dates will be notified by the Higher Education Department later |

**For more details please contact: e-Admission Helpline (Toll Free) Number 155335 / 1800-345-6770**

N.B.: Candidates, whose final U.G. results are awaited (not published), can also apply online in the Common Application Form (CAF) to appear CPET-2023. But, they must upload their marks prior to preparation of "Subject wise and statewide provisional rank" within the timeline, failing which, their applications will not be considered.

**Sd./- Deputy Director**
**PTC Section**
OIPR-11001/11/0001/2324


# ଓଟିଇଏଲପି ପ୍ଲସ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବୈଠକ

କୁଚିଣ୍ଡା,୩୦ା୪(ଡି.ଏନ.ଏ.)


ବୈଠକରେ ଉପସ୍ଥିତ ଅଧିକାରୀ ଓ କର୍ମକର୍ତ୍ତା ।

କୁଚିଣ୍ଡା ଆଇଟିଡିଏ (ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା) ସଭାଗୃହରେ ଓଟିଇଏଲପି ପ୍ଲସ ପକ୍ଷରୁ ଏମ୍‌ଜିଏନଆରଇଜିଏସ (ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା)ର ଏକ ଆଲୋଚନା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ କୁଚିଣ୍ଡା ବିଡିଓ ନିରଞ୍ଜନ ସା, ବାମରା ବିଡିଓ ପୁଷ୍ପକ କୁମାର ପ୍ରଧାନ, ଜମନକିରା ବ୍ଲକ ଏପିଓ ମନୋଜ କୁମାର ଭୋଇ, କୁଚିଣ୍ଡା ବ୍ଲକ ଏପିଓ ପ୍ରଜ୍ଞା ପାରମିତା ସାମଲ, ଜମନକିରା ବ୍ଲକ ଏପିଓ ସୁଚରିତା ପରିଜା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଡି ଓ ସେବକ ଏନଏଫଜିଓ ଅନୁଷ୍ଠାନର କର୍ମକର୍ତ୍ତାଗଣ ଯୋଗ ଦେଇଥିଲେ। ଓଟିଇଏଲପି ପ୍ଲସର ରଘୁନାଥ ସାହୁ ସ୍ୱାଗତ ଭାଷଣ ସାଙ୍ଗକୁ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ବୈଠକରେ ମୁଖ୍ୟତଃ ଏମ୍‌ଜିଏନଆରଇଜିଏସ ଯୋଜନା ମାଧ୍ୟମରେ ଜମି ଉନ୍ନତୀକରଣ, ହିଡ ମରାମତି, ପୋଖରୀ ଖନନ ଆଦି କାର୍ଯ୍ୟ କିପରି ସୁଚାରୁ ଭାବେ କରାଯାଇ ପାରିବ ସେ ବିଷୟରେ ସମୀକ୍ଷା କରାଯାଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷରେ ଏମ୍‌ଜିଏନଆରଇଜିଏସ ଯୋଜନାରେ ନିଆଯାଇଥିବା ପ୍ରକଳ୍ପ ସମ୍ପର୍କରେ ଓଟିଇଏଲପି ପ୍ଲସର ମନୋଜ କୁମାର ଟୁଙ୍ଗ ଓ ସମିର ପାଲ ଆଲୋଚନା କରିଥିଲେ। କାର୍ଯ୍ୟକାରୀ ହେଉଥିବା ଏନଏମଏମଏସ ସମସ୍ୟା ନ ଉପୁଜିବା ପାଇଁ ପ୍ରକଳ୍ପ ପ୍ରଶାସକ ଏବଂ ବିଡିଓଙ୍କ ମଧ୍ୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଶେଷରେ ଓଟିଇଏଲପିର ରଘୁନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER & BASIN MANAGER**
**SUBARNAREKHA & BUDHABALANGA BASIN**
**AT/P.O.: LAXMIPOSI, DIST.- MAYURBHANJ**
Mail Id: cebmsbb2019@gmail.com

**Government of Odisha "e" PROCUREMENT NOTICE**
**Bid Identification No. 02/23-24 of CEBM, SBB, Laxmiposi**

No.A-77:- Online tenders are invited for Appointment of Proof Engineering Consultant (PEC) for Construction of Distribution system for 5180 Ha. of CCA including command area development (CAD) of Basta Distributary from RD 2.007 Km. to Tail under Subarnarekha Irrigation Project through underground pipe line irrigation system (Gravity Flow) in Mayurbhanj & Balasore district of Odisha on EPC Turn-key basis including Operation & Maintenance of complete commissioned project for five years.

| | |
|---|---|
| Name of work | Appointment of Proof Engineering Consultant (PEC) for Construction of Distribution system for 5180 Ha. of CCA including command area development (CAD) of Basta Distributary from RD 2.007 Km. to Tail under Subarnareka Irrigation Project through underground pipe line irrigation system (Gravity Flow) in Mayurbhanj & Balasore district of Odisha on EPC Turn-key basis including Operation & Maintenance of complete commissioned project for five years. |
| Period of completion | 24 (Twenty four) calendar months |
| Date & time of availability of bid document in the portal | From 10.00 A.M. dt.01.05.2023 to 20.05.2023 upto 5.00 P.M. |
| Last date / time for receipt of bids in the portal | 20.05.2023 upto 05.00 P.M. |
| Date & time of opening of tender | 22.05.2023 at 11.30 A.M. |
| Name & address of the officer inviting bid | Chief Engineer & Basin Manager, Subarnarekha & Budhabalanga Basin, Laxmiposi |

Further details can be seen from the e-procurement portal https://tendersodisha.gov.in

**Sd./- Chief Engineer & Basin Manager**
**Subarnarekha & Budhabalanga Basin, Laxmiposi**
OIPR-32074/11/0003/2324

## ବୁଢାଦେଓଙ୍କ ମନ୍ଦିର ପ୍ରତିଷ୍ଠା, ଗାଦି ଯାତ୍ରା ଉତ୍ସବ

ଖଡ଼ିଆଳ,(ଡି.ଏନ.ଏ): ଖଡିଆଳ ବ୍ଲକ ଖଲିଆଭଟାଠାରେ ବୁଢ଼ା ଦେଓଙ୍କ ମନ୍ଦିର ପ୍ରତିଷ୍ଠା ଓ ଗାଦି ଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନେତାମ ଧରୁଆ ପରିବାର ତରଫରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରିଥିଲେ ବିଜେଡି ନେତା ଲମ୍ବୋଦର ନିଆଲ। ସମ୍ମାନିତ ଅତିଥି ଭାବେ ମନ୍ଦିର ପରିଚାଳନା କମିଟି ସଭାପତି ଦିଆଲୁ ଧରୁଆ, ସରପଞ୍ଚ ଛବି ମାଝି, ପର୍ଶୁରାମ ମାଝି, ସମଲେ ହଂସ, ପୁରନ ଧରୁଆ, ରୁଦ୍ରମାଧବ ଧରୁଆ, ବିହାରୀ ମାଝି, ଜଗମୋହନ ଧରୁଆ ଉପସ୍ଥିତ ଥିଲେ। ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ଅମ୍ବିକା ଧରୁଆ।

## ସଂକ୍ଷେପରେ

### ୭୦ହଜାର ଟଙ୍କା ସହ ଘର ଜଳିଗଲା

ମୁରିବାହାଲ, ୩୦।୪(ଡି.ଏନ.ଏ.): ବଲାଙ୍ଗୀର ମୁରିବାହାଲ ସଦର ମହକୁମା ବସ୍ତିପଡାର ଧନମତ ଛୁରାଙ୍କ ଘରେ ରବିବାର ସକାଳେ ନିଆଁ ଲାଗି ଯାଇଥିଲା। ଏଥିରେ ନଗଦ ୭୦ ହଜାର ଟଙ୍କା ସହ ଘରର ବହୁ ଆସବାବପତ୍ର, ଜରୁରୀ କାଗଜପତ୍ର ଓ ଖାଦ୍ୟଶସ୍ୟ ପୋଡି ଛାରଖାର ହୋଇଯାଇଛି। ମୁରିବାହାଲ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କଲାବେଳକୁ ସବୁକିଛି ଜଳି ଯାଇଥିଲା। ସର୍ଟସର୍କିଟ ଯୋଗୁ ଘରେ ନିଆଁ ଲାଗିଯାଇଥିବା କୁହାଯାଉଛି। ମୁରିବାହାଲ ସରପଞ୍ଚ ବିଶବିହାରୀ ଯୋଶୀ ପୀଡିତ ପରିବାରକୁ ଯଥାସମ୍ଭବ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି। ମୁରିବାହାଲ ତହସିଲଦାର ସୋନାଲି ପାତ୍ର, ରାଜସ୍ୱ ନିରୀକ୍ଷକ ଏ.ମେହେର ଘଟଣାସ୍ଥଳକୁ ଯାଇ ବିପନ୍ନ ପରିବାରକୁ ସମବେଦନା ଜଣାଇବା ସହ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଛନ୍ତି। ପ୍ରଶାସନ ତରଫରୁ ଅଗ୍ନିବିପନ୍ନ ପରିବାରକୁ ତାରପୋଲିନ ଯୋଗାଇ ଦିଆଯାଇଛି ।

### ବନ୍ଧପଡାରେ ମନ୍ କୀ ବାତ୍ କାର୍ଯ୍ୟକ୍ରମ

ଦେଓଗାଁ,୩୦।୪(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡା ମନ୍ଦିର ପ୍ରାଙ୍ଗଣରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୦୦ ତମ ମନ କୀ ବାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ସାଧାରଣ ସମ୍ପାଦକ ଅମିତ ସିଂନିନାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଏଆର ଇଣ୍ଡିଆର ପ୍ରବକ୍ତା ପବିତ୍ର ଦଣ୍ଡସେନା, ପରମେ ନାଏକ, ଗଦାଧର ଦଣ୍ଡସେନା ପ୍ରମୁଖ ଉପସ୍ଥିତ ରହି ମନ କୀ ବାତର ସାରାଂଶ ଉପରେ ଲୋକଙ୍କୁ ଅବଗତ କରିଥିଲେ । ଟିଙ୍କୁ ଷାଣ୍ଡ, ହୃଷୀକେଶ ପୋଢ, ବନବାସ ନାଏକ, କୁମାରି ପୋଢ, କୁନି ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ୧୬ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଖଡ଼ିଆଳ,୩୦।୪(ଡି.ଏନ.ଏ): ଖଡ଼ିଆଳ ବ୍ଲକ ନେହେନା ଗ୍ରାମ ପଞ୍ଚାୟତ ଚିଚେର୍ ଉପର ପଡ଼ାଠାରେ ୧୬ ପ୍ରହର ନାମଯଜ୍ଞ ଉଦଯାପିତ ହୋଇଯାଇଛି। ଏହି ଅବସରରେ ଯଜ୍ଞ କର୍ତ୍ତା ଭାବେ ଉଜିନ ବାଗ ଓ ତାଙ୍କ ସ୍ତ୍ରୀ ସୂର୍ଯ୍ୟକାନ୍ତି ବାଗ କାର୍ଯ୍ୟ ସମ୍ପାଦନ କରିଥିବାବେଳେ ପୂଜକ ଭାବରେ ସୁଦର୍ଶନ ଠାକୁର ଓ ତାଙ୍କ ସାଥି କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ନାମଯଜ୍ଞରେ ସାତଗୋଟି ଦଳ ଯୋଗଦାନ କରିଥିଲେ। ପୂର୍ଣ୍ଣାହୁତି ପରେ ସତସଙ୍ଗ ସଭା ଆୟୋଜିତ ହୋଇଥିଲା। ନେହେନା ସରପଞ୍ଚ ଅଶୋକା ଦଣ୍ଡସେନା ସଭାପତିତ୍ୱ କରିଥିବାବେଳେ ମୁଖ୍ୟବକ୍ତା ଭାବରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ଗୌରଚନ୍ଦ୍ର ଦଣ୍ଡସେନା ଯୋଗଦାନ କରିଥିଲେ। ନାମ ଯଜ୍ଞ କମିଟିର ସଭାପତି ଶ୍ୟାମ କୁମାର ହେର୍ଣ୍ଡା ସତସଙ୍ଗ ସଭା ପରିଚାଳନା କରିଥିଲେ। ଯଜ୍ଞ ଉଦ୍‌ଯାପିତ ଦିନ ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇ ଏହି ଅଞ୍ଚଳର ଉନ୍ନତି ପାଇଁ ଭଗବାନଙ୍କଠାରେ ପ୍ରାର୍ଥନା କରିଥିଲେ। ଯୋଗେନ୍ଦ୍ର ହେର୍ଣ୍ଡା, ତରୁଣ ହେର୍ଣ୍ଡା, ପ୍ରଫୁଲ୍ଲ ବାଗ, ଜୟପାଳ ହେର୍ଣ୍ଡା, ପବିତ୍ର ବାଗ, ଟଙ୍କଧର ବାଗ, ଧୀରେନ୍ଦ୍ର ଦଣ୍ଡସେନା, ଭୋଦେବ ହେର୍ଣ୍ଡା, ଲୋକନାଥ ହେର୍ଣ୍ଡା, ଚନ୍ଦ୍ରଶେଖର ହେର୍ଣ୍ଡା, ଆତ୍ମାରାମ ବାଗ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ।

# ଡାକ୍ତର ଅନୁପସ୍ଥିତିକୁ ନେଇ ଉଦ୍‌ବେଗ

ବଲାଙ୍ଗୀର ଅଫିସ, ୩୦।୪



ବଲାଙ୍ଗୀର ନାଗରିକ କମିଟି ସଦସ୍ୟମାନେ କାର୍ଯ୍ୟକାରୀ କମିଟି ବୈଠକରେ ଆଲୋଚନା କରୁଛନ୍ତି।

**ବଲାଙ୍ଗୀର ନାଗରିକ କମିଟି କାର୍ଯ୍ୟକାରୀ ବୈଠକ**

ବଲାଙ୍ଗୀର ନାଗରିକ କମିଟିର କାର୍ଯ୍ୟକାରୀ ବୈଠକ ସଭାପତି ଇଂ. ବେଲାର ସିଂଭୋଇଙ୍କ ସଭାପତିତ୍ୱରେ ରବିବାର ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। କମିଟି ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ ବିଭିନ୍ନ ପ୍ରସ୍ତାବ ଆଗତ କରି ସଭା ପରିଚାଳନା କରିଥିଲେ । ବୈଠକରେ ଗତ ଏପ୍ରିଲ ୧୨ରେ ଅନୁଷ୍ଠିତ ହୋଇଥିବା ଧାରଣା କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରାଯାଇଥିଲା। ଏଥିରେ ଯୋଗ ଦେଇଥିବା ବିଭିନ୍ନ ଅନୁଷ୍ଠାନ ବଲାଙ୍ଗୀର କ୍ରିୟାନୁଷ୍ଠାନ କମିଟି, କୋଶଳ ରାଜ୍ୟ ସମନ୍ୱୟ ସମିତି, ସ୍ୱେଚ୍ଛାସେବୀ ସଙ୍ଗଠନ, କୋଶଳ ମୁକ୍ତି ମୋର୍ଚ୍ଚା, ବରିଷ୍ଠ ନାଗରିକ ମଞ୍ଚ, ଓବିସି ମଞ୍ଚ, ବଜରଙ୍ଗ ଦଳ, ପଶ୍ଚିମ ଓଡ଼ିଶା ଯୁବା ମଞ୍ଚ, ବିଙ୍ଗ୍ ହ୍ୟୁମନ୍ ଫାଉଣ୍ଡେସନ୍, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ, ଅଭିଭାବକ ସଂଘ, ସ୍ମାଇଲ୍ ଫର୍ ଅଲ୍ ସଙ୍ଗଠନ ଓ ତାଙ୍କର ପ୍ରତିନିଧି ମାନଙ୍କୁ କମିଟି ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ଏପରିକି ଆଗାମୀ ଦିନମାନଙ୍କରେ ମିଳିତ ଭାବେ ଆନ୍ଦୋଳନ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ କାର୍ଯ୍ୟରତ ଡାକ୍ତର, ପ୍ରଫେସର ଓ ଅନ୍ୟ କର୍ମଚାରୀ ମାନେ ବାରମ୍ବାର ଅନୁପସ୍ଥିତ ରହୁଥିବାରୁ ବୈଠକରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଥିଲା। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପଛୁଆ ବଲାଙ୍ଗୀର ଏବଂ ପଡୋଶୀ ଜିଲାବାସୀଙ୍କୁ ଚିକିତ୍ସା ସେବା ଯୋଗାଇବା ପରିବର୍ତ୍ତେ ଡାକ୍ତରମାନେ ଛୁଟି ନେଇ ଅନ୍ୟତ୍ର ବ୍ୟସ୍ତ ରହିବା ଗମ୍ଭୀର ବିଷୟ ବୋଲି ମତପ୍ରକାଶ ପାଇଥିଲା। ଛୁଟିରେ ରହୁଥିବା ଡାକ୍ତରଙ୍କ ବିରୋଧରେ ଭୀମ ଭୋଇ ମେଡିକାଲ କଲେଜ ଗଭର୍ନିଂ ବଡି ବୈଠକରେ ଉଦ୍‌ବେଗ ପ୍ରକାଶ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାର ନିଷ୍ପତ୍ତିକୁ ନାଗରିକ କମିଟି ପକ୍ଷରୁ ସ୍ୱାଗତ କରାଯାଇଛି। ନାଗରିକ କମିଟି ପକ୍ଷରୁ ହସ୍ପିଟାଲ ଗଭର୍ନିଂ ବଡି ଅଧ୍ୟକ୍ଷ ତଥା ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଲାଇ ଏବଂ ଅନ୍ୟ ସଭ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି । ଆସନ୍ତା ମେ ୫ ତାରିଖରେ ନାଗରିକ କମିଟି ପକ୍ଷରୁ ବୁଦ୍ଧଜୟନ୍ତୀ ପାଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ବୈଠକରେ ଅନ୍ୟ ବିଷୟ ଆଲୋଚନା ପରେ ସହସମ୍ପାଦକ ଡା. ଚକ୍ରପାଣି ଦାଶ ଧନ୍ୟବାଦ ଦେଇଥିଲେ। ବୈଠକରେ ଉପସଭାପତି ନିତ୍ୟାନନ୍ଦ ମିଶ୍ର, ଗଜେନ୍ଦ୍ର ଭମର, ଗୋପଭୂଷଣ ନାଥ, ଜୟରାମ ମିଶ୍ର, ମନୋରଞ୍ଜନ ପୁରୋହିତ, ଦିବାକର ହୋତା, ଗୋପବନ୍ଧୁ ପୁରୋହିତ, ସଲିମ୍ ଖାନ୍ ଓ ବ୍ରଜରାଜ ପୁରୋହିତ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଜାଲ୍‌ଚେକ୍ ଦେଇ ୪୨ ଲକ୍ଷ ଟଙ୍କା ଉଠାଣ ଉଦ୍ୟମ

ଭବାନୀପାଟଣା,୩୦।୪(ସ୍ୱ.ପ୍ର)

- ଥାନାରେ ଏତଲା ଦେଲେ ଇଓ
- ସିସିଟିଭି ଫୁଟେଜରେ କଏଦ ହେଲା ଦୃଶ୍ୟ

କଳାହାଣ୍ଡି ଜିଲା ଜୁନାଗଡ଼ ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀର ପରିଚୟ ଦେଇ ଜଣେ ଠକ ଏକ ଜାଲ୍ ଚେକ୍ ତିଆରି କରି ସ୍ଥାନୀୟ ଆକ୍ସିସ ବ୍ୟାଙ୍କରୁ ୪୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଉଠାଣ ପାଇଁ ଉଦ୍ୟମ କରୁଥିଲେ। ତେବେ ଅଧିକ ପରିମାଣରେ ଟଙ୍କା ରହିଥିବା ଓ ଟଙ୍କା ତୁରନ୍ତ ଟ୍ରାନ୍ସଫର ପାଇଁ ନିଜକୁ କାର୍ଯ୍ୟନିର୍ବାହୀ ଅଧିକାରୀ ବୋଲି ପରିଚୟ ଦେଉଥିବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ ଶାଖା ପରିଚାଳକ ଆସିବା ଯାଏ ତାଙ୍କୁ ଅପେକ୍ଷା କରିବାକୁ କହିଥିଲେ। ହେଲେ ସେ ସେଠାରେ କିଛି ସମୟ ସେଠାରେ ଅଟକି ରହି ଶେଷରେ ଧରାପଡିଯିବା ଭୟରେ ସେଠାରୁ ଚମ୍ପଟ ମାରିଥିଲେ। ତେବେ ଏହି ଘଟଣାର ସମସ୍ତ ଦୃଶ୍ୟ ସିସିଟିଭି ଫୁଟେଜରେ କଏଦ ହୋଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେଉଁ ଚେକ୍ ସହାୟତାରେ ଟଙ୍କା ଉଠାଣ ପାଇଁ ଠକ ଜଣକ ଉଦ୍ୟମ କରୁଥିଲେ ସେଭଳି ନମ୍ବରର ଚେକ୍ ଏନଏସିକୁ ବ୍ୟାଙ୍କ ପକ୍ଷରୁ ଦିଆଯାଇନାହିଁ। ଏହି ଘଟଣା ଜଣାପଡ଼ିବା ପରେ ଜୁନାଗଡ଼ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ(ଇଓ) ବିଶ୍ୱମ୍ଭର ମିଶ୍ର ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।


ସିସିଟିଭି ଫୁଟେଜରେ କଏଦ ହୋଇଥିବା ଦୃଶ୍ୟ।

# ଉଦ୍‌ଘାଟିତ ହେଲା କେସିଙ୍ଗା ନୂତନ କୋର୍ଟ ବିଲ୍ଡିଂ


ନୂତନ କୋର୍ଟ କୋଠା ଉଦ୍‌ଘାଟନ କରୁଛନ୍ତି ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି।

କେସିଙ୍ଗା,୩୦।୪(ଡି.ଏନ୍.ଏ.)

କେସିଙ୍ଗା ସାଇ ମନ୍ଦିର ନିକଟ ଦେୱାନୀ ତଥା ଜେଏମ୍‌ଏଫସିର ନୂତନ କୋଠା ରବିବାର ଉଦ୍‌ଘାଟିତ ହୋଇଛି। ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଡ. ଏସ୍ ମୁରଲୀଧର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ହାଇକୋର୍ଟ ବିଲ୍ଡିଂ କମିଟି ଅଧ୍ୟକ୍ଷ ଡ. ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, କଳହାଣ୍ଡି ସେଶନ ଜଜ୍ ଦୀପ୍ତି ରଞ୍ଜନ କାନୁନ୍‌ଗୋ ଉପସ୍ଥିତଥିଲେ। ଏଥିରେ ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ ପ୍ରତାପ କୁମାର ପାତ୍ର, ହାଇକୋର୍ଟ ରେଜିଷ୍ଟ୍ରାର ଭିଜିଲାନ୍ସ ଅଖିଳ କୁମାର ପଶ୍ଚିମକବାଟ, କଳାହାଣ୍ଡି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ପୋଲିସ ଅଧୀକ୍ଷକ ଅଭିଳାଷ ଜି, ନର୍ଲା ବିଧାୟକ ଭୂପିନ୍ଦର ସିଂ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାୟକ, କେସିଙ୍ଗା ଅଧ୍ୟକ୍ଷ ଚନ୍ଦନ ସେନାପତି, ଏନଏସି ଅଧ୍ୟକ୍ଷ ନୃପରାଜ, ଆଇନଜୀବୀ ସନ୍ତୋଷ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଜଷ୍ଟିସ ଏସ୍. ମୁରଲୀଧର କହିଛନ୍ତି, ଏମ ରାମପୁର ଓକିଲ ସଂଘର ନିରନ୍ତର ଆଗ୍ରହ ଓ ଚେଷ୍ଟା ଯୋଗୁ ସମସ୍ତ ସୁବ୍ୟବସ୍ଥା ସହ ଏହି ନୂତନ କୋଠା ସମସ୍ତଙ୍କୁ ଉଚିତ ନ୍ୟାୟ ଦେବାରେ ସକ୍ଷମ ହେବ। ଏଥିପାଇଁ ଓକିଲ ତଥା ବିଚାର ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଓ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ସେହିପରି ହାଇକୋର୍ଟ ଜଜ୍ ଡ. ବି ଆର୍ ଷଡ଼ଙ୍ଗୀ ନିଜ ବକ୍ତବ୍ୟରେ ସାଧାରଣ ଲୋକଙ୍କ ସେବାରେ ଏହି କୋର୍ଟ ଉଦ୍ଦିଷ୍ଟ। ତଳରୁ ତଳ ସ୍ତର ପର୍ଯ୍ୟନ୍ତ ଲୋକଙ୍କୁ ନ୍ୟାୟ ଦେବାରେ ହେଳା ନ କରିବାକୁ ଯୁବ ଆଇନଜୀବୀମାନଙ୍କୁ ଆହ୍ୱାନ କରିବା ସହ ଏହି ସ୍ଥାନରୁ ମଧ୍ୟ ଅନ୍ ଲାଇନ୍ ମାଧ୍ୟମରେ ହାଇକୋର୍ଟ ମାମଲାକୁ ଲଢ଼ି ହେବ ବୋଲି କହିଥିଲେ। ଏହି କୋଠାରେ ସବୁ ପ୍ରକାର ସୁବିଧା କରାଯାଇଛି। ୨୪ ଘଣ୍ଟା ସିସିଟିଭି, ପାର୍କିଂ ବ୍ୟବସ୍ଥା, ହେଲ୍ପ ଡେସ୍କ, ସାକ୍ଷୀଙ୍କ ପାଇଁ କୋଠରି, ଭିସି ରୁମ୍, ଇ ସେବା କେନ୍ଦ୍ର, ଶିଶୁ ଯତ୍ନ, ସ୍ତନ୍ୟପାନ ଗୃହ, ଦିବ୍ୟାଙ୍ଗ ପାଇଁ ରାମ୍ପ, କୋର୍ଟକୁ ଆସୁଥିବା ଜନସାଧାରଣଙ୍କ ପାଇଁ ପାଣି ଓ କେଣ୍ଟିନ ବ୍ୟବସ୍ଥା ଆଦି ରହିଛି। ସୂଚନାଯୋଗ୍ୟ ଯେ ,ଏମ ରାମପୁର ଜେଏମ୍‌ଏଫ୍‌ସି ୧୯୮୨ ଅକ୍ଟୋବର୧ ଏବଂ ୧୯୮୨ ମେ ୧ରୁ କେସିଙ୍ଗା କୋର୍ଟ କାର୍ଯ୍ୟକାରୀ ହେଉଥିଲା। ହେଲେ ବର୍ତ୍ତମାନ ତାହା ନୂତନ କୋଠାରେ ଆଜିଠାରୁ କାର୍ଯ୍ୟକାରୀ ହେବ। ସଭାରେ ବରିଷ୍ଠ ଆଇନଜୀବୀ ଗଙ୍ଗାଧର ମହାନ୍ତି, ବିଶ୍ୱମ୍ଭର ମହାନ୍ତି, ବିମଳ ଚାନ୍ଦ, ଆଇନଜୀବୀ ଓ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହ ଦେଓଙ୍କୁ ମୁଖ୍ୟ ଅତିଥି ମାନପତ୍ର ସହ ସମ୍ବର୍ଦ୍ଧନା କରିଥିଲେ। ଏଥିସହ ସ୍ୱର୍ଗତ ଗୋପାଳ କୃଷ୍ଣ ପଟ୍ଟନାୟକ, ପ୍ରମୋଦ ରଥ, ମଳୟ ଭୋଇଙ୍କୁ ମରଣୋତ୍ତର ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ କେସିଙ୍ଗା ବାର ଆସୋସିଏଶନ ସଭାପତି ପ୍ରକାଶ ଦାଶ ସମ୍ୟକ୍ ସୂଚନା ଦେଇଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ସୁଶାନ୍ତ ମହାପାତ୍ର, ସମ୍ପାଦକ ଆଲୋକ ରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ।

## ରାଇଜିଙ୍ଗ ସନ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ

ସିନାପାଲି,୩୦।୪(ଡି.ଏନ.ଏ)

ସିନାପାଲି ସ୍ଥିତ ରାଇଜିଙ୍ଗ ସନ ପବ୍ଲିକ ସ୍କୁଲର ବର୍ଷିକୋତ୍ସବ ଶନିବାର ମହୋତ୍ସବ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟାପିକା ଡ଼. ଗୀତାଶ୍ରୀ ପ୍ରିୟମ୍ବଦା ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ସିନାପାଲି ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମିନା ଘିଭେଲା, ସଦର ପଞ୍ଚାୟତ ସରପଞ୍ଚ ସୁନିତା ମେହେର, ସମିତି ସଭ୍ୟ ମନୀଷ ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସଭାପତି ରଜନୀକାନ୍ତ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଡିଙ୍ଗର ସୁନାନୀ, ଦୁଷ୍ମନ୍ତ ପାତ୍ର ଓ ସୁକେସିନୀ ବାଗ ପରିଚାଳନା କରିଥିଲେ। ଅଧ୍ୟକ୍ଷ ଦେବେଶ ହଂସ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକାଙ୍କିକା ପରିବେଷଣ କରିବା ସହ ନୃତ୍ୟ, ସଙ୍ଗୀତ ତଥା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନାରେ ବଲ୍ଲଭ ହୋତା,ରୋହିତ ବାଗ,ପ୍ରକାଶ ହୋତା, ଉଦୟ ଜଗତ, ଅନିକେତ ପ୍ରଧାନ, ମମତା ମେହେର, ବାସନ୍ତୀ ଜଗତ, ନମିତା ମେହେର,ଟିକେନ୍ଦ୍ରୀ ମେହେର, ତେଜସ୍ୱିନୀ ମେହେର, ଲିଲି ମେହେର, ଅଦିତି ପାତ୍ର, ହିମାଦ୍ରୀ ମେହେର ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରି ସହଯୋଗ କରିଥିଲେ। ପରିଶେଷରେ ଅନୁଷ୍ଠାନର ସମ୍ପାଦକ ରାଜେନ୍ଦ୍ର ନାରାୟଣ ଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ।

## ୭ ଚନ୍ଦନ ଗଛ କାଟିନେଲେ ମାଫିଆ

ଲାଞ୍ଜିଗଡ଼,୩୦।୪(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ କେନ୍ଦୁଗୁଡ଼ା ଗାଁରେ ଶୁକ୍ରବାର ରାତିରେ ମୁରଲୀଧର ସାହୁଙ୍କ ୭ଟି ଚନ୍ଦନ ଗଛ କାଠ ମାଫିଆମାନେ ଚୋରି କରି ନେଇଛନ୍ତି। ଏହାର ମୂଲ୍ୟ ୭ ଲକ୍ଷରୁ ଅଧିକ ହେବ ବୋଲି ସେ କହିଛନ୍ତି। ଗତ କିଛି ବର୍ଷ ତଳେ ମୁରଲୀ କୋରାପୁଟ ଜିଲା ଜୟପୁରରୁ ଚନ୍ଦନ ଗଛ ଚାରା ଆଣି ଲଗାଇଥିଲେ। ବର୍ଷ ବର୍ଷ ଧରି ପରିଶ୍ରମ କରି ୮ଟି ଚନ୍ଦନ ଗଛକୁ ବହୁ ଯତ୍ନରେ ରଖିଥିଲେ। ଗଛଗୁଡ଼ିକ ୨ ରୁ ୩ ଫୁଟ ହୋଇଥିଲା। କିନ୍ତୁ ଶୁକ୍ରବାର ମଧ୍ୟ ରାତିରେ ମୁରଲୀ ଓ ତାଙ୍କ ପରିବାର ଶୋଇଥିବା ସମୟରେ ଚନ୍ଦନ କାଠ ମାଫିଆମାନେ ଘର ନିକଟରେ ଥିବା ଗୋଟିଏ ଗଛ ଛାଡ଼ି ଦେଇ ଅନ୍ୟ ୭ଟି ଗଛ କାଟି ନେଇ ଯାଇଛନ୍ତି। ଶନିବାର ସକାଳେ ଗ୍ରାମବାସୀ ଦେଖି ହୋହଲା କରିବା ପରେ ମୁରଲୀ ଜାଣି ପାରିଥିଲେ। ମୁରଲୀ କହିଛନ୍ତି, ଏହି ଗଛକୁ କିଣିବା ପାଇଁ ଗତ ୨ବର୍ଷ ତଳେ ରାୟଗଡ଼ା ଜିଲା ରାଫକଣା ଗ୍ରାମର ଜଣେ ବ୍ୟକ୍ତି ଆସିଥିଲେ ଏବଂ କିଛିଦିନ ତଳେ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସାଇସିରିଣୀ ଗୁଣ୍ଡୁପୁର ଗାଁର ଜଣେ ବ୍ୟକ୍ତି ଚନ୍ଦନ ଗଛ ଦେବାପାଇଁ ମୁରଲୀଙ୍କୁ ମାଗିଥିଲେ। ସେ ଗଛ ବିକିବା ପାଇଁ ରୋକଠୋକ ମନା କରିଦେଇଥିଲେ। ତେଣୁ ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନେ ଗଛ କାଟିନେଇଥିବା ସନ୍ଦେହ କରି ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି।


ଚୋରି ହୋଇଥିବ ଚନ୍ଦନ କାଠ।

# ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ହରିଶଙ୍କରର ଗସ୍ତ

ଖପ୍ରାଖୋଲ, ୩୦।୪(ଡି.ଏନ.ଏ.)

**ପାରିପାର୍ଶ୍ୱିକ ଉନ୍ନୟନ କାମ ବୁଲି ଦେଖିଲେ**

ରାଜ୍ୟ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ସିଂ ଯାଦବ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ତଥା ପୁଣ୍ୟ କ୍ଷେତ୍ର ହରିଶଙ୍କର ମନ୍ଦିର ରବିବାର ଗସ୍ତ କରିଥିଲେ। ଏହି ଅବସରରେ ହରିଶଙ୍କର ମନ୍ଦିରର ପାରିପାର୍ଶ୍ୱିକ ଉନ୍ନୟନ କାମ ବୁଲି ଦେଖିଥିଲେ। କାମର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିବା ସହ ଜୁନ ୧୫ ତାରିଖ ମଧ୍ୟରେ କାମ ଶେଷ କରିବାକୁ କହିଥିଲେ। ପରେ ମନ୍ଦିରକୁ ଯାଇ ହରିଶଙ୍କର ଠାକୁରଙ୍କ ଦର୍ଶନ କରିଥିଲେ। ସେହିପରି ପର୍ଯ୍ୟଟନ ବିଭାଗ ଦାରା ନିର୍ମାଣାଧୀନ ଦୋକାନ ଗୃହ ବୁଲି ଦେଖିଥିଲେ। ଗସ୍ତ ଅବସରରେ ପୂର୍ତ୍ତ ବିଭାଗ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇ. ହିମାଂଶୁ ଷଡଙ୍ଗୀ, ବିଭାଗୀୟ ଅଧିକାରୀ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଇ. ଅର୍ଜୁନ ବେହେରା, ପାଟଣାଗଡ ଉପ ଜିଲାପାଳ ଡ଼ ବିଜୟାନନ୍ଦ ସେଠୀ, ଖପ୍ରାଖୋଲ ବିଡ଼ିଓ ବିଜୟ କୁମାର ହୋତା, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, କନିଷ୍ଠ ଯନ୍ତ୍ରୀ ବେଦବ୍ୟାସ ଭୋଇ ଉପସ୍ଥିତ ଥିଲେ।


ହରିଶଙ୍କରରେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ଓ ଅନ୍ୟମାନେ।

# ଜାତି ସମାଜର ଉନ୍ନତି ପାଇଁ ଶପଥ ନେଲେ

ବଲାଙ୍ଗୀର ଅଫିସ, ୩୦।୪


ସାଙ୍ଗଠନିକ ବୈଠକରେ ଉପସ୍ଥିତ ସଦସ୍ୟ କାର୍ଯ୍ୟକର୍ତ୍ତା।

**୬୦ ଘର ଡୁମାଳ ସମାଜର ସାଙ୍ଗଠନିକ ବୈଠକ**

ବଲାଙ୍ଗୀର ଜିଲାର ୬୦ ଘର ଡୁମାଳ ସମାଜର ଏକ ସାଙ୍ଗଠନିକ ବୈଠକ ସ୍ଥାନୀୟ ଯାଦବ ଭବନଠାରେ ଜିଲା ସଭାପତି ଲମ୍ବୋଧର ମହାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ସଭାପତି ପ୍ରଥମେ ସ୍ୱାଗତ ଭାଷଣ ଦେବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ରାଜ୍ୟ ପରିଷଦକୁ ପ୍ରତିନିଧିତ୍ୱ କରୁଥିବା ୬ ଜଣ ସଭ୍ୟ ଦୟାନିଧି ଖମାରୀ, ଚକାନନ୍ଦ କମ୍ପ, ପ୍ରଫୁଲ୍ଲ ବଘାର, ନାରାୟଣ କମ୍ପ, ସୁବଳ ଖମାରୀ, ବୃଷୁବ ଦନ୍ତାଙ୍କୁ ବୈଠକରେ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା। ଆସନ୍ତା ମେ ୧୪ ତାରିଖରେ ବଲାଙ୍ଗୀରରେ ରାଜ୍ୟ ପରିଷଦ ଗଠନ କରାଯିବାକୁ ସ୍ଥିର କରାଯାଇଥିବାରୁ ଏହା ସମାଜ ପାଇଁ ସମ୍ମାନର ପ୍ରଶ୍ନ ଭାବରେ ଗ୍ରହଣ କରିବାକୁ ସଭାପତି ମତପ୍ରକାଶ କରିଥିଲେ। ସମସ୍ତ ସକ୍ରିୟ ସଭ୍ୟ ଏଥିରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ୬୦ ଘର ଡୁମାଳ ସମାଜର ଏକ ଭବନ ବଲାଙ୍ଗୀର ସହରାଞ୍ଚଳରେ ନିର୍ମାଣ କରାଯିବାକୁ ପ୍ରସ୍ତାବ ଆଗତ ହୋଇଥିଲା। ବଲାଙ୍ଗୀର ସହରାଞ୍ଚଳ ସଭାପତି ସଞ୍ଜୟ କୁମାର ମହାକୁର ଡୁମାଲ ଭବନ ପାଇଁ ଜମି ଓ ସମନ୍ୱୟ କମିଟି ଗଠନ ଉପରେ ସୂଚନା ଦେଇଥିଲେ। ଭବନ ନିର୍ମାଣ ନିମନ୍ତେ ୨୭ଟି ଚକର ସଭାପତି, ଜିଲା କାର୍ଯ୍ୟକାରିଣୀ ସଭ୍ୟ, ସହରାଞ୍ଚଳ କମିଟି ଓ ଉପଦେଷ୍ଟା ମଣ୍ଡଳୀର ସଭ୍ୟଙ୍କୁ ନେଇ ଏକ ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯାଇଥିଲା। ପରିଶେଷରେ ବିଭିନ୍ନ କେନ୍ଦ୍ରମାନଙ୍କରେ ଥିବା ଛୋଟବଡ ସମସ୍ୟା ଉପରେ ଉପସ୍ଥିତ ସଭ୍ୟ ନିଜ ମତ ଉପସ୍ଥାପନ କରିଥିଲେ। ଆଗାମୀ ଦିନରେ ଜିଲା କାର୍ଯ୍ୟକାରିଣୀ କମିଟି ତତ୍ତ୍ୱାବଧାନରେ ସେ ସବୁ ସମସ୍ୟାର ସମାଧାନ ପାଇଁ ସର୍ବସମ୍ମତି କ୍ରମେ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା । ଜାତି ସମାଜର ଉନ୍ନତି ପାଇଁ ମିଳିତ ପ୍ରୟାସ କରିବାକୁ ସମସ୍ତେ ଏକ ହୋଇ କାମ କରିବା ପାଇଁ ଉପସ୍ଥିତ ସମସ୍ତ ସଭ୍ୟ ଶପଥ ନେଇଥିଲେ। ଜିଲା କାର୍ଯ୍ୟକାରିଣୀ ସଭ୍ୟ ଚକାନନ୍ଦ କମ୍ପ ଧନ୍ୟବାଦ ଅର୍ପଣ କରିଥିଲେ।

**ରବି ଋତୁ ଧାନ ସଂଗ୍ରହ ବୈଠକ**

**ବରପାଲି (ଡି.ଏନ.ଏ.):** ବରଗଡ ଜିଲା ବରପାଲି ବ୍ଲକର ୨୩ଟି ପଞ୍ଚାୟତର ସତଲମା, ଖେଇସାରା, ବାରଗୁଡା, ଭାଟିଗାଁ, କୁମ୍ଭାରୀ, ବାଗବାଡି, କାନବାର ପଞ୍ଚାୟତରେ ରବିଋତୁ ଧାନ ଅମଳ ହେଲାଣି। ଏଣୁ ରବିବାର ସତଲମା ନାରାୟଣ ସମବାୟ ସମିତି ପରିସରରେ ସଭାପତି କୁନାଲ ଭୋଇଙ୍କ ସଭାପତିତ୍ୱରେ ଧାନସଂଗ୍ରହ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ କୃଷି ଅଧିକାରୀ, ଚାଷୀ ପ୍ରତିନିଧି, ରାଜସ୍ୱ ଅଧିକାରୀ ଉପସ୍ଥିତ ରହି କିପରି ଚାଷୀମାନେ ସୁଚାରୁ ଭାବେ ମଣ୍ଡିରେ ଧାନ ବିକ୍ରି କରିବେ ଏବଂ ଦଲାଲମାନଙ୍କ କବଳରେ ପଡିବେନାହିଁ ତା ଉପରେ ଆଲୋଚନା ହୋଇଥିଲା।

## ସଂକ୍ଷେପରେ

### ଗୋଷ୍ଠୀ ଅନ୍ତର୍ନିବେଶୀ ଶିକ୍ଷା ସାଧନ କେନ୍ଦ୍ର ଉଦ୍‌ଘାଟିତ

ପାଇକମାଳ, ୩୦।୪(ଡି.ଏନ.ଏ.) : ବରଗଡ ଜିଲା ପାଇକମାଳ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ଭିନ୍ନକ୍ଷମ ପିଲାମାନଙ୍କ ପାଇଁ ଗୋଷ୍ଠୀ ଅନ୍ତର୍ନିବେଶୀ ଶିକ୍ଷା ସାଧନ କେନ୍ଦ୍ରକୁ ବରଗଡ ଡିଇଓ ମିତ୍ରଭାନୁ କଚ୍ଛପ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଉଦଘାଟନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରେମାନନ୍ଦ ବାରିକ ଓ ଅରୁଣ ବିଶ୍ୱାଳ ଯୋଗ ଦେଇଥିଲେ। ଶିବପ୍ରସାଦ ଯୋଶୀ ଉଦ୍ଦେଶ୍ୟ ଜ୍ଞାପନ ଓ ରାଧେଶ୍ୟାମ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଭିନ୍ନକ୍ଷମମାନଙ୍କ ପାଇଁ ଥିବା ଉପକରଣ ବିଷୟରେ ବିରେନ୍ଦ୍ର ସାହୁ ଓ ରୀତା ମେହେର ବୁଝାଇଥିଲେ। ଡୋଲାମଣି ମାହାର ମଞ୍ଚ ପରିଚାଳନା କରିଥିଲେ। ଉତ୍ସବରେ ପାଇକମାଳର ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କ ମାତାପିତା ଯୋଗ ଦେଇଥିଲେ।

### ୨୪ ପ୍ରହର ବିଶ୍ୱଶାନ୍ତି ନାମଯଜ୍ଞ ସମ୍ପନ୍ନ

ସରଣ୍ଡା,୩୦।୪(ଡି.ଏନ.ଏ.) : ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଖଇରପାଲି ଗ୍ରାମରେ ୨୪ ପ୍ରହର ବିଶ୍ୱଶାନ୍ତି ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ଦିବସରେ ଅଞ୍ଚଳର ୧୬ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ କୀର୍ତ୍ତନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କାଦୋବାହାଲ, ଲହଣ୍ଡା, ନାଇକେନପାଲି ଓ ରୁହୁନିଆଁ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଗ୍ରାମ୍ୟ ପରିକ୍ରମା କରିଥିଲେ। ପ୍ରଦୀପ କର୍ମୀ ଓ ତାଙ୍କ ସ୍ତ୍ରୀ ପଙ୍କଜିନୀ କର୍ମୀ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ରାଜେଶ ମହାପାତ୍ର ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ।

### ମାନଭଞ୍ଜନ ପ୍ରଧାନଙ୍କ ସ୍ମୃତିସଭା

ପଦ୍ମପୁର, ୩୦।୪(ଡି.ଏନ.ଏ.) : ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ଡ. ଲଳିତେନ୍ଦୁ ନାୟକଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ତାଙ୍କ ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତଃ ପ୍ରଧାନ ୧୩।୯।୧୯୯୧ରୁ ୧୦।୧୧।୨୦୦୩ ପର୍ଯ୍ୟନ୍ତ ଉକ୍ତ ମହାବିଦ୍ୟାଳୟର ଓଡିଆ ଭାଷା ସାହିତ୍ୟ ବିଭାଗର ଅଧାପକ ଥିଲେ। ତାଙ୍କ ବିୟୋଗରେ ସାରସ୍ୱତ ଜଗତରେ ଅପୂରଣୀୟ କ୍ଷତି ହୋଇଥିବା ମତପ୍ରକାଶ ପାଇଥିଲା। ସଭାରେ ଅଧାପିକା ଅଧାପକ, ଛାତ୍ରୀଛାତ୍ର ଓ କର୍ମଚାରୀ ଉପସ୍ଥିତ ଥିଲେ।

### ବ୍ଲକ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

ବରଗଡ଼ ଅଫିସ୍,୩୦।୪ : ବରଗଡ଼ ଜିଲା ଭଟଲି ବ୍ଲକ କାର୍ଯ୍ୟାଳୟର କର୍ମଚାରୀ ଗଣେଶ ଷଡ଼ଙ୍ଗୀଙ୍କୁ ରବିବାର ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଡ଼ିଓ ଧିରେନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବ୍ଲକ ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଷଡ଼ଙ୍ଗୀଙ୍କୁ ମାନପତ୍ର, ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଅବସରପ୍ରାପ୍ତ କର୍ମଚାରୀ ଷଡ଼ଙ୍ଗୀ ଭଟଲି ବ୍ଲକ କାର୍ଯ୍ୟାଳୟରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରିଥିଲେ। ସମ୍ବର୍ଦ୍ଧନା ପରେ ତାଙ୍କୁ ଏକ ଶୋଭାଯାତ୍ରାରେ ତାଙ୍କ ଘର ପର୍ଯ୍ୟନ୍ତ ନିଆଯାଇଥିଲା।

# ରବିଧାନ ସଂଗ୍ରହ ଠିକ୍ ଭାବେ କର

**ବିଭାଗୀୟ ଅଧିକାରୀଙ୍କୁ ସଚିବଙ୍କ ନିର୍ଦ୍ଦେଶ**

ବରଗଡ଼ ଅଫିସ୍,୩୦।୪



ଯୋଗାଣ ବିଭାଗ ପ୍ରମୁଖ ସଚିବ ସମୀକ୍ଷା କରୁଛନ୍ତି।

ବରଗଡ଼ ଜିଲାରେ ଆସନ୍ତା ମେ’ ୬ରୁ ରବିଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ଜିଲାର ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ଅଧୀନ ମଣ୍ଡିଗୁଡ଼ିକରୁ ପ୍ରଥମେ ଏହା ଚାଲିବ। ତେବେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ରବିବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ସଚିବ ବୀର ବିକ୍ରମ ଯାଦବ ବରଗଡ଼ ଜିଲା ଗସ୍ତରେ ଆସିଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଯେଭଳି ସୁବିଧାରେ ହୋଇପାରିବ, ସେ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ବୈଠକ ଆରମ୍ଭରୁ ଜିଲାପାଳ ବାନାର୍ଜୀ ରବିଧାନ ସଂଗ୍ରହ ପ୍ରକ୍ରିୟାରେ ହୋଇଥିବା ପ୍ରସ୍ତୁତି ସମ୍ପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ଧାନ ସଂଗ୍ରହ ପ୍ରକ୍ରିୟାରେ ୬୨ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଏବଂ ୩୨ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଅଂଶଗ୍ରହଣ କରିବେ ବୋଲି ସେ ସୂଚନା ଦେଇଥିଲେ। ସେହିପରି ଧାନବିକ୍ରି ପାଇଁ ଜିଲାର ୮୧ହଜାର ୭୦୦ଚାଷୀ ପଞ୍ଜୀକରଣ କରିଥିବା ଜିଲାପାଳ କହିଥିଲେ।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ସଚିବ ଯାଦବ ମୁଖ୍ୟତଃ ୪ଟି ଦିଗ ଉପରେ ଧ୍ୟାନ ଦେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରଥମେ ସମସ୍ତ ଚାଷୀମାନଙ୍କ ତାଲିକା ଚୂଡ଼ାନ୍ତ କରିବା ପାଇଁ ଠିକ୍ ତଦାରଖ କରି ମେ ୨ତାରିଖ ଭିତରେ ତାହା ଶେଷ କରିବାକୁ ସେ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ଦାଶରଥି ସୋରେନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗୋଦାମ ଗୃହ ଖାଲି କରିବା ସହ ମିଲର୍ସମାନଙ୍କ ତାଲିକା ପ୍ରସ୍ତୁତ କରି ଟାର୍ଗେଟ୍ ବଣ୍ଟନ ପାଇଁ ଯାଦବ ନିର୍ଦ୍ଦେଶ ଦେଇଥିଲେ। ବରଗଡ଼ ଉପଜିଲାପାଳ ତଥା ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ଲଲାଟ କୁମାର ଲୁହା, ଅତିରିକ୍ତ ଜିଲାପାଳ ତଥା ବରଗଡ଼ ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ମିର୍ଦ୍ଧା ଟପ୍ପୋ, ପଦ୍ମପୁର ଉପଜିଲାପାଳ ସଦାକର କୁମ୍ଭାରଙ୍କୁ ପ୍ରତ୍ୟେକ ମଣ୍ଡି ଗସ୍ତ କରି ଆନୁଷଙ୍ଗିକ ବ୍ୟବସ୍ଥାର ତଦାରଖ ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ସମ୍ଭାବ୍ୟ ବର୍ଷାକୁ ଦୃଷ୍ଟିରେ ରଖି ଆବଶ୍ୟକ ତାରପୋଲିନ ପ୍ରତ୍ୟେକ ମଣ୍ଡି ତଥା ପ୍ୟାକ୍ସରେ ଗଚ୍ଛିତ ରଖିବା ତଥା ଚାଷୀଙ୍କ ଧାନ ଯେଭଳି ନଷ୍ଟ ନ ହେବ, ସେଥିପ୍ରତି ଯତ୍ନବାନ ହେବା ପାଇଁ ମଧ୍ୟ ଯାଦବ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

- ଛତିଶଗଡ଼ ସୀମାନ୍ତ ଉପରେ ନଜର ରଖ
- ବାହ୍ୟ ରାଜ୍ୟରୁ ଧାନ ଆସିଲେ ଜବତ ହେବ
- ସମ୍ଭାବ୍ୟ ବର୍ଷା ମୁକାବିଲା ପାଇଁ ସଜାଗ ରୁହ

ରବିଧାନ ସଂଗ୍ରହ ପ୍ରକ୍ରିୟାରେ ଟୋକନ ଅବଧି ଏକମାସ ରହିଥିବାବେଳେ ଚାଷୀମାନେ ସେହି ଅବଧି ମଧ୍ୟରେ ଯେଭଳି ଧାନ ବିକ୍ରି କରିବେ, ସେଥିପ୍ରତି ସେ ଗୁରୁତ୍ୱାରୋପ କରିଥିଲେ। ଛତିଶଗଡ଼ରେ ରବିଧାନ ସଂଗ୍ରହ ପ୍ରକ୍ରିୟା ବ୍ୟବସ୍ଥା ନ ଥିବାବେଳେ ପଦ୍ମପୁର, ଅମ୍ଭାଭୋନା ସୀମାନ୍ତ ଅଞ୍ଚଳ ଦେଇ ଛତିଶଗଡ଼ ଧାନ ଯେଭଳି ଓଡ଼ିଶାକୁ ପ୍ରବେଶ ନ କରେ ଏବଂ ଏଠାକୁ ବେଆଇନ ଭାବେ କେହି ଆଣିଲେ ଗାଡ଼ି ଜବତ କରିବା ପାଇଁ ଯାଦବ ବରଗଡ଼ ଓ ପଦ୍ମପୁର ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଆଦିତ୍ୟ ଗୋୟଲ, ଯୋଗାଣ ବିଭାଗ ପରିଚାଳନା ନିର୍ଦ୍ଦେଶକ ଶୁଭମ ସକ୍‌ସେନା ଏବଂ ଅନ୍ୟ ବିଭାଗୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

**କୃଷକ ସଙ୍ଗଠନ ବାର୍ଷିକୋତ୍ସବରେ ମତପ୍ରକାଶ**

## ଦେଶର ଭାଗ୍ୟ ବଦଳାଇପାରିବେ କୃଷକ

ସରଣ୍ଡା,୩୦।୪(ଡି.ଏନ.ଏ.)

କୃଷକମାନେ ଦେଶର ଭାଗ୍ୟ ବଦଳାଇ ପାରିବେ। କୃଷକଙ୍କ ଭାଗ୍ୟ ବଦଳିଲେ ଗାଁ, ସହର, ରାଜ୍ୟ ଓ ଦେଶର ଭାଗ୍ୟ ବଦଳିପାରିବ। କୃଷକଙ୍କ ମଧ୍ୟରେ ରାଜନୈତିକ ଚେତନା ଆଣିବା ଜରୁରୀ। ଭାରତ କୃଷି ପ୍ରଧାନ ରାଷ୍ଟ୍ର। କୃଷକଙ୍କ ଦେଶରେ ସଂଖ୍ୟା ଗରିଷ୍ଠ ସମୂହକୁ ମଜଭୁତ କରିବାର ସମୟ ଆସିଛି। ବିଭିନ୍ନ ରାଜନୈତିକ ଦଳ ଚାପରେ ନିଜକୁ ବିଭାଜିତ ନ କରି ଏକ ପ୍ରତିଭାଶାଳୀ ସମୂହରେ ସାମିଲ ହୁଅନ୍ତୁ ବୋଲି ରବିବାର ଅନୁଷ୍ଠିତ ଓଡିଶା ରାଜ୍ୟ କୃଷକ ସଙ୍ଗଠନର ବାର୍ଷିକୋତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି।

ବରଗଡ଼ ଜିଲା ଅତାବିରା ଏନଏସି ଅଧୀନ ଲାଦରପାଲି ରାମଚଣ୍ଡୀ କଲ୍ୟାଣ ମଣ୍ଡପରେ ଓଡିଶା ରାଜ୍ୟ କୃଷକ ସଙ୍ଗଠନର ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ସଭାପତି ବାଞ୍ଛାନିଧି ନାଏକ ମୁଖ୍ୟ ଅତିଥି, ପଶ୍ଚିମ ଓଡିଶା ଚାଷୀ ସଙ୍ଗଠନର ଆବାହକ ସରୋଜ ମହାନ୍ତି ମୁଖ୍ୟବକ୍ତା, ବିନିକା କୃଷକ ସଙ୍ଗଠନ ସଦସ୍ୟ ନାରାୟଣ ପାଢ଼ୀ, ପଦ୍ମପୁର ରାଜବୋଡ଼ାସମ୍ବର କୃଷକ ସଙ୍ଗଠନର ଆଇନ ପରାମର୍ଶଦାତା ଅଜିତ ଶତପଥୀ, ଓଡିଶା ରାଜ୍ୟ କୃଷକ ସଙ୍ଗଠନ ସଭାପତି ବୀରେନ୍ଦ୍ର କର, ସମ୍ପାଦକ ସୁରେଶ କର୍ଣ୍ଣ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ବରିଷ୍ଠ ଚାଷୀ ଜିତେନ୍ଦ୍ର ମେହେର, ଡାକ୍ତର ପ୍ରଶାନ୍ତ ପଣ୍ଡା, ମେଧାବୀ ଛାତ୍ରୀ ଜାହ୍ନବୀ ପ୍ରଧାନ, ଚାଷୀ ଉଦ୍ୟୋଗୀ କେ. ପି. ଶ୍ରୀନିବାସ, ଶିକ୍ଷାବିତ୍ ବ୍ରଜକିଶୋର ଦାସ, ସ୍ତମ୍ଭକାର ରାଜେଶ ଅଗ୍ରଓ୍ୱାଲ, ସଙ୍ଗଠନ ରତ୍ନ ଭାବେ ଟିକେଲାଲ ମିଶ୍ର, ଭି. ସତ୍ୟନାରାୟଣ, ଜନ କଲ୍ୟାଣ କୁଲତା ସମାଜକୁ ସମ୍ମାନିତ କରାଯାଇଥିଲା। ସେହିପରି ଚାଷୀମାନଙ୍କ ହିତ ପାଇଁ ଜେଲ ଯାଇଥିବା ସଙ୍ଗଠନ ସଦସ୍ୟ ଏରବାବୁ, ଜୟ ବାବୁ, ଓଡିଶା ରାଜ୍ୟ କୃଷକ ସଙ୍ଗଠନ ସଭାପତି ବୀରେନ୍ଦ୍ର କରଙ୍କୁ ସମ୍ମାନିତ କରାଯାଇଥିଲା। କୀର୍ତ୍ତନ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା ଓ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଶେଷରେ ଅରୁଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




କୃଷକ ସଙ୍ଗଠନ ବାର୍ଷିକୋତ୍ସବରେ ଅତିଥି ଓ ସମ୍ବର୍ଦ୍ଧିତ ପ୍ରତିଭାଗଣ।

## ଆଇଆଇଟି-ଜେଇଇ(ମେନ୍) ପ୍ରବେଶିକା ପରୀକ୍ଷାରେ ବିକାଶର ସଫଳତା



ଚନ୍ଦନ ନନ୍ଦ



ଶତାକ୍ଷୀ ଧଳସାମନ୍ତ



ରିତିକ କୁମାର ଅଗ୍ରୱାଲ



ରୋହିତ କୁମାର ମିଶ୍ର



ପରିମିତା ଭୋଇ

ବରଗଡ଼ ଅଫିସ୍,୩୦।୪

- ୧୩ ଛାତ୍ରୀଛାତ୍ରଙ୍କ ୯୬ ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ
- ସମୁଦାୟ ୬୩ ଛାତ୍ରୀଛାତ୍ରଙ୍କୁ ମିଳିଛି ସଫଳତା

ଆଇଆଇଟି-ଜେଇଇ (ମେନ୍) ସେସନ-୨ ପ୍ରବେଶିକା ପରୀକ୍ଷାରେ ବରଗଡ଼ର ବିକାଶ ଆବାସିକ ବିଦ୍ୟାଳୟ ଏବଂ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ବିକାଶ, ବରଗଡ଼ର ୩ଜଣ ୯୮, ୮ଜଣ ୯୭, ୧୩ ଜଣ ୯୬ ଏବଂ ୬୩ଜଣ ନିର୍ଦ୍ଧାରିତ କଟ୍‌ଅଫ୍‌ରୁ ଊର୍ଦ୍ଧ୍ୱ ପ୍ରତିଶତ ମାର୍କ ରଖିଛନ୍ତି ବୋଲି ବିକାଶ ଗ୍ରୁପ୍‌ର ଡାଇରେକ୍ଟର (ଆଡ୍‌ମିନିଷ୍ଟ୍ରେଶନ) ଡି. ବିବେକ ସୂଚନା ଦେଇଛନ୍ତି। ସେହିପରି ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ସୂଚନା ଦେଇ କହିଛନ୍ତି, ଚନ୍ଦନ ନନ୍ଦ ୯୮.୪୪, ଶତାକ୍ଷୀ ଧଳସାମନ୍ତ ୯୮.୨୪, ରିତିକ କୁମାର ଅଗ୍ରୱାଲ ୯୮.୦୮, ରୋହିତ କୁମାର ମିଶ୍ର ୯୭.୮୨, ପରିମିତା ଭୋଇ ୯୭.୭୭ ପିୟୂଷକାନ୍ତ ପଣ୍ଡା ୯୭.୭୨, ଲିନେଶ ଆଚାର୍ଯ୍ୟ ୯୭.୬୬, ତରୱିସ ସହାୟତା ୯୭.୬୪, ରିତିକ କୁମାର ଦାଶ ୯୬.୭୧, ସୌମ୍ୟସ୍ୱରୂପ ପାଢ଼ୀ ୯୬.୪୯, ସ୍ନେହିଲ ଅଗ୍ରୱାଲ ୯୬.୪୩, ଶୋଭାଙ୍ଗିନୀ ଦାଶ ୯୬.୩୧, ଅମ୍ଳିନା ସିପିଡ଼ି ପାଣିଗ୍ରାହୀ ୯୬.୧୨, ଅମର୍ତ୍ତ୍ୟ ମିଶ୍ର ୯୪.୬୦, ସ୍ନେହାଶିଷ ପାହାଡ଼ା ୯୩.୫୯ ପ୍ରତିଶତ ମାର୍କ ରଖି ତାଲିକାର ଶୀର୍ଷରେ ରହିଛନ୍ତି। ପଦାର୍ଥ ବିଜ୍ଞାନରେ ପରିମିତା ଭୋଇ ୯୯.୪୧, ଚନ୍ଦନ ନନ୍ଦ ୯୯.୨୭, ଲିନେଶା ଆଚାର୍ଯ୍ୟ ୯୯.୨୪, ରିତିକ କୁମାର ଅଗ୍ରୱାଲ ୯୯.୦୮, ପିୟୂଷକାନ୍ତ ପଣ୍ଡା ୯୯.୦୨ ଏବଂ ରସାୟନ ବିଜ୍ଞାନରେ ଚନ୍ଦନ ନନ୍ଦ ୯୯.୬୮, ଶତାକ୍ଷୀ ଧଳସାମନ୍ତ ୯୯.୬୧ ଏବଂ ରିତିକ କୁମାର ଅଗ୍ରୱାଲ ୯୯.୪୪ ପ୍ରତିଶତ ମାର୍କ ରଖିଛନ୍ତି।

ଜେଇଇ-ମେନ୍ ସେସନ-୨ ପରୀକ୍ଷାରେ ଛାତ୍ରୀଛାତ୍ରଙ୍କ ଉତ୍କୃଷ୍ଟ ସଫଳତା ପାଇଁ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ବିକାଶରେ ଚାଲିଥିବା ସେଣ୍ଟ୍ରାଲାଇଜ୍‌ଡ ଏଣ୍ଟ୍ରାନ୍ସ ଏକାଡେମୀ ପାଠ୍ୟ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହାସହିତ ବିକାଶ ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ ବରଗଡ଼, ଜଗଦଲପୁର, ରାୟପୁର ଶାଖାର ଏଣ୍ଟ୍ରାନ୍ସ ଏକାଡେମୀ ପ୍ରମୁଖ ଚିତ୍ତରଞ୍ଜନ ପତି, ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକଙ୍କ ପରିଶ୍ରମକୁ ଚେୟାରମ୍ୟାନ କ୍ରୀଷ୍ଣା ଶ୍ରେୟ ଦେଇଛନ୍ତି। ଆଗାମୀ ଦିନରେ ହେବାକୁ ଥିବା ଅନ୍ୟ ପ୍ରବେଶିକା ପରୀକ୍ଷାମାନଙ୍କରେ ବିକାଶ ଛାତ୍ରୀଛାତ୍ର ଉଲ୍ଲେଖନୀୟ ସଫଳତା ସହ ଓଡ଼ିଶା ପାଇଁ ଗୌରବ ଆଣିବେ ବୋଲି ସେ ଆଶାପୋଷଣ କରିଛନ୍ତି। ବିକାଶ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରଓ, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଭି. ଶ୍ରୀନିବାସ, ଡାଇରେକ୍ଟର ଏକାଡେମିକ୍ସ ଜି. ରାମକ୍ରୀଷ୍ଣା, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁ ପ୍ରମୁଖ ସମସ୍ତ କୃତୀ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଏବଂ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଜଳ ପ୍ରକଳ୍ପ ପରିଦର୍ଶନ କଲେ ଉପଜିଲାପାଳ

ପଦ୍ମପୁର, ୩୦।୪(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ସହରାଞ୍ଚଳକୁ ଜଳଯୋଗାଣ କରୁଥିବା ନାଗେନଦର୍ହା ପ୍ରକଳ୍ପକୁ ଉପଜିଲାପାଳ ସଦାକର କୁମ୍ଭାର ରବିବାର ପରିଦର୍ଶନ କରିଛନ୍ତି। ଜଳଯୋଗାଣ ପାଇଁ ନାଗେନଦର୍ହାରେ ଆବଶ୍ୟକ ପରିମାଣରେ ପାଣି ରହିଛି। ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ, ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଓ ସହରରେ ନଳକୂପ କାର୍ଯ୍ୟକ୍ଷମ ରହିଛି। ତେଣୁ ପାନୀୟ ଜଳ ସମସ୍ୟା ବିଶେଷ ଅନୁଭୂତ ହେବ ନାହିଁ ବୋଲି ଆଲୋଚନା ହୋଇଥିଲା। ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ପଦ୍ମନାଭ ମାଝୀ, ଏନଏସିର ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ, ସାମାଜିକ କର୍ମୀ ନିରୋଜ ଦୋରା ପ୍ରମୁଖ ଉପସ୍ଥିତ ଥିଲେ।

### ୨୪ ପ୍ରହର ନାମଯଜ୍ଞ ସମ୍ପନ୍ନ

ଭେଡ଼େନ, ୩୦।୪ (ଡି.ଏନ.ଏ.)

ଭେନେନ ବ୍ଲକ ମହୁଲପାଲି ଗ୍ରାମରେ ୨୪ ପ୍ରହର ନାମଯଜ୍ଞ ରବିବାର ସମ୍ପନ୍ନ ହୋଇଛି। ଗ୍ରାମର ଶତାଧିକ ମହିଳା ଗୁରୁବାର ସ୍ଥାନୀୟ ନୂଆବନ୍ଧ ପୋଖରୀରୁ ଜଳପୂର୍ଣ୍ଣ କଳସ ଆଣି ମଣ୍ଡପରେ ସ୍ଥାପନ ପୂର୍ବକ ନାମଯଜ୍ଞ ଆରମ୍ଭ ହୋଇଥିଲା। ଏଥିରେ ଗଣ୍ଡତୁରୁମ୍, ଭାଙ୍ଗକୁଦ, ମେହେନା, ଖଲିଆପାଲି, ଯାମପାଲି, ଭୂତଲୋଡ଼ ଗ୍ରାମର ସଙ୍କୀର୍ତ୍ତନ ଦଳ ଯୋଗ ଦେଇଥିଲେ। ବୁଗବୁଗା ଓ ବଡ଼ମାଳ ସଙ୍କୀର୍ତ୍ତନ ଦଳ ମଧ୍ୟରେ ବୈଠକୀ କୀର୍ତ୍ତନ ହୋଇଥିଲା। ଶେଷଦେବ ତ୍ରିପାଠୀ ସତ୍ରିକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବୁଦ୍ଧଦେବ ପଣ୍ଡା, କୃଷ୍ଣଚନ୍ଦ୍ର ମିଶ୍ର, ସହଦେବ ତ୍ରିପାଠୀ ପୂଜକ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

### ଓଡ଼ିଆ ଆଳତି ସଂଗ୍ରହ ପୁସ୍ତକ ଉନ୍ମୋଚିତ

ବରଗଡ଼ ଅଫିସ୍,୩୦।୪

ବରଗଡ଼ ବ୍ଲକ ବରାହଗୋଡ଼ା ଗ୍ରାମରେ ନୂତନ କରି ପ୍ରତିଷ୍ଠା ହୋଇଥିବା ଅର୍ଦ୍ଧ ନାରୀଶ୍ୱର ମନ୍ଦିର ପରିସରରେ ପଣ୍ଡିତ ତୁଳସୀ ପ୍ରସାଦ ସୂପକାରଙ୍କ ଦ୍ୱାରା ହିନ୍ଦୀ, ସଂସ୍କୃତରୁ ଓଡ଼ିଆରେ ଅନୁଦିତ ବିଭିନ୍ନ ଦେବାଦେବୀଙ୍କ ଆଳତିକୁ ନେଇ ପ୍ରସ୍ତୁତ ପୁସ୍ତକ ଓଡ଼ିଆ ଆଳତି ସଂଗ୍ରହ ପୁସ୍ତକ ଉନ୍ମୋଚିତ ହୋଇଛି। ଅବସରପ୍ରାପ୍ତ ଅଧ୍ୟାପକ ତିଳକରାମ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଉନ୍ମୋଚନ ଉତ୍ସବରେ ସାହିତ୍ୟିକ ମନୋରଞ୍ଜନ ମେହେର ମୁଖ୍ୟ ଅତିଥି ଏବଂ ଶିଶୁ ସାହିତ୍ୟିକ ଡଃ ରବି ନାରାୟଣ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପୁସ୍ତକର ଉନ୍ମୋଚନ ସହ ସମୀକ୍ଷା କରିଥିଲେ। ମନ୍ଦିର ଆଳତି ସମୟରେ ପୂଜାର୍ଚ୍ଚନା ପରେ ପୁସ୍ତକଟି ଶତାଧିକ ଲୋକଙ୍କ ଗହଣରେ ଉନ୍ମୋଚିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କବୟିତ୍ରୀ ବାସନ୍ତୀ ପ୍ରଧାନ, ପୁସ୍ତକର ପ୍ରକାଶିକା ସୁଷମା ସୂପକାର, କୈଳାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କବି ଦୟାନିଧି ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

### ଟ୍ରକ୍ ଧକ୍କାରେ ଅଙ୍ଗନୱାଡ଼ି ସହାୟିକା ମୃତ

ସରଣ୍ଡା,୩୦।୪(ଡି.ଏନ.ଏ.)

ଜିଲା ଅତାବିରା ଆଇସିଡିଏସ୍ ଅଧୀନ ଅଙ୍ଗନୱାଡ଼ି ସହାୟିକାଙ୍କ ଉଦ୍ଦିଷ୍ଟ ତାଲିମ ନେବା ପାଇଁ ବସ୍ ଧରିବାକୁ ରାସ୍ତା ପାରି ହେଉଥିବା ବେଳେ ଟ୍ରକ୍ ଧକ୍କାରେ ଜଣେ ସହାୟିକାଙ୍କ ମୃତ୍ୟୁ ହୋଇଛି। ମୃତ ସହାୟିକା ହେଲେ ପାର୍ବତୀ ଚନ୍ଦନ (୫୫)। ପାର୍ବତୀ ଦୁଲମପୁର ଅଙ୍ଗନୱାଡ଼ି କେନ୍ଦ୍ରରେ ସହାୟିକା ଭାବେ କାର୍ଯ୍ୟ କରୁଥିଲେ। ଏଥିରେ ସିଂହାପାଲି ଅଙ୍ଗନୱାଡ଼ି କେନ୍ଦ୍ରର ସହାୟିକା ଲକ୍ଷ୍ମୀପ୍ରିୟା ଥପା (୫୩) ଗୁରୁତର ହୋଇଛନ୍ତି।

ସୂଚନା ଅନୁସାରେ, ଅତାବିରା ବ୍ଲକର ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ରର ୧୯ ଜଣ ସହାୟିକା ତାଲିମ ନେବା ପାଇଁ ଢେଙ୍କାନାଳ ଯିବାକୁ ବ୍ଲକ ଅଫିସରେ ଏକାଠି ହୋଇଥିଲେ। ସେମାନେ ପ୍ରାୟ ସନ୍ଧ୍ୟା ୭ଟାରେ ବସ୍ ଧରିବା ପାଇଁ ବ୍ଲକ ଅଫିସରୁ ବାହାରି ରାସ୍ତା ଅତିକ୍ରମ କରିବା ବେଳେ ସମ୍ବଲପୁରରୁ ବରଗଡ଼ ପଟକୁ ଯାଉଥିବା ଏକ ଟ୍ରକ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ୧୯ ଜଣଙ୍କ ମଧ୍ୟରୁ ପାର୍ବତୀ ଓ ଲକ୍ଷ୍ମୀପ୍ରିୟା ଗୁରୁତର ହୋଇଥିଲେ। ଉଭୟଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ବୁର୍ଲାରେ ପାର୍ବତୀଙ୍କ ମୃତ୍ୟୁ ହୋଇଥିଲା।

## ଆଜିଠୁ ନୃସିଂହନାଥରେ ବୈଶାଖ ମେଳା




ବରଗଡ଼ ଜିଲାପାଳ ମେଳା ପ୍ରସ୍ତୁତିର ସମୀକ୍ଷା କରୁଛନ୍ତି।

ପାଇକମାଳ, ୩୦।୪(ଡି.ଏନ.ଏ.)

ପଶ୍ଚିମ ଓଡିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ପାଇକମାଳର ନୃସିଂହନାଥ ପୀଠରେ ସୋମବାରଠାରୁ ବୈଶାଖ ମେଳା ଆରମ୍ଭ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ନୃସିଂହନାଥ ମହାପ୍ରଭୁଙ୍କ ଜନ୍ମୋତ୍ସବ ତଥା ବୈଶାଖ ମେଳା ପାଇଁ ନୃସିଂହନାଥ ପୀଠ ଚଳଚଞ୍ଚଳ ହୋଇ ପଡିଛି। ପ୍ରଶାସନ ତଥା ମନ୍ଦିର ପରିଚାଳନା କମିଟି ତରଫରୁ ଏଥିପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଚାଲଧାରରେ ବାଉଁଶରେ ତିଆରି ସ୍ୱତନ୍ତ୍ର ଅସ୍ଥାୟୀ ରାସ୍ତା ନିର୍ମାଣ କାମ ଶେଷ ହୋଇଛି। ୫ ତାରିଖ ପର୍ଯ୍ୟନ୍ତ ନୃସିଂହନାଥ ପୀଠରେ ବୈଶାଖ ମେଳା ଅନୁଷ୍ଠିତ ହେବ। ପ୍ରଥମ ଦିନ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସ ଯାତ୍ରା, ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ଓ ବୀଜମନ୍ତ୍ର ଜପ କରାଯିବ। ଗୁରୁବାର ନୃସିଂହନାଥ ମହାପ୍ରଭୁ ମାର୍ଜାର କେଶରୀଙ୍କ ଜନ୍ମ ଉତ୍ସବ ପାଳନ କାର୍ଯ୍ୟକ୍ରମ ରହିଛି ଓ କନ୍ଦ ସମାଜ ଦ୍ୱାରା ନୃସିଂହ ମହାପ୍ରଭୁଙ୍କୁ ପିତାକନ୍ଦା ଭୋଗ ଅର୍ପଣ ଏବଂ ଧ୍ୱଜାବନ୍ଧନ କରଯିବ। ଶୁକ୍ରବାର ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୂତି ହେବ। ୩ରୁ ୫ ତାରିଖ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ସୂଚନା ଦେଇଛନ୍ତି। ଏଥିସହ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାକୁ ଥିବାରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି ବୋଲି ସେ ଜଣାଇଛନ୍ତି।

**ବିକାଶ ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନର ୨୨ତମ ପ୍ରତିଷ୍ଠା ଦିବସ**

## ପୃଥିବୀର ବିକଶିତ ରାଷ୍ଟ୍ର ହେବ ଭାରତ

ବରଗଡ଼ ଅଫିସ୍,୩୦।୪




ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ବକ୍ତବ୍ୟ ରଖୁଛନ୍ତି।



କାର୍ଯ୍ୟକ୍ରମରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ା ସ୍ଥିତ ବିକାଶ ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନର ୨୨ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଏଥିରେ ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭାରତ ସରକାରଙ୍କ ରାଷ୍ଟ୍ରଦୂତ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଶେଷ ପରାମର୍ଶଦାତା ଡଃ ଦୀପକ ଭୋରା ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦାନ କରିଥିଲେ। ବିକାଶ ପରିଚାଳନା ସଦସ୍ୟମାନେ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ଡଃ ଭୋରା ନିଜର ଗୁରୁଗମ୍ଭୀର ଶବ୍ଦଗୁଚ୍ଛର ଉଚ୍ଚାରଣରେ ସାରସ୍ୱତ ପରିବେଶକୁ ମନ୍ତ୍ରମୁଗ୍ଧ କରିଥିଲେ।

ପ୍ରଥମ ପର୍ଯ୍ୟାୟରେ କଶ୍ମୀର ଦି ଜର୍ଣ୍ଣି କଣ୍ଟିନ୍ୟୁସ୍ ଶୀର୍ଷକରେ କଶ୍ମୀର ପ୍ରସଙ୍ଗ ଉପସ୍ଥାପନ କରି ଡଃ ଭୋରା ଅନେକ ସମସ୍ୟା, ପ୍ରତିବନ୍ଧକକୁ ପ୍ରତିହତ କରି ବର୍ତ୍ତମାନ ସାମାଜିକ, ପର୍ଯ୍ୟଟନ କ୍ଷେତ୍ର ଏବଂ ଅର୍ଥନୈତିକ ସ୍ତରରେ ପରାକାଷ୍ଠା କରିପାରିଛି, ଯାହା ଜି-୨୦ର ସମାବେଶ, ଦିଲ୍ଲୀରୁ କଶ୍ମୀର ରେଳ ଚଳାଚଳ, ଶିକ୍ଷାକ୍ଷେତ୍ରରେ ଉନ୍ନତି ସହଜରେ ଅନୁମେୟ ବୋଲି ସେ କହିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଆୱାର ୱାର୍ଲ୍ଡ ଏଟ୍ ଦ ରେଟ୍ ୨୦୨୬ ଶୀର୍ଷକରେ କୋଭିଡ୍ ପୂର୍ବରୁ, କୋଭିଡ୍ ସମୟରେ ଏବଂ କୋଭିଡ୍ ପରବର୍ତ୍ତୀ ସମୟରେ ଭାରତର ଭୂମିକା ଉପରେ ସେ ବର୍ଣ୍ଣନା କରିଥିଲେ। ଦେଶର ଅର୍ଥନୈତିକ କ୍ଷେତ୍ରରେ ବିକାଶ ସମ୍ପର୍କରେ ଉପସ୍ଥାପନା କରିବା ସହ ମେକ୍ ଇନ୍ ଇଣ୍ଡିଆ, ଆତ୍ମନିର୍ଭର ଭାରତ ପୃଥିବୀର ଏକ ବିକଶିତ ରାଷ୍ଟ୍ର ଭାବେ ପରିଗଣିତ ହେବ ବୋଲି ଡଃ ଭୋରା କହିଥିଲେ।

ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ନିଜ ବକ୍ତବ୍ୟରେ ନୂତନ ଟେକ୍ନୋଲୋଜି, ୨୧ ସେଞ୍ଚୁରୀ ସ୍କିଲ, ସମୟ ସହିତ ପରିବର୍ତ୍ତନ, ଛାତ୍ର କୈନ୍ଦ୍ରିକ ଶିକ୍ଷା ପଦ୍ଧତି ଆବଶ୍ୟକତାକୁ ସ୍ୱୀକାର କରି ବିଶ୍ୱାସ, କଠିନ ପରିଶ୍ରମ ଏବଂ ସାଧୁତା ହିଁ ବିକାଶ ଉନ୍ନତିର ମାଇଲଖୁଣ୍ଟ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। କ୍ରୀଷ୍ଣା ବିକାଶ ଗ୍ଲୋବାଲ ସ୍କୁଲ, ରାୟପୁରର ଡାଇରେକ୍ଟର ଡଃ ଜବାହର୍ ସୁରିସେଟ୍ଟି ନ୍ୟାଶନାଲ ଏଜୁକେଶନ ପଦ୍ଧତି ଉପରେ ଅବଗତ କରିବା ସହ ଶିଶୁର ବୌଦ୍ଧିକ ଏବଂ ନୈତିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ବିକାଶ ଆଜି ସମସ୍ତଙ୍କ ନିଷ୍ଠାପର କର୍ତ୍ତବ୍ୟ ଦ୍ୱାରା ଶିକ୍ଷା, ସ୍ୱାସ୍ଥ୍ୟକ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିପାରିଛି ବୋଲି କହିଥିଲେ। ଦଳଗତ କାର୍ଯ୍ୟ ଏବଂ ସମସ୍ତଙ୍କ ପ୍ରଚେଷ୍ଟା ଦ୍ୱାରା ଅନୁଷ୍ଠାନ ଦୀର୍ଘପଥ ଆଗେଇ ଆସି ସଫଳତା ପାଇଛି ବୋଲି ଡାଇରେକ୍ଟର ଜି. ଭାସ୍କର ରାଓ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ଚେୟାରମ୍ୟାନ କ୍ରୀଷ୍ଣାଙ୍କ ଜନ୍ମଦିନ ପାଳନ ହୋଇଥିଲା। ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ଚିତ୍ତରଞ୍ଜନ ପତିଙ୍କୁ ଅଧ୍ୟକ୍ଷ ଭାବେ ପଦୋନ୍ନତି ସହ କ୍ରୀଷ୍ଣା ବିକାଶ ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସର ବରଗଡ଼, ଜଗଦଲପୁର ଏବଂ ରାୟପୁର ଶାଖାର ଏଣ୍ଟ୍ରାନ୍ସ ଏକାଡେମୀ ପ୍ରମୁଖ ଭାବେ ପଦୋନ୍ନତି କରାଯାଇଥିଲା। ବରଗଡ଼ର ବିକାଶ ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସ, ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସ, ବିକାଶ ଫାଷ୍ଟଷ୍ଟେପ୍, ବିକାଶ ଇନଷ୍ଟିଚ୍ୟୁଟ ଫର୍ ସୋସିଆଲ ୱେଲଫେୟାର, ଜଗଦଲପୁରର କ୍ରୀଷ୍ଣା ବିକାଶ ନେକ୍ସ୍ଟ ଜେନ୍ ସ୍କୁଲ, ରାୟପୁରରର ବିକାଶ ଗ୍ଲୋବାଲ ସ୍କୁଲ, ସିମେଣ୍ଟନଗର ଇଂଲିଶ ମିଡ଼ିୟମ ସ୍କୁଲ, ବିକାଶ ଏସିସି ପବ୍ଲିକ ସ୍କୁଲ, ଡୁଙ୍ଗୁରିର ସମସ୍ତ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବାବେଳେ ଆବାସିକ ସ୍କୁଲର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ୨ସନ୍ତାନ ସହ ମା’ ନିଖୋଜ: ଥାନାରେ ଅଭିଯୋଗ

ଲହୁଣୀପଡା, ୩୦।୪(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଶସ୍ୟକଳା ପଞ୍ଚାୟତ ବରସୁଆଁ ବସଷ୍ଟାଣ୍ଡ ନିକଟରେ ରହୁଥିବା ଜଣେ ମହିଳା ୨ ସନ୍ତାନ ସହ ନିଖୋଜ ହୋଇଯାଇଛନ୍ତି। ନିଜ ସ୍ୱାମୀଙ୍କୁ ନ ଜଣାଇ ପୁଅ ଝିଅଙ୍କୁ ସାଙ୍ଗରେ ନେଇ କୁଆଡ଼େ ଚାଲି ଯାଇଛନ୍ତି ବୋଲି ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଝାଡ଼ଖଣ୍ଡ ସିଂହଭୂମ ଜିଲା ମନୋହରପୁରୁ ଥାନା ଅନ୍ତର୍ଗତ ଇଛାପିର ଗ୍ରାମର ହରିନାଥ ମାହାତୋଙ୍କ ପୁଅ ରମାକାନ୍ତ ମାହାତୋ ଅନେକ ଦିନ ହେବ ବରସୁଆଁରେ ରହି କାମ କରୁଥିଲେ। ବରସୁଆଁ ବସଷ୍ଟାଣ୍ଡ ନିକଟରେ ଏକ ଭଡା ଘରେ ସ୍ତ୍ରୀ ଶର୍ମିଳା (୩୦) ଓ ୧୦ବର୍ଷର ପୁଅ ଓ ୫ ବର୍ଷର ଝିଅକୁ ନେଇ ରହି ଆସୁଥିଲେ। କିନ୍ତୁ ଗତ ୨୮ ତାରିଖ ସକାଳ ପ୍ରାୟ ୧୦ ଟାରୁ ଘରେ ତାଲା ପକାଇ ପୁଅଝିଅକୁ ନେଇ ତାଙ୍କର ସ୍ତ୍ରୀ କେଉଁଆଡ଼େ ଚାଲି ଯାଇଛନ୍ତି। ନିଜର ସମ୍ପର୍କୀୟ ଓ ବନ୍ଧୁବାନ୍ଧବଙ୍କ ଘରେ ଖୋଜାଖୋଜି କରି ନ ପାଇବାରୁ ବାଧହୋଇ ଲହୁଣୀପଡା ଥାନାରେ ରମାକାନ୍ତ ଲିଖିତ ଅଭିଯୋଗ କରିଛନ୍ତି।

### ପାଣିରେ ବୁଡ଼ି ଯୁବକ ନିଖୋଜ

ଲହୁଣୀପଡ଼ା,୩୦।୪(ଡି.ଏନ.ଏ.)- ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଭୁତୁଡା ପଞ୍ଚାୟତ ଉପର ଖଣ୍ଡାଧାରର ଏକ ଜଳାଶୟକୁ ଗାଧୋଇବା ପାଇଁ ଅଜିତ ମୁରୁମ (୨୪) ଓ ମାର୍ଶାଲ ମୁଣ୍ଡା ଦୁଇ ସାଙ୍ଗ ରବିବାର ପୂର୍ବାହ୍ନ ୧୧ଟାବେଳେ ଯାଇଥିଲେ। ସେଠାରେ ଗାଧୋଉ ଥିବାବେଳେ ଅଜିତଙ୍କ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ି ଯାଇଥିଲେ। ମାର୍ଶାଲ ମୁଣ୍ଡା ଓ ଅନ୍ୟ ଲୋକମାନେ ଖୋଜାଖୋଜି କରିଥିଲେ ମଧ ଅଜିତଙ୍କ କୌଣସି ପତ୍ତା ମିଳି ନ ଥିଲା। ଏ ସଂକ୍ରାନ୍ତରେ ଲହୁଣୀପଡ଼ା ଥାନାରେ ସୂଚନା ଦେବାରୁ ପୋଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ବହୁ ଖୋଜାଖୋଜି କରିଥିଲେ ମଧ ସନ୍ଧ୍ୟା ସୁଦ୍ଧା କୌଣସି ପତ୍ତା ମିଳି ନ ଥିଲା। ପୋଲିସ ତଦନ୍ତ ଜାରି ରଖିଛି। ସୂଚନା ଅନୁସାରେ କେ.ବଲାଙ୍ଗ ଥାନା ଅନ୍ତର୍ଗତ ଝିରିପାଣି ଗ୍ରାମର ଅଜିତ ମୁରୁମ ଓ ମଞ୍ଜାବେଡା ଗ୍ରାମର ମାର୍ଶାଲ ମୁଣ୍ଡା ଉଭୟ ସାଙ୍ଗ ହୋଇ ନିଜ ସମ୍ପର୍କୀୟ ଘର ଉପର ଖଣ୍ଡାଧାର ଗ୍ରାମକୁ ଯାଇଥିଲେ।

### କାର୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଦେବଗଡ଼, ୩୦।୪(ଡି.ଏନ୍.ଏ.)-ଦେବଗଡ଼ ସହରସ୍ଥିତ ଡିଭାଇନ ପବ୍ଲିକ ସ୍କୁଲ ସମ୍ମୁଖରେ କାର ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ରବିବାର ସକାଳେ ସୁନାପସି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଘନଶ୍ୟାମ ସାହୁ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରି ଡାକ୍ତରଙ୍କ ନିକଟରୁ ନିଜ ବାଇକ୍‌ରେ ଫେରୁଥିଲେ। ପୁରୁଣା ଜାତୀୟ ରାଜପଥ ଉପରେ ବାଇକ୍‌କୁ କାର ଧକ୍କା ଦେଇଥିଲା। ଫଳରେ ବାଇକ୍ ଆରୋହୀ ଘନଶ୍ୟାମଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଦୁର୍ଘଟଣା ଘଟାଇଥିବା ମହିଳା କାର ଚାଳକ ଜଣକ ଦେବଗଡ଼ ସହରର ବିୟୁଟି ପାର୍ଲର ଓ ଫର୍ନିଚାର ବ୍ୟବସାୟୀ ବୋଲି ଜଣାପଡ଼ିଛି। ଦୁର୍ଘଟଣା ପରେ କାର ସହିତ ମହିଳା ଜଣକ ଥାନାରେ ଆତ୍ମସମର୍ପଣ କରିଥିବା ଜଣାପଡିଛି।

### ଟ୍ରକ୍ ପଛରେ ଧକ୍କା ଦେଲା ଟ୍ରକ: ଚାଳକ ମୃତ

ଲହୁଣୀପଡା, ୩୦।୪(ଡି.ଏନ.ଏ.)- ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ବରସୁଆଁ ଟେନସା ରାସ୍ତାର ୧୬ନମ୍ବର ଘାଟିରେ ରବିବାର ପୂର୍ବାହ୍ନ ୧୧ଟାରେ ଟ୍ରକ ପଛରେ ଟ୍ରକ ଧକ୍କା ହୋଇ ଚାଳକଙ୍କ ମୃତ୍ୟୁ ଘଟିଛି। ପ୍ରକାଶ ଯେ, କୋଇଡା ଖଣି ଅଞ୍ଚଳରୁ ଲୁହାପଥର ବୋଝେଇ ଓଡ଼ି ୩୪ଏନ - ୩୬୦୫ ଟ୍ରକଟି ଲହୁଣୀପଡା ପଟେ ଆସୁଥିବାବେଳେ ବରସୁଆଁ ଟେନ୍‌ସା ୧୬ନମ୍ବର ଘାଟିରେ ଭାରସାମ୍ୟ ହରାଇ ଅନ୍ୟ ଏକ ମାଲ ବୋଝେଇ ଟ୍ରକ ପଛରେ ଶକ୍ତ ଧକ୍କା ଦେଇଥିଲା। ଫଳରେ ଟ୍ରକର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ଚାଳକ ଓ ଖଲାସି ଗୁରୁତର ଆହତ ହୋଇଥିଲେ। ଖବରପାଇ ଟେନସା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଦୁଇଜଣଙ୍କୁ ଲହୁଣୀପଡ଼ା ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲେ ମଧ ଡାକ୍ତର ଚାଳକଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଚାଳକ ହେଉଛନ୍ତି ବିହାରର ଜାମୁଇ ଅନ୍ତର୍ଗତ ମରିଚ ଅଞ୍ଚଳର ପାଠକଚକ ଗ୍ରାମର ଶଙ୍କର ଯାଦବଙ୍କ ପୁଅ ଅଜୟ କୁମାର (୨୯)। ସୋମବାର ପରିବାର ଲୋକ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ।

# ସଫଳ ମହିଳା ଉଦ୍ୟୋଗୀ ରେଖା

ସୁନ୍ଦରଗଡ,୩୦।୪(ଡି.ଏନ.ଏ.)

ନିଜର ପ୍ରବଳ ଇଚ୍ଛାଶକ୍ତି, ନିରନ୍ତର ଉଦ୍ୟମ, ଆଗ୍ରହ ଓ କଠିନ ପରିଶ୍ରମ ଦ୍ୱାରା ସ୍ୱାବଲମ୍ବୀ ହୋଇପାରିଛନ୍ତି ଜଣେ ମହିଳା। ସେ ହେଉଛନ୍ତି ଝୁରିମାଲ ଗ୍ରାମର ରେଖା ନାଏକ। ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକର ଏକ ରାଜସ୍ୱ ଗ୍ରାମ ହେଉଛି ଝୁରିମାଲ। ଏହି ଗ୍ରାମର ଏକ ମଧ୍ୟବିତ୍ତ ପରିବାରର ସୁଗୃହିଣୀ ହେଉଛନ୍ତି ରେଖା। ସ୍ୱାମୀ ସୁବ୍ରତ ଓ ଏକମାତ୍ର ଝିଅ ପ୍ରାଚୀ ଏବଂ ଶାଶୁ, ଶ୍ୱଶୁରଙ୍କୁ ନେଇ ରେଖାଙ୍କ ଛୋଟିଆ ପରିବାର। ପିଲାଟି ଦିନରୁ ଆତ୍ମନିର୍ଭରଶୀଳ ହେବାର ସ୍ୱପ୍ନ ରେଖାଙ୍କୁ ଆଜି ଏକ ସଫଳ ସ୍ୱାବଲମ୍ବୀ ମହିଳା କରିପାରିଛି। ଏକ ଆଦର୍ଶ ଗୃହିଣୀ ସଙ୍ଗେ ସଙ୍ଗେ ପରିବାରର ଆର୍ଥିକ ମାନଦଣ୍ଡକୁ ସ୍ୱଚ୍ଛଳ କରିବା ପାଇଁ ରେଖାଙ୍କ ନିଷ୍ଠା ଓ ଉଦ୍ୟମକୁ ସଫଳ ରୂପାୟନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨। ଏହି ପ୍ରକଳ୍ପ ମାଧ୍ୟମରେ ଉଜ୍ଜଳପୁର କ୍ଷେତ୍ର ପରିଚାଳନା ଏକକ ଅନ୍ତର୍ଗତ ଝୁରିମାଲ ବନ ସୁରକ୍ଷା ସମିତିର ସହାୟତାରେ ବିଭିନ୍ନ ଆୟଭିତ୍ତିକ କାର୍ଯ୍ୟକରି ଲକ୍ଷାଧିକ ଟଙ୍କା ଆୟ କରୁଛନ୍ତି ରେଖା। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ ତଥା ଓଡ଼ିଶା ଜୀବିକା ମିଶନର ସହାୟତାରେ ୨୦୧୭ ମସିହାରେ ସ୍ୱପ୍ନା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ସେ ଏକ ସକ୍ରିୟ ସଭ୍ୟାର ଭୂମିକା ନିଭାଉଛନ୍ତି। ବିଗତ ତିନି ବର୍ଷରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ସହଯୋଗରେ ଜିଆଖତ ଚାଷ, ଆୟ ଭିତ୍ତିକ କାର୍ଯ୍ୟକ୍ରମ, ବିକଳ୍ପ କୃଷି ବ୍ୟବସ୍ଥା, ପନିପରିବା ଚାଷ ଉପରେ ପ୍ରଶିକ୍ଷଣ ଲାଭ କରିଛନ୍ତି ରେଖା। ୨୦୧୮ରେ ଓଡ଼ିଶା ଜୀବିକା ମିଶନ ତରଫରୁ ୩୦୦୦୦ ଟଙ୍କା ଋଣ ନେଇ ଏକ ଛୋଟ ତେଜରାଜି ଦୋକାନ ଆରମ୍ଭ କରିଛନ୍ତି ଓ ଏଥିରୁ ମାସିକ ୧୦୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ପାଉଛନ୍ତି ରେଖା। ଏହା ସଙ୍ଗେ ସଙ୍ଗେ ନିଜ ଘରବାରିର ୦.୬୫ ଏକର ଜମିରେ ପ୍ରତ୍ୟେକ ଋତୁରେ ବିଭିନ୍ନ ପନିପରିବା ଯଥା:- ଆଳୁ, ପିଆଜ, କୋବି, ମଟର,



ମହିଳା ଉଦ୍ୟୋଗୀ ରେଖା ନାଏକ।

ଗୁଆଁର, ମୂଳା, ସୋରିଷ, ମକା, ଭେଣ୍ଡି, କାକୁଡି, ଝୁଡଙ୍ଗ ଓ ବିଲାତି ଚାଷ କରି ନିଜ ପରିବାର ପ୍ରତିପୋଷଣ କରିବା ସଙ୍ଗେ ସଙ୍ଗେ ୭୫୦୦୦ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ଲାଭ ପାଇପାରୁଛନ୍ତି। ନିଜସ୍ୱ ଉଦ୍ୟମରେ ନିଜ ଘରବାଡିରେ ଅଶ୍ୱତଥ ଓ ପିପଲର ଏକ ଛୋଟ ନର୍ସରୀ କରି ସ୍ଥାନୀୟ ଜଙ୍ଗଲ ଓ ଜଳାଶୟମାନଙ୍କରେ ବନ ସୁରକ୍ଷା ସମିତି ଦ୍ୱାରା ବୃକ୍ଷରୋପଣ କରାଇଛନ୍ତି ରେଖା। ଚଳିତବର୍ଷ ଏକାଭିମୁଖୀତା କାର୍ଯ୍ୟକ୍ରମ

**ସ୍ୱାବଲମ୍ବୀ ଗୃହିଣୀଙ୍କ ଆତ୍ମକଥା**

ଦ୍ୱାରା ୧ଏକର ଜମିରେ ନିଜସ୍ୱ ଉଦ୍ୟମ ଓ ପରିଶ୍ରମ ଦ୍ୱାରା ମାଣ୍ଡିଆ ଚାଷ କରି ୪.୬ କୁଇଣ୍ଟାଲ ମାଣ୍ଡିଆ ଅମଳ କରି ୧୫୦୦୦ ଟଙ୍କା ଲାଭ ପାଇ ଚଳିତବର୍ଷ ନିଜର ୩ ଏକର ଜମିରେ କେବଳ ମାଣ୍ଡିଆ ଚାଷ କରୁଛନ୍ତି। ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ତରଫରୁ ଆବର୍ତ୍ତନ ପାଣ୍ଠିରୁ ୫୦୦୦୦ ଋଣ ନେଇ ଜିଆଖତ ଚାଷ କରି ଏ ପର୍ଯ୍ୟନ୍ତ ୧୦୦ କୁଇଣ୍ଟାଲ ବିକ୍ରି କରି ୨ ଲକ୍ଷ ଟଙ୍କା ଆୟ କରିଛନ୍ତି। ଝିଅର ପାଠପଢା, ଶାଶୁ ଶ୍ୱଶୁରଙ୍କ ସେବା ଶୁଶ୍ରୂଷା କାର୍ଯ୍ୟ, ତେଜରାତି ଦୋକାନର ପରିଚାଳନା ତଥା ଚାଷ କାମର ଦାୟିତ୍ୱ ଏକା ସାଙ୍ଗରେ ସଫଳ ଭାବରେ ସମ୍ପାଦନା କରି ଗାଁରେ ତଥା ଆଖପାଖ ଅଞ୍ଚଳରେ ଏକ ସ୍ୱାବଲମ୍ବୀ ମହିଳାର ପରିଚୟ ସୃଷ୍ଟି କରିପାରିଛନ୍ତି ରେଖା। ଏହି ସଫଳତାର ଶ୍ରେୟ ଝୁରିମାଲ ବନ ସୁରକ୍ଷା ସମିତି, ସହଯୋଗୀ ଅନୁଷ୍ଠାନ ସେବକ ତଥା ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨କୁ ଦିଅନ୍ତି ରେଖା ନାଏକ।

# ମେ’ ୨୭ରେ ରାଉରକେଲା ଆସିବେ ପୁରୀ ଶଙ୍କରାଚାର୍ଯ୍ୟ



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

ରାଉରକେଲା ଅଫିସ,୩୦।୪

ପୁରୀ ଗୋବର୍ଦ୍ଧନ ପୀଠର ପୀଠାଧୀଶ ଆଦି ଶଙ୍କରଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଆସନ୍ତା ମେ’ ୨୭ ତାରିଖରେ ରାଉରକେଲା ଗସ୍ତ କରିବେ। ଏ ନେଇ ରାଉରକେଲା ଆଦିତ୍ୟ ବାହିନୀ ଏବଂ ଆନନ୍ଦ ବାହିନୀ ପକ୍ଷରୁ ରବିବାର ଉଦିତନଗର ସ୍ଥିତ ଶାଖା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଆଦିତ୍ୟ ବାହିନୀ ସମ୍ପାଦକ ଦ୍ୱୀତିକୃଷ୍ଣ ପ୍ରଧାନ, ପୁରୀ ମଠାଧୀଶଙ୍କ ରାଷ୍ଟ୍ରୀୟ କାର୍ଯ୍ୟକର୍ତ୍ତା ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ରାଉରକେଲା ଆଦିତ୍ୟ ବାହିନୀ ସଭାପତି ସୁଶାନ୍ତ କୁମାର ନାୟକ, ବରିଷ୍ଠ ସଦସ୍ୟ କୃପାସିନ୍ଧୁ ପଣ୍ଡା, ଜିଲା କ୍ଷେତ୍ରୀୟ ସମ୍ପାଦକ ରମଣ ଚାଟାର୍ଜୀ ପ୍ରମୁଖ ସୂଚନା ଦେଇଛନ୍ତି। ସମ୍ମିଳନୀରେ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ରମଣ ଚାଟାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ।

# ରୋଗୀ ସମ୍ପର୍କୀୟ, ଗରିବଙ୍କୁ ୫ଟଙ୍କାରେ ମିଲ୍

**ହାପି ଟୁ ହେଲ୍ପ ଫାଉଣ୍ଡେସନର ସହାୟତା**

ଦେବଗଡ଼, ୩୦।୪(ଡି.ଏନ୍.ଏ.)

ଦେବଗଡ଼ ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଥିବା ଆହାର କେନ୍ଦ୍ର ରବିବାର ବନ୍ଦ ରହୁଥିବାରୁ ହାପି ଟୁ ହେଲ୍ପ ଫାଉଣ୍ଡେସନ ତରଫରୁ ପ୍ରତ୍ୟେକ ରବିବାର ରୋଗୀଙ୍କ ସମ୍ପର୍କୀୟ, ପରିଜନ ଓ ଗରିବଙ୍କ ପାଇଁ ଆରମ୍ଭ ହୋଇଥିବା ‘୫ ଟଙ୍କାରେ ରନ୍ଧା ଖାଦ୍ୟ’ ରବିବାର ଷଷ୍ଠ ଥରରେ ପହଞ୍ଚିଛି। ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ଜିଲା ସରପଞ୍ଚ ସଂଘର ସଭାପତି ତଥା କଲା ଗ୍ରାମପଞ୍ଚାୟତର ସରପଞ୍ଚ ସତ୍ୟ ନାରାୟଣ ପାଣି (ହାଡ଼ି ଭାଇ) ଯୋଗଦେଇ ଖାଦ୍ୟ ବିତରଣ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ୱାର୍ଡ ନମ୍ବର ୨ର ପାରିଷଦ ସଂଯୁକ୍ତା ଆଚାର୍ଯ୍ୟ ଓ ୱାର୍ଡ ନମ୍ବର ୩ର ପାରିଷଦ ବାସନ୍ତୀମଣି ମାଝି ଉପସ୍ଥିତ ଥିଲେ। ସରପଞ୍ଚ ସତ୍ୟନାରାୟଣ ପାଣି ପ୍ରୋତ୍ସାହନ ରାଶି ୫୦୦୦ ଟଙ୍କା ଫାଉଣ୍ଡେସନକୁ ଦାନ କରିଥିଲେ। ସତ୍ୟନାରାୟଣ, ସଂଯୁକ୍ତା ଏବଂ ବାସନ୍ତୀ ଶ୍ରମଦାନ ଦେବା ସହିତ ହାପି ଟୁ ହେଲ୍ପ ଫାଉଣ୍ଡେସନ ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନର ସଭାପତି ଶୁକଦେବ ଭଞ୍ଜ, ସମ୍ପାଦକ ଆଲୋକ ଅମାନ୍ତ, କୋଷାଧକ୍ଷ ବିଷ୍ଣୁ ପ୍ରସାଦ ନାୟକ, ଶୈଳେନ୍ଦ୍ର ବ୍ରିନେଦ, ପ୍ରିତିଶ ମହାପାତ୍ର, ସୁଶାନ୍ତ କୁମାର, ସୁକାନ୍ତ ନାୟକ, ଦୀପକ ଷଣ୍ଢ, ଭୁବନମୋହନ ନାୟକ, ଶେଖର ପାତ୍ର, ସଞ୍ଜୟ ଥାପ୍ପା, ସିଦ୍ଧାର୍ଥ ଦାସ, ପପୁନ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।



ସରପଞ୍ଚ ସଂଘର ସଭାପତି ସତ୍ୟ ନାରାୟଣ ପାଣି ଓ ଅନ୍ୟମାନେ ୫ଟଙ୍କିଆ ମିଲ୍ କାର୍ଯ୍ୟକ୍ରମ ଶୁଭାରମ୍ଭ କରୁଛନ୍ତି।

# ଚୋରି ଘଟଣାରେ ଆଉ ୨ ଗିରଫ



ବେଲପାହାଡ, ୩୦।୪(ଡ଼ି.ଏନ.ଏ)

ବେଲପାହାଡ ଥାନା ଅନ୍ତର୍ଗତ ରହମତନଗରରେ ତାଲା ଭାଙ୍ଗି ସହମଦ ସାହିଦଙ୍କ ଘରୁ ଚୋରି ଘଟଣାରେ ଫେରାର ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଇମରାନ ଖାନ (୨୮) ଓ ବିଲବର ଖାନ (୨୫)। ଅଭିଯୁକ୍ତଙ୍କଠାରୁ ଚୋରି ସୁନା ଅଳଙ୍କାର ଜବତ ହୋଇଛି। ଉଭୟଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ଗତ ବୁଧବାର ୨୭ତାରିଖ ରାତିରେ କିଛି ଦୁର୍ବୃତ୍ତ ବେଲପାହାଡ ରହମତନଗରର ମହମଦ ସାହିତଙ୍କ ଘର ତାଲା ଭାଙ୍ଗି ୩୦ ହଜାର ଟଙ୍କା ସହ ପ୍ରାୟ ୧୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ଚୋରି କରି ନେଇଥିଲେ। ଏହି ସମୟରେ ଘଟଣାସ୍ଥଳରେ ଘର ମାଲିକ ପହଞ୍ଚିଥିବାରୁ ଚୋରମାନେ ଏକ ବାଇକ୍ ଛାଡି ପଳାଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ବେଲପାହାଡ ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରି ଶନିବାର ୫ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତେବେ ଅନ୍ୟ ଦୁଇ ଫେରାର ଅଭିଯୁକ୍ତ ସମ୍ବଲପୁର ନକ୍ସାପାଲିର ଗୋଟିଏ ମସଜିଦରେ ଲୁଚିଥିବା ଖବର ପାଇ ବେଲପାହାଡ ପୋଲିସ ସେଠାରେ ଚଢାଉ କରି ଉଭୟଙ୍କୁ କାବୁ କରିଥିଲା। ମୁଖ୍ୟ ଅଭିଯୁକ୍ତ ଇମରାନ ଜଣେ ପେଷାଦାର ଅପରାଧୀ ଏବଂ ତାଙ୍କ ନାମରେ ଜିଲାର ବିଭିନ୍ନ ଥାନାରେ ୩୦ରୁ ଅଧିକ ମାମଲା ଥିବା ଆଇଆଇସି ଅମିତାଭ ପଣ୍ଡା ପ୍ରକାଶ କହିଛନ୍ତି।

# ଲହୁଣୀପଡ଼ା ଅଞ୍ଚଳରେ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଦେଖିଲେ ଲୋକେ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜନସାଧାରଣ।

ଲହୁଣୀପଡା, ୩୦।୪(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଶଙ୍ଖପୋଷ ଗ୍ରାମରେ ମନ କି ବାତ କାର୍ଯ୍ୟକ୍ରମର ପ୍ରସାରଣ ଲୋକେ ଦେଖିଥିଲେ। ଏଥିରେ ବଣେଇ ଜିଲା ଭାଜପା ସଭାପତି ଅନୀଲ କୁମାର ବାର୍ଲା ଯୋଗ ଦେଇଥିବା ବେଳେ ଏହି କାର୍ଯ୍ୟକ୍ରମ ପ୍ରସାରଣ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଜୟନ୍ତୀ ମାହାନ୍ତ ଓ ବଣେଇ ଭାଜପା ଜନଜାତି ମୋର୍ଚ୍ଚା ସାଧାରଣ ସମ୍ପାଦିକା ଯମୁନା ମୁଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ୩ ଅକ୍ଟୋବର-୨୦୧୪ ବିଜୟା ଦଶମୀ ତିଥିରେ ଆରମ୍ଭ ହୋଇଥିବା ରେଡ଼ିଓ କାର୍ଯ୍ୟକ୍ରମ ମନ କି ବାତ ସଫଳତାର ସହ ୧୦୦ ତମ ସଂସ୍କରଣ ପୂରଣ କରିଛି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ସହ ମତ ବିନିମୟ କରିବା ସହ ଦେଶର କୋଣ ଅନୁକୋଣରେ ପ୍ରେରଣାଦାୟୀ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷ ଓ ବିଭିନ୍ନ ପ୍ରେରଣାଦାୟୀ ଅଭିଯାନ ସମ୍ପର୍କରେ ଉଲ୍ଲେଖ କରିଥାନ୍ତି। ଏହି କାର୍ଯ୍ୟକ୍ରମକୁ ଲୋକେ ରେଡ଼ିଓ, ମୋବାଇଲ ଓ ଦୂରଦର୍ଶନ ମାଧ୍ୟମରେ ଦେଖିବା ସହ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣକୁ ଶୁଣିଥାନ୍ତି। ଏହାର ୧୦୦ ତମ ସଂସ୍କରଣ ପ୍ରସାରଣ ଭାଜପା ବଣେଇର ସଂଯୋଜନାରେ ବିଭିନ୍ନ ଶକ୍ତିକେନ୍ଦ୍ର ସ୍ତରରେ ଆୟୋଜିତ ହୋଇଯାଇଛି। ଭାଜପା ଜିଲା ସଭାପତି ଅନିଲ କୁମାର ବାର୍ଲା ଯୋଗଦେଇ ଶହେରୁ ଉର୍ଦ୍ଧ୍ୱ ଗ୍ରାମବାସୀଙ୍କ ସହ ପ୍ରସାରଣ ଦେଖିଥିଲେ। ସେହିଭଳି ଲହୁଣୀପଡା ବ୍ଲକର ତାଳବାହାଲି, କଲେଇପୋଷର କେନାପାଲି, କୁଲିପୋଷ, କେ.ବଲାଙ୍ଗର ବିମଳାଗଡ଼ ପ୍ରଭୃତି ସ୍ଥାନରେ ସମବେତ ଜନସାଧାରଣ କାର୍ଯ୍ୟକ୍ରମର ପ୍ରସାରଣ ଦେଖିଥିଲେ। ଏହି କାର୍ଯ୍ୟକ୍ରମଗୁଡ଼ିକରେ ଭାଜପା ବଣେଇ ପକ୍ଷରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସେବତୀ ନାଏକ, ଜିଲା ଉପ ସଭାପତି ଉପେନ୍ଦ୍ର ବେହେରା, ପ୍ରଦୀପ ସ୍ୱାଇଁ, ମହେଶ ଶାହା, ଜିଲା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ଗୀତା ଜୟସ୍ୱାଲ, ଦେବଲିନା ମାହାନ୍ତ ପ୍ରମୁଖ ଓ ମଣ୍ଡଳ ସଭାପତିଗଣ ଅତିଥି ଭାବେ ଉପସ୍ଥିତ ଥିଲେ।

# ୪୦ଫୁଟ ତଳକୁ ଖସିଲା ବୋଲେରୋ: ଜଣେ ମୃତ, ୮ ଗୁରୁତର

ହେମଗିର,୩୦।୪(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ହେମଗିର ଥାନା ବାଙ୍କିବାହାଲ ଟପରିଆ ରାସ୍ତାର ବିଲେଇମୁଣ୍ଡାଠାରେ ଶନିବାର ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିଛି। ୪୦ଫୁଟ ତଳକୁ ବୋଲେରୋ ଖସି ପଡ଼ିବାରୁ ଜଣଙ୍କର ମୃତ୍ୟୁ ଘଟିଛି। ଜଣେ ମହିଳା ଓ ଶିଶୁ ସମେତ ୮ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଉଦ୍ଧାର କରି ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବାବେଳେ ଅଧିକ ଚିକିତ୍ସା ପାଇଁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ମୃତକ ହେଲେ ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ବିଲେଇବାହାଲର ପର୍ଶୁରାମ ମାଝି (୩୨)। ଏକ ବିବାହ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଏମାନେ ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ବିଲେଇବାହାଲରୁ ହେମଗିର ଥାନା ଅନ୍ତର୍ଗତ ପିଠନପୁରକୁ ବୋଲେରୋରେ ଯାଉଥିଲେ। ବିଲେଇମୁଣ୍ଡା ଠାରେ ବୋଲେରୋ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।



ଦୁର୍ଘଟଣାଗ୍ରସ୍ତ ହୋଇଥିବା ବୋଲେରୋ।

# ଦେବଗଡ଼ରେ ନାଟକ, ସୁଗମ ସଙ୍ଗୀତ କାର୍ଯ୍ୟକ୍ରମ

**ସଂସ୍କୃତି ସହରରେ କଣ୍ଠନ ସୃଷ୍ଟି କଲା ବାମଣ୍ଡା କଳାକାର ସଂଘ**

ଦେବଗଡ଼, ୩୦।୪(ଡି.ଏନ୍.ଏ.)

ଶନିବାର ରାତିରେ ସ୍ଥାନୀୟ ବାମଣ୍ଡା କଳାକାର ସଂଘ ଆନୁକୂଲ୍ୟରେ ସ୍ଥାନୀୟ ସଭାଗୋଲିଠାରେ ମୁକ୍ତାକାଶ ରଙ୍ଗମଞ୍ଚରେ ନାଟ୍ୟରଶ୍ମୀ ପ୍ରଫୁଲ୍ଲ କୁମାର ରଥଙ୍କ ରଚିତ ନାଟକ ‘ଚାରିଛକ’ ପରିବେଷଣ କରାଯାଇଥିଲା। ନାଟକ ମଞ୍ଚସ୍ଥ ହେବା ପୂର୍ବରୁ କୁମୁଦ ଚନ୍ଦ୍ର ଶତପଥିଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଦେବଗଡ଼ ଜିଲା ପରିଷଦ ସଭାପତି କୌଶିକ କୁମାର ପ୍ରଧାନ, ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ,ଦେବଗଡ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରମୋଦ କୁମାର ରଥ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ କୁମାର ରଥ, ଜିଲା ସରପଞ୍ଚ ସଂଘର ସଭାପତି ସତ୍ୟ ନାରାୟଣ ପାଣି ଓ ବାମଣ୍ଡା କଳାକାର ସଂଘର ସଭାପତି ବିପିନ ବିହାରୀ ନନ୍ଦ ଯୋଗଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଲିଗାଲ ରାଇଟ୍ସ କାଉନଶିଲ ଇଣ୍ଡିଆର ରାଜ୍ୟ ସଭାନେତ୍ରୀ ଅରୁନ୍ଧତୀ କୁମାରୀ ଦେଇ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସଦସ୍ୟ ହେମନ୍ତ ମହାପାତ୍ରଙ୍କୁ ନାଟକ ପ୍ରତି ଜୀବନବ୍ୟାପୀ ଅବଦାନ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବ ନିର୍ଦ୍ଦେଶକ ରୋମିଓ ମହାପାତ୍ରଙ୍କ ନିର୍ଦ୍ଦେଶନାରେ କଳାକାରମାନେ ନିଖୁଣ ଅଭିନୟ କରି ଦର୍ଶକଙ୍କର ମନମୋହିବାରେ ସଫଳ ହୋଇଥିଲେ। ଏହି ନାଟକର ବିଭିନ୍ନ ଭୂମିକାରେ ପ୍ରଦୀପ କୁମାର ଅମାନ୍ତ, ପ୍ରଶାନ୍ତ କୁମାର ଦ୍ୱିବେଦୀ, ମନୋଜ କୁମାର ପାଢୀ, ଦିଲ୍ଲୀପ କୁମାର ଗୁରୁ, ମଙ୍ଗଳ ମହାଙ୍କୁର, ଯଦୁମଣି ବେହେରା, ସନ୍ତୋଷ କୁମାର ସାହୁ, ସୁଶାନ୍ତ ନନ୍ଦ, ଶିଶିର ଦାଶ, ଶ୍ରବଣ କୁମାର ନାୟକ, ରମଣୀରଞ୍ଜନ ଆଚାର୍ଯ୍ୟ, ଉପେନ୍ଦ୍ର ଭଞ୍ଜ, ଅବନୀ ମିଶ୍ର, ଚିନ୍ମୟ ଦାଶ, ମୁକେଶ ସାହୁ, ପ୍ରୀତମ ବେହେରା, ହିମାଂଶୁ ଶେଖର ପ୍ରଧାନ, ଟିକେଶ୍ୱର ଗୁରୁ, ପୂର୍ଣ୍ଣଚନ୍ଦ୍ର ବୁଢା, ସୁନୀଲ ଦାଶ, ବବଲୁ, ପ୍ରଭାତ, ଜିତୁ, ତନ୍ମୟ, ବିପିନ ବିହାରୀ ନନ୍ଦ, ସ୍ୱାଗତ,ନିରଞ୍ଜନ ଦ୍ୱିବେଦୀ, ଡିଲେଶ୍ୱର ପ୍ରଧାନ, ଆଲୋକ ଅମାନ୍ତ ଓ ଗୀତା ଅଭିନୟ କରିଥିବାବେଳେ ଗିରିଜା ଶଙ୍କର ମିଶ୍ର ସଙ୍ଗୀତ ପରିଚାଳନା କରିଥିଲେ। କଣ୍ଠଶିଳ୍ପୀ ଅରୁନ୍ଧତୀ ଦାଶ କଣ୍ଠଦାନ କରିଥିଲେ। ସେହିପରି ପ୍ରଦୀପ କୁମାର ପାତ୍ର ମଞ୍ଚ ସାଜସଜ୍ଜା କରିଥିବାବେଳେ ପ୍ରଶାନ୍ତ କୁମାର ମହାରଣା ଆଲୋକ ପରିଚାଳନା କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଜିଲା ସଂସ୍କୃତି ପରିଷଦ, ଦେବଗଡ଼ର ମିଳିତ ସହଯୋଗରେ ସ୍ଥାନୀୟ ରାଜା ବାସୁଦେବ ହାଇସ୍କୁଲ ରଙ୍ଗମଞ୍ଚରେ ସୁନାମଧନ୍ୟ କଣ୍ଠଶିଳ୍ପୀମାନଙ୍କୁ ନେଇ ରବିବାର ‘ସୁଗମ ସଙ୍ଗୀତ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ କାର୍ଯ୍ୟକ୍ରମକୁ ଅତିଥି ଭାବେ ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ, ଦେବଗଡ ବନଖଣ୍ଡ ଅଧିକାରୀ ମଗର ଧାନାଜୀ ରାଓସୋ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସଦସ୍ୟ ହେମନ୍ତ ମହାପାତ୍ର ଓ ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ। ଏହା ପରେ ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ବିଷ୍ଣୁମୋହନ କବି, ଅଭିଜିତ ମିଶ୍ର, ଦୀପ୍ତିରେଖା ପାଢୀ ଓ ନେହା ନିହାରିକା ନାୟକଙ୍କ ଦ୍ୱାରା ଉଚ୍ଚକୋଟୀର ସୁମଧୁର ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶହଶହ ଦର୍ଶକ ଏବଂ ଶ୍ରୋତା ମନଭରି ଉପଭୋଗ କରିଥିଲେ।



ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସଦସ୍ୟ ହେମନ୍ତ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

# ହାର୍ଟକୁ ପ୍ରଭାବିତ କରେ ମାନସିକତା



**ମ**ନୁଷ୍ୟ ଶରୀରର ଅନ୍ୟତମ ପ୍ରମୁଖ ଆଭ୍ୟନ୍ତରୀଣ ଅଙ୍ଗ ହେଉଛି ହୃତ୍‌ପିଣ୍ଡ ବା ହାର୍ଟ। ଏହା ଯଦି କାମ କରିବା ସମ୍ପୂର୍ଣ୍ଣ ବନ୍ଦ କରିଦିଏ ତେବେ ସଂପୃକ୍ତ ବ୍ୟକ୍ତି ମୃତ୍ୟୁମୁଖରେ ପଡ଼ିଥାଆନ୍ତି। ବର୍ତ୍ତମାନର ଧାଁଧପଡ଼ ଜୀବନରେ ଆମର ମାନସିକତା ପ୍ରଭାବିତ ହେଉଛି। ଏହାକୁ ସକାରାତ୍ମକ ରଖିବା ଦରକାର। ଯଦି ଜଣେ ବ୍ୟକ୍ତିଙ୍କର ମାନସିକତା ଅଧିକାଂଶ ସମୟ ନକାରାତ୍ମକ ରହେ, ତେବେ ତାହାର ଖରାପ ପ୍ରଭାବ ହାର୍ଟ ଉପରେ ପଡିଥାଏ। ଏପରି କି ହୃଦ୍‌ଜନିତ ସମସ୍ୟା ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି। ଏ ସମ୍ପର୍କରେ ନିକଟରେ ସୂଚନା ଦେଇଛନ୍ତି ସିଡ୍‌ନୀ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ବିଶେଷଭାବରେ ନକାରାତ୍ମକ ଚିନ୍ତାଧାରା ବିଶିଷ୍ଟ ବ୍ୟକ୍ତିଙ୍କଠାରେ ସେମାନେ ହୃଦ୍‌ଜନିତ ସମସ୍ୟା ଅଧିକ ଦେଖିବାକୁ ପାଇଥିଲେ। ତେଣୁ ଜଣେ ବ୍ୟକ୍ତି ନିଜକୁ ଅଧିକାଂଶ ସମୟ ଅବସାଦ ଏବଂ ଟେନ୍‌ସନଠାରୁ ଦୂରେଇ ରଖିବା ନିହାତି ଦରକାର। ଯେଉଁମାନଙ୍କର ମାନସିକତା ଅସନ୍ତୁଳିତ ରହୁଛି ସେମାନେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଦରକାର ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ମତ ଦେଇଛନ୍ତି।

# ପାଚନ କ୍ରିୟାକୁ ସକ୍ରିୟ କରେ କିସ୍‌ମିସ୍



**ଆ**ମର ପାଚନ କ୍ରିୟା ସବୁବେଳେ ସକ୍ରିୟ ରହିବା ଦରକାର। ଏଥିରେ କିସ୍‌ମିସ୍‌ର ମଧ ଭୂମିକା ରହିଛି। ଏହାବ୍ୟତୀତ କୋଷ୍ଠକାଠିନ୍ୟ ପରି ସମସ୍ୟାର ମଧ ଏହା କେତେକାଂଶରେ ସମାଧାନ କରିଥାଏ। କିସ୍‌ମିସ୍ କମ୍ କ୍ୟାଲୋରିଯୁକ୍ତ ହୋଇଥିବାରୁ ଏହା ଓଜନ କମାଇବାରେ ସାହାଯ୍ୟ କରିଥାଏ। ଟୋକିଓ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନଙ୍କ ଦ୍ୱାରା ହୋଇଥିବା ଏକ ଗବେଷଣାରୁ ଜଣାପଡିଛି ଯେ, କିସ୍‌ମିସ୍ ସୁଗାର ସ୍ତରକୁ ସନ୍ତୁଳିତ ରଖିଥାଏ। ଏହାର ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଦୃଷ୍ଟିଶକ୍ତି ପାଇଁ ବେଶ୍ ଉପକାରୀ। ଏଥିରେ ପଲିଫେନୋଲ୍ ନାମକ ଏକ ପିଗ୍‌ମେଣ୍ଟ ରହିଛି, ଯାହା ଆଖିତଳ କଳାଦାଗକୁ ଦୂର କରିଥାଏ। ଶରୀରରେ ଆଇରନ୍ ପରିମାଣକୁ ମଧ ଏହା କେତେକାଂଶରେ ସନ୍ତୁଳିତ ରଖେ। କିସ୍‌ମିସ୍ ଖାଇବା ଦ୍ୱାରା ଶରୀରରେ ଲୋହିତ ରକ୍ତକଣିକା ସୃଷ୍ଟି ହୁଏ। ପାଣିରେ ବତୁରିଥିବା କିସ୍‌ମିସ୍‌କୁ ପ୍ରତିଦିନ ଖାଇଲେ ଏହା ଶରୀରରେ କ୍ୟାଲ୍‌ସିୟମ୍ ସୃଷ୍ଟିକରେ ଯାହା ଆଣ୍ଠୁ, ଗଣ୍ଠି ଓ ହାଡ଼କୁ ମଜଭୁତ ରଖିବାରେ ସାହାଯ୍ୟ କରେ।

# ସମୁଦ୍ର ଚଟାଣରେ 'ମୃତ୍ୟୁ ଗହ୍ୱର'



ପ୍ର. ରମେଶ ଚନ୍ଦ୍ର ପରିଡ଼ା

''ସମୁଦ୍ର ବା ମହାସମୁଦ୍ର ଚଟାଣରେ ଏ ପ୍ରକାର ଗହ୍ୱରକୁ 'ପାଇଥିଆସ ଓଏସିସ୍' ବୋଲି କୁହାଯାଏ। ପ୍ରଥମଥର ପାଇଁ ୨୦୧୫ ମସିହାରେ ଏହା ଆବିଷ୍କୃତ ହୋଇଥିବାର ସୂଚନାଟିଏ ନିକଟରେ ପ୍ରକାଶିତ ହୋଇଛି ଗବେଷଣା ପତ୍ରିକା 'ସାଇନ୍‌ସ ଆଡ୍‌ଭାନ୍‌ସ'ରେ। ଏଥି ଅନୁଯାୟୀ ସାଧାରଣ ଜଳ ଭଳି ପ୍ରତୀୟମାନ ହେଉଥିବା ଏକ ତରଳ ପଦାର୍ଥ 'ଟେକ୍ଟୋନିକ୍ ପ୍ଲେଟ୍'କୁ ତୈଳାକ୍ତ କରି ରଖିଥାଏ। ଏହି ଗହ୍ୱର ଦେଇ ତାହା ନିଷ୍କାସିତ ହୋଇଗଲେ ସେଗୁଡ଼ିକର ବଡ଼ଧରଣର ଚଳନ ଏବଂ ଘର୍ଷଣ ଘଟିଥାଏ, ଯାହା ଭୂକମ୍ପର କାରଣ ହୁଏ।''




**ପ୍ର**କୃତି ରହସ୍ୟମୟୀ-କେତେବେଳେ କାନ୍ତ ତ କେତେବେଳେ ଭୀମ। ତା'ର ଶାନ୍ତ କାନ୍ତ ରୂପ ଆମେ ଉପଲବ୍ଧି କରୁ ପ୍ରତି ମୁହୂର୍ତ୍ତରେ ଏବଂ ତାହା ଧାରଣ କରି ସେ ଆମକୁ ଲାଳନପାଳନ କରିଥାଏ ସନ୍ତାନସନ୍ତତି ରୂପେ। ତେବେ ତା'ର ଭୀମ ରୂପ ପ୍ରକଟିତ ହୁଏ କେବେ କେବେ ମହାମାରୀ, ବନ୍ୟା, ବାତ୍ୟା, ଭୂକମ୍ପ, ସୁନାମି ଆଦି ମାଧ୍ୟମରେ। ଯୁକ୍ତରାଷ୍ଟ୍ର ଆମେରିକାର ଓରେଗନ୍ ପ୍ରଦେଶ ନିକଟବର୍ତ୍ତୀ ସମୁଦ୍ର ଉପକୂଳରେ, ସ୍ଥଳଭାଗଠାରୁ ପ୍ରାୟ ୯୦ କି.ମି. ଦୂରରେ ସମୁଦ୍ର ତରଳ ଚଟାଣରେ ଥିବା 'କାସ୍କାଡିଆ ଅବନମିତ ମଣ୍ଡଳ'ର ତ୍ରୁଟିରେଖା ଉପରେ ସୃଷ୍ଟି ହୋଇଥିବା ଏକ ଗହ୍ୱର ଏହାର ଅନ୍ୟ ଏକ ପରିପ୍ରକାଶ। ସେ ଅଞ୍ଚଳରେ ଭୂଭାଗକୁ ଧାରଣ କରୁଥିବା 'ଟେକ୍ଟୋନିକ୍ ପ୍ଲେଟ୍'ର ଚଳନ ଯୋଗୁ ଏହା ଘଟିଛି ବୋଲି କୁହାଯାଉଥିଲେ ହେଁ ଏହାର କାରଣ ନିର୍ଦ୍ଦିଷ୍ଟ ରୂପେ ଜଣାପଡିନାହିଁ। ତେବେ ଏଥିଯୋଗୁ ଭୂମଧ୍ୟସାଗର ଉତ୍ତର ପଶ୍ଚିମସ୍ଥ ଏକ ବ୍ୟାପକ ଅଞ୍ଚଳରେ ଭୟଙ୍କର ଭୂକମ୍ପ ହେବାର ଆଶଙ୍କା ରହିଛି ବୋଲି ଚଳିତ ବର୍ଷ ଏପ୍ରିଲ ଶେଷ ସପ୍ତାହରେ ସୂଚନା ଦେଇଛନ୍ତି ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ଭୂବିଜ୍ଞାନୀମାନେ। ଏଥି ଅନୁଯାୟୀ ଉପରୋକ୍ତ ତ୍ରୁଟିରେଖାଟି ଦକ୍ଷିଣ କାଲିଫର୍ନିଆଠାରୁ କାନାଡ଼ା ପର୍ଯ୍ୟନ୍ତ ପ୍ରାୟ ୬୦୦ ମାଇଲ ପରିବ୍ୟାପ୍ତ। ଏଣୁ ଏହାର ସ୍ଥାନେ ସ୍ଥାନେ ଏପ୍ରକାର ଆଉ କିଛି ଗହ୍ୱର ସୃଷ୍ଟି ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ଅତଏବ ଏ ସମଗ୍ର ଅଞ୍ଚଳ ଦ୍ୱାରା ପ୍ରଭାବିତ ହୋଇପାରେ ବୋଲି ସେମାନେ ମତ ଦେଲେଣି।

ସମୁଦ୍ର ବା ମହାସମୁଦ୍ର ଚଟାଣରେ ଏ ପ୍ରକାର ଗହ୍ୱରକୁ 'ପାଇଥିଆସ ଓଏସିସ୍' ବୋଲି କୁହାଯାଏ। ପ୍ରଥମଥର ପାଇଁ ୨୦୧୫ ମସିହାରେ ଏହା ଆବିଷ୍କୃତ ହୋଇଥିବାର ସୂଚନାଟିଏ ନିକଟରେ ପ୍ରକାଶିତ ହୋଇଛି ଗବେଷଣା ପତ୍ରିକା 'ସାଇନ୍‌ସ ଆଡ୍‌ଭାନ୍‌ସ'ରେ। ଏଥି ଅନୁଯାୟୀ ସାଧାରଣ ଜଳ ଭଳି ପ୍ରତୀୟମାନ ହେଉଥିବା ଏକ ତରଳ ପଦାର୍ଥ 'ଟେକ୍ଟୋନିକ ପ୍ଲେଟ'କୁ ତୈଳାକ୍ତ କରି ରଖିଥାଏ। ଏହି ଗହ୍ୱର ଦେଇ ତାହା ନିଷ୍କାସିତ ହୋଇଗଲେ ସେଗୁଡ଼ିକର ବଡ଼ ଧରଣର ଚଳନ ଏବଂ ଘର୍ଷଣ ଘଟିଥାଏ, ଯାହା ଭୂକମ୍ପର କାରଣ ହୁଏ।

ଏହି ଅପ୍ରତ୍ୟାଶିତ ଆବିଷ୍କାର ହୋଇଥିଲା ଯେତେବେଳେ ମହାସମୁଦ୍ର ଚଟାଣର ପ୍ରାୟ ଚାରି ଭାଗରୁ ତିନି ଭାଗ ମାଇଲ ତଳୁ ଉକ୍ତ ତୈଳାକ୍ତକାରୀ ପଦାର୍ଥର ଫୋଟକାମାନ ବୈଜ୍ଞାନିକମାନଙ୍କର ଦୃଷ୍ଟିଗୋଚର ହେଲା। ଏଣୁ ସେମାନେ ସମୁଦ୍ର ଚଟାଣ ଅନୁଧ୍ୟାନକାରୀ ରୋବଟ୍ ବ୍ୟବହାର କରି ଏହାର ଅନୁସନ୍ଧାନ କଲେ। ଅତଏବ ଜଣାପଡିଲା ଯେ, ସେଗୁଡିକ ସମୁଦ୍ର ତଳେ ଜମା ହୋଇଥିବା ଖାଦରୁ ନିର୍ଗତ ଉଷ୍ମ ତଥା ସ୍ୱତନ୍ତ୍ର ରାସାୟନିକ ଗୁଣଧାରୀ ତରଳ ପଦାର୍ଥର ଏହା ଏକ କ୍ଷୁଦ୍ରତର ଉପାଦାନ।

ତତ୍‌ପରେ ସେମାନେ ଏହି ଦିଗରେ ଅନୁସନ୍ଧାନ ଚଳାଇଲେ ଏବଂ ଦେଖିଲେ ଯେ ତାହା କେବଳ ମିଥେନ୍ ଫୋଟକା ନୁହେଁ। ବରଂ ସେଥିରେ ମିଶି ରହିଛି ଅନ୍ୟାନ୍ୟ ଉପାଦାନ।

ଗହ୍ୱରରୁ ନିର୍ଗତ ଏହି ତରଳ ପଦାର୍ଥ ଏହାର ଚତୁଃପାର୍ଶ୍ୱର ଜଳଠାରୁ ଅଧିକ ଉଷ୍ମ। ତାହା ପ୍ରାୟ ୧୨ ଡିଗ୍ରୀ ସେଲ୍‌ସିୟସ ପର୍ଯ୍ୟନ୍ତ ଅଧିକ। ଏହାର ଅର୍ଥ ହେଲା, ଏହା ୧୫୦ରୁ ୨୫୦ ଡିଗ୍ରୀ ସେଲସିୟସ ତାପମାତ୍ରା ହୋଇଥିବା 'କାସ୍କାଡିଆ'ରୁ ପ୍ରଚଣ୍ଡ ଧକ୍କା ହେତୁ ନିର୍ଗତ ହୋଇ ଆସୁଛି। ୱାଶିଂଟନ ବିଶ୍ୱବିଦ୍ୟାଳୟର ସମୁଦ୍ର ବିଜ୍ଞାନୀ ବିଶାରଦ ଇଭାନ୍ ସୋଲୋମନ୍‌ଙ୍କ ମତରେ ଏହା ଭୂମିକମ୍ପର ସମ୍ଭାବନା ସୃଷ୍ଟି କରିବାର କାରଣ ହେଲା ଯେ' ତାହା ଫଳରେ ନିର୍ଗତ ହେଉଥିବା ସ୍ଥାନର ଶୂନ୍ୟସ୍ଥାନ ସୃଷ୍ଟି ହେବା ସଙ୍ଗେସଙ୍ଗେ ଟେକ୍ଟୋଟିକ୍ ପ୍ଲେଟ୍‌ମାନଙ୍କ ମଧ୍ୟରେ ଘର୍ଷଣ ବୃଦ୍ଧି ପାଉଛି। ଏ ପ୍ରକ୍ରିୟା ଏପରି ଚାଲିଲେ ଏବଂ ଅଧିକରୁ ଅଧିକ ସଂଖ୍ୟକ ଗହ୍ୱର ସୃଷ୍ଟି ହେଲେ ଏହାର ସମ୍ଭାବନା ବଢ଼ି ବଢ଼ି ଚାଲିବ। ସେଥିପାଇଁ ସେ ଏ ଗହ୍ୱରକୁ 'ମୃତ୍ୟୁର ଗହ୍ୱର' ନାମରେ ନାମିତ କରିଛନ୍ତି।

-ଉଷା ନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର-୩୦
ମୋ : ୯୯୩୭୩୦୧୪୬୦

## ଆଙ୍ଗୁଠି ଫୁଟାଇବା ହୋଇପାରେ ଆର୍ଥ୍ରାଇଟିସ୍‌ର କାରଣ



**କେ**ତେକ ବ୍ୟକ୍ତି ବେଳେବେଳେ ଆଙ୍ଗୁଠି ଫୁଟାଇ ଥାଆନ୍ତି। ସମୟକ୍ରମେ ଯଦି ଏହା ଅଭ୍ୟାସରେ ପରିଣତ ହୋଇଯାଏ ତେବେ ଭବିଷ୍ୟତରେ ତାହା ଆର୍ଥ୍ରାଇଟିସ୍ ଭଳି ଅସ୍ଥି ସମସ୍ୟାର କାରଣ ହୋଇପାରେ ବୋଲି ସତର୍କ କରାଇ ଦେଇଛନ୍ତି ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ବିଶେଷଜ୍ଞମାନେ। ଯଦି ଜଣେ ବ୍ୟକ୍ତି ଅଧିକ ସମୟ ଆଙ୍ଗୁଠି ଫୁଟାନ୍ତି, ତେବେ ସେ ଆର୍ଥ୍ରାଇଟିସ୍ ପରି ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏହି ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନଙ୍କର ଆଙ୍ଗୁଠି ଫୁଟାଇବା ଏକ ଅଭ୍ୟାସରେ ପରିଣତ ହୋଇଯାଇଥିଲା ସେମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧାଧିକ ବ୍ୟକ୍ତିଙ୍କଠାରେ ଆର୍ଥ୍ରାଇଟିସ୍‌ର ଲକ୍ଷଣ ଦେଖିବାକୁ ମିଳିଥିଲା। ତେଣୁ ଏଭଳି ଅଭ୍ୟାସରୁ ବିରତ ରହିବା ସହ ଆଇରନ୍, ପୋଟାସିୟମ୍ ଏବଂ କ୍ୟାଲ୍‌ସିୟମ୍‌ଯୁକ୍ତ ଖାଦ୍ୟ ଖାଇବାକୁ ସେମାନେ କହିଛନ୍ତି।

## ମେଦ ବୃଦ୍ଧି



**ମେ**ଦ ବୃଦ୍ଧି ଆଜିକାଲି ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ଅନିୟନ୍ତ୍ରିତ ଖାଦ୍ୟପେୟ, ଜୀବନଶୈଳୀ ଆଦି ଏଥିଲାଗି ଅନେକାଂଶରେ ଦାୟୀ। ଯଦି ଆପଣଙ୍କର ଓଜନ ସନ୍ତୁଳିତ ନ ରହିଲା ତେବେ ତାହା ପରବର୍ତ୍ତୀ ସମୟରେ ଆଉ କେତେକ ସ୍ୱାସ୍ଥ୍ୟ ସମସ୍ୟାକୁ ପରୋକ୍ଷରେ ଡାକିଆଣିଥାଏ। ଯଦି ଆପଣଙ୍କର ଥାଇରଏଡ୍ ସମସ୍ୟା ରହିଛି ତେବେ ଓଜନ ବଢ଼ିବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଏଭଳି ସମସ୍ୟା ଥିବା କେତେକ ବ୍ୟକ୍ତିଙ୍କଠାରେ ଥାଇରଏଡ୍‌ର ଲକ୍ଷଣ ଦେଖିବାକୁ ମିଳିଥିଲା। ତେବେ ନିଜ ଓଜନକୁ ନିୟନ୍ତ୍ରଣରେ ରଖିବାକୁ ହେଲେ ପ୍ରଥମେ ଏକ ସନ୍ତୁଳିତ ଖାଦ୍ୟ ତାଲିକା ଅନୁସରଣ କରନ୍ତୁ। ନିଜ ଜୀବନଶୈଳୀ ଯେପରି ସ୍ୱାସ୍ଥ୍ୟୋପଯୋଗୀ ହୋଇପାରିବ ସେନେଇ ଯତ୍ନବାନ୍ ହୁଅନ୍ତୁ। ପ୍ରତିଦିନ ସକାଳୁ କିଛି ସମୟ ବ୍ୟାୟାମ କରନ୍ତୁ। ଏଭଳି ଖାଦ୍ୟ ଖାଆନ୍ତୁ ନାହିଁ, ଯାହା ଓଜନ ବଢ଼ାଇବାରେ ସହାୟକ ହେବ। ତା'ସହ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଓଜନ କେତେ ଅଛି ତାହା ଚେକ୍ କରିନେବାକୁ ଭୁଲନ୍ତୁ ନାହିଁ।

## ସୁସ୍ଥ ଶରୀର ପାଇଁ...



**ସୁ**ସ୍ଥ ରହିବାକୁ କିଏ ବା ନ ଚାହେଁ? ହେଲେ ଏ ନେଇ ଆମକୁ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ପଡିଥାଏ। ବିଶେଷଭାବେ ଖାଦ୍ୟପେୟ, ଦୈନନ୍ଦିନ ଜୀବନଶୈଳୀ ପ୍ରତି ନଜର ଦେବାକୁ ପଡ଼େ। ତା'ସହ ଆଉ କେତୋଟି କଥାକୁ ଧ୍ୟାନ ଦେବା ନିହାତି ଦରକାର। ପ୍ରତିଦିନ ସକାଳୁ ଅତିକମ୍‌ରେ ଅଧଘଣ୍ଟାଏ ଚାଲନ୍ତୁ। ଯଦି ସବୁବେଳେ ବ୍ୟାୟାମ କରୁଛନ୍ତି ତେବେ ଆହୁରି ଭଲ। ଅଧିକ ସମୟ ଖାଲିପେଟରେ ରୁହନ୍ତୁ ନାହିଁ। ଏହାଦ୍ୱାରା ପେଟରେ ଏସିଡିଟି ବଢ଼ିଯାଏ। ତେଣୁ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ କିଛି କିଛି ଖାଆନ୍ତୁ। ସବୁଠାରୁ ଖାସ୍ କଥା ହେଲା, ସକାଳ ବ୍ରେକ୍‌ଫାଷ୍ଟ, ମଧ୍ୟାହ୍ନଭୋଜନ ଏବଂ ରାତ୍ର ଭୋଜନ ପାଇଁ ସମୟ ନିର୍ଘଣ୍ଟ ପ୍ରସ୍ତୁତ କଲେ ଭଲ। କାରଣ ଠିକ୍ ସମୟରେ ଖାଇଲେ ତାହା ଶରୀର ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ। ବିଶେଷକରି ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ଏବଂ ସେଥିରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ। ନିଜକୁ ସୁସ୍ଥ ରଖିବା ଲାଗି ପାଣି ପିଇବା ନିହାତି ଜରୁରୀ। ଜଣେ ସୁସ୍ଥ ବୟସ୍କ ବ୍ୟକ୍ତି ପ୍ରତିଦିନ ଅତିକମ୍‌ରେ ୨-୩ ଲିଟର ପାଣି ପିଅନ୍ତୁ। ଅଧିକ ଥଣ୍ଡାଜାତୀୟ ପାନୀୟ ପିଅନ୍ତୁ ନାହିଁ। ସବୁବେଳେ ନିଜକୁ ନିଶାଦ୍ରବ୍ୟଠାରୁ ଦୂରେଇ ରଖନ୍ତୁ। ନ ହେଲେ ତାହା ପରୋକ୍ଷରେ କେତେକ ଜୀବନନାଶକ ରୋଗକୁ ଡାକିଆଣିଥାଏ। ପ୍ରତିଦିନ କିଛି ସମୟ ଯୋଗ, ପ୍ରାଣାୟାମ କରନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ନିୟମିତ ସମୟ ଅନ୍ତରାଳରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

➤ରତୁ ଅନୁସାରେ ଆମକୁ ନିଜର ଖାଦ୍ୟପେୟ ପ୍ରତି ଯତ୍ନବାନ୍ ହେବାକୁ ପଡ଼ିଥାଏ। ସବୁବେଳେ ଏଭଳି ଖାଦ୍ୟ ଖାଆନ୍ତୁ, ଯାହାଦ୍ୱାରା ନିଜେ ନୀରୋଗ ରହିବା ସହ ପାଚନକ୍ରିୟା ସକ୍ରିୟ ରହୁଥିବ।

➤ରାତିରେ ଶୋଇବାକୁ ଯିବା ପୂର୍ବରୁ କେତୋଟି ବିଷୟ ପ୍ରତି ନଜର ଦେବା ନିହାତି ଜରୁରୀ। ଏହି ସମୟରେ ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସନ୍ତୁ ନାହିଁ। ତା'ସହ ଠିକ୍ ଶୋଇବା ପୂର୍ବରୁ ଅଧିକ ସମୟ ଟିଭି, ମୋବାଇଲ ଦେଖନ୍ତୁ ନାହିଁ। କାରଣ ଏହା ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିଥାଏ।

➤ବୟସ ବଢ଼ିବା ସହ ଅଷ୍ଟିଓପୋରୋସିସ୍ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ତେଣୁ ଏହି ସମୟରେ ନିଜର ଅସ୍ଥି କିପରି ମଜଭୁତ ରହିବ ସେନେଇ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ସହ ଆଲୋଚନା କରନ୍ତୁ।

➤ନିଜ ଓଜନ ପ୍ରତି ସବୁବେଳେ ସତର୍କ ରୁହନ୍ତୁ। କାରଣ ଏହା ଯଦି ଆବଶ୍ୟକତାଠାରୁ ଅଧିକ ରହିଲା, ତେବେ ତାହା କେତେକ ରୋଗକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ।

➤ପାଣି ଦ୍ୱାରା ଆମେ କେତେକ ରୋଗରେ ଆକ୍ରାନ୍ତ ହୋଇଥାଉ। ତେଣୁ ସବୁବେଳେ ପାଣିକୁ ଫୁଟାଇ ପିଅନ୍ତୁ।

➤ଯଦି କୌଣସି ରୋଗର କାରଣ ବିଷୟରେ ଜାଣିପାରିଲେ ତେବେ ତାହାକୁ ଅବହେଳା କରନ୍ତୁ ନାହିଁ। କାରଣ ଯଦି ଏହା ଗୁରୁତର ଆକାର ଧାରଣ କରେ ତେବେ ଅଯଥା ଖର୍ଚ୍ଚାନ୍ତ ହେବା ସହ ଏଭଳି ସମୟ ଆସିବ ତାହା ଜୀବନନାଶକ ହୋଇପାରେ।

➤ସକାଳୁ ବିଛଣା ଛାଡ଼ିବା ପୂର୍ବରୁ କିଛି ସମୟ ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ କରନ୍ତୁ। କାରଣ ଆମେ ଶୋଇଥିବା ଅବସ୍ଥାରେ ରକ୍ତପ୍ରବାହ ଟିକେ ଶିଥିଳ ହୋଇଯାଇଥାଏ। ଏହାକୁ ସାଧାରଣ ସ୍ତରକୁ ଆଣିବାରେ ଏଭଳି ଏକ୍ସରସାଇଜ ସାହାଯ୍ୟ କରିଥାଏ।



# ସ୍ୱାସ୍ଥ୍ୟୋପକାରୀ ବାଷ୍ପଶୀଳ ତୈଳ



ଡ. ସୌମ୍ୟା ନନ୍ଦ

''ବାଷ୍ପଶୀଳ ତୈଳ ବା ଇସେନ୍‌ସିଆଲ ଅଏଲ୍ ଏକ ସାରତତ୍ତ୍ୱ, ଯାହାକି ବୃକ୍ଷଲତାର ବିଭିନ୍ନ ଭାଗରୁ ସଂଗ୍ରହ କରାଯାଏ। ଏହା ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟି ଫଙ୍ଗାଲ, ଆଣ୍ଟି ଅକ୍ସିଡାଣ୍ଟ ଏବଂ ଆଣ୍ଟି ଭାଇରାଲ ଏବଂ ଇସେଣ୍ଟିସାଇଡାଲ। କିଛି ବାଷ୍ପଶୀଳ ତୈଳ କ୍ୟାନ୍‌ସର ପରି ମାରାତ୍ମକ ରୋଗର କେତେକାଂଶରେ ନିରାକରଣରେ ମଧ ସହାୟକ ହୋଇପାରିବ ବୋଲି ଜଣାପଡ଼ିଛି।''

**ପ୍ର**ଗତିଶୀଳ ପୃଥିବୀରେ ଏବେ ମଣିଷ ନିଜର ଜୀବନଶୈଳୀ ଉପରେ ବିଶେଷ ଯତ୍ନବାନ୍। ତେଣୁ ବୈଜ୍ଞାନିକମାନେ ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ କରି ବିଭିନ୍ନ ନୂଆ ନୂଆ ଜିନିଷ ଉଦ୍ଭାବନ କରିଆସୁଛନ୍ତି। ତନ୍ମଧ୍ୟରୁ ବାଷ୍ପଶୀଳ ତୈଳ ଅନ୍ୟତମ ସଫଳ ଉଦ୍ୟମ।

ତେବେ ଏହି ବାଷ୍ପଶୀଳ ତୈଳ କ'ଣ? ଏହା କିପରି ଜୀବନଶୈଳୀକୁ ପ୍ରଭାବିତ କରୁଛି ତାହା ମଧ ଜାଣିବା ଦରକାର। ବହୁ ପ୍ରାଚୀନ କାଳରୁ ଗଛପତ୍ରର ଉପାଦେୟତା ଏବଂ କେତେକ ରୋଗର ଉପଚାର ମଧ କରାଯାଇପାରୁଛି। ବାଷ୍ପଶୀଳ ତୈଳ ବା ଇସେନ୍‌ସିଆଲ ଅଏଲ୍ ଏକ ସାରତତ୍ତ୍ୱ, ଯାହାକି ବୃକ୍ଷଲତାର ବିଭିନ୍ନ ଭାଗରୁ ସଂଗ୍ରହ କରାଯାଏ। ଏହା ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟି ଫଙ୍ଗାଲ, ଆଣ୍ଟି ଅକ୍ସିଡାଣ୍ଟ ଏବଂ ଆଣ୍ଟି ଭାଇରାଲ ଏବଂ ଇସେଣ୍ଟିସାଇଡାଲ। କିଛି ବାଷ୍ପଶୀଳ ତୈଳ କ୍ୟାନ୍‌ସର ପରି ମାରାତ୍ମକ ରୋଗର କେତେକାଂଶରେ ନିରାକରଣରେ ମଧ ସହାୟକ ହୋଇପାରିବ ବୋଲି ଜଣାପଡିଛି। ବାଷ୍ପଶୀଳ ତୈଳ କେବଳ ଯେ ରୋଗ ପ୍ରତିରୋଧକ ଶକ୍ତି ପାଇଁ ଉଦ୍ଦିଷ୍ଟ ନୁହେଁ ବରଂ ପ୍ରସାଧନ ସାମଗ୍ରୀଗୁଡିକୁ ଦୀର୍ଘସ୍ଥାୟୀ କରିବାରେ ମଧ ସାହାଯ୍ୟ କରିଥାଏ। ରସାୟନ ବିଜ୍ଞାନ ଅନୁଯାୟୀ ଏ ସମସ୍ତ ବାଷ୍ପଶୀଳ ତୈଳରେ 'ଟରପେନ୍' ନାମକ ଏକ ରାସାୟନିକ ତତ୍ତ୍ୱ ରହିଛି। ଏହି ତତ୍ତ୍ୱଟି ସୁଗନ୍ଧମୟ ଏବଂ ତୈଳକୁ ରଙ୍ଗ ପ୍ରଦାନ କରିବାରେ ସହାୟକ ହୋଇଥାଏ। ତେବେ ଏହି ତୈଳର ସଂଗ୍ରହ ଏବଂ ଏହାକୁ ବ୍ୟବହାରକ୍ଷମ କରିବାରେ ଅନେକ ପ୍ରକ୍ରିୟା ମଧ୍ୟରୁ ହାଇଡ୍ରୋ ଡିଷ୍ଟିଲତ୍ୟୟମ ପ୍ରୋସେସ୍ ଅନେକାଂଶରେ ଆଦୃତ। ଏହି ପ୍ରଣାଳୀ ଦ୍ୱାରା ସ୍ୱଳ୍ପ ସମୟରେ ବୃକ୍ଷର ବିଭିନ୍ନ ପ୍ରାନ୍ତରୁ ମାତ୍ରାଧିକ ରସ ସଂଗ୍ରହ କରାଯାଇପାରିଥାଏ। ନିମ୍ନରେ କେତେକ ପ୍ରମୁଖ ବାଷ୍ପଶୀଳ ତୈଳ ସମ୍ପର୍କରେ ସୂଚନା ଦିଆଗଲା।

**ଲବଙ୍ଗ:** ଲବଙ୍ଗ ତୈଳ ଲବଙ୍ଗ ଫୁଲରୁ ସଂଗ୍ରହ କରାଯାଏ। ଏହା ଚର୍ମ ରୋଗ, ଦାନ୍ତ ଯନ୍ତ୍ରଣା, କ୍ଲାନ୍ତି ଦୂର କରିବା, ପୋଡ଼ାଜଳା, ବଦହଜମି ସମସ୍ୟା ଏବଂ ବ୍ରଣ ସମସ୍ୟାରୁ ମୁକ୍ତି ଦେଇଥାଏ।

**ଇଉକାଲପଟାସ:** ଏହା ଏକ ସୁଗନ୍ଧମୟ ତୈଳ। ଏହାକୁ ବ୍ୟବହାର କରିବା ଦ୍ୱାରା ଥଣ୍ଡା ସମୟରେ ଶ୍ୱାସକ୍ରିୟାଜନିତ ସମସ୍ୟାକୁ କେତେକାଂଶରେ ସମାଧାନ କରିଥାଏ। ତା'ସହ କଫ ସମସ୍ୟାରୁ ଉପଶମ ଦେଇଥାଏ।

**ଲାଭେଣ୍ଡର:** ଏହା ଲାଭେଣ୍ଡର ଅଙ୍ଗୁଷଟିକଫଅଲିଆ ନାମକ ଏକ ବୃକ୍ଷରୁ ସଂଗ୍ରହ କରାଯାଇଥାଏ। ଉକ୍ତ ସୁଗନ୍ଧିତ ତୈଳ ନିଦ୍ରାହୀନତା ପରି ସମସ୍ୟାରୁ କେତେକାଂଶରେ ଉପଶମ ଦେଇଥାଏ। ଏଥିରେ ମଧ ଆଣ୍ଟି ଅକ୍ସିଡାଣ୍ଟ ଏବଂ ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ଭରି ରହିଛି। ଏହାକୁ ବିଭିନ୍ନ ଚର୍ମ ରୋଗର ଚିକିତ୍ସା ପାଇଁ ବ୍ୟବହାର କରାଯାଇପାରେ। ଏହି ତୈଳ ମାଂସପେଶୀକୁ ମଧ ଦୃଢ଼ ରଖିଥାଏ।

**ଲେମନ ତୈଳ :** ଲେମ୍ବୁ ଚୋପାରୁ ଏହାକୁ ନିଷ୍କାସନ କରାଯାଇଥାଏ। ଏହାକୁ ସାବୁନ ପ୍ରସ୍ତୁତି, ରୁମ୍ ଫ୍ରେଶ୍‌ନର, କାର୍ ଫ୍ରେଶ୍‌ନର ଭାବେ ବ୍ୟବହାର କରାଯାଇପାରିବ। ଓଜନ ହ୍ରାସ ନିମନ୍ତେ ଏହାକୁ ମଧ ବ୍ୟବହାର କରିପାରନ୍ତି।

**ପିପ୍ପେରମେଣ୍ଟ:** ଏହାକୁ ମେନ୍ଥ ପିପେରିଟା ଗଛର ପତ୍ର କିମ୍ବା ଫୁଲରୁ ସଂଗ୍ରହ କରାଯାଇଥାଏ। ଏହି ତୈଳକୁ ମେନ୍ଥା ଅଏଲ ବୋଲି ମଧ କୁହାଯାଏ। ଏହାକୁ ବ୍ୟବହାର କଲେ ଥଣ୍ଡା, ମାଂସପେଶୀଜନିତ କଷ୍ଟ, ମୁଣ୍ଡବିନ୍ଧା, ଚର୍ମଗତ ସମସ୍ୟା, ବାନ୍ତି ଲାଗିବା ଆଦିରୁ ଉପଶମ ଦେଇଥାଏ।

**ନିମ ତୈଳ:** ନିମଗଛର ବୀଜରୁ ଏହି ତେଲ ସଂଗ୍ରହ କରାଯାଇଥାଏ। ଏହା ଏକ କୀଟନାଶକ ଭାବରେ ବହୁ ପ୍ରଚଳିତ। ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ, କ୍ୟାନ୍‌ସର ସହ ଲଢ଼ିବାରେ ଏହାର କ୍ଷମତା ରହିଛି।

ତେବେ ଏସବୁ ତୈଳ ବାଷ୍ପଶୀଳ ତୈଳ ସୁପରଷ୍ଟୋର, ଆୟୁର୍ବେଦିକ ଦୋକାନରେ ଉପଲବ୍ଧ। ଏହାକୁ କିପରି ବ୍ୟବହାର କରିବେ ସେନେଇ ତୈଳର ବାହାରପଟରେ ଲଗାଯାଇଥିବା ଲେଖା ପଢ଼ି ଜାଣିପାରିବେ କିମ୍ବା ବାଷ୍ପତୈଳ ବିଶେଷଜ୍ଞଙ୍କ ସହ ଏ ନେଇ ବିଶଦ୍ ଭାବରେ ଆଲୋଚନା କରନ୍ତୁ।

-ଅଧ୍ୟାପିକା, ବାଣିଜ୍ୟ ବିଭାଗ,
ଢେଙ୍କାନାଳ ସ୍ୱୟଂଶାସିତ
ମହାବିଦ୍ୟାଳୟ, ଢେଙ୍କନାଳ
ମୋ: ୮୭୬୩୦୭୦୮୦୪



# ୧୦୦୦ ଛୁଇଁଲା ଆଇପିଏଲ୍

## ୨୦୦୮ରୁ ଆରମ୍ଭ

୨୦୦୭ ମସିହାରେ ଟି୨୦ ବିଶ୍ୱକପର ଅଭ୍ୟୁଦୟ ଏବଂ ଇଣ୍ଡିଆନ୍ କ୍ରିକେଟ ଲିଗ(ଆଇସିଏଲ୍)ର ପ୍ରତିଷ୍ଠାରୁ ଅନୁପ୍ରାଣିତ ହୋଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍(ଆଇପିଏଲ୍) ଆରମ୍ଭ ହୋଇଛି। ଲଳିତ ମୋଦିଙ୍କ ମାନସ ସନ୍ତାନ ଆଇପିଏଲ୍‌ର ୧୫ଟି ସଂସ୍କରଣ ଶେଷ ହୋଇଥିବା ବେଳେ ଏହା ବିଶ୍ୱର ସର୍ବବୃହତ୍ କ୍ରିକେଟ ଲିଗ୍‌ରେ ପରିଣତ ହୋଇଛି। ଲୋକପ୍ରିୟତା ଶିଖର ଛୁଇଁଥିବା ବେଳେ ମିଡିଆ ରାଇଟ୍ସ ବାବଦରେ ଏହାର ଆୟ ଇଂଲିଶ ପ୍ରିମିୟର ଲିଗ୍‌କୁ ପଛରେ ଛାଡ଼ିଛି। ରବିବାର ଆଇପିଏଲ୍‌ର ୧୦୦୦ତମ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ପରସ୍ପରକୁ ଭେଟିଛନ୍ତି ପ୍ରଥମ ସଂସ୍କରଣ ଚାମ୍ପିୟନ୍ ରାଜସ୍ଥାନ ରୟାଲ୍ସ ଓ ଆଇପିଏଲ ଇତିହାସର ସଫଳତମ ଦଳ ମୁମ୍ବାଇ ଇଣ୍ଡିଆନ୍ସ। ଏହି ଅବସରରେ ବିସିସିଆଇ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଥିଲା। ମ୍ୟାଚ୍ ପୂର୍ବରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଭୟ ଦଳର ଖେଳାଳି, ଅଧିନାୟକଙ୍କ ସମେତ ପୂର୍ବତନ ଖେଳାଳିଙ୍କୁ ସ୍ମାରକୀ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମୁମ୍ବାଇ ଅଧିନାୟକ ରୋହିତ ଶର୍ମା, ମୁମ୍ବାଇର ମେଣ୍ଟର ସଚିନ ତେନ୍ଦୁଲକର, ରାଜସ୍ଥାନ ଅଧିନାୟକ ସଞ୍ଜୁ ସାମସନ୍ ଓ ଡିରେକ୍ଟର ଅଫ୍ କ୍ରିକେଟ କୁମାର ସାଙ୍ଗକାରାଙ୍କୁ ବିସିସିଆଇ ସମ୍ପାଦକ ଜୟ ଶାହା ସମ୍ମାନିତ କରିଥିଲେ। ୨୦୦୭ ଟି୨୦ ବିଶ୍ୱକପ୍ ସମୟରେ ଏହି ଟୁର୍ନାମେଣ୍ଟ ନେଇ ଘୋଷଣା ହୋଇଥିବା ବେଳେ ୨୦୦୮ରୁ ଏହାକୁ ଆରମ୍ଭ କରାଯାଇଥିଲା। ୧୫ଟି ସଂସ୍କରଣ ମଧ୍ୟରେ ଅଗଣିତ ରେକର୍ଡ ହୋଇଛି ଏବଂ ଭାଙ୍ଗିଛି। ଟୁର୍ନାମେଣ୍ଟର ସଫଳ ଦଳ ଭାବରେ ମୁମ୍ବାଇ ସର୍ବାଧିକ ୫ ଓ ଚେନ୍ନାଇ ୪ ଥର ଚାମ୍ପିୟନ୍ ହୋଇଛି। କୋଲକାତା ନାଇଟ୍ ରାଇଡର୍ସ ଦୁଇ ଥର ଏହି ସଫଳତା ହାସଲ କରିଥିବା ବେଳେ ଡେକାନ୍ ଚାର୍ଜର୍ସ, ସନରାଇଜର୍ସ ହାଇଦ୍ରାବାଦ, ରାଜସ୍ଥାନ ରୟାଲ୍ସ ଓ ଗୁଜରାଟ ଟାଇଟନ୍ସ ଥରେ ଲେଖାଏ ଟାଇଟଲ ହାସଲ କରିଛନ୍ତି।



ଆଇପିଏଲ୍‌ର ୧୦୦୦ତମ ମ୍ୟାଚ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ମେଣ୍ଟର ସଚିନ ତେନ୍ଦୁଲକର, ଅଧିନାୟକ ରୋହିତ ଶର୍ମା ଓ ରାଜସ୍ଥାନ ରୟାଲ୍ସ ଅଧିନାୟକ ସଞ୍ଜୁ ସାମସନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଫର୍ମାଟ

ଆରମ୍ଭରୁ ଏହି ଟୁର୍ନାମେଣ୍ଟ ରାଉଣ୍ଡ ରବିନ୍ ଫର୍ମାଟରେ ଖେଳା ଯାଉଥିଲା। ପରବର୍ତ୍ତୀ ସମୟରେ ଦଳ ସଂଖ୍ୟା ୧୦କୁ ବୃଦ୍ଧି କରାଯାଇଥିବା ବେଳେ ଏହାକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥାଏ। ପ୍ରଥମରୁ ଆଇପିଏଲରେ ୮ଟି ଫ୍ରାଞ୍ଚାଇଜି ସାମିଲ ଥିଲେ। ଧୀରେ ଧୀରେ ଫ୍ରାଞ୍ଚାଇଜି ସଂଖ୍ୟା ବୃଦ୍ଧି ପାଇ ବର୍ତ୍ତମାନ ଏହା ୧୦ରେ ପହଞ୍ଚିଛି। ଏପରିକି ୩ଟି ଫ୍ରାଞ୍ଚାଇଜି ପୁଣେ ୱାରିୟର୍ସ ଇଣ୍ଡିଆ(୩ ସିଜନ), ରାଇଜିଂ ପୁଣେ ସୁପରଜାଏଣ୍ଟ୍ସ,ଗୁଜରାଟ ଲାୟନ୍ସ ଓ କୋଚି ଟସ୍କର୍ସ କେରଳ(୨ ସିଜନ) ଖେଳିଛନ୍ତି। ସ୍ପଟ୍ ଫିକ୍ସିଂ କାରଣରୁ ଚେନ୍ନାଇ ସୁପରକିଙ୍ଗ୍ସ ଓ ରାଜସ୍ଥାନ ରୟାଲ୍ସ ଦଳକୁ ୨୦୧୬-୧୭ ସିଜନରେ ଦୁଇ ବର୍ଷ ବାସନ୍ଦ କରାଯାଇଥିବା ବେଳେ ଏହି ସମୟରେ ହିଁ ଗୁଜରାଟ ଲାୟନ୍ସ ଓ କୋଚି ଟସ୍କର୍ସ ଦଳ ସାମିଲ ହୋଇଥିଲେ।

## ରେକର୍ଡ

ଆଇପିଏଲର ୧୫ ସଂସ୍କରଣରେ ସର୍ବାଧିକ ରନ୍‌ର ରେକର୍ଡ ବିରାଟ କୋହଲିଙ୍କ ନାମରେ ରହିଛି। ଏହା ସହ ଗୋଟିଏ ସଂସ୍କରଣରେ ସର୍ବାଧିକ ୯୭୩ ରନ୍ ସ୍କୋର କରିବାର ରେକର୍ଡ ମଧ୍ୟ ତାଙ୍କ ନାମରେ ରହିଛି। ଆଇପିଏଲ୍‌ରେ ସର୍ବାଧିକ ବ୍ୟକ୍ତିଗତ ସ୍କୋରର ରେକର୍ଡ ୟୁନିଭର୍ସ ବସ୍ କ୍ରିସ୍ ଗେଲ୍‌ଙ୍କ ନାମରେ ରହିଛି। ସେ ୧୭୫ ରନ୍‌ର ସର୍ବାଧିକ ସ୍କୋର କରିଥିବା ବେଳେ ତାଙ୍କ ନାମରେ ରହିଛି ସର୍ବାଧିକ ଶତକ(୬) ଓ ସର୍ବାଧିକ ଛକା(୩୨୬)ର ରେକର୍ଡ। ଏହା ସହ ୩୦ ବଲ୍‌ରେ ଶତକ ହାସଲ କରି ଆଇପିଏଲ୍‌ର ଦ୍ରୁତତମ ଶତକ ରେକର୍ଡ ନିଜ ନାମରେ ରଖିଛନ୍ତି। ୧୭୨ ଉଇକେଟ ସହିତ ଡ୍ୱେନ୍ ବ୍ରାଭୋ ଆଇପିଏଲ୍‌ର ସର୍ବାଧିକ ଉଇକେଟ ହାସଲକାରୀ ରହିଛନ୍ତି। ମହେନ୍ଦ୍ର ସିଂ ଧୋନୀ, ଦୀନେଶ କାର୍ତ୍ତିକ ଓ ରବିନ ଉତ୍ଥାପାଙ୍କ ପରି ଖେଳାଳିଙ୍କ ନାମରେ ଉଇକେଟ୍ କିପିଂ ରେକର୍ଡ ରହିଥିବା ବେଳେ ଫିଲ୍ଡର ଭାବରେ ୧୦୨ କ୍ୟାଚ୍ ସହିତ ସୁରେଶ ରାଇନା ଆଗରେ ରହିଛନ୍ତି। ଆଇପିଏଲ୍‌ରେ ସର୍ବାଧିକ ଓ ସର୍ବନିମ୍ନ ଦଳଗତ ସ୍କୋରର ରେକର୍ଡ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳ ନାମରେ ରହିଛି। ୨୦୧୩ରେ ପୁଣେ ୱାରିୟର୍ସ ବିପକ୍ଷରେ ଦଳ ୨୬୩ ରନ୍ ସ୍କୋର କରିଥିବା ବେଳେ ୨୦୧୭ରେ କୋଲକାତା ବିପକ୍ଷରେ ୪୯ ରନ୍‌ରେ ଅଲଆଉଟ ହୋଇଥିଲା।

## ହ୍ୟାଟ୍ରିକ୍

ଆଇପିଏଲ୍‌ର ୧୫ ସିଜନରେ ସମୁଦାୟ ୨୨ଟି ହ୍ୟାଟ୍ରିକ୍ ଦେଖିବାକୁ ମିଳିଛି। ଅମିତ ମିଶ୍ର ସର୍ବାଧିକ ୩ ଓ ଯୁବରାଜ ସିଂ ୨ ଥର ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀପତି ବାଲାଜୀ, ମାଖାୟା ଏନ୍‌ଟିନି, ରୋହିତ ଶର୍ମା, ପ୍ରବୀଣ କୁମାର, ଅଜିତ ଚାଣ୍ଡିଲା, ସୁନୀଲ ନାରିନ୍, ପ୍ରବୀଣ ତାମ୍ବେ, ସେନ୍ ୱାଟସନ, ଅକ୍ଷର ପଟେଲ, ସାମୁଏଲ ବଦ୍ରି, ଆଣ୍ଡ୍ରୁ ଟାଏ, ଜୟଦେବ ଉନାଡକଟ, ସାମ୍ କୁରାନ, ଶ୍ରେୟସ୍ ଗୋପାଳ, ହର୍ଷଲ ପଟେଲ, ଯୁଜବେନ୍ଦ୍ର ଚହଲ ଓ ରଶିଦ୍ ଖାନ୍ ଥରେ ଲେଖାଏ ଏହି ସଫଳତା ହାସଲ କରିଛନ୍ତି।

## ଶତକ

୧୫ ସଂସ୍କରଣରେ ସମୁଦାୟ ୨୧ ଜଣ ବ୍ୟାଟର ଶତକ ହାସଲ କରିଛନ୍ତି। କ୍ରିସ୍ ଗେଲ୍ ସର୍ବାଧିକ ୬ ଶତକ ସହିତ ଏହି ତାଲିକାର ପ୍ରଥମ ସ୍ଥାନରେ ରହିଛନ୍ତି। ବିରାଟ କୋହଲି ଓ ଜୋଶ ବଟଲରଙ୍କ ନାମରେ ୫ଟି ଲେଖାଏ ଶତକ ରହିଛି। ଡେଭିଡ୍ ୱାର୍ନର, ଶେନ୍ ୱାଟସନ୍ ଓ ଲୋକେଶ ରାହୁଲ ୪ଟି ଲେଖାଏ ଶତକ ହାସଲ କରିଛନ୍ତି। ଏବି ଡିଭିଲିୟର୍ସ ଓ ସଞ୍ଜୁ ସାମସନ୍ ୩ଟି ଲେଖାଏ ଶତକ ହାସଲ କରିଥିବା ବେଳେ ବ୍ରେଣ୍ଡନ୍ ମ୍ୟାକକୁଲମ୍, ଆଡାମ ଗିଲକ୍ରିଷ୍ଟ, ବୀରେନ୍ଦ୍ର ସେହ୍ୱାଗ, ମୁରଲୀ ବିଜୟ, ହାସିମ ଆମଲା, ଅଜିଙ୍କ୍ୟ ରାହାନେ, ଶିଖର ଧାୱନ ଓ ବେନ୍ ଷ୍ଟୋକ୍ସ ଦୁଇଟି ଲେଖାଏ ଶତକ ମାରିଛନ୍ତି।

# ଜୟସ୍ୱାଲଙ୍କ ଶତକ



**ମୁମ୍ବାଇ,୩୦।୪:** ଯୁବ ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲଙ୍କ ପ୍ରଥମ ଆଇପିଏଲ ଶତକ ବଳରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୨୧୨ ରନ୍ ସଂଗ୍ରହ କରିଛି ରାଜସ୍ଥାନ ରୟାଲ୍ସ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ପକ୍ଷରୁ ଜୟସ୍ୱାଲ ୧୨୪ ରନ୍ କରିଥିଲେ। ଓପନର ଜୋସ୍ ବଟଲରଙ୍କ ସହିତ ଜୟସ୍ୱାଲ ୭୨ ରନ୍ ଯୋଡିଥିଲେ। ପରବର୍ତ୍ତୀ ଉଇକେଟରେ ସାମସନଙ୍କ ସହିତ ସେ ୨୩ ରନ୍ ଯୋଡିଥିଲେ। ୨ ଓଭର ମଧ୍ୟରେ ସାମସନ୍ ଓ ପଡିକଲ୍(୨) ଆଉଟ ହେବାରୁ ରାଜସ୍ଥାନ ସଙ୍କଟରେ ପଡ଼ିଥିଲା। ଜାସନ୍ ହୋଲ୍ଡର(୧୧ରନ୍)ଙ୍କୁ ସାଥୀ କରି ସେ ୪୦ ରନ୍ ଯୋଡିଥିବା ବେଳେ ଆର. ଅଶ୍ୱିନ୍(୮*)ଙ୍କ ସହିତ ସପ୍ତମ ଉଇକେଟରେ ୩୭ ରନ୍ ଯୋଗ କରିଥିଲେ। ୩୨ ବଲରେ ନିଜର ଅର୍ଦ୍ଧଶତକ ପୂରଣ କରିଥିବା ଜୟସ୍ୱାଲ ୬୨ ବଲ୍ ଖେଳି ୧୨୪ ରନ୍ କରିଥିଲେ। ଏହି ଇନିଂସରେ ୧୬ ଚୌକା ଓ ୮ ଛକା ସାମିଲ ଥିଲା। ଏହା ସହିତ ଫାଫ ଡୁ ପ୍ଲେସିଙ୍କୁ ପଛରେ ପକାଇ ଅରେଞ୍ଜ କ୍ୟାପ ହାତେଇ ନେଇଛନ୍ତି ଯଶସ୍ୱୀ ଜୟସ୍ୱାଲ। ଅନ୍ୟ ରୟାଲ୍ସ ବ୍ୟାଟର ବିଶେଷ କମାଲ କରି ପାରି ନ ଥିଲେ। ଜୋସ୍ ବଟଲର ଦ୍ୱିତୀୟ ସର୍ବାଧିକ ୧୮ ରନ୍ କରିଥିବା ବେଳେ ସଞ୍ଜୁ ସାମସନ୍ ୧୪ ରନ୍ କରିଥିଲେ। ପ୍ରଜାସନ୍ ହୋଲ୍ଡର ୧୧ ରନ୍ କରିଥିବା ବେଳେ ଅନ୍ୟ କୌଣସି ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନଥିଲେ। ମୁମ୍ବାଇ ପକ୍ଷରୁ ଅର୍ଶଦ ଖାନ୍ ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ପୀୟୁଷ ଚାୱଲା ଦୁଇ ଉଇକେଟ ନେଇଥିଲେ। ଜୋଫ୍ରା ଆର୍ଚର ଓ ରିଲି ମେରେଡିଥ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ମୁମ୍ବାଇ ବୋଲର ୨୫ ଅତିରିକ୍ତ ରନ୍ ବ୍ୟୟ କରିଥିଲେ। **ସଂକ୍ଷିପ୍ତ ସ୍କୋର:** ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୨୧୨/୭ (ଯଶସ୍ୱୀ ଜୟସ୍ୱାଲ-୧୨୪, ଜୋସ୍ ବଟଲର-୧୮, ସଞ୍ଜୁ ସାମସନ୍-୧୪, ଅର୍ଶଦ୍ ଖାନ୍-୩/୩୯, ପୀୟୁଷ ଚାୱଲା-୨/୩୪, ଜୋଫ୍ରା ଆର୍ଚର-୧/୩୫)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୮ | ୬ | ୨ | ୧୨ | +୦.୬୩୮ |
| ରାଜସ୍ଥାନ ରୟାଲ୍ସ | ୮ | ୫ | ୩ | ୧୦ | +୦.୯୩୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୮ | ୫ | ୩ | ୧୦ | +୦.୮୪୧ |
| ଚେନ୍ନାଇ ସୁପର କିଙ୍ଗ୍ସ | ୯ | ୫ | ୪ | ୧୦ | +୦.୩୨୯ |
| ପଞ୍ଜାବ କିଙ୍ଗ୍ସ | ୯ | ୫ | ୪ | ୧୦ | -୦.୪୭୭ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୮ | ୪ | ୪ | ୮ | -୦.୧୩୯ |
| କୋଲକାତା ନାଇଟ ରାଇଡର୍ସ | ୯ | ୩ | ୬ | ୬ | -୦.୧୪୭ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୮ | ୩ | ୫ | ୬ | -୦.୫୭୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୩ | ୪ | ୬ | -୦.୬୨୦ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୨ | ୬ | ୪ | -୦.୮୯୮ |









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ